



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-179 ♦THURSDAY ♦25 DECEMBER 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୧୭୯ ♦ଗୁରୁବାର ♦୨୫ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ଚଳନ୍ତା କାର୍‌ରେ ଆଇଟି କମ୍ପାନୀ ମ୍ୟାନେଜରଙ୍କୁ ଗଣଦୁଷ୍କର୍ମ

■ ଉଦୟପୁର, ୨୪।୧୨ (ଏଜେନ୍ସି): ରାଜସ୍ଥାନର ଉଦୟପୁରରେ ଚଳନ୍ତା କାର୍‌ରେ ଜଣେ ଆଇଟି କମ୍ପାନୀ ମ୍ୟାନେଜର ଗଣଦୁଷ୍କର୍ମର ଶିକାର ହୋଇଥିବା ଖବର ସାମ୍ନାକୁ ଆସିଛି। ଏକ ଜନ୍ମଦିନ ପାର୍ଟିରେ ଯୋଗ ଦେବା ପରେ ଘରେ ଛାଡିଦେବା ବାହାନାରେ ଷଡଯନ୍ତ୍ରପୂର୍ବକ ଏହି କାଣ୍ଡ ଘଟାଯାଇଛି। ପୀଡିତା ଯୁବତୀ ଏଥିପାଇଁ ନିଜ କମ୍ପାନୀ ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଧିକାରୀ, ମହିଳା କାର୍ଯ୍ୟନିର୍ବାହୀ ମୁଖ୍ୟ ଓ ତାଙ୍କ ପତିଙ୍କ ବିରୋଧରେ ଦୁଷ୍କର୍ମ ଭଳି ଗୁରୁତର ଅଭିଯୋଗ ଆଣିଛନ୍ତି। ପୁଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ସମ୍ପୂର୍ଣ୍ଣ ଅଘଟଣ ସୁଖେର ଅଞ୍ଚଳରେ ଘଟିଥିଲା। ପୁଲିସ ଦେଇଥିବା ସୂଚନା ଅନୁସାରେ, ଯୁବତୀ ଜଣକ ଏକ ଘରୋଇ ଆଇଟି କମ୍ପାନୀର ମ୍ୟାନେଜର ଅଛନ୍ତି। ଡିସେମ୍ବର ୨୦ ତାରିଖରେ କମ୍ପାନୀର ସିଇଓଙ୍କ ଜନ୍ମଦିନ



ଓ ନୂଆବର୍ଷ ପାର୍ଟି ଥିଲା। ଏହା ଶୋଭାଗପୁରାସ୍ଥିତ ଏକ ହୋଟେଲରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ପାଳନ କରାଯାଇଥିଲା। ସମସ୍ତେ ମଦ୍ୟପାନ କରିଥିଲେ। ରାତି ୯ଟାରେ ହୋଟେଲ ପହଞ୍ଚିବା ପରେ ସେଠାରେ ଏହି ୩ ଜଣ ଥିଲେ। ପାର୍ଟିରୁ ସମସ୍ତେ ଗଲା ପରେ ଏହି ୩ ଜଣ ତାଙ୍କୁ ଘରେ ଛାଡି ଦେବାକୁ କହିଥିଲେ ରାସ୍ତାରେ ତାଙ୍କୁ ସିଗାରେଟ ଭଳି ଏକ ପଦାର୍ଥ ପିଇବାକୁ ଦିଆଯାଇଥିଲା ଓ ଯୁବତୀ ଜଣକ ବେହୋସ ▶ପୃଷ୍ଠା-୧୦

## ମହାକାଶକୁ ଇସ୍ରୋ ପଠାଇଲା ସବୁଠୁ ଓଜନିଆ ଉପଗ୍ରହ

### ଆମେରିକୀୟ ଉପଗ୍ରହ 'ବ୍ଲୁବାର୍ଡ ବ୍ଲକ-୨' ଉତ୍‌କ୍ଷେପଣ

### ମହାକାଶରୁ ସ୍ମାର୍ଟଫୋନକୁ ସିଧା କଲ୍ ହୋଇପାରିବ

■ ଶ୍ରୀହରିକୋଟା, ୨୪।୧୨ (ଏଜେନ୍ସି): ଭାରତର ସବୁଠାରୁ ଓଜନିଆ ବାହୁବଳୀ ରକେଟ ଏଲ୍‌ଭିଏମ୍‌୩-ଏମ୍‌୬ (ଲଞ୍ଚ୍ ଭେଇକଲ ମାର୍କ-୩ ଏମ୍‌୬) ଆଜି ସକାଳ ୮ଟା ୫୫ରେ ଆମେରିକୀୟ ଉପଗ୍ରହ ବ୍ଲୁବାର୍ଡ ବ୍ଲକ-୨ ମହାକାଶ ।।ରେ ଛାଡିଛି। ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଏହି ରକେଟ ଜରିଆରେ ୬, ୧୦୦କେଜି ଓଜନର ଏହି ଆମେରିକୀୟ ଉପଗ୍ରହ ଉତ୍‌କ୍ଷେପଣ କରିଛି। ବ୍ଲୁବାର୍ଡ ହେଉଛି ଭାରତ ମାଟିରୁ ଉତକ୍ଷେପଣ ହୋଇଥିବା ସବୁଠାରୁ ଓଜନିଆ ଉପଗ୍ରହ। ଉତକ୍ଷେପଣ ହେବାର ୧୫ ମିନିଟ୍ ପରେ ରକେଟଠାରୁ ଏହି ଉପଗ୍ରହ ଅଲଗା ହୋଇଥିଲା ଓ ୫୨୦ କିମି ଉପରେ ମହାକାଶ କକ୍ଷରେ ସଫଳତାର ସହ ସ୍ଥାପିତ ହୋଇଥିଲା।

ଇସ୍ରୋ ଅଧ୍ୟକ୍ଷ ଭି ନାରାୟଣନ ଏହାକୁ ଦେଶ ପାଇଁ ଏକ ବଡ଼ ସଫଳତା ବୋଲି କହିଛନ୍ତି। ପୂର୍ବରୁ ନଭେମ୍ବରରେ ଉଦ୍‌କ୍ଷେପଣ କରାଯାଇଥିବା ଏଲ୍‌ଭିଏମ୍‌୩- ଏମ୍‌୫ ଯୋଗାଯୋଗ ଉପଗ୍ରହ-୦୩ ପ୍ରାୟ ୪, ୪୦୦ କେଜି ଓଜନର ଥିଲା। ଏହାକୁ ଜିଓସିଙ୍କ୍ରୋନାସ ଟ୍ରାନ୍ସଫର ଅରବିଟ୍ (ଜଟିଓ)ରେ ସ୍ଥାପିତ କରାଯାଇଥିଲା। ବ୍ଲୁବାର୍ଡ ଉତ୍‌କ୍ଷେପଣ କରିଥିବା ଏଲଭିଏମ୩-ଏମ୍‌୬ ରକେଟର ▶ପୃଷ୍ଠା-୧୦

### ଦିବ୍ୟାଙ୍ଗ ନାବାଳିକା ଛାତ୍ରୀକୁ ଦୁଷ୍କର୍ମ ପରେ ହତ୍ୟା

# ଚାନ୍ଦବାଲି ଅଶାନ୍ତ, ରାଜ୍ୟ ହୁଲସ୍ଥୁଲ

## ମୁଖ୍ୟ ଅଭିଯୁକ୍ତ ଗିରଫ, ଘର, ଦୋକାନ ଉଚ୍ଛେଦ

■ ଭଦ୍ରକ, ୨୪।୧୨ (ସମିସ): ଚାନ୍ଦବାଲି ଏନ୍‌ଏସି ରାମପଲ୍ଲୀ ଗାଁ(୧୫ ନମ୍ବର ୱାର୍ଡ) ରେ ଜଣେ ଦିବ୍ୟାଙ୍ଗ ନାବାଳିକା ଛାତ୍ରୀ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଚାନ୍ଦବାଲି ଜଳୁଥିବା ବେଳେ ଘଟଣାକୁ ନେଇ ସାରା ରାଜ୍ୟ ହୁଲସ୍ଥୁଲ ହୋଇଛି। ପୀଡ଼ିତାକୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ଜଣାପଡ଼ିବା ପରେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ଲୋକମାନେ ଶବ ରଖି ଟାୟାର ଜାଳି ରାସ୍ତାରୋକ କରିଥିଲେ। ଘଟଣା ଘଟିଥିବା ବାଲିଗାଁ ଛକରେ ପ୍ରବଳ ନିଶା କାରବାର ଯୋଗୁଁ ଏହି ଘଟଣା ଘଟିଥିବା ଏସ୍‌ପି ଶ୍ରୀ ରାଉତଙ୍କ ନିକଟରେ ▶ପୃଷ୍ଠା-୧୦

**ଆଜି ୬ ଘଣ୍ଟିଆ ଚାନ୍ଦବାଲି ବନ୍ଦ**



### ମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ; ୧୦ ଲକ୍ଷ ସହାୟତା

■ ଭୁବନେଶ୍ୱର, ୨୪।୧୨ (ସମିସ): ଭଦ୍ରକ ଜିଲ୍ଲାର ଚାନ୍ଦବାଲିଠାରେ ନାବାଳିକା ଦୁଷ୍କର୍ମ ଓ ହତ୍ୟା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଦିବଙ୍ଗତ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା ସହ ପୀଡ଼ିତାଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦ ଲକ୍ଷ ଟଙ୍କାର ▶ପୃଷ୍ଠା-୧୦

## ରାଜ୍ୟବାସୀ ବିଚଳିତ ଓ ଆତଙ୍କିତ: ନବୀନ



■ ଭୁବନେଶ୍ୱର, ୨୪।୧୨ (ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲିରେ ୧୧ ବର୍ଷର ଶିଶୁକୁ ଦୁଷ୍କର୍ମ ପରେ ହତ୍ୟା ଘଟଣାକୁ ଅତ୍ୟନ୍ତ କଟୁ ଶବ୍ଦରେ ସମାଲୋଚନା କରିଛନ୍ତି ବିରୋଧୀଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ଦିନକୁ ଦିନ ଓଡ଼ିଶାରେ ବଢୁଥିବା ଦୁଷ୍କର୍ମ ପରି ଘଟଣା ଓ ସରକାରଙ୍କ ଅପାରଗତା ସମସ୍ତଙ୍କୁ ବିଚଳିତ ଓ ଆତଙ୍କିତ କରିଦେଇଛି ବୋଲି ନବୀନ କ୍ଷୋଭ ପ୍ରକାଶ କରିଛନ୍ତି। ▶ପୃଷ୍ଠା-୧୦

### ଆଣ୍ଠେଇଲା ବାଂଲାଦେଶ

## ଭାରତକୁ ମାଗିଲା ଚାଉଳ



### ୫୫ ହଜାର ଟନ୍ ଶସ୍ତା ଚାଉଳ ପଠାଇବାକୁ ଅନୁରୋଧ

■ ନୂଆଦିଲ୍ଲୀ, ୨୪।୧୨ (ଏଜେନ୍ସି): ସାଧାରଣ ନିର୍ବାଚନ ଘୁଞ୍ଚାଇବା ପାଇଁ ବାଂଲାଦେଶରେ ଜାଣିଶୁଣି ହିଂସା କରାଯାଇଛି। ଛାତ୍ର ନେତା ତଥା ଇନ୍‌କିଲାବ ମଞ୍ଚର ପ୍ରମୁଖ ସଦସ୍ୟ ଉସ୍‌ମାନ ହାଦିଙ୍କୁ ହତ୍ୟା କରି ବାଂଲାଦେଶକୁ ସ୍ୱାଧୀନତା ଦେଇଥିବା ଭାରତ ଉପରେ ଏହାର ଦୋଷ ଲଗାଉଛି। ଅପପ୍ରଚାର କରାଯାଇ ବାଂଲାଦେଶରେ ଭାରତ ବିରୋଧୀ ଆନ୍ଦୋଳନକୁ ଉସୁକାଯାଉଛି। ଏହାପଛରେ ବାଂଲାଦେଶର କାମଚଳା ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସଙ୍କ ହାତ ରହିଛି। ପାକିସ୍ତାନ ଗୁଇନ୍ଦା ଏଜେନ୍ସି ଆଇଏସଆଇ ଏବଂ ଆମେରିକାର ଇଙ୍ଗିତରେ ପରିଚାଳିତ ହୋଇ ସେ ଭାରତ ବିରୋଧୀ କାର୍ଯ୍ୟରେ ଲିପ୍ତ ରହିଛନ୍ତି। ମାତ୍ର ଏପରି ସମୟରେ ବାଂଲାଦେଶରେ ଗମ୍ଭୀର ଖାଦ୍ୟ ସଙ୍କଟ ଦେଖାଦେଇଛି। ଏହାକୁ ନେଇ ସରକାର ହରଡ଼ଘଣାରେ ପଡ଼ିଛନ୍ତି। ଭାରତ ବିରୋଧୀ ଆଭିମୁଖ୍ୟ ଲାଗି ପରିଚିତ ୟୁନୁସ ସରକାର ଏବେ ଚାଉଳ ପାଇଁ ଭାରତକୁ ହାତ ପତେଇଛନ୍ତି। ଦେଶରେ ବହୁତ କମ ଚାଉଳ ଥିବାରୁ ଭାରତକୁ ୫୫ ହଜାର ଟନ୍ ଚାଉଳ ଦେବା ପାଇଁ ଅନୁରୋଧ କରିଛନ୍ତି। ଏପରି ସ୍ଥିତିରେ ବାଂଲାଦେଶକୁ କୌଣସି ଦୟା ତଥା ଅନୁକମ୍ପା ନ ଦେଖାଇବା ପାଇଁ ବ୍ୟବସାୟୀ ସଂଘ ଭାରତ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଢାକାକୁ ରପ୍ତାନୀ ନିଷିଦ୍ଧ କରିବାକୁ କହିଛନ୍ତି।

ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ବାଂଲାଦେଶ ଛାଡ଼ିବା ପୂର୍ବରୁ କୂଟନୈତିକ ସ୍ତରରେ ଭାରତ ସହ ବାଂଲାଦେଶର ସମ୍ପର୍କ ଖରାପ ହେବାରେ ଲାଗିଛି। ମାତ୍ର ବାଣିଜ୍ୟ ଦୃଷ୍ଟିରୁ ନୂଆଦିଲ୍ଲୀ ଉପରେ ଢାକା ସମ୍ପୂର୍ଣ୍ଣ ନିର୍ଭରଶୀଳ। ବାଂଲାଦେଶର ରପ୍ତାନୀରେ ଭାରତର ଯୋଗଦାନ ପ୍ରାୟ ୯୦ ▶ପୃଷ୍ଠା-୧୦

### ନୂଆ ବର୍ଷରେ ପ୍ରଶାସନର ନୂଆ ମୁଖିଆ

## ଅନୁ ଗର୍ଗ ହେବେ ମୁଖ୍ୟ ସଚିବ



**ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟ ସଚିବ**

**ଜାନୁଆରୀ ପହିଲାରେ ନେବେ ଦାୟିତ୍ୱ**

■ ଭୁବନେଶ୍ୱର, ୨୪।୧୨ (ସମିସ): ୧୯୯୧ ବ୍ୟାଚର ବରିଷ୍ଠ ଆଇଏଏସ ତଥା ରାଜ୍ୟ ଉନ୍ନୟନ କମିସନର ଅନୁ ଗର୍ଗ ହେବେ ରାଜ୍ୟର ପରବର୍ତ୍ତୀ ମୁଖ୍ୟ ସଚିବ। ଆସନ୍ତା ଜାନୁଆରୀ ପହିଲାରେ ଶ୍ରୀମତୀ ଗର୍ଗ ରାଜ୍ୟର ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ ଭାବରେ ଦାୟିତ୍ୱ ଗ୍ରହଣ କରିବେ। ଆସନ୍ତା ୩୧ ତାରିଖରେ ବର୍ତ୍ତମାନର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ଶେଷ ହେବ ଓ ଏହାପରେ ଶ୍ରୀମତୀ ଗର୍ଗ ରାଜ୍ୟର ମୁଖ୍ୟ ସଚିବ ଭାବରେ ଆନୁଷ୍ଠାନିକ ଦାୟିତ୍ୱ ଗ୍ରହଣ କରିବେ। ୧୯୬୯ ମାର୍ଚ୍ଚ ୧ରେ ଜନ୍ମିତ ଅନୁ ଗର୍ଗ ମାତ୍ର ୨୨ବର୍ଷ ବୟସରେ ଆଇଏଏସ୍ ପାଇଥିଲେ। ଓଡ଼ିଶା କ୍ୟାଡ଼ର ଅଧିକାରୀ ଭାବରେ ସେ ▶ପୃଷ୍ଠା-୧୦

## ତାଳଚେରରେ ଡବଲ ମର୍ଡର

### ଦୁଇଜଣଙ୍କୁ ମାରି ରାସ୍ତାକଡ଼ରେ ଫିଙ୍ଗିଦେଲେ

■ ତାଳଚେର ସହର, ୨୪।୧୨ (ସମିସ): ତାଳଚେରରେ ଡବଲ ମର୍ଡର। ଦୁଇ ଯୁବକଙ୍କୁ ହତ୍ୟା କରି ରାସ୍ତା କଡ଼ରେ ଫିଙ୍ଗିଦେଲେ ଦୁର୍ବୃତ୍ତ। କିଛିଦିନ ତଳେ ହାଣ୍ଡିଧୁଆଁ ଛକସ୍ଥିତ ଏକ ଜିମ୍ ବାହାରେ ଦିନ ଦ୍ୱିପ୍ରହରରେ ଜଣେ ଯୁବକଙ୍କୁ ଖଣ୍ଡା ଏବଂ ଭୁଜାଲିରେ ଆକ୍ରମଣ ହୋଇଥିବା ବେଳେ ବୁଧବାର ଦୁଇ ଯୁବକଙ୍କୁ ହତ୍ୟା ଘଟଣା ତାଳଚେର ପୁଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ତାଳଚେର ଲିଙ୍ଗିରାକଟା ଗ୍ରାମ ଦେଇ ଯାଇଥିବା ନାଲକୋ ପାଇପ ଲାଇନ ରାସ୍ତା କଡ଼ରେ ଦୁଇ ଯୁବକଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୁଲିସକୁ ଖବର ଦେଇଥିଲେ। ମୃତକ ଦ୍ୱୟ ହେଲେ ଲିଙ୍ଗରାକଟା ଗ୍ରାମର ଦିବ୍ୟରଞ୍ଜନ ପରିଡ଼ା ଭୋଗବେରେଣୀ ପଞ୍ଚାୟତ ନାରାୟଣଚନ୍ଦ୍ରପୁରର ଜନାର୍ଦ୍ଦନ ନାଏକ। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ଉଭୟଙ୍କୁ ହତ୍ୟା କରି ଫିଙ୍ଗି ଦିଆଯାଇଥିବା ଅଭିଯୋଗ ଆଣିଛନ୍ତି ପରିବାର ଲୋକେ। ତାଳଚେର ପୁଲିସ ସାଇଣ୍ଟିଫିକ ଟିମ ଓ ଡଗ ସ୍କ୍ୱାଡ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

ଲିଙ୍ଗରାକଟା ଗ୍ରାମର ଦିବ୍ୟରଞ୍ଜନ ପରିଡ଼ା ଭୋର ସମୟରୁ ଶୌଚ ହେବାକୁ କହି ଘରୁ ଆସିଥିବା ବେଳେ ଜନାର୍ଦ୍ଦନ ନାୟକ ମଙ୍ଗଳବାର ରାତିରେ ନିଜ ସାଙ୍ଗ ସହ ବୁଲେଟରେ ଭୋଜି କରିବାକୁ ▶ପୃଷ୍ଠା-୧୦

## ଆଜିଠୁ ବଢ଼ିବ ଶୀତ

### ଦୁଇରୁ ତିନି ଡିଗ୍ରୀ ଖସିବ ପାରଦ

■ ଭୁବନେଶ୍ୱର, ୨୪।୧୨ (ସମିସ): ଆସନ୍ତାକାଲିଠାରୁ ରାଜ୍ୟରେ ପୁଣି ବଢ଼ିବ ଶୀତ। ଗୁରୁବାରଠାରୁ ରାଜ୍ୟକୁ କ୍ରମାଗତ ଭାବେ ଥଣ୍ଡା ଓ ଶୁଷ୍କ ବାୟୁ ପ୍ରବାହ ବଢ଼ିବ। ଏହାଦ୍ୱାରା ତାପମାତ୍ରାରେ ଆହୁରି ହ୍ରାସ ଘଟିବ। ଥଣ୍ଡା ବାୟୁର ପ୍ରବାହ ହେତୁ ବିଭିନ୍ନ ତାପମାତ୍ରା ୨-୩ ଡିଗ୍ରୀ ପର୍ଯ୍ୟନ୍ତ କମିଛି। ଏହ ଧାରାରେ ଆଗକୁ ମଧ୍ୟ ଅଧିକାଂଶ ସ୍ଥାନରେ ତାପମାତ୍ରା ତଳମୁହାଁ ହେବାର ସମ୍ଭାବନା ରହିଛି। ତେଣୁ ବଡ଼ଦିନଠାରୁ ରାଜ୍ୟର ଅଧିକାଂଶ ସ୍ଥାନରେ ଶୀତର ପ୍ରଭାବ ପୁଣି ଥରେ ବଢ଼ିବା ନେଇ ପୂର୍ବାନୁମାନ କରାଯାଇଛି। ଗତ ୨୪ ଘଣ୍ଟାରେ କୋରାପୁଟରେ ତାପମାତ୍ରା ୬.୧, ସେମିଳିଗୁଡ଼ିରେ ୬.୬, ଝାରସୁଗୁଡ଼ାରେ ୬.୮, ଦାରିଙ୍ଗବାଡ଼ି ୭.୫, ଜି ▶ପୃଷ୍ଠା-୧୦




ସତ୍ୟମେବ ଜୟତେ

**ପବିତ୍ର ବଡ଼ଦିନ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ପବିତ୍ର ବଡ଼ଦିନ ପର୍ବ ହେଉଛି ଶାନ୍ତି, ମୈତ୍ରୀ ଓ ମାନବତାବାଦର ପର୍ବ। ଏହି ଅବସରରେ ମୁଁ ଓଡ଼ିଶାର ସମସ୍ତଙ୍କୁ ବିଶେଷତଃ ଖ୍ରୀଷ୍ଟିଆନ୍ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ଶ୍ରୀ, ଶାନ୍ତି ଓ ସମୃଦ୍ଧି କାମନା କରୁଛି।

(ହରି ବାବୁ କମ୍ଭମପାଟି)

OIPR-15001/13/1295/2526

DADLS-72



**ପବିତ୍ର ବଡ଼ଦିନ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**



ପବିତ୍ର ବଡ଼ଦିନ ଉପଲକ୍ଷେ ରାଜ୍ୟବାସୀ ବିଶେଷ କରି ଖ୍ରୀଷ୍ଟଧର୍ମାବଲମ୍ବୀ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ଏବଂ ଏକ ସମୃଦ୍ଧ ଓ ସଶକ୍ତ ଓଡ଼ିଶା ଗଠନରେ ସମସ୍ତଙ୍କ ସହଯୋଗ କାମନା କରୁଛି।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା


## ବିମାନ ଦୁର୍ଘଟଣାରେ ଲିବ୍ୟା ସେନା ମୁଖ୍ୟଙ୍କ ମୃତ୍ୟୁ

ତ୍ରିପୋଲି, ୨୪।୧୨(ଏଜେନ୍ସି): ଉତ୍ତର ଆଫ୍ରିକୀୟ ଦେଶ ଲିବିଆ ସେନାବାହିନୀର ମୁଖ୍ୟ ଲେଫ୍‌ନାଣ୍ଟ ଜେନେରାଲ ମହମ୍ମଦ ଅଲ- ହଦ୍ଦାକ ମୃତ୍ୟୁବରଣ କରିଛନ୍ତି। ମଙ୍ଗଳବାର ରାତିରେ ତୁର୍କୀରେ ଏହି ବିମାନ ଦୁର୍ଘଟଣା ଘଟିଥିଲା। ଏହି ବିମାନରେ ୮ ଜଣ ଲୋକ ଯାତ୍ରା କରୁଥିଲେ। ସେନା ମୁଖ୍ୟଙ୍କ ସମେତ ମୋଟ ୮ ଜଣ ଏହି ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି ବୋଲି କୁହାଯାଇଛି। ତୁର୍କୀ ଗୃହମନ୍ତ୍ରୀ ଅଲି ୟେରଲିକାୟା କହିଛନ୍ତି ଯେ, ଫାଲକନ- ବିମାନର ଭଗ୍ନାବଶେଷ ତୁର୍କୀ ରାଜଧାନ ଆଙ୍କାର ନିକଟସ୍ଥ ମେମାନା ଅଞ୍ଚଳରେ ଠାବ କରାଯାଇଥିଲା। ଉଡାଣ ଭରିବାର ୩୦ ମିନିଟ୍ ପରେ ବିମାନଟି ଏକ ଯାନ୍ତ୍ରିକ ତ୍ରୁଟିର ସମ୍ମୁଖୀନ ହୋଇ ଦୁର୍ଘଟଣା ସମ୍ମୁଖୀନ ହୋଇଥିଲା। ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗର ଉନ୍ନତି ପାଇଁ ଲିବିଆର ଏକ ସାମରିକ ପ୍ରତିନିଧି ଦଳ ତୁର୍କୀ ସହିତ ଆଲୋଚନା ପାଇଁ ଆଙ୍କାରାରେ ଥିଲେ। ବୈଠକ ସାରି ଏମାନେ ଲିବିଆ ଫେରୁଥିଲେ। ଏହା ଦେଶ ପାଇଁ ଏକ ବଡ଼ କ୍ଷତି ବୋଲି ଲିବିଆ ପ୍ରଧାନମନ୍ତ୍ରୀ ଅବଦୁଲ-ହମିଦ ଦବେବା କହିଛନ୍ତି। ବିମାନ ସ୍ଥାନୀୟ ସମୟ ରାତି ୮ଟାରେ ଆଙ୍କାରାର ଏସନବୋଗା ବିମାନ ବନ୍ଦରରୁ ଉଡାଣ ଭରିଥିଲା ଓ ଏହାର କିଛି ସମୟ ପରେ ଦୁର୍ଘଟଣା ସମ୍ମୁଖୀନ ହୋଇଥିଲା ତୁର୍କୀର ଗୃହମନ୍ତ୍ରୀ କହିଛନ୍ତି। ଅବତରଣ କରିବାକୁ ବିମାନର ପାଇଲଟ ସଂକେତ ପଠାଇଥିଲେ। ତେବେ ବିମାନ ସହ ସମ୍ପର୍କ ଛିର୍ଣ୍ଣ ହୋଇଥିଲା ବୋଲି ସେ କହିଛନ୍ତି। ଏହି ବିସ୍ଫୋରଣ ପରେ ଆଙ୍କାର ବିମାନ ବନ୍ଦରଙ୍କୁ ଅସ୍ଥାୟୀ ଭାବେ ବନ୍ଦ କରିଦିଆଯାଇଥିଲା।

## ତାଇୱାନରେ ଭୂକମ୍ପ
### ଚୀନ୍, ଫିଲିପାଇନ୍ସ, ଜାପାନରେ ଝଟ୍‌କା

ତାଇପେ, ୨୪।୧୨(ଏଜେନ୍ସି): ତାଇୱାନର ଦକ୍ଷିଣପୂର୍ବ ଅଞ୍ଚଳରେ ବୁଧବାର ସନ୍ଧ୍ୟା ୫.୪୭ ମିନିଟ୍‌ରେ ୬.୧ ତୀବ୍ରତାର ଏକ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ତେବେ ଏଥିରେ କୌଣସି କ୍ଷୟକ୍ଷତି ହୋଇଥିବାର ସୂଚନା ମିଳିନାହିଁ। ଭୂକମ୍ପର ଝଟ୍‌କା ଚୀନ୍, ଫିଲିପାଇନ୍ସ ଓ ଜାପାନରେ ମଧ୍ୟ ଅନୁଭୂତ ହୋଇଥିଲା। ସେଣ୍ଟ୍ରାଲ ୱେଦର ଆଡମିନିଷ୍ଟ୍ରେସନ (ସିଡବ୍ଲ୍ୟୁଏ) ଅନୁସାରେ, ଭୂକମ୍ପର କେନ୍ଦ୍ର ତାଇତୁଙ୍ଗ କାଉଣ୍ଟି ହଲରୁ ୧୦.୧ କିମି ଦୂରରେ ଥିଲା ଓ ଏହାର ଗଭୀରତା ୧୧.୯ କିମି ଥିଲା। ଗୋଟିଏ ବର୍ଷ ପୂର୍ବରୁ ତାୱାନର ହୁଲିଏନ କ୍ଷେତ୍ରରେ ୨୦୨୪ ଏପ୍ରିଲ ୩ରେ ୭.୪ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା। ଗତ ୨୫ ମଧ୍ୟରେ ଏହାଥିବା ଏହି ଅଞ୍ଚଳର ସବୁଠାରୁ ଶକ୍ତିଶାଳୀ ଭୂକମ୍ପ। ଏଥିରେ ୧୯ ଜଣ ଲୋକ ମୃତ୍ୟୁବରଣ କରିଥିଲେ ଓ ୧୧୦୦ରୁ ଅଧିକ ଲୋକ ଆହତ ହୋଇଥିଲେ। ବହୁ କୋଠା ଧ୍ୱଂସସ୍ତୂପରେ ପରିଣତ ହେବା ସହ ପାହାଡରୁ ଭୂସ୍ଖଳନ ମଧ୍ୟ ହୋଇଥିଲା। ଦୁଇଟି ଟେକ୍ଟୋନିକ ପ୍ଲେଟ ଉପରେ ତାଇୱାନ ସୃଷ୍ଟି ହୋଇଛି।

## କାନାଡ଼ାରେ ଭାରତୀୟ ମହିଳାଙ୍କୁ ହତ୍ୟା



ଟରଣ୍ଟୋ, ୨୪।୧୨(ଏଜେନ୍ସି): କାନାଡ଼ାର ଟରଣ୍ଟୋ ସହରରେ ଜଣେ ୩୦ ବର୍ଷୀୟା ଭାରତୀୟ ବଂଶୋଦ୍ଭବ ମହିଳା ହିମାଂଶୀ ଖୁରାନାଙ୍କୁ ହତ୍ୟା କରାଯାଇଛି। ଏହି ମାମଲାରେ ସଂଦିଗ୍ଧ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ୱାରେଣ୍ଟ ଜାରି କରାଯାଇଛି। ପୁଲିସ ସୂଚନା ମୁତାବିକ, ଡିସେମ୍ବର ୧୯ରେ ଷ୍ଟ୍ରଚାନ ଆଭେନ୍ୟୁ ଓ ୱେଲିଂଟନ ଷ୍ଟ୍ରିଟ୍ ଅଞ୍ଚଳରୁ ଜଣେ ମହିଳ ନିଖୋଜ ହୋଇଥିବାର ରିପୋର୍ଟ କରାଯାଇଥିଲା। ପରଦିନ ସକାଳେ ୨୦ ତାରିଖରେ ପୁଲିସ ଏକ ଘର ଭିତରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଥିଲା। ଏହାକୁ ଏକ ହତ୍ୟାକାଣ୍ଡ ଭାବେ ବିଚାର କରି ପୁଲିସ ତଦନ୍ତ ଆରମ୍ଭ କରିଛି। ମୃତକ ମହିଳାଙ୍କ ଟରଣ୍ଟୋ ନିବାସୀ ହିମାଂଶୀ ଖୁରାନା ବୋଲି ପୁଲିସ କହିଛି। ଏହି ଘଟଣା ସଂଦିଗ୍ଧ ବ୍ୟକ୍ତି ଅବଦୁଲ ଗଫୁର (୩୨) ପୀଡିତାଙ୍କୁ ଜାଣିଛନ୍ତି ଓ ସେ ମଧ୍ୟ ଟରଣ୍ଟୋରେ ରହୁଥିଲେ। ତା ବିରୋଧରେ ହତ୍ୟା ଅଭିଯୋଗ କରାଯାଇଛି। ଟରଣ୍ଟୋରେ ଥିବା ଭାରତୀୟ ଦୂତାବାସ ଏହି ଘଟଣାରେ ଦୁଃଖ ପ୍ରକାଶ କରିଛି। ଦୂତାବାସ ହିମାଂଶୀଙ୍କ ପରିବାରଙ୍କୁ ସମବେଦନା ଜଣାଇଛି ଓ ସବୁ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଛି। ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେବାକୁ ପୁଲିସ ଜନସାଧରଣଙ୍କୁ ନିବେଦନ କରିଛି।

# ପରକୀୟା ସନ୍ଦେହରେ ବ୍ୟାଙ୍କ ମ୍ୟାନେଜର ପତ୍ନୀଙ୍କୁ ହତ୍ୟା କଲେ ଇଞ୍ଜିନିୟର ପତି



ନୂଆଦିଲ୍ଲୀ, ୨୪।୧୨(ଏଜେନ୍ସି): ବେଙ୍ଗାଲୁରୁରେ ଜଣେ ସଫ୍ଟଓୟାର ଇଞ୍ଜିନିୟର ମଙ୍ଗଳବାର ସନ୍ଧ୍ୟାରେ ସଡ଼କ ଉପରେ ହିଁ ନିଜ ପତ୍ନୀଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ଏହାପରେ ସେ ଥାନାରେ ଆତ୍ମସମର୍ପଣ କରିଛନ୍ତି। ପୁଲିସ ଦେଇଥିବା ସୂଚନା ଅନୁସାରେ ପତ୍ନୀ ପରକୀୟା ପ୍ରୀତିରେ ଥିବା ପତି ସନ୍ଦେହ କରୁଥିଲେ। ଏହାକୁ ନେଇ ଦୁଇଜଣଙ୍କ ମଧ୍ୟରେ ବହୁ ଦିନ ହେବ ବିବାଦ ଜାରି ରହିଥିଲା। ମୃତ ମହିଳା ହେଉଛନ୍ତି ୩୯ ବର୍ଷୀୟ ଭୁବନେଶ୍ୱରୀ। ସେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ବସବେଶ୍ୱରନଗର ଶାଖାର ଆସିଷ୍ଟାଣ୍ଟ ମ୍ୟାନେଜର ଥିଲେ। ସେହିପରି ଅଭିଯୁକ୍ତ ସ୍ୱାମୀ ବାଲାମୁରୁଗାନ ଏକ ଘରୋଇ ଆଇଟି ଫାର୍ମରେ ସଫ୍ଟଓୟାର ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ। ଦୁଇଜଣ ତାମିଲନାଡୁର ସଲେମ ଜିଲ୍ଲାର ବାସନ୍ଦା। ୧୮ ମାସ ହେବ ଦୁହେଁ ଅଲଗା ରହୁଥିଲେ। ଏହା ମଧ୍ୟରେ ସ୍ୱାମୀ ଚାକିରି ଛାଡି ସ୍ତ୍ରୀଙ୍କ ଉପରେ ନଜର ରଖିଥିଲେ। ଏହି ମାମଲାରେ ପୁଲିସ ଏକ ମାମଲା ଦାଏର କରିଛି। ପୁଲିସ କହିବା ଅନୁସାରେ ରାଜାଜୀନଗର ଇଣ୍ଡଷ୍ଟ୍ରିଆଲ ଏରିଆର ମେନ୍ ରୋଡ଼ ଉପରେ ମଙ୍ଗଳବାର ପାଖାପାଖି ସନ୍ଧ୍ୟା ୬.୩୦ରେ ବାଲାମୁରୁଗାନ ଅତିନିକଟରୁ ଭୁବନେଶ୍ୱରୀଙ୍କ ଉପରେ ୪ଟି ଗୁଳି ଚଳାଇଥିଲେ। ଦୁଇଟି ଗୁଳି ତାଙ୍କ ମୁଣ୍ଡରେ ବାଜିଥିଲା। ଆଉ ଦୁଇଟି ଗୁଳି ତାଙ୍କ ବାମହାତରେ ଲାଗିଥିଲା। ଆହତ ଅବସ୍ଥାନରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ। ୨୦୧୧ରେ ଦୁହେଁ ବିବାହ କରିଥିଲେ ଓ ସବୁକିଛି ଠିକ୍‌ଠାକ ଥିଲା। କିନ୍ତୁ ଗତ ଦେଢ଼ ବର୍ଷ ହେବ ଦୁହିଁଙ୍କ ମଧ୍ୟରେ ବିବାଦ ଓ ଝଗଡ଼ା ହୋଇଥିଲା। ଭୁବନେଶ୍ୱରୀଙ୍କଠାରୁ ଛାଡ଼ପତ୍ର ନୋଟିସ ମିଳିବା ପରେ ମାମଲ ଆଗକୁ ବଢ଼ିଯାଇଥିଲା ଓ ବାଲାମୁରୁଗାନଙ୍କ ସନ୍ଦେହ ଦୃଢ଼ିଭୂତ ହୋଇଥିଲା। ଦୁହିଁଙ୍କ ଗୋଟିଏ ପିଲା ମଧ୍ୟ ରହିଛି ବୋଲି ପୁଲିସ କହିଛି।

# ଜଳୁଛି ଆସାମ: ପୁଲିସ ଗୁଳିରେ ୨ ମୃତ
## କାର୍ବି ଆଙ୍ଗଲଙ୍ଗରେ ସେନା ମୁତୟନ


ଗୌହାଟୀ, ୨୪।୧୨(ଏଜେନ୍ସି): ଉତ୍ତରପୂର୍ବ ରାଜ୍ୟ ଆସାମର ପଶ୍ଚିମ କର୍ବି ଆଙ୍ଗଲଙ୍ଗରେ ଦେଖାଦେଇଥିବା ହିଂସା ନେଇ ଏବେ ସାରା ଦେଶରେ ଚର୍ଚ୍ଚା ସୃଷ୍ଟି ହୋଇଛି। ଦୁଇ ଗୋଷ୍ଠୀ ମଧ୍ୟରେ ଚାଲିଥିବା ହିଂସା କାରଣରୁ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଏହାପରେ ରାଜ୍ୟ ସରକାର ସୁରକ୍ଷା ନେଇ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ଓ ଉଚ୍ଚସ୍ତରୀୟ ମନିଟରିଂ ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଜନଜୀବନର କ୍ଷତି ନେଇ ଦୁଃଖ ପ୍ରକାଶ କରିଛନ୍ତି। ମଙ୍ଗଳବାର ଖେରୋନୀରେ ହୋଇଥିବା ପୋଡ଼ାଜଳା ଘଟଣା ପରେ ସ୍ଥିତି ଉତ୍ତେଜନାମୂଳକ ରହିଛି। ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବାକୁ ପ୍ରୟସା କରାଯାଉଛି। ଏଥିପାଇଁ ସେନାକୁ ମୁତୟନ କରାଯାଇଛି ଓ ସ୍ଥିତି ନିୟନ୍ତ୍ରଣରେ ରହିଛି ବୋଲି ପୁଲିସ ମହାନିର୍ଦ୍ଦେଶକ ହରମିତ ସିଂ ବୁଧବାର କହିଛନ୍ତି। ଗତ ଦୁଇଦିନ ଧରି ହିଂସା କିଭଳି ସୃଷ୍ଟି ହେଲା ଓ କିପରି ଉଗ୍ରରୂପ ଧାରଣ କଲା ସେ ନେଇ ତଦନ୍ତ ହେବ ବୋଲି ସେ କହିଛନ୍ତି।



ବାଂଲାଦେଶରେ ପ୍ରାକ ନିର୍ବାଚନୀ ହିଂସା ଚାଲିଥିବା ବେଳେ ଏବେ ଆସାମରେ ମଧ୍ୟ ଅଶାନ୍ତି ସୃଷ୍ଟି ହୋଇଛି। କର୍ବି ଆଙ୍ଗଲଙ୍ଗରେ ସୃଷ୍ଟି ହୋଇଥିବା ହିଂସା କାରଣରୁ ୨ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୩୮ ଜଣ ପୁଲିସ କର୍ମଚାରୀଙ୍କ ସମେତ ୪୫ ଜଣ ଲୋକ ଆହତ ହୋଇଛନ୍ତି। ଆନ୍ଦୋଳନକାରୀ ମାନେ ସ୍ଥାନେ ସ୍ଥାନେ ପୋଡ଼ାଜଳା କରିବା ସହ ହିଂସା ସୃଷ୍ଟି କରିଥିଲେ। ଫଳରେ ପୁଲିସକୁ ଲାଠି ଚାର୍ଜ କରିବା ସହ ଲୁହବୁହା ଗ୍ୟାସ୍ ଛାଡିବାକୁ ପଡ଼ିଥିଲା।

ମଙ୍ଗଳବାର ଜବରଦଖଲ ହଟାଇବା ଦାବିରେ ଆନ୍ଦୋଳନ ହିଂସାର ରୂପ ନେବା ପରେ ହିଁ ଏହି ସ୍ଥିତି ଉପୁଜିଥିଲା। କର୍ବି ସମ୍ପ୍ରଦାୟର ଲୋକ ଗତ ୧୫ ଦିନ ହେବ ଅନଶନରେ ବସିଥିଲେ। ଆନ୍ଦୋଳନ ତଥା ପ୍ରତିବାଦ ଆଳରେ ଦୁର୍ବୃତ୍ତମାନେ ଦୋକାନରୁ ଜିନିଷ ପତ୍ର ଲୁଟି ନେଇଥିଲେ, ଯାନବାହନ ଜାଳି ଦେଇଥିଲେ ଓ ଜିଲ୍ଲାର ସ୍ୱୟଂଶାସିତ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ସଦସ୍ୟଙ୍କ ଘରକୁ ପୋଡି ଦେଇଥିଲେ। ଆନ୍ଦୋଳନକାରୀଙ୍କ ଦୁଇ ଗୋଷ୍ଠୀ ସାମ୍ନାସାମ୍ନି ହୋଇଥିଲେ। ଏହାପରେ ପରସ୍ପରକୁ ଟେକା ପଥର ଫିଙ୍ଗିଥିଲେ। ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ପ୍ରଶାସନ ଇଣ୍ଟରନେଟ ସେବାକୁ ବନ୍ଦ କରିବା ସହ କର୍ଫ୍ୟୁ ଜାରି କରିଛନ୍ତି। ଏହା ସତ୍ତ୍ୱେ ମଧ୍ୟ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଅଞ୍ଚଳରେ ଶାନ୍ତି ବଜାୟ ରଖିବା ପାଇଁ ଅତିରିକ୍ତ ସୁରକ୍ଷା ବାହିନୀ ମୁତୟନ କରାଯାଇଛି। ବିଭିନ୍ନ ରାଜନୈତିକ ଦଳ ଓ ସାମାଜିକ ସଂଗଠନ ସହିତ ଜଡିତ ଆନ୍ଦୋଳନକରୀମାନେ କର୍ବି ଆଙ୍ଗଲଙ୍ଗ ଓ ପଶ୍ଚିମ କର୍ବି ଆଙ୍ଗଲଙ୍ଗ ପ୍ରଫେସନାଲ ଗ୍ରେଜିଂ ରିଜର୍ଭ (ପିଜିଆର) ଓ ଭିଲେଜ ଗ୍ରେଜିଂ ରିଜର୍ଭ (ଭିଜିଆର)ରେ ଅବୈଧ ଭାବେ ରହୁଥିବା ଲୋକଙ୍କୁ ହଟାଇବା ନେଇ ଦାବି ହେବା ପରେ ଏହି ସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ଖେରୋନୀ ଅଞ୍ଚଳରେ ସବୁଠାର ଅଧିକ ପ୍ରଭାବିତ ହୋଇଛି।

## ହିନ୍ଦୁ-ମୁସଲମାନ ସମସ୍ୟା ପାଇଁ କଂଗ୍ରେସ ଦାୟୀ: ଗଡ଼କରୀ



ନୂଆଦିଲ୍ଲୀ, ୨୪।୧୨ (ଏଜେନ୍ସି): କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଦେଶରେ ସୃଷ୍ଟି ହେଉଥିବା ହିନ୍ଦୁ- ମୁସଲମାନ ସମସ୍ୟା ପାଇଁ କଂଗ୍ରେସକୁ ଦାୟୀ କରିଛନ୍ତି। କଂଗ୍ରେସର ତଥାକଥିତ ଧର୍ମନିରପେକ୍ଷତାର ଭୁଲ ଚିନ୍ତାଧାରା ଓ ଭୋଟ ବ୍ୟାଙ୍କର ରାଜନୀତି କାରଣରୁ ଏହି ସାମ୍ପ୍ରଦାୟିକ ସମସ୍ୟା ଚାଲିଆସୁଛି। ପ୍ରକୃତପକ୍ଷେ କଂଗ୍ରେସ ଧର୍ମନିରପେକ୍ଷତାର ଭୁଲ ବ୍ୟାଖ୍ୟା କରିଥିଲା। ଧର୍ମ ନିରପେକ୍ଷତାର ଅର୍ଥ ହେଉଛି ସର୍ବ ଧର୍ମ ସମଭାବ। କିନ୍ତୁ ଏହାର ଅର୍ଥ ତୁଷ୍ଟିକରଣ ଆଦୌ ନୁହେଁ। ଅର୍ଥାତ୍ ସବୁଧର୍ମକୁ ସମାନ ଦୃଷ୍ଟିରେ ଦେଖିବା ଓ ସମାନ ଭାବେ ସମ୍ମାନ କରିବା, ସମସ୍ତଙ୍କୁ ସମାନ ନ୍ୟାୟ ପ୍ରଦାନ କରିବା ଏବଂ ସମାନ ଭାବେ ବ୍ୟବହାର କରିବା ବୋଲି ସେ କହିଛନ୍ତି। ଗଡ଼କାରୀ ରାଜସ୍ଥାନ ବିଧାନସଭାର ବାଚସ୍ପତି ବାସୁଦେବ ଦେବନାନୀଙ୍କ ପୁସ୍ତକ 'ସନାତନ ସଂସ୍କୃତି କି ଅଟଲ ଦୃଷ୍ଟି'ର ଲୋକାର୍ପଣ ସମାରୋହରେ ଯୋଗ ଦେଇ ଏହି କଥା କହିଛନ୍ତି। ଏହି ଅବସରରେ ଉପ-ରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ ମଧ୍ୟ ଉପସ୍ଥିତ ଥିଲେ। ଭାରତ ପୂର୍ବରୁ, ବର୍ତ୍ତମାନ ଓ ଭବିଷ୍ୟତରେ ଧର୍ମ ନିରପେକ୍ଷ ରହିବ। ତେବେ ଏହା କେବଳ ହିନ୍ଦୁ ସଂସ୍କୃତି କାରଣରୁ ସମ୍ଭବ ବୋଲି ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀଙ୍କ ମନ୍ତବ୍ୟକୁ ଦୋହରାଇ କହିଥିଲେ। ଭାରତୀୟ ସଂସ୍କୃତି ସହିଷ୍ଣୁ, କରୁଣାମୟ ଓ ସମସ୍ତଙ୍କୁ ସାଥିରେ ନେଇ ଚାଲିବାକୁ ପ୍ରୟାସ କରିଥାଏ। କେବେ କୌଣସି ହିନ୍ଦୁ ରାଜା କୌଣସି ଧାର୍ମିକ ସ୍ଥଳ ନଷ୍ଟ କରିଥିବାର ଉଦାହଣ ଇତିହାସରେ ମିଳେନାହିଁ ବୋଲି ସେ କହିଛନ୍ତି।

## ୨୦ ବର୍ଷ ପରେ ଏକାଠି ହେଲେ ଉଦ୍ଧବ ଓ ରାଜ ଠାକରେ

ମୁମ୍ବାଇ, ୨୪।୧୨(ଏଜେନ୍ସି): ଠାକରେ ପରିବାରର ଦୁଇ ଭାଇ ଉଦ୍ଧବ ଓ ରାଜ ଠାକ୍‌ରେ ଦୀର୍ଘ ୨୦ ବର୍ଷ ପରେ ଏକାଠି ହୋଇଛନ୍ତି। ବୃହନମୁମ୍ବାଇ ନଗର ନିଗମ (ବିଏମ୍‌ସି) ନିର୍ବାଚନ ଦୁହେଁ ସାଥି ହୋଇ ଲଢ଼ିବେ ବୋଲି ବୁଧବାର ଘୋଷଣା କରିଛନ୍ତି। ୨୦ ବର୍ଷ ପରେ ଶିବସେନା (ୟୁଟିବି) ଓ ରାଜଙ୍କ ମହାରାଷ୍ଟ୍ର ନବ ନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ମଧ୍ୟରେ ମେଣ୍ଟ ହୋଇଛି। ପୂର୍ବରୁ ୨୦୦୫ରେ ରାଜ୍ ଶିବସେନାଠାରୁ ଅଲଗା ହୋଇ ଏମ୍‌ଏନ୍‌ଏସ୍ ପାର୍ଟି ଗଠନ କରିଥିଲେ। କିନ୍ତୁ ଏବେ ସାଥିରେ ହୋଇ ନିର୍ବାଚନ ଲଢ଼ିବେ ବୋଲି ଯୁଗ୍ମ ସମ୍ବାଦିକ ସମ୍ମିଳନୀରେ ଦୁହେଁ ଘୋଷଣା କରିଛନ୍ତି। ଆମର ଚିନ୍ତାଧାର ଗୋଟିଏ। ତେଣୁ ଆମେ ଅଲଗା ହେବୁ ତାହାଲେ ଭାଙ୍ଗିଯିବୁ। ମହାରାଷ୍ଟ୍ର ପାଇଁ ଆମେ ସମସ୍ତେ ଏକଜୁଟି ହୋଇଛୁ ବୋଲି ସେ କହିଛନ୍ତି। ଏହା ପୂର୍ବରୁ ଉଭୟ ନେତା ଶିବାଜୀ ପାର୍କରେ ବାଲାସାହେବ ଠାକରେଙ୍କ ସ୍ମାରକୀ ପରିଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆସନ୍ତବର୍ଷ ଜାନୁଆରୀ ୧୫ରେ ମହାରାଷ୍ଟ୍ରର ୨୯ଟି ନଗର ନିଗମ ପାଇଁ ନିର୍ବାଚନ ହେବ। ୧୭ ତାରିକରେ ନିର୍ବାଚନର ଫଳାଫଳ ଘୋଷଣା କରାଯିବ। ମୁମ୍ବାଇର ମେୟର ଜଣେ ମରାଠି ହେବେ ଓ ସେ ଆମରି ଦଳର ସଦସ୍ୟ ହେବେ ବୋଲି ରାଜ କହିଛନ୍ତି। ୨୦୨୫ ଜୁଲାଇ ୫ରେ ଦୁହେଁ ହିନ୍ଦୀ ଭାଷାକୁ ନେଇ ଚାଲିଥିବା ବିବାଦରେ ଦୁଇ ନେତା 'ମରାଠୀ ଏକତା' ପାଇଁ ବର୍ଲି ଡୋମ୍‌ରେ ଏକାଠି ହୋଇଥିଲେ। ଦୁଇ ଦଳ ଓ ନେତାଙ୍କ ମଧ୍ୟରେ ଆସନ ବୁଝାମଣା ହୋଇଛି। ଉଦ୍ଧବଙ୍କ ଦଳକୁ ୧୪୫ରୁ ୧୫୦ ଓ ରାଜଙ୍କୁ ୬୫ରୁ ୭୦ଟି ଆସନରେ ନିର୍ବାଚନରେ ଅବଦୀର୍ଣ୍ଣ ହେବେ। ସେହିପରି ଶରତ ପାୱାରଙ୍କ ଏନ୍‌ସିପି ଦଳ ଏହି ମେଣ୍ଟର ଅଂଶୀଦାର ହେବେ ଓ ତାଙ୍କୁ ୧୦ରୁ ୧୨ଟି ଆସନ ମିଳିପାରେ ବୋଲି ଆଶା କରାଯାଉଛି। ଦୁହେଁ ଏକାଠି ହେବା ଦ୍ୱାର ବିଜେପି ଉପରେ ଚାପ ବୃଦ୍ଧି ପାଇବ। ମରାଠୀ ଭୋଟର ଏକାଠି ହେବେ ଓ ଶିନ୍ଦେ ଗୋଷ୍ଠୀର ଶିବସେନା ଉପରେ ମଧ୍ୟ ଚାପ ବୃଦ୍ଧି ପାଇବ। ବିଏମ୍‌ସି ଦେଶରୁ ସବୁଠାର ଧନୀ ନଗର ନିଗମ ମଧ୍ୟରୁ ଅନ୍ୟତମ। ଏଠାରେ ଦୀର୍ଘବର୍ଷ ଧରି ଶିବସେନାର ପତିଆର ରହିଆସିଥିଲା। ତେଣୁ ରାଜ ଓ ଉଦ୍ଧବ ଏକାଠି ହେବା ଦ୍ୱାରା ମୁମ୍ବାଇରେ ହରାଇ ଥିବା ଗୌରବକୁ ଫେରିବେ ବୋଲି ଆଶା ରଖିଛନ୍ତି।

**ଏକାଠି ଲଢ଼ିବେ ମୁମ୍ବାଇ ନଗର ନିଗମ ନିର୍ବାଚନ**

**ଅଜିତ ପାୱାରଙ୍କ ଉପରେ ନଜର**

## ଭାରତକୁ ସତର୍କ କରାଇଲା ଆମେରିକା
### ଚୀନ୍ ଚଳାଉଛି ଦ୍ୱୈତ ଚାଲ୍

ନୂଆଦିଲ୍ଲୀ, ୨୪।୧୨(ଏଜେନ୍ସି): ଚୀନ୍‌ର ଦ୍ୱୈତ ରଣନୀତି ତଥା ଚାଲ ନେଇ ଆମେରିକା ପୁଣିଥରେ ଭାରତକୁ ସତର୍କ କରାଇଦେଇଛି। ପେଣ୍ଟାଗନର ୨୦୨୫ ରିପୋର୍ଟ ମୁତାବକ ଚୀନ ଗୋଟିଏ ପଟେ ଭାରତ ସହ ବାସ୍ତବିକ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ରେ ତିକ୍ତତା କମ୍ କରିବାକୁ ଚାହୁଁଛି। କିନ୍ତୁ ଅନ୍ୟପଟେ ପାକିସ୍ତାନ ସହ ସୈନ୍ୟ ସହଯୋଗ ବୃଦ୍ଧି କରୁଛି। ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ୨୦୨୪ ଅକ୍ଟୋବରରେ ଭାରତ ଓ ଚୀନ୍ ଏଲ୍‌ଏସିରେ ସଂଘର୍ଷ ହୋଇଥିବା କ୍ଷେତ୍ରରୁ ପଛକୁ ହଟିବାକୁ ସହମତି ପ୍ରକାଶ କରିଥିଲେ। କିନ୍ତୁ ଚୀନ୍‌ର କିଛି ଅଲଗା ଲକ୍ଷ୍ୟ ରହିଛି। ପେଣ୍ଟାଗନ୍‌ର ଆକଳନ ଅନୁସାରେ ଚୀନ୍ ଭାରତ ସହିତ ସମ୍ପର୍କ ସାମାନ୍ୟ କରି ଆମେରିକାର ଆହୁରି ନିକଟକୁ ଯିବାକୁ ନ ଦେବା। ଭାରତ ଓ ଚୀନ୍ ମଧ୍ୟରେ ବିଶ୍ୱାସ ଓ ଭରସା ଏବେ ମଧ୍ୟ କମ୍ ରହିଛି ଓ ଅବିଶ୍ୱାସର ବାତାବରଣ ଜାରି ରହିଛି। ଦୁଇ ଦେଶ ମଧ୍ୟରେ ଅରୁଣାଚଳ ପ୍ରଦେଶକୁ ନେଇ ଏବେ ମଧ୍ୟ ବଡ଼ ବିବାଦ ରହିଛି। ଅରୁଣାଚଳକୁ ଚୀନ୍ ନିଜର ବୋଲି ଦାବି କରୁଛି। ଏହାଦ୍ୱାରା ଭାରତର ସାର୍ବଭୌମତ୍ୟ ଉପରେ ପ୍ରଶ୍ନ ଉତ୍ଥାପିତ ହେଉଛି। ଚୀନ୍ ତାଇୱାନ ଓ ଦକ୍ଷିଣ ଚୀନ୍ ସାଗର ଭଳି ଅରୁଣାଚଳକୁ ମଧ୍ୟ ସମାନ ଭାବେ ଗୁରୁତ୍ୱ ଦେଉଛି ବୋଲି ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେପଟେ ଚୀନ୍ ପାକିସ୍ତାନକୁ କ୍ରମାଗତ ଭାବେ ଅସ୍ତ୍ରଶସ୍ତ୍ର, ଡ୍ରୋନ୍ ଓ ଅନ୍ୟ ସାମରିକ ଉପକରଣ ପ୍ରଦାନ କରୁଛି। ପାକିସ୍ତାନ ଓ ଚୀନ୍ ମଧ୍ୟରେ ବୃଦ୍ଧି ପାଉଥିବା ସାମରିକ ସହଯୋଗ ନେଇ ପେଣ୍ଟାଗନ ଚିନ୍ତା ପ୍ରକଟ କରିଛି। ରିପୋର୍ଟ ଅନୁସାରେ ଚୀନ୍ ପାକିସ୍ତାନକୁ ୨୦୨୦ରୁ ଏପର୍ଯ୍ୟନ୍ତ ୩୬ଟି ଜେ-୧୦ସି ଲଢ଼ୁଆ ବିମାନ ପ୍ରଦାନ କରିଛି। ଏହାକୁ ବାଦ୍ ଦେଲେ ଦୁଇ ଦେଶ ସାଥି ହୋଇ ଜେଏଫ୍-୧୭ ଜେଟ୍ ତିଆରି କରୁଛନ୍ତି। ପାକିସ୍ତାନକୁ ଚୀନ୍ ନୌସେନା ଉପକରଣ ମଧ୍ୟ ପ୍ରଦାନ କରୁଛି। ପୁଣି ଭବିଷ୍ୟତରେ ଚୀନ୍ ପାକିସ୍ତାନରେ ସାମରିକ ଘାଟି ପ୍ରତିଷ୍ଠା କରିପାରେ। ତେଣୁ ଏ ସଂକ୍ରାନ୍ତରେ ଭାରତ ସତର୍କ ରହିବା ଉଚିତ ବୋଲି ପେଣ୍ଟାଗନ ପରାମର୍ଶ ଦେଇଛି।

## ରାଜସ୍ଥାନ ସୀମା ନିକଟରେ ନୂଆ ଏୟାରବେସ୍

**■ ମାତ୍ର କେତେ ସେକେଣ୍ଡରେ ପାକିସ୍ତାନର ୩ ବଡ଼ ପ୍ରତିରକ୍ଷା ଠିକଣାରେ ପହଞ୍ଚିବ ଭାରତୀୟ ଲଢ଼ୁଆ ବିମାନ**


ଯୋଧପୁର, ୨୪।୧୨(ଏଜେନ୍ସି): ରାଜସ୍ଥାନରେ ଥିବା ଭାରତ- ପାକିସ୍ତାନ ସୀମାରେ ଏବେ ନୂଆ ଏୟାରବେସ୍ ନିର୍ମାଣ ନେଇ ବାଟ ଫିଟିଛି ଏହି ଏୟାର ବେଶଠାରୁ ମାତ୍ର କେତେ ସେକେଣ୍ଡ ମଧ୍ୟରେ ଭାରତୀୟ ଲଢ଼ୁଆ ବିମାନ ପାକିସ୍ତାନର ୩ଟି ବଡ଼ ସୁରକ୍ଷା ଘାଟିରେ ପହଞ୍ଚି ପାରିବ। ଏହି ନୂଆ ଏୟାରବେସ୍ ନିର୍ମାଣ ପାଇଁ ଶ୍ରୀଗଙ୍ଗାନଗର ସାଦୁଲଶହରର ତହସିଲ ଚାରିପାଖରେ ଜମି ଅଧିଗ୍ରହଣ ପାଇଁ ପଥ ପରିଷ୍କାର ହୋଇଛି। ଜମି ଅଧିଗ୍ରହଣ ବିରୋଧ କରି ୫୮ ଜଣ ଚାଷୀ ଓ ଜମିମାଲିକ ଆବେଦନ କରିଥିଲେ। ତେବେ ଡିସେମ୍ବର ୧୮ରେ ହୋଇଥିବା ଏକ ଶୁଣାଣିରେ ରାଜସ୍ଥାନ ହାଇକୋର୍ଟ (ଯୋଧପୁର) ସବୁ ଆବେଦନଗୁଡିକୁ ଖାରଜ କରିଥିଲେ। ଜଷ୍ଟିସ ନୁପୁର ଭାଟି କମ୍ପୋଜିଟ୍ ଆଭିଏସନ ବେସ୍ (ଏଫ୍‌ସିଏବି) ପାଇଁ ଜମି ଅଧିଗ୍ରହଣକୁ ସମର୍ଥନ କରିଥିଲେ। ହାଇକୋର୍ଟ କହିଛନ୍ତି ଯେ, ଏହି ଆବେଦନ କେବଳ ବୈଷୟିକ ଆପତ୍ତି ଉପରେ ଆଧାରିତ ଓ ରାଷ୍ଟ୍ରୀୟ ମହତ୍ତ୍ୱର ଏକ ପ୍ରତିରକ୍ଷା ପ୍ରକଳ୍ପକୁ ପଥଚ୍ୟୁତ କରିବା ପାଇଁ ଏକ ପ୍ରୟାସ ମାତ୍ର। ଜାତୀୟ ସୁରକ୍ଷା ସହିତ ଜଡିତ ପ୍ରକଳ୍ପଗୁଡିକରେ ବ୍ୟକ୍ତିଗତ ସ୍ୱାର୍ଥଠାରୁ ଜନହିତ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦିଆଯିବ ବୋଲି କୋର୍ଟ କହିଛନ୍ତି। ସୀମାଠାରୁ ଏହି ଏୟାରବେସ୍ ମାତ୍ର ୪୦ କିମି ଦୂରରେ ଅବସ୍ଥିତ। ସୁରତଗଡ଼ ଏୟାରବେସ ଷ୍ଟେସନ ପରେ ଏହା ଶ୍ରୀଗଙ୍ଗାନଗର ଜିଲ୍ଲାରେ ଏହା ଦ୍ୱିତୀୟ ବାୟୁସେନା ଷ୍ଟେସନ ହେବ। ରାଜସ୍ଥାନର ସୀମାନ୍ତ ଜିଲ୍ଲାଗୁଡିକରେ ପୂର୍ବରୁ ୪ଟି ବାୟୁସେନା ଷ୍ଟେସନ କାର୍ଯ୍ୟକ୍ଷମ। ନିର୍ମାଣ ହେବାକୁ ଥିବା ଏହି ନୂଆ ଏୟାରବେସରୁ ଯୁଦ୍ଧ ବିମାନଗୁଡିକ ପାକିସ୍ତାନର ଜାକୋବାବାଦ୍, ଭୋଲାରି ଓ ରହିମ ୟାର ଖାନ୍ ଏୟାରବେସ୍‌କୁ ଅତିଶୀଘ୍ର ପହଞ୍ଚି ପାରିବ।

**ଉନ୍ନାଓ ଗଣଦୁଷ୍କର୍ମ ମାମଲା; କୁଲଦୀପଙ୍କ ଜାମିନଙ୍କୁ ବିରୋଧ**

# ପୀଡ଼ିତା ପରିବାରକୁ ଘୋଷାଡ଼ିଲା ପୁଲିସ; ଗାଡ଼ିରୁ ଫୋପାଡ଼ି ଦେଲା

ନୂଆଦିଲ୍ଲୀ, ୨୪।୧୨ (ଏଜେନ୍ସି): ଉତ୍ତର ପ୍ରଦେଶ ଉନ୍ନାଓ ଗଣଦୁଷ୍କର୍ମ ମାମଲାର ଦୋଷୀ ବିଜେପିର ପୂର୍ବତନ ବିଧାୟକ କୁଲଦୀପ ସେଙ୍ଗରଙ୍କୁ ଦିଲ୍ଲୀ ହାଇକୋର୍ଟ ମଙ୍ଗଳବାର ଜାମିନ ପ୍ରଦାନ କରିଛନ୍ତି। ଏହି ମାମଲାରେ ତାଙ୍କୁ ଦିଆଯାଇଥିବା ଆଜୀବନ କାରାଦଣ୍ଡାଦେଶକୁ ମଧ୍ୟ ହଟାଇ ଦେଇଛନ୍ତି। ଏହି ରାୟକୁ ବିରୋଧ କରି ମଙ୍ଗଳବାର ରାତିରେ ପୀଡ଼ିତା, ତାଙ୍କ ମାଆ ଏବଂ ଓକିଲ ତଥା ସାମାଜିକ କର୍ମୀ ଯୋଗିତା ଭୟାନା ଇଣ୍ଡିଆ ଗେଟ୍ ସାମ୍‌ନାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାୟ ବଦଳାଇବାକୁ ଦାବି କରିଥିଲେ। ସେମାନେ ଗଣମାଧ୍ୟମରେ ନିଜ ମତ ରଖୁଥିବାବେଳେ ପୁଲିସ ଟିମ୍ ବର୍ବରତାର ସବୁ ସୀମା ଉଲ୍ଲଙ୍ଘନ କରିଦେଇଥିଲା। ଆନ୍ଦୋଳନ ବନ୍ଦ କରିବାକୁ କୁହାଯାଇଥିଲା। ମାତ୍ର ସେ ନ ଶୁଣିବାରୁ ଜୋର ଜବରଦସ୍ତି ପୀଡ଼ିତା, ତାଙ୍କ ମାଆ ଏବଂ ଓକିଲଙ୍କୁ ପୁଲିସ ଉଠାଇ ନେଇଥିଲା। ପୀଡ଼ିତାଙ୍କ ମାଆଙ୍କୁ ପୁଲିସ ଘୋଷାଡ଼ି ଘୋଷାଡ଼ି ନେଇ ଭ୍ୟାନରେ ଭର୍ତ୍ତି କରିଥିଲା। ଯୋଗିତା ଏହାର ଭିଡିଓ ଜାରି କରିଛନ୍ତି। ଦୁଷ୍କର୍ମ ପୀଡ଼ିତାଙ୍କ ସହ ପୁଲିସ କିଭଳି ଭାବେ ବ୍ୟବହାର କରୁଛି ତାହା ଦେଖାଯାଉଛି।

ବୁଧବାର ସକାଳେ ପୀଡ଼ିତା ଏବଂ ତାଙ୍କ ମାଆ ମଣ୍ଡି ହାଉସ ନିକଟରେ ସାମ୍ବାଦିକ ସମ୍ମିଳନୀ ଡାକିଥିଲେ। କିନ୍ତୁ ଏସ୍କର୍ଟ ଦେଉଥିବା ସିଆରପିଏଫ ବସ ଏଠାରେ ଅଟକି ନ ଥିଲା। ମଣ୍ଡି ହାଉସ କିମ୍ବା ଇଣ୍ଡିଆ ଗେଟ୍ କୋଉଠି ବି ଅନୁମତି ମିଳି ନାହିଁ ବୋଲି କୁହାଯାଇଥିଲା। ଉଭୟଙ୍କୁ ଜନ୍ତରମନ୍ତର କିମ୍ବା ନିଜ ଘରକୁ ପଠାଇ ଦିଆଯିବ। ଏହାର କିଛି ସମୟରେ ପୀଡ଼ିତାଙ୍କ ମାଆଙ୍କୁ ଏକ ଚଳନ୍ତା ବସ୍‌ର ଫାଟକ ନିକଟରେ ଦେଖିବାକୁ ମିଳିଥିଲା। ସିଆରପିଏଫ ଅଧିକାରୀ ତାଙ୍କୁ ବସ୍‌ରୁ ଡେଇଁବାକୁ ବାଧ କରିଥିଲେ। ତେବେ ଚିନ୍ତାର ବିଷୟ ଏହି କି ଯେ ଉକ୍ତ ବସ୍‌ରେ କୌଣସି ମହିଳା ସୁରକ୍ଷାକର୍ମୀ ନ ଥିଲେ। ସିଆରପିଏଫ ଅଧିକାରୀ ଧକ୍କା ଦେବା ପରେ ମହିଳା ବସ୍ ତଳକୁ ପଡ଼ି ଯାଇଥିଲେ।



ପୀଡ଼ିତା କହିଛନ୍ତି ଯେ ମୋ ମାଆଙ୍କୁ ଗାଡ଼ିରୁ ଫୋପାଡ଼ି ଦିଆଯାଇଥିଲା। ଆମକୁ ବନ୍ଦୀ କରି ରଖାଯାଇଥିଲା। ଓକିଲଙ୍କ ପାଖକୁ ବି ଯିବାକୁ ଦିଆଯାଇ ନ ଥିଲା। ସ୍ୱରାଷ୍ଟ୍ର ମନ୍ତ୍ରାଳୟର ନିର୍ଦ୍ଦେଶରେ ଏପରି କରାଯାଇଥିବା କୁହାଯାଇଥିଲା। ସେହିପରି ପୀଡ଼ିତାଙ୍କ ମାଆ କହିଛନ୍ତି ଯେ ହାଇକୋର୍ଟଙ୍କ ନିଷ୍ପତ୍ତି ଆମ ପାଇଁ କାଳ ସହ ସମାନ। ଆମେ ନ୍ୟାୟ ପାଇ ନାହୁଁ। ରାୟ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବୁ। ସେମାନେ ଆମକୁ ମାରିବାକୁ ଚାହୁଁଛନ୍ତି। ସିଆରପିଏଫ ଅଧିକାରୀ ମୋତେ ଗାଡ଼ିରୁ ଫୋପାଡ଼ି ଝିଅକୁ ନେଇ ଚାଲି ଯାଇଛନ୍ତି। ଅନ୍ୟପଟେ ପୀଡ଼ିତା ସନ୍ଧ୍ୟାରେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ତାଙ୍କ ମାଆ ସୋନିଆ ଗାନ୍ଧୀଙ୍କୁ ଭେଟିଛନ୍ତି। ପୀଡ଼ିତା କହିଛନ୍ତି ଯେ ଦେଶର ପ୍ରଥମ ଦୁଷ୍କର୍ମ ମାମଲାରେ ଭାବେ ଏଥିରେ ଦଣ୍ଡ ଉପରେ କଟକଣା ଲଗାଇ ଜାମିନ ଦିଆଯାଇଛି। ଦେଶର ସବୁ ଝିଅ ଏବେ ଭୟଭୀତ। କାରଣ ଦୁଷ୍କର୍ମର ଶିକାର ହେଲେ ଏଭଳି ଭାବେ ଅପରାଧୀ ବଞ୍ଚିଯିବେ। କୁଲଦୀପଙ୍କୁ ୫ କିମି ଭିତରେ ରହିବାକୁ ଅନୁମତି ଦେଇ ଆମକୁ କୋର୍ଟ ଘରେ କଏଦ କରି ରଖିଛନ୍ତି। ସୁପ୍ରିମକୋର୍ଟରୁ ନ୍ୟାୟ ମିଳିବ ବୋଲି ଆଶା। ଏହି ମାମଲାରେ ପୀଡ଼ିତା ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଭେଟିବାକୁ ଚାହୁଁଛନ୍ତି। ସେ ନ୍ୟାୟ ମିଳିବ ବୋଲି ସେ ଆଶା କରୁଛନ୍ତି।

ରାହୁଲ ଗାନ୍ଧୀ ଏହାକୁ ନେଇ ପୁଲିସ ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ ପୁଲିସକୁ ପ୍ରଶ୍ନବାଣ ମାରିଛନ୍ତି। ଗଣଦୁଷ୍କର୍ମ ପୀଡ଼ିତାଙ୍କ ସହ ଏଭଳି ବ୍ୟବହାର ଉଚିତ କି? ନ୍ୟାୟ ପାଇଁ ସ୍ୱର ଉତ୍ତୋଳନ କରିବା ତାଙ୍କର ଭୁଲ୍ କି? ପୂର୍ବତନ ବିଜେପି ବିଧାୟକ ସେଙ୍ଗରଙ୍କୁ ଏହି ମାମଲାରେ ଜାମିନ ଦେବା ନୈରାଶ୍ୟଜନକ ଏବଂ ଅତ୍ୟନ୍ତ ଚିନ୍ତାର ବିଷୟ। ଦୁଷ୍କର୍ମୀଙ୍କୁ ଜାମିନ ଏବଂ ପୀଡ଼ିତାଙ୍କୁ ଅପରାଧୀ ଭଳି ବ୍ୟବହାର ଏହା କେମିତିକା ନ୍ୟାୟ ବୋଲି ରାହୁଲ ପ୍ରଶ୍ନ ଉଠାଇଛନ୍ତି। ଗଣତନ୍ତ୍ରରେ ଅସହମତିକୁ ନେଇ ସ୍ୱର ଉଠାଇବା ଅଧିକାର ଏବଂ ଏହାକୁ ଦବାଇ ଅପରାଧ ବୋଲି ରାହୁଲ କହିଛନ୍ତି।

ଚାନ୍ଦବାଲି ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା ଘଟଣା

# ନାବାଳିକାଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ଅସମର୍ଥ

## ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି, ବାସଭବନ ଘେରଉ କଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ

ଭୁବନେଶ୍ୱର,୨୪।୧୨(ସମିସ): ଭଦ୍ରକ ଜିଲ୍ଲାର ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିଗାଁରେ ତୃତୀୟ ଶ୍ରେଣୀରେ ପଢୁଥିବା ୧୦ ବର୍ଷର ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ବିଜୁ ଯୁବ ଓ ଛାତ୍ର ଜନତା ଦଳ। ନାବାଳିକା ମାନଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ଅସମର୍ଥ ଥିବାବେଳେ

- ୧୮ ମାସର ବିଜେପି ଶାସନରେ କ୍ରମାଗତ ଭାବେ ନାବାଳିକା ଦୁଷ୍କର୍ମର ଶିକାର
- ଗୃହ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଥାଇ ଯଦି ମୁଖ୍ୟମନ୍ତ୍ରୀ ପାରୁନାହାନ୍ତି ଗାଦି ଛାଡ଼ନ୍ତୁ

ମୁଖ୍ୟମନ୍ତ୍ରୀ ଇସ୍ତଫା ଦେବାକୁ ଦଳ ଦାବି କରିଛି। ଯୁବ ଓ ଛାତ୍ର ବିଜେଡିର ବହୁସଂଖ୍ୟକ କର୍ମକର୍ତ୍ତା ବୁଧବାର ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରଉ ଉଦ୍ୟମ କରିଥିଲେ। ଧଉଳି ଗଣଦୁଷ୍କର୍ମ ଓ ସହୀଦ ନଗର ନାବାଳିକା ଦୁଷ୍କର୍ମ ଘଟଣା ଏଯାବତ୍ ରାଜ୍ୟବାସୀଙ୍କ ମନରୁ ଲିଭିନାହିଁ। ଏପରି ସମୟରେ ଚାନ୍ଦବାଲିର ଲୋମହର୍ଷଣକାରୀ ଘଟଣା ଓଡ଼ିଶାକୁ ସାରା ଦେଶରେ ନିନ୍ଦିତ କରିଛି ବୋଲି ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ବିଜେପି ସରକାର ଶାସନକୁ ଆସିବା ପରେ ରାଜ୍ୟରେ ମହିଳା ଓ ନାବାଳିକା ମାନଙ୍କ




ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି । ଗୋପାଳପୁର, ବାଲିହରଚଣ୍ଡୀ, ଧଉଳି, ଶହୀଦ ନଗର, ମାଲକାନଗିରି ଗଣଦୁଷ୍କର୍ମର ଲମ୍ବା ତାଲିକା ଦେଖେଇ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଓ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସୀତା ସାହୁଙ୍କ ନେତୃତ୍ୱରେ ଦଳର ହଜାର ହଜାର ଯୁବ ଓ ଛାତ୍ର ଆଜି ବିକ୍ଷୋଭ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରଉ କରିଥିଲେ । ରାଜ୍ୟରେ ଦୁଷ୍କର୍ମ, ଗଣଦୁଷ୍କର୍ମ ପରି ଘଟଣାମାନ ଦିନକୁ ଦିନ ବୃଦ୍ଧି ପାଇବା ସହିତ ରାଜ୍ୟରେ ମହିଳା ଓ ନାବାଳିକା ମାନଙ୍କ ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଛି । ୧୮ ମାସର ବିଜେପି ଶାସନରେ ରାଜ୍ୟରେ ମହିଳା ଓ ନାବାଳିକାଙ୍କ ବିରୋଧରେ ଅପରାଧ ସଂଖ୍ୟା ଅହେତୁକ ବୃଦ୍ଧି ପାଇଛି। ରାଜ୍ୟରେ ଆଇନ ଶୃଖଳା ସ୍ଥିତି ଏପରି ଦୟନୀୟ ସ୍ଥିତିରେ ପହଞ୍ଚିଛି ଯେ, ଅପରାଧୀ ମାନେ ଭୟମୁକ୍ତ ହୋଇ ଅପରାଧ ଘଟାଉଛନ୍ତି। ଦୁଃଖ ଓ ପରିତାପର ବିଷୟ ଯେ ରାଜ୍ୟରେ ମହିଳା ସୁରକ୍ଷା ସ୍ଥିତି ସଙ୍ଗୀନ ହୋଇଥିଲେ ମଧ ଏହାକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର କୌଣସି ତତ୍ପରତା ଦେଖାଉ ନାହାନ୍ତି । ଗୃହ ବିଭାଗ ଖୋଦ ମୁଖ୍ୟମନ୍ତ୍ରୀଙ୍କ ପାଖରେ ରହିଥିଲା ବେଳେ ସ୍ଥିତିରେ ସୁଧାର ଆସିବା ପରିବର୍ତ୍ତେ ଅଧିକ ବିଗିଡ଼ି ଯାଇଛି। ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁଁ ବାରମ୍ବାର ଏଭଳି ଘଟଣା ଘଟୁଛି। ଯଦି ରାଜ୍ୟର ବିଜେପି ସରକାର ମହିଳା ମାନଙ୍କୁ ସୁରକ୍ଷା ଦେବାରେ ଅସମର୍ଥ, ତାହେଲେ ସରକାର ଗାଦି ଛାଡ଼ି ଦିଅନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ଏହି ବିକ୍ଷୋଭରେ ବିଜୁ ଯୁବ ଓ ଛାତ୍ର ଜନତା ଦଳର ଧୃତି ମାର୍ଥା, ଜ୍ୟୋତ୍ସ୍ନାମୟୀ ପରିଡ଼ା, ସୋଫିଆ ଆଲାମ, ତାରିଣୀ ପ୍ରସାଦ ନାୟକ, ଶୁଭ୍ରଜିତ୍ ପାଢ଼ୀ, ନୀଳମାଧବ ମହାନ୍ତି, ସୁଜିତ ପାଲଟାସିଂହ, ଅସ୍ମିତ ଦାସ, ସ୍ନେହାଶିଷ, ତବରେଜ ଖାନ, ଫାତିମା ଖାତୁନ, ଲଗ୍ନାଦୀପ ମିଶ୍ର, ଦୀପକ ଜେନା, ସତ୍ୟଜିତ୍ ପଟ୍ଟନାୟକ, ଦୀପକ ସାହୁ, ସୌମ୍ୟ ରଞ୍ଜନ ତ୍ରିପାଠୀ, ଜଗମୋହନ ବଲିଆରସିଂହ, ସୁଦୀପ୍ତ କୁମାର ସାମଲ, ଶେଖ ଅମୀର ଅହମ୍ମଦ, ସୌମ୍ୟ ଶଙ୍କର ରାୟ, ଦୀପକ ମହାପାତ୍ର, ମନୋଜ ମହାନ୍ତି, ସଙ୍ଗୀତ ମହାନ୍ତି, ମନୋଜ ସେନାପତି, ଅମରଜିତ୍ ସେନାପତି, ଅରୁପ ଶ୍ରୀଚନ୍ଦନ, ପ୍ରଶାନ୍ତ ସ୍ୱାଇଁ, ସ୍ମୃତି ରଞ୍ଜନ ପଟ୍ଟନାୟକ, ପ୍ରଫୁଲ୍ଲ ନାୟକ, ସ୍ୱାଗତିକା ମହାନ୍ତି, ଦୀପକ ବେହେରା, ଜ୍ୟୋତି ପ୍ରକାଶ ସାମଲ, ମନୋରଞ୍ଜନ ସ୍ୱାଇଁ, ବିକ୍ରମ ପଟ୍ଟନାୟକ, ଇଲା ସାସମଲ, ରାଜେଶ ରୋଶନ, ଶ୍ରୀଚନ୍ଦନ ପାତ୍ର, ମନୋଜ ମାରାଣ୍ଡି, ଦିବ୍ୟସିଂହ ସେଠୀ, ଶେଖ ନିୱାଜ, ସମିମ ଅଖତର, ସାଗର ବଳବନ୍ତରାୟ, ସାଇରାମ ସେଠୀ, ଶୁଭମ ବେହେରା, ଅମିତ କୁମାର ଜେନା, ଅଶୋକ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

ଚାନ୍ଦବାଲି ଦୁଷ୍କର୍ମ ଘଟଣାରେ ବର୍ଷିଲା କଂଗ୍ରେସ

# ରାଜ୍ୟବାସୀଙ୍କୁ କି ଆଶ୍ୱାସନା ଦେବେ ମନମୋହନ



ଭୁବନେଶ୍ୱର,୨୪ ।୧୨(ସମିସ): ଚାନ୍ଦବାଲିରେ ଘଟିଥିବା ଲୋମହର୍ଷଣକାରୀ ଦୁଷ୍କର୍ମ ଏବଂ ହତ୍ୟାକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି କଂଗ୍ରେସ। ତୃତୀୟ ଶ୍ରେଣୀର ଝିଅକୁ ଦୁଷ୍କର୍ମ ଏବଂ ହତ୍ୟା ମାମଲା ଅତ୍ୟନ୍ତ ବେଦନାଦାୟକ। ଦୁଷ୍କର୍ମକାରୀ ଝିଅର ମୁଣ୍ଡକୁ ପଥରରେ ଛେଚି ହତ୍ୟା କରିଛି। ଏହା ଖୋଦ ବିଜେପି ସଭାପତି ମନମୋହନ ସାମଲଙ୍କ ନିଜସ୍ୱ ନିର୍ବାଚନ ମଣ୍ଡଳୀର ଘଟିଥିବା ବେଳେ ଦୀର୍ଘ ୧୦ ମାସ ହେଲା ଚାନ୍ଦବାଲିରେ ଏସ୍‌ଡିପିଓ ନାହାନ୍ତି। ସ୍ଥାନୀୟ ଆଇଆଇସି ଚୋରା ମଦର କଣ୍ଟ୍ରୋଲ ରୁମ ଖୋଲିଥିବା ନେଇ କଂଗ୍ରେସ ଅଭିଯୋଗ କରିବା ସହ ପୀଡିତା ପରିବାରକୁ ୫୦ ଲକ୍ଷ କ୍ଷତିପୂରଣ ଓ ସ୍ଥାନୀୟ ଆଇଆଇସିଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଦଳ ଦାବି କରିଛି।

ଦଳ ପକ୍ଷରୁ ପୂର୍ବତନ ସାଂସଦ ଅନନ୍ତ ସେଠୀ ଓ କଂଗ୍ରେସ ନେତା ମନୋଜ ବିଶ୍ୱାଳ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ବିଜେପି ସଭାପତି ପଦରେ ମନମୋହନ ସାମଲ ଅଛନ୍ତି। ନିଜ ନିର୍ବାଚନ ମଣ୍ଡଳୀରେ ଘଟିଥିବା ଦୁଷ୍କର୍ମ ଘଟଣାକୁ ନେଇ ରାଜ୍ୟବାସୀଙ୍କୁ ସେ କି ଆଶ୍ୱାସନା ଦେବେ ବୋଲି ପ୍ରଶ୍ନ କରିବା ସହ ଭଦ୍ରକ, ବାଲେଶ୍ୱର ଓ ଭୁବନେଶ୍ୱର ନାରୀ ନିର୍ଯ୍ୟାତନାର ହବ ପାଲଟିଛି ବୋଲି କଂଗ୍ରେସ କହିଛି। କଂଗ୍ରେସ ମୁଖପାତ୍ର ଡଃ ମନୀଷା ଦାସ ପଟ୍ଟନାୟକ କହିଲେ, ସରକାର ବର୍ତ୍ତମାନ ଜନତାଙ୍କ ପାଇଁ ଧୃତରାଷ୍ଟ୍ର ସାଜିଛି। ଛୋଟ ଝିଅଙ୍କ ପାଇଁ କଂସ ଅତ୍ୟାଚାର କରୁଛି। ଗୋପାଳପୁର ଗଣଦୁଷ୍କର୍ମ ମାମଲାରେ ଯଦି ସରକାର ଚେତିଥାନ୍ତେ ତେବେ ସୌମ୍ୟାଶ୍ରୀ ବଳଙ୍ଗା ଏବଂ ବର୍ତ୍ତମାନର ଧଉଳି, ଚାନ୍ଦବାଲି ଘଟଣା ଦେଖିବାକୁ ମିଳି ନଥାନ୍ତା। ଯେହେତୁ ସରକାର ଏବଂ

- ୧୦ ମାସ ହେଲା ଚାନ୍ଦବାଲି ଏସ୍‌ଡିପିଓ ପଦବୀ ଖାଲି ପଡିଛି
- ରାଜ୍ୟରେ ଏକ ନିଲ୍ଲଠା, ଅଲାଜୁକ ସରକାରଙ୍କ ଶାସନ ଚାଲିଛି

ପୁଲିସ ଅପରାଧୀଙ୍କୁ ଘଣ୍ଟ ଘୋଡାଇବାରେ ବ୍ୟସ୍ତ ହେଲେ ତେଣୁ ଅପରାଧୀଙ୍କ ମନୋବଳ ବୃଦ୍ଧି ପାଇଲା ବୋଲି ଦଳ କହିଛି। ବଳାତ୍କାରୀ ଓ ହତ୍ୟାକାରୀଙ୍କୁ ଫୁଲମାଳ ଦେଉଥିବା ଦଳଙ୍କଠାରୁ ଆଉ କ'ଣ ଆଶା କରାଯାଇପରେ ଦଳ କହିଛି। ରାଜ୍ୟରେ ବର୍ତ୍ତମାନ ଅଯୋଗ୍ୟ ଏବଂ ନିକମ୍ମା ମହିଳା କମିଶନ ଅଛନ୍ତି। ତାଙ୍କ ସଦସ୍ୟ ରାତି ୮ ଟାରେ ଘରୁ ଝିଅପିଲା ନ ବାହାରିବା ପାଇଁ ତାଗିଦ କରୁଛନ୍ତି। ପ୍ରକୃତରେ ଆମେ ଏକ ନିଲ୍ଲଠା, ଅଲାଜୁକ ସରକାର ଦ୍ୱାରା ଶାସିତ ହେଉଛୁ ବୋଲି ଡଃ ପଟ୍ଟନାୟକ ପ୍ରକାଶ କରିଛନ୍ତି।

# ଷ୍ଟିୟରିଂ ଧରି ଆଖି ବୁଜିଲେ ଚାଳକ

କୁଆମରା,୨୪।୧୨(ସମିସ): ଏକ ପିକ୍‌ଅପ୍ ଭ୍ୟାନ୍‌ରୁ ବୁଧବାର ସକାଳେ ଜଣେ ଚାଳକଙ୍କ ମୃତଦେହକୁ ଉଦ୍ଧାର କରିଛି କୁଆମରା ଫାଣ୍ଡି ପୁଲିସ। ମୃତକ ହେଉଛନ୍ତି ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ସୁନିନ୍ଦା ଗ୍ରାମର ସନାତନ ପାରେଇ (୫୦)।

ସୂଚନା ମୁତାବକ, ସନାତନ ମଙ୍ଗଳବାର ରାତିରେ ଓଡି ୦୧ ଏଟି ୮୭୮୮ ନମ୍ବର ବିଶିଷ୍ଟ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଠାକୁରମୁଣ୍ଡାରୁ ବେତନଟୀ ଅଞ୍ଚଳକୁ ପତରପାଲି ନେଇ ଆସିଥିଲେ। ସେଠାରେ କାର୍ଯ୍ୟ ସାରି ଘରକୁ ଫେରୁଥିବାବେଳେ ସମ୍ଭବତଃ ଅସୁସ୍ଥତା ଅନୁଭବ କରି ଖୁଣ୍ଟା ଥାନା ଅନ୍ତର୍ଗତ ପୁରୁଣା ବାରିପଦା ବଜାର ନିକଟରେ ଗାଡ଼ିକୁ ରଖି ଷ୍ଟିୟରିଂ ଧରି ଆଖି ବୁଜିଥିଲେ। ବୁଧବାର ସକାଳେ ଦୀର୍ଘ ସମୟ ଧରି ଗାଡ଼ିଟି ଅଟକି ରହିଥିବାରୁ ଭିତରେ ଥିବା ଚାଳକଙ୍କୁ ସ୍ଥାନୀୟ ଲୋକେ ଦେଖି ଡାକିଥିଲେ। ମାତ୍ର ନ ଶୁଣିବାରୁ ସନ୍ଦେହ ସୃଷ୍ଟି ହୋଇଥିଲା ଓ ପୁଲିସକୁ ଖବର ଦେଇଥିଲେ। କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ପହଞ୍ଚି ଅଗ୍ନିଶମ ବିଭାଗ ସହାୟତାରେ କୁଆମରା ଡାକ୍ତରଖାନାକୁ ଆଣିଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ଉଦଳା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବାବେଳେ ଏ ନେଇ ଖୁଣ୍ଟା ଥାନାରେ ୮୯/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟରୁ ହୃଦ୍‌ଘାତରେ ମୃତ୍ୟୁ ଘଟିଛି ବୋଲି ଫାଣ୍ଡି ଅଧିକାରୀ ଶ୍ରୀ ମହାନ୍ତି କହିଛନ୍ତି।

ଆନ୍ଧ୍ରକୁ ରାଜସ୍ୱ ମନ୍ତ୍ରୀଙ୍କ ଚରମବାଣୀ

# କୋଟିଆରେ ପଶିଲେ ବନ୍ଧାହେବେ ଅଧିକାରୀ

ଭୁବନେଶ୍ୱର,୨୪ ।୧୨(ସମିସ): ଆନ୍ଧ୍ର ଅଧିକାରୀ ମାନେ କୋଟିଆକୁ ପ୍ରବେଶ କଲେ ସେମାନଙ୍କୁ ବନ୍ଧାଯିବ। ଯେଉଁମାନେ କୋଟିଆକୁ ଭ୍ରମ ସୃଷ୍ଟି କରିବାକୁ ଆସୁଛନ୍ତି ଓ ଏହାଦ୍ୱାରା ଉତ୍ତେଜନା ସୃଷ୍ଟି ହେଉଛି, ସେ କ୍ଷେତ୍ରରେ ପୁରୁଣା ସିଆର୍‌ପିସିର ଧାରା ୧୦୭ ଲାଗୁ ହେବ। ଏହି ଆଇନ୍‌ର ବ୍ୟବହାର କରିବାକୁ କୋରାପୁଟ ଏସ୍‌ପି ଓ

- ଓଡ଼ିଶା କୋଟିଆର ମା';
ଆନ୍ଧ୍ର ମାଉସୀ ହୋଇ ରହୁ
- କୋଟିଆ ସର୍ବଦା ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିବ

ସ୍ଥାନୀୟ ଡିଆଇଜିଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପରାମର୍ଶ ଦେଇଛନ୍ତି। ନିକଟରେ କୋଟିଆ ଗସ୍ତ କରିଥିବା ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ସେଠାରୁ ଫେରିବା ପରେ ଆଜି କୋଟିଆ ସଂକ୍ରାନ୍ତରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ବୈଠକ ପରେ ମନ୍ତ୍ରୀ କହିଛନ୍ତି ଯେ, କୋଟିଆକୁ ଆସିବା ଓ ବୁଲିବା ପାଇଁ କାହାରିକୁ ମନା ନାହିଁ। ମାତ୍ର ବିଚିତ୍ର କାର୍ଯ୍ୟ କଲେ ଅବା ଲିଫ୍‌ଲେଟ୍ ବାଣ୍ଟିଲେ ଆଇନକୁ ବ୍ୟବହାର କରାଯିବ। ଯଦି ସେମାନେ (ଆନ୍ଧ୍ର ଅଧିକାରୀ) ଆଇନ୍ ଦେଖିବାକୁ ଚାହୁଁଛନ୍ତି ତେବେ ଓଡ଼ିଶା ସରକାର ସେମାନଙ୍କୁ ଆଇନ୍ ଦେଖାଇବେ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

ମନ୍ତ୍ରୀ ଆହୁରି କହିଛନ୍ତି, ଓଡିଶା କୋଟିଆର ମାଆ, ଆନ୍ଧ୍ର ହେଉଛି ମାଉସୀ। ମାଆ ବଞ୍ଚିଥିବା ପର୍ଯ୍ୟନ୍ତ ମାଉସୀର ଆବଶ୍ୟକତା ନାହିଁ। ଆମ ସରକାର ପାଇଁ ଭୁବନେଶ୍ୱର ଯେତିକି ଗୁରୁତ୍ୱପୂର୍ଣ୍ଣ କୋଟିଆ ମଧ ସେତିକି ଗୁରୁତ୍ୱପୂର୍ଣ୍ଣ। କୋଟିଆ ଗାଁକୁ ବିକଶିତ କରିବା ପାଇଁ ସରକାରଙ୍କ ପକ୍ଷରୁ ସବୁ ପ୍ରକାର ବ୍ୟବସ୍ଥା କରାଯାଉଛି। ରାଜ୍ୟ ସରକାରଙ୍କ ଗଠିତ କମିଟି ସବୁ ଦିଗକୁ ଦୃଷ୍ଟିରେ ରଖି କାମ କରୁଛି। ୩ ମାସ ପୂର୍ବେ ଏହି କମିଟିର ବୈଠକ ବସିଥିଲା। ରାଜ୍ୟ ସରକାରଙ୍କ ଯୋଜନାଗୁଡ଼ିକର କିପରି କୋଟିଆରେ ସଠିକ୍ ରୂପାୟନ ହେବ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହାକୁ ଆଧାର କରି ବାସ୍ତବ ସ୍ଥିତି ଦେଖିବାକୁ ମୁଁ କୋଟିଆ ଗସ୍ତ କରିଥିଲି। ସେଠାରେ ବାସ୍ତବ ସ୍ଥିତି ଦେଖିଲି।

ସ୍ଥାନୀୟ ବିଧାୟକ ଓ ବ୍ଲକ୍ ଅଧକ୍ଷଙ୍କ ସହିତ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କଲି। ରଥଯାତ୍ରା ସମୟରେ ପ୍ରଥମେ ସେଠାକୁ ଯାଇଥିଲି। ସେଥର ଓ ଏଥର ମଧରେ କୋଟିଆବାସୀଙ୍କ ମଧରେ ବ୍ୟାପକ ଭାବଭଙ୍ଗୀରେ ପରିବର୍ତ୍ତନ ଦେଖିବାକୁ ମିଳିଲା। ସେଠାରେ ଅନେକ କ୍ଷେତ୍ରରେ ପରିବର୍ତ୍ତନ ହୋଇଛି। ଏସବୁ ଦେଖି ସେମାନଙ୍କ ମନରେ ବିଶ୍ୱାସ ସୃଷ୍ଟି ହୋଇଛି, ଓଡ଼ିଶା ଆମ କଥା ବୁଝିବ। ଯେଉଁ ଅଧିକାରୀମାନେ କୋଟିଆ ବାସୀଙ୍କୁ ପ୍ରଲୋଭବନ୍ ଦେଖାଇବାକୁ ଆସିଥିଲେ, ସେମାନଙ୍କୁ ଆମ ଅଧିକାରୀମାନେ ଘଉଡ଼ାଇଦେବା ସହ ସୀମା ପାର୍ କରିଦେଲେ। ଆନ୍ଧ୍ର ପ୍ରଦେଶ ସହିତ ଆଗକୁ ଏହି ପ୍ରସଙ୍ଗରେ ଆଲୋଚନା ହୋଇପାରେ। ସେଥିପାଇଁ କିଛି ଅଧୟନ କରାଯାଉଛି। ମାତ୍ର କୋଟିଆ ସର୍ବଦା ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ ରହିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

# ପୁଅ-ପୁତୁରାକୁ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ବାରଣ୍ଡାରେ ଡେପୁଟି ଜିଲ୍ଲାପାଳଙ୍କ ଧାରଣା

ବାରିପଦା,୨୪।୧୧(ସମିସ): ବଦଳି ହୋଇ ଆସିଥିବା ଜଣେ ଡେପୁଟି ଜିଲ୍ଲାପାଳ(ଓଏଏସ) କାର୍ଯ୍ୟରେ ଯୋଗଦାନରୁ ବଞ୍ଚିତ ହୋଇଥିବା ନେଇ ପୁଅ ଓ ପୁତୁରାକୁ ଧରି ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ବାରଣ୍ଡାରେ ଧାରଣାରେ ବସିଛନ୍ତି। ତାଙ୍କ ବଦଳି ଆଦେଶକୁ ପ୍ରତ୍ୟାଖ୍ୟାନ କରାଯାଇଥିବାରୁ ସେ ନିରୁପାୟ



ହୋଇ ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ସମ୍ପୃକ୍ତ ଅଧିକାରିଣୀ ଜଣକ ହେଲେ ମମତାଜ ମହାରଣା। ସେ ଏହି ଜିଲ୍ଲାର ବଡ଼ସାହି ତହସିଲ୍‌ଦାର ଥିବା ସମୟରେ ତାଙ୍କ ବିପକ୍ଷରେ ଲଘୁ ଖଣିଜ ପଦାର୍ଥ ଚୋରା ଚାଲାଣରେ ସମ୍ପୃକ୍ତିକୁ ନେଇ ଏନ୍‌ଜିଟିରେ ମାମଲା ବିଚାରାଧୀନ ରହିଛି। କାର୍ଯ୍ୟରେ ଯୋଗଦେଲେ ମାମଲାକୁ ପ୍ରଭାବିତ ଆଶଙ୍କାକୁ ନେଇ ତାଙ୍କ ବଦଳି ଆଦେଶକୁ ଜିଲ୍ଲାପାଳ ଗ୍ରହଣ ନ କରି ପରିବର୍ତ୍ତନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପତ୍ର ଲେଖିଛନ୍ତି। ତତ୍‌ସହିତ ଧାରଣାରେ ବସିଥିବା ଅଧିକାରିଣୀଙ୍କୁ ୨ଦିନ ପୂର୍ବେ ଚିଠି ମାଧ୍ୟମରେ ଜଣାଯାଇଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ କହିଛନ୍ତି।

ସୂଚନାଯୋଗ୍ୟ, ୨୦୨୦-୨୨ ମସିହା ପର୍ଯ୍ୟନ୍ତ ବଡ଼ସାହି ତହସିଲ୍‌ରେ ତହସିଲ୍‌ଦାର ଭାବେ କାର୍ଯ୍ୟ କରୁଥିଲେ। ତହସିଲ୍ ଅଧୀନରେ ଥିବା ଡିଙ୍ଗିରା ଓ ମହୁପରା ଲିଜ୍ ସଇରାତକୁ ବହୁଗୁଣା ବେଆଇନ ବାଲି ଉତ୍ତୋଳନ ଓ ପରିବହନ

- ବଦଳି ଆଦେଶକୁ ପ୍ରତ୍ୟାଖାନ ଅଭିଯୋଗ
- ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଜାରି ରହିବ ଧାରଣା

ଘଟଣାରେ ବିବାଦୀୟ ହୋଇପଡ଼ିଥିଲେ। ଯାହାକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲରେ ମାମଲା ରୁଜୁ ହେବା ସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ତାଙ୍କୁ ଚାକିରିରୁ ନିଲମ୍ବିତ କରିବା ସହ କାରଣଦର୍ଶାଅ ନୋଟିସ ଜାରି କରିଥିଲା। ପରବର୍ତ୍ତୀ ସମୟରେ ସେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ବଳରେ ପୁନଃ ଅବସ୍ଥାପିତ ହେବା ସହ ୨୦୨୩ରେ ଦେବଗଡ଼ ଜିଲ୍ଲାରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ତେବେ ତାଙ୍କ ପୁଅ ଓ ପୁତୁରା ବାରିପଦା କେନ୍ଦ୍ରୀୟ ବିଦ୍ୟାଳୟରେ ପଢୁଥିବାରୁ ସେ ସରକାରୀ କ୍ୱାର୍ଟର ଛାଡ଼ି ନ ଥିଲେ। ଗତ ୧୫ ତାରିଖରେ ସେ ମୟୂରଭଞ୍ଜ ଜିଲ୍ଲା ରାଜସ୍ୱ ବିଭାଗରେ ଡେପୁଟି କଲେକ୍ଟର ଭାବେ ବଦଳି ହୋଇ ଆସିଛନ୍ତି। ତେବେ ରାଜସ୍ୱ ବିଭାଗ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ମହାରଣାଙ୍କ ପୂର୍ବ ମାମଲା ତଦନ୍ତ କରୁଥିବାରୁ ତାହା ପ୍ରଭାବିତ ଆଶଙ୍କା କରି ଜିଲ୍ଲାପାଳ ହେମକାନ୍ତ ସୟ ତାଙ୍କ ଯୋଗଦାନକୁ ଗ୍ରହଣ କରି ନ ଥିଲେ। ଅପରପକ୍ଷରେ ଜିଲ୍ଲାପାଳ ଏ ସମ୍ପର୍କରେ ଅତିରିକ୍ତ ଶାସନ ସଚିବଙ୍କୁ ଶ୍ରୀମତୀ ମହାରଣାଙ୍କୁ ଅନ୍ୟତ୍ର ଅବସ୍ଥାପିତ ପାଇଁ ପତ୍ର ଲେଖିଛନ୍ତି। ଏ ନେଇରତ ୨୨ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ମେମୋ ନଂ୫୧୩୪/ଏଷ୍ଟରେ ଶ୍ରୀମତୀ ମହାରଣାଙ୍କୁ ମଧ ଅବଗତ କରାଯାଇଛି। କିନ୍ତୁ ସେ ନିଜ ଜିଦ୍‌ରେ ଅଟଳ ରହି କାର୍ଯ୍ୟରେ ଯୋଗ ନ ଦେବା ଯାଏଁ ଉକ୍ତ ଆନ୍ଦୋଳନକୁ ଆପଣାଇଛନ୍ତି। ତାଙ୍କ ସହିତ ପୁଅ ଓ ପୁତୁରା ମଧ ଧାରଣାରେ ବସିଥିଲେ। ରିପୋର୍ଟ ଲେଖାହେବା ବେଳକୁ ସେ ଧାରଣାରୁ ନିବୃତ ରହିଛନ୍ତି। ଗୁରୁବାର ଛୁଟି ଥିବାରୁ ଶୁକ୍ରବାର ପୁଣି ଅନୁରୂପ ଧାରଣାରେ ବସିବେ ବୋଲି ଗଣମାଧମକୁ କହିଛନ୍ତି।

# ଜାନୁଆରୀରେ ହୋଇପାରେ ରତ୍ନ ଅଳଙ୍କାର ଗଣତିମଣତି

ପୁରୀ,୨୪।୧୨(ସମିସ): କେବେ ଗଣତି ମଣତି ହେବ ମହାପ୍ରଭୁଙ୍କ ରତ୍ନ ଅଳଙ୍କାର? ଏହାକୁ ନେଇ ସମସ୍ତଙ୍କ ମନରେ ଉତ୍କଣ୍ଠା ରହିଛି। ତେବେ ଆସନ୍ତା ୨୭ ତାରିଖରେ ରତ୍ନଭଣ୍ଡାର ସମ୍ପର୍କିତ ବୈଠକ ବସିବାକୁ ଯାଉଛି। ଜାନୁଆରୀ ମାସ ମଧ୍ୟରେ ଭିତର ରତ୍ନଭଣ୍ଡାରରେ ଥିବା ସମସ୍ତ ଅଳଙ୍କାରର ଗଣତି କାର୍ଯ୍ୟ ଆରମ୍ଭ ହୋଇପାରେ। ଏ ସମ୍ପର୍କରେ ରତ୍ନଭଣ୍ଡାର ତଦାରଖ କମିଟି ଅଧକ୍ଷ ଜଷ୍ଟିସ ବିଶ୍ୱନାଥ ରଥ ସୂଚନା ଦେଇଛନ୍ତି। ୨୭ ତାରିଖ ବୈଠକରେ ଗଣତି ପ୍ରକ୍ରିୟା ପାଇଁ ଏସ୍‌ଓପି ଚୂଡ଼ାନ୍ତ କରାଯିବ। ସହ କେଉଁମାନେ ଏହି କାର୍ଯ୍ୟରେ ସାମିଲ ହେବେ, ସେ ନେଇ ନିଷ୍ପତ୍ତି ନିଆଯିବ। ଭିତର ରତ୍ନଭଣ୍ଡାରର ମରାମତି କାର୍ଯ୍ୟ ସରିଛି ଏବଂ ସମସ୍ତ ରତ୍ନ ଅଳଙ୍କାରକୁ ପୁଣିଥରେ ସୁରକ୍ଷିତ ଭାବେ ରତ୍ନଭଣ୍ଡାର ମଧ୍ୟରେ ରଖାଯାଇଛି। ଅଳଙ୍କାରର ଗୁଣବତ୍ତା ପରୀକ୍ଷା ପାଇଁ ରିଜର୍ଭ ବ୍ୟାଙ୍କର ସହାୟତା ଲୋଡ଼ାଯାଇଛି। ଏହି କାର୍ଯ୍ୟରେ ଦୁଇ ଜଣ ବିଶେଷଜ୍ଞ ମଧ ସାମିଲ ହେବେ। ଶେଷଥର ଗଣତି ମଣତି ପାଇଁ ୭୨ ଦିନ ସମୟ ଲାଗିଥିଲା। ୧୯୫୪ ମସିହାର ରେକର୍ଡ ଏବଂ ୧୯୭୮ ମସିହାରେ ହୋଇଥିବା ଗଣତି ତାଲିକାକୁ ଆଧାର କରି ବର୍ତ୍ତମାନର ଅଳଙ୍କାର ସହ ମେଳ କରାଯିବ। ଗଣତି ସମୟରେ ମହାପ୍ରଭୁଙ୍କ ଦର୍ଶନରେ କିଛିଟା ବ୍ୟାଘାତ ସୃଷ୍ଟି ହୋଇପାରେ, ତେଣୁ ଶ୍ରଦ୍ଧାଳୁମାନଙ୍କ ସହଯୋଗ ପାଇଁ ଅନୁରୋଧ କରାଯାଇଛି। ଏହି ସମ୍ବେଦନଶୀଳ ପ୍ରକ୍ରିୟା ପାଇଁ ମୁକ୍ତି ମଣ୍ଡପର ପରାମର୍ଶ ମଧ ନିଆଯିବ ବୋଲି ଜଷ୍ଟିସ ରଥ ସ୍ପଷ୍ଟ କରିଛନ୍ତି।

# ଦୁଇ କଲରାପତରିଆ ବାଘ ଛାଲ ଜବତ; ୫ ଗିରଫ



କାଶୀପୁର/ଟିକିରି ୨୪।୧୨(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ଅଞ୍ଚଳରୁ ଦୁଇଟି କଲରାପତରିଆ ବାଘ ଛାଲ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ୫ଜଣଙ୍କୁ ବନ ବିଭାଗ ଗିରଫ କରିଛି। ରାୟଗଡ଼ା ଡିଏଫ୍‌ଓ ଓ କଳାହାଣ୍ଡି ଡିଏଫଓଙ୍କ ନେତୃତ୍ୱରେ ଏହି ଚଢ଼ଉ କରାଯାଇଥିଲା। କାଶୀପୁର ସଦର ମହୋକୁମା ସ୍ଥିତ ହନୁମାନ ମନ୍ଦିର ନିକଟରେ ଏହି ବାଘ ଚମଡ଼ାକୁ ପ୍ରାୟ ୩୦ ଲକ୍ଷ ଟଙ୍କାରେ ବିକ୍ରି କରିବା ପାଇଁ ଯୋଜନା ଚାଲୁଥିଲା। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସ୍ଥାନୀୟ ରେଞ୍ଜର ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କ ଠାରୁ ଦୁଇଟି କଲରାପତରିଆ ବାଘ ଛାଲ, ୩ଟି ମୋଟର ସାଇକଲ୍, ୪ଟି ମୋବାଇଲ ଫୋନ୍, ଗୋଟିଏ ଧାରୁଆ ଛୁରି ଜବତ କରାଯାଇଛି। ଏହି ଚଢ଼ଉ ରାୟଗଡା ଡିଏଫଓ ସଚିନ ଓଲହା ସାହେବ ଓହେଲ ଏବଂ କଳାହାଣ୍ଡି ଡିଏଫଙ୍କ ନେତୃତ୍ୱରେ ଟିକିରି ରେଞ୍ଜର ଅନିଲ ପାଣିଗ୍ରାହୀ, କଲ୍ୟାଣସିଂହପୁର ରେଞ୍ଜର ଚନ୍ଦନ ଗମାଙ୍ଗ, କାଶୀପୁର ଫରେଷ୍ଟର ଦୀନବନ୍ଧୁ ଶବର, ବଳରାମ କାଡ୍ରାକାଙ୍କ ସହ କାଶୀପୁର, ଟିକିରି, କଲ୍ୟାଣସିଂହପୁର ଅଞ୍ଚଳର ବନବିଭାଗ କର୍ମଚାରୀ ସାମିଲ ଥିଲେ।

# ପ୍ରଦୂଷଣ ପ୍ରମାଣପତ୍ର କଟକଣା ଆଉ ମାସେ କୋହଳ

## ଫେବୃଆରୀରୁ ନିୟମ ଲାଗୁ ହେବା ନେଇ ମନ୍ତ୍ରୀଙ୍କ ଘୋଷଣା

ଭୁବନେଶ୍ୱର,୨୪ ।୧୨(ସମିସ): ମୋଟର ଯାନର ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚକୁ ନେଇ ଜନସାଧାରଣ ସମ୍ମୁଖୀନ ହେଉଥିବା ସମସ୍ୟାକୁ ଅନୁଧ୍ୟାନ କରିବା ପରେ ସରକାର 'ବୈଧ ପ୍ରଦୂଷଣ ପ୍ରମାଣପତ୍ର ବିନା ଇନ୍ଧନ ମନା' ନିଷ୍ପତ୍ତିକୁ ଘୁଞ୍ଚାଇ ଦେଇଛନ୍ତି। ପୂର୍ବରୁ ନୂଆବର୍ଷ ଜାନୁଆରୀ ପହିଲାରୁ ଏହା ଲାଗୁ ପାଇଁ ନିଷ୍ପତ୍ତି ହୋଇଥିଲା। ତେବେ ଜନସାଧାରଣଙ୍କ ଦାବିକୁ ଦୃଷ୍ଟିରେ ରଖି ବାଣିଜ୍ୟ ଓ ପରିବହନ ବିଭାଗର ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ଏହାକୁ ଫେବୃଆରୀ ପହିଲାକୁ ଘୁଞ୍ଚାଯାଇଛି। ଏହି ଅବଧି ମଧ୍ୟରେ ମୋଟରଯାନ ଆଇନ ଅନୁଯାୟୀ ବୈଧ ପ୍ରଦୂଷଣ ପ୍ରମାଣପତ୍ର ନ ଥିବା ଗାଡ଼ିମାଲିକମାନେ ଯାନର ପ୍ରଦୂଷଣ ଯାଞ୍ଚ କରାଇନେବାକୁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।




ରାଜ୍ୟରେ ଏଭଳି ନିୟମ ଲାଗୁ ନେଇ ପରିବହନ ବିଭାଗ କଡ଼ା ନିର୍ଦ୍ଦେଶନାମା ପରେ ଗାଡ଼ି ଚାଳକଙ୍କ ମଧ୍ୟରେ ଛନକା ପଶିଛି। ଏଥିପାଇଁ ୩-୪ ଦିନ ହେବ ସବୁ ପ୍ରଦୂଷଣ ସାର୍ଟିଫିକେଟ୍ କେନ୍ଦ୍ରଗୁଡ଼ିକ ଆଗରେ ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି। ମୁଖ୍ୟତଃ ଯେଉଁମାନଙ୍କର ପ୍ରଦୂଷଣ ପ୍ରମାଣପତ୍ର ନାହିଁ, ସେମାନଙ୍କୁ ପୁରୁଣା ଚାଲାଣ ବାବଦ ଅର୍ଥରାଶି ପୈଠ କରିବାକୁ ବାଧ୍ୟତାମୂଳକ କରାଯାଇଥିବାରୁ ସମସ୍ୟା ଦ୍ୱିଗୁଣିତ ହୋଇଛି। ଗାଡ଼ିମାଲିକମାନେ ସେମାନଙ୍କ ପୁରୁଣା ଚାଲାଣ ବାବଦ ଜରିମାନା ରାଶି ପୈଠ ପାଇଁ ଟ୍ରାଫିକ୍ ଥାନାଗୁଡ଼ିକରେ ଲମ୍ବା ଲାଇନ୍ ଲଗାଉଛନ୍ତି। ଏହାକୁ ନେଇ ଜନଅସନ୍ତୋଷ ମଧ ଦାନା ବାନ୍ଧିବାରେ ଲାଗିଛି।

ଏହା ବ୍ୟତୀତ ଅନେକ ଗାଡ଼ି ଚାଳକଙ୍କୁ ବିନା କାରଣରେ ଚାଲାଣ ଆସିଥିବା ଅଭିଯୋଗ ହେଉଛି। ଏମିତି କି କାର୍ ଚାଳଣ ମୋଟ୍‌ରସାଇକଲ ଚାଳକଙ୍କୁ ମଧ ଆସୁଛି ବୋଲି ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ଓ ଲୋକଙ୍କ ଅସୁବିଧାକୁ ଦେଖି ମଙ୍ଗଳବାର ପରିବହନ ବିଶେଷଜ୍ଞ ସୁବ୍ରତ ନନ୍ଦ ଏହି ଘଟଣାରେ ରାଜ୍ୟ ମାନବାଧିକାର କମିସନଙ୍କ ହସ୍ତକ୍ଷେପ ଲୋଡ଼ିବା ସହିତ ତୁରନ୍ତ ଏହି ନିୟମ ଲାଗୁ ପାଇଁ ୬ ମାସ ସମୟ ଦେବାକୁ ଦାବି କରିଥିଲେ। ଏହା ବ୍ୟତୀତ ସରକରା ଚାଲାଣ ପୈଠ ପରିମାଣକୁ ଅଧା କରିଦେଇଥିଲେ ହେଁ ମୋଟରଯାନ ଆଇନର କୌଣସି ଧାରାରେ ଜୋରିମାନା ନ ଦେଲେ ପ୍ରଦୂଷଣ ସାର୍ଟିଫିକେଟ୍ ମିଳିବ ନାହିଁ ବୋଲି କୌଣସି ବ୍ୟବସ୍ଥା ନାହିଁ। ମାତ୍ର ରାଜ୍ୟ ପରିବହନ ପ୍ରାଧିକରଣଙ୍କ ପକ୍ଷରୁ ଯେଉଁ ଗାଡ଼ିଗୁଡ଼ିକର ପୁରୁଣା ମୋଟର ଯାନ ସଂପର୍କିତ ମାମଲା ଅଛି, ତାହାର ଜୋରିମାନା ଦାଖଲ କଲାପରେ ପ୍ରଦୂଷଣ ସାର୍ଟିଫିକେଟ୍ ମିଳିବା ପାଇଁ ବ୍ୟବସ୍ଥା କରାଯାଇଛି। ଏହାକୁ ତୁରନ୍ତ ବନ୍ଦ କରିବାକୁ ମଧ ଦାବି ହୋଇଛି।

# ମୁକୁଳା ପଡ଼ିଛି ପଶ୍ଚିମବଙ୍ଗ ସୀମା; ଅସୁରକ୍ଷିତ ସୀମାନ୍ତବାସୀ

ଚନ୍ଦନେଶ୍ୱର, ୨୪।୧୨(ସମିସ)



ନାମକୁ ମାତ୍ର ରହିଛି ନାକା ପୋଷ୍ଟ

ପଶ୍ଚିମବଙ୍ଗ ସୀମାକୁ ଲାଗିଥିବା ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ସାହାବାଜିପୁର ଅଞ୍ଚଳବାସୀ ନିଜକୁ ଭୟଭୀତ ଓ ଅସୁରକ୍ଷିତ ମନେକରୁଛନ୍ତି। ମୁକୁଳା ସୀମା ଦେଇ ସନ୍ଧ୍ୟାରୁ ସକାଳ ଯାଏ ଓଡ଼ିଶା ପଟୁ ପଶ୍ଚିମବଙ୍ଗକୁ ଚାଲାଣ ହେଉଛି ଶହ ଶହ ବାଲି ବୋଝେଇ ଡମ୍ଫର ସହ ନିଶା ଦ୍ରବ୍ୟ ଓ ବିଭିନ୍ନ ଚୋରା ସାମଗ୍ରୀ। ସେହିପରି ପଶ୍ଚିମବଙ୍ଗରୁ ମଧ୍ୟ ଏହି ସୀମା ଦେଇ ଓଡିଶାକୁ ଆରାମରେ ପ୍ରବେଶ କରୁଛନ୍ତି ବାଙ୍ଗଲାଦେଶୀ ଅନୁପ୍ରବେଶକାରୀ। ଏହା ଉପରେ ରହୁନି କଟକଣା। ସୀମାରେ ନାମକୁ ମାତ୍ର ପଡି ରହିଛି ପୁଲିସର ତାଲା ଝୁଲୁଥିବା ନାକା ପୋଷ୍ଟ।

ସୀମା ସୁରକ୍ଷା ପାଇଁ ପୁଲିସ ପକ୍ଷରୁ ଭୋଗରାଇର ସାହାବାଜିପୁର ବୋର୍ଡରେ ରହିଛି ନାକା ପୋଷ୍ଟ। ହେଲେ ଗ୍ରାଉଣ୍ଡ ଜିରୋର ସ୍ଥିତି କହୁଛି ନାମକୁ ମାତ୍ର ପଡ଼ି ରହିଛି ଏହି ନାକା ପୋଷ୍ଟ। ଅନ୍ୟପକ୍ଷରେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ଅନେକ ସୀମା ପଡ଼ୋଶୀ ପଶ୍ଚିମବଙ୍ଗକୁ ଲାଗି ରହିଛି। ଭୋଗରାଇର ବାଜିତପୁର, କଖଡ଼ା, ସୋହରିଆ, ଜଳସୋହରିଆ, ଅନଳିଆ, ପାଣିଷଣ୍ଡା, କସଡ଼ାକମର୍ଦ୍ଦା, ବାଲିମ, ସାତଶୁଳିଆ ଆଦି ପଞ୍ଚାୟତ ସବୁ ପଶ୍ଚିମବଙ୍ଗ ସୀମାକୁ ଲାଗିଛି। ସାହାବାଜିପୁର ବର୍ଡରକୁ ଛାଡ଼ି ଦେଲେ ଅନ୍ୟ କୌଣସି ସୀମାରେ ପୁଲିସର ନାକା ପୋଷ୍ଟ ନାହିଁ। ଆଉ ଏହାର ଫାଇଦା ନେଇ ବାଲି ମାଫିଆ ଠାରୁ ଆରମ୍ଭ କରି ଆନ୍ତରାଜ୍ୟ ଲୁଟେରା ପର୍ଯ୍ୟନ୍ତ ସମସ୍ତେ ସକ୍ରିୟ ହୋଇ ଉଠିଛନ୍ତି।୨୦୨୩ ଏପ୍ରିଲ ୨୬ରେ ଚନ୍ଦନେଶ୍ୱର ୟୁନିୟନ ବ୍ୟାଙ୍କ ଡକାୟତି ଘଟଣାରେ ସାମୁଦ୍ରିକ ଥାନା ପୁଲିସ ପାଞ୍ଚ ଜଣ ସନ୍ଦିଗ୍ଧଙ୍କୁ ବାଂଲାଦେଶ ସୀମାନ୍ତ ଅଞ୍ଚଳରୁ ଗିରଫ କରିଥିଲେ। ସେମାନେ ସୀମା ପାର ହୋଇ ବାଂଲାଦେଶକୁ ସହଜରେ ପଳାଇଯିବାକୁ ଉଦ୍ୟମ କରୁଥିବା ପୁଲିସ ପକ୍ଷରୁ ସୂଚନା ମିଳିଥିଲା। ଏମିତିକି ଅନେକ ସମୟରେ ପଶ୍ଚିମବଙ୍ଗ ଦେଇ ଓଡିଶା ଭିତରକୁ ଅନେକ ବାଂଲାଦେଶୀ ପ୍ରବେଶ କରୁଥିବା ସ୍ଥାନୀୟବାସୀଙ୍କ ଅଭିଯୋଗ ହୋଇଛି। ବାରମ୍ବାର ଅଭିଯୋଗ ପରେ ବି ଆଜି ପର୍ଯ୍ୟନ୍ତ ସୀମାରେ କୌଣସି ସ୍ଥାୟୀ ସୁରକ୍ଷା ବ୍ୟବସ୍ଥା କରାଯାଉନାହିଁ। ଯାହା ପାଇଁ ସୀମାନ୍ତବର୍ତ୍ତୀ ଲୋକେ ଭୟଭୀତ ଅବସ୍ଥାରେ ଜୀବନ କାଟୁଛନ୍ତି। ଓଡ଼ିଶାର ପ୍ରବେଶ ପଥ କୁହାଯାଉଥିବା ସାହାବାଜିପୁର ବୋର୍ଡରେ ଥିବା ନାକା ପୋଷ୍ଟ ଠାରୁ ତାଳସାରୀ ସାମୁଦ୍ରିକ ଥାନାର ଦୂରତା ମାତ୍ର ୧ କି.ମି। ହେଲେ ପୁଲିସର ନାକା ପୋଷ୍ଟ ରହିଥିଲେ ବି କାହିଁକି ସେଠାରେ ପୋଲିସ ନିୟୋଜିତ ହେଉ ନାହାନ୍ତି ତାକୁ ନେଇ ସମସ୍ତଙ୍କ ଭିତରେ ସନ୍ଦେହ ସୃଷ୍ଟି ହୋଇଛି। ବଡ ବଡ଼ ମାଫିଆଙ୍କ ସହ ରହିଛି କି ପ୍ରଶାସନ ଓ ପ୍ରଶାସନର ଭିତିରି ସମ୍ପର୍କ ? ହାତ ଗୁଂଜା ନେଇ ସବୁ ଜାଣି ଶୁଣି ଚୁପ ରହୁଛନ୍ତି କି ଖଣି ଅଧିକାରୀ ?। ଏ ନେଇ ଭୋଗରାଇର ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦ କହିଛନ୍ତି ପୁଲିସ ଜାଣି ଶୁଣି ଚୁପ ରହିବା ସହ ଲାଞ୍ଚ ନେଉଛନ୍ତି। ଅନ୍ୟପଟେ ପଶ୍ଚିମବଙ୍ଗ ପୋଲିସ ପକ୍ଷରୁ ବର୍ଷ ଯାକ କଡାକଡ଼ି ଯାଞ୍ଚ କରାଯାଉଥିବା ବେଳେ ପ୍ରତିଦିନ ପଶ୍ଚିମବଙ୍ଗରୁ ବହୁ ଅନୁପ୍ରବେଶକାରୀ ସହଜରେ ଭୋଗରାଇ ପଟକୁ ଆସୁଥିବାର ନଜରକୁ ଆସେ। କିନ୍ତୁ ଏପଟେ ମୁକୁଳା ପଡିଛି ଓଡିଶା ସୀମା। ନା ଏଠାରେ କୌଣସି ପୋଲିସ ଅଧିକାରୀ ରହୁଛନ୍ତି ନା କାହାକୁ ଯାଞ୍ଚ କରାଯାଉଛି।। କେବଳ ଲୋକ ଦେଖାଣିଆ ନାମକୁ ମାତ୍ର ପଡ଼ି ରହିଛି ନାକା ପୋଷ୍ଟ। ଏହାର ସୁଯୋଗ ନେଇ ସୀମା ଦେଇ ବ୍ରାଉନ ସୁଗାର, ଚୋରା ମଦ,ଗଂଜେଇ ଓ ଅଫିମ ଭଳି ଅନେକ ନିଶାଦ୍ରବ୍ୟ ଚାଲାଣ ହେଉଛି। ଯାହା ଫଳରେ ନିଶା କାରବାରର ହବ୍ ପାଲଟିଛି ସୀମାନ୍ତ ସାହାବାଜିପୁର ଅଂଚଳ। ଏହା ପୁଲିସର ସମ୍ପୂର୍ଣ୍ଣ ଅବହେଳା ଯୋଗୁ ଏଭଳି ବଢୁଛି ବୋଲି ଲୋକେ କହିଛନ୍ତି।

## ୬ ଶିକାରୀଙ୍କୁ ଧରିଲା ଏଆଇ କ୍ୟାମେରା



ନୀଳଗିରି, ୨୪।୧୨ (ସମିସ): ଏଆଇ କ୍ୟାମେରାର ସଫଳତା ସହିତ ଘନଘନ ବନବିଭାଗର ଚଢ଼ାଉ ଏବଂ ଶିକାରୀଙ୍କୁ ଗିରଫକରି ଜେଲହାଜତକୁ ପଠାଇବା ଏବେ ବନ୍ୟଜନ୍ତୁ ଶିକାରୀ ଏବଂ ତସ୍କରମାନଙ୍କ ମଧ୍ୟରେ ଛନକା ପଶିଛି। ଏହି ଘଟଣାରେ ବିଗତ କିଛିଦିନ ଭିତରେ ୧୬ଜଣ ଶିକାରୀଙ୍କୁ ଗିରଫ କରାଯାଇଥିବା ବେଳେ ପୁଣି ବୁଧବାର ଭୋରରେ ୬ଜଣ ଶିକାରୀଙ୍କୁ ଗିରଫ କରିଛି ବନବିଭାଗ। ନୀଳଗିରି ଆଖପାଖ ଅଞ୍ଚଳର ଏହି ଛଅଶିକାରୀଙ୍କୁ ଗିରଫକରିବା ସହିତ ସେମାନଙ୍କ ନିକଟରୁ ଗୋଟିଏ ଦେଶୀବନ୍ଧୁକ,୧୪୬ଟି ବଜ୍ରକାପ୍ତା କାତି, ଝିଙ୍କକାଠି , କାଣ୍ଡ , କାଣ୍ଡଶର, କୁରାଢି, ବିସ୍ଫୋରକ ସାମଗ୍ରୀ ଜବତ କରିଛି। ଏହା ଘଟଣାରେ ଆଜିକୁ ଲଗାଇ ୨୨ଜଣ ଶିକାରୀ ଗିରଫ ହୋଇଥିବା ବେଳେ ଅଧିକ ତଦନ୍ତ ଜାରିରହିଥିବା ବନବିଭାଗ ସୂତ୍ରରୁ ପ୍ରକାଶ।

## ଦଣ୍ଡିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଲିଆପାଳ, ୨୪।୧୨ (ସମିସ): ବସ୍ତା ବ୍ଲକ ଅନ୍ତର୍ଗତ ଦଣ୍ଡିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା ପୌରହିତ୍ୟ କରିଥିବାବେଳେ ମୁଖ୍ୟଅତିଥିଭାବେ ବାହାର୍ଦ୍ଦା ପଞ୍ଚାୟତ ସରପଞ୍ଚ ସଞ୍ଜୀବ କୁମାର ଦଳାଇ ଯୋଗଦେଇ ଶିକ୍ଷାର ବିକାଶ ହେଲେ ଅଞ୍ଚଳର ପରିବର୍ତ୍ତନକୁ କେହି ଅଟକାଇ ପାରିବେନି ବୋଲି କହିଥିଲେ। ଶୃଙ୍ଖଳିତ ସହ ସଂସ୍କାରି ହେବା ବିଦ୍ୟାର୍ଥୀଙ୍କ ବ୍ରତ ହେଉ ବୋଲି ମୁଖ୍ୟ ବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉମାକାନ୍ତ ମହାନ୍ତି କହିଥିଲେ। ସମ୍ମାନିତ ଅତିଥି ଭାବରେ ଗୁଡିଖାଳ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନରେନ୍ଦ୍ର ନାୟକ, ବାହାର୍ଦ୍ଦା ପଞ୍ଚାୟତର ସମିତି ସଭ୍ୟ ରାଜକିଶୋର ଦାସ ମତ ବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଶିକ୍ଷକ କାଇପଦ ମଙ୍ଗରାଜ ମଲିକ ଅତିଥି ପରିଚୟ ସାଙ୍ଗକୁ ସ୍ୱାଗତ ଅଭିଭାଷଣ ରଖିଥିଲେ। କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଏବଂ ମାନପତ୍ର ଦିଆଯାଇଥିଲା। ଶିକ୍ଷକ ଶିକ୍ଷୟିତ୍ରୀ ନିୟତି ରାଉତ, ସ୍ୱରୂପା ମହାପାତ୍ର, ରଶ୍ମିତା ନାୟକ, ଶୁଭସ୍ମିତା ଭଞ୍ଜ, ବିଜୟଲକ୍ଷ୍ମୀ ନାୟକ ଏବଂ ତାପସ ବିଶ୍ୱାଳ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବିଦ୍ୟାଳୟର କ୍ରୀଡା ଶିକ୍ଷକ ସାରସ୍ୱତ ସାହୁ ବିବରଣୀ ପାଠ ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଇକ ଦୁର୍ଘଟଣାରେ ୪ ଗୁରୁତର

ନୀଳଗିରି, ୨୪।୧୨ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି-ମିତ୍ରପୁର ରାସ୍ତା ଗୋପୀନାଥପୁରଠାରେ ଘଟିଛି ମର୍ମନ୍ତୁକ ସଡ଼କ ଦୁର୍ଘଟଣା। ଦୁଇ ବାଇକ ମଧ୍ୟରେ ଧକ୍କା ଘଟି ୪ ଗୁରୁତର ହୋଇଛନ୍ତି। ଗୁରୁତର ହେଲେ ହଳଦୀପଦା ଥାନା ପରମାନନ୍ଦପୁର ଗ୍ରାମର ଯଦୁ ଜେନା ଓ କେରାଟପଡ଼ିଆ ଗ୍ରାମର ତୋଫାନ ନାୟକ, ରାଜୁ ସିଂ ଓ ରାଜା ସିଂ ।୧୦୮ ଆମ୍ବୁଲାନରେ ସମସ୍ତଙ୍କୁ ନୀଳଗିରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଯଦୁ ବାଇକରେ ଯାଉଥିବା ବେଳେ ହଠାତ ଡାହାଣକୁ ଚାଲି ଯିବାରୁ ପଛପଟୁ କେରାଟପଡିଆ ଅଞ୍ଚଳର ତିନିଜଣ ଯୁବକ ଆସି ଧକ୍କା ଦେଇଥିଲେ। ନୀଳଗିରି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦୁଇଟି ବାଇକ ଜବତ କରିବା ସହ ତଦନ୍ତ କରିଛି।

## କୀର୍ତ୍ତିଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାଲିଆପାଳ, ୨୪।୧୨ (ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ କୀର୍ତ୍ତି ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ନାରାୟଣପୁରର ୪୯ ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋଲୋକ ବିହାରୀ ପଟ୍ଟାୟତଙ୍କ ସଭାପତିତ୍ୱରେ ସଭାର ଆ ଆୟୋଜନ ହୋଇଥିଲା। ମୁଖ୍ୟଅତିଥି ରୂପେ ଡା. ସମୀର ରଞ୍ଜନ ବେହେରା, ମୁଖ୍ୟ ବକ୍ତା ରୂପେ ଅବସରପ୍ରାପ୍ତ ପ୍ରଧାପକ ଡ. କାଳିକିଙ୍କର ଦାସ, ସମ୍ମାନିତ ଅତିଥି ରୂପେ ଧୀରେନ୍ଦ୍ର ନାଥ ହାଜିରା, କାହ୍ନୁଚରଣ ଗିରି, ବିଦ୍ୟାଧର ପରିଡା, ସନ୍ତୋଷ କୁମାର ଗିରି, ବାବାଜୀ ଦେହୁରି, ରାଜୀବଲୋଚନ ରାୟ, ସି.ଆର.ସିସି ଜଗନ୍ନାଥ ମହାନ୍ତି ଯୋଗଦେଇ ନିଜ ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ ବିଭିନ୍ନ ପ୍ରତିଯୋଗତାରେ ଅଂଶଗ୍ରହଣ କରି କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପ୍ରଧାନଙ୍କ ଦ୍ୱାରା ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ ଏବଂ ଶିକ୍ଷୟିତ୍ରୀ ଶୁଭଶ୍ରୀ ଜେନାଙ୍କ ଦ୍ୱାରା ବାର୍ଷିକ ବିବରଣୀ ପାଠ କରାଯାଇଥିଲା। ଶିକ୍ଷକ ପିତବାସ ଗିରି ଧନ୍ୟବାଦ ଦେଇଥିଲେ। ଶିକ୍ଷକ ହରିପଦ ବାରିକ, ହରିପ୍ରସାଦ ସୋରେନ୍, ଜିତେନ୍ଦ୍ର ଜେନା, ରାଜୀବଲୋଚନ ମଲ୍ଲିକ, ଶିକ୍ଷୟିତ୍ରୀ ଦୀପ୍ତିରାଣୀ ଦାସ, କଳ୍ପନା ପ୍ରମାଣିକ, ସଙ୍ଗୀତା ରାଉତ, ସଙ୍ଗୀତା ଗିରି ତଥା ଆନନ୍ଦ ରଞ୍ଜନ ଗିରି ଏବଂ ପ୍ରହ୍ଲାଦ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶିଶୁ ବିକାଶ ବିଦ୍ୟା ମନ୍ଦିରରେ ବାର୍ଷିକ କ୍ରୀଡ଼ା ଉତ୍ସବ




ନୀଳଗିରି, ୨୪।୧୨ (ସମିସ): ଔପଦା ବ୍ଲକ ଅନ୍ତର୍ଗତ ସନ୍ତରାଗଡିଆ ସ୍ଥିତ ଶିଶୁ ବିକାଶ ବିଦ୍ୟା ମନ୍ଦିରରେ ଅଷ୍ଟମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ସ୍ଥାନୀୟ ସନ୍ତରାଗଡିଆ ହସ୍ପିଟାଲର ଡକ୍ଟର ଇଶ୍ୱର ପ୍ରଧାନ ବାର୍ଷିକ କ୍ରୀଡା ଉତ୍ସବରେ ଯୋଗ ଦେଇ ଶିଶୁ ମାନଙ୍କର ଶାରୀରିକ ଦକ୍ଷତା ଖେଳ ମାଧ୍ୟମରେ ପ୍ରତିପାଦନ କରିବାର ଆବଶ୍ୟକତା ରହିଛି ବୋଲି ଛାତ୍ରଛାତ୍ରୀଙ୍କୁ ବକ୍ତବ୍ୟ ପ୍ରଦାନ କରିଥିଲେ। ବାର୍ଷିକ କ୍ରୀଡା ଉତ୍ସବର ଶେଷ ଦିନରେ ମାଆ ମାନଙ୍କର ଶିଶୁ ମାନଙ୍କୁ ଯୋତା ପିନ୍ଧା ଓ ମ୍ୟୁଜିକ ଚେୟାର ଖେଳ ପ୍ରତିଯୋଗିତା ହୋଇଥିଲା। ମୋଟ୍ ତିନୋଟି ବିଭାଗ ଶିଶୁ କଳିକା, ଶିଶୁ ବର୍ଗ ଓ ବାଲ୍ ବର୍ଗ ମଧ୍ୟରେ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିଶୁ ବିକାଶ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶଶିକାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଉଦଯାପନ ଦିବସରେ ସନ୍ତରାଗଡିଆସ୍ଥିତ ବାବା ପଞ୍ଚଲିଙ୍ଗେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା ମୁଖ୍ୟ ଅତିଥି ହୋଇ ପାଠ ପଢ଼ିବା ସହ ନିଜ ଶରୀରକୁ ଖେଳ କସରତ୍ ଦରକାର ବୋଲି ଉଦବୋଧନ ଦେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶିଶୁ ବିକାଶର ସମ୍ପାଦକ ଅଜିତ୍ କୁମାର ପାଣିଗ୍ରାହୀ ମୁଖ୍ୟବକ୍ତା ଭାବରେ ଶିଶୁ ମାନଙ୍କର ଶାରୀରିକ ଦକ୍ଷତା ସହିତ ମାନସିକ ଦକ୍ଷତା ଖେଳ ମାଧ୍ୟମରେ ପ୍ରତିପାଦନ ହେବା ଆବଶ୍ୟକ ବୋଲି ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟର କ୍ରୀଡ଼ା ପ୍ରମୁଖ ପ୍ରିୟରଞ୍ଜନ ବେହେରା, ଗୁରୁଜୀ କାର୍ତ୍ତିକେଶ୍ୱର ବାରିକ୍ ପରିଚୟ ପ୍ରଦାନ କରିଥିଲେ ଓ ପଦ୍ମିନୀ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।, ଗୁରୁମା ମଧୁସ୍ମିତା ବାରିକ, ବନୀତା ରାଣୀ ଖଟୁଆ, ସାଇପ୍ରଭା ପାଣିଗ୍ରାହୀ, ସୁଲୋଚନା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## କାଳିପଦାରେ ଅନନ୍ତ ନାଗଙ୍କ ସ୍ମୃତିସଭା

କାଳିପଦା, ୨୪।୧୨ (ସମିସ): ବାଲିଆପାଳ କ୍ଷେପଣାସ୍ତ୍ର ଘାଟୀ ବିରୋଧୀ ଗଣ ଆନ୍ଦୋଳନର ନେତା ତଥା ବାଲିଆପାଳ ପଞ୍ଚାୟତ ସମିତିର ପୂର୍ବତନ ଚେୟାରମ୍ୟାନ ଅନନ୍ତ ନାଗଙ୍କ ସ୍ମୃତି ସଭା ମଙ୍ଗଳବାର ସନ୍ଧ୍ୟାରେ ଗଦାଧର ଗିରି ସ୍ମୃତି ବିକାଶ ପରିଷଦର ସଭାପତି ବିକାଶ ଗିରି, କାଳିପଦା ଗଣ ଚେତନା ମଞ୍ଚ ସଭାପତି କୁଶଧ୍ୱଜ ଜେନା, ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚ ସଭାପତି ସତ୍ୟକାମ ମହାନ୍ତି, ପୂର୍ବତନ ବାଲିଆପାଳ ପଞ୍ଚାୟତ ସମିତି



କାଳିପଦା କାଳୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଚୌମୁଖ ଭିଟାମାଟି ସୁରକ୍ଷା କମିଟିର ଆବାହକ ତଥା କଂଗ୍ରେସ ନେତା ଅରୁଣ ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ଚେୟାରମ୍ୟାନ ବିଜନ ନାୟକ, ନାରୀ ନେତ୍ରୀ ଶାରଦା ଗିରି, ଯୁବ କବି ନଳିନୀ କାନ୍ତ ପାଢ଼ୀ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ନାଗଙ୍କୁ ଜଣେ ବିପ୍ଳବୀ ଓ ସଚ୍ଚା ସମାଜସେବୀ ଥିଲେ ବୋଲି କହିଥିଲେ।

## ବଣଭୋଜି ପାଇଁ ଡଗରା ଚୌମୁଖ ବେଳାଭୂମି ଚଳଚଞ୍ଚଳ



କାଳିପଦା, ୨୪।୧୨ (ସମିସ): ବଡ଼ ଦିନ ଗୁରୁବାର ପଡୁଥିବାରୁ ଆଜି ବଣଭୋଜି ପାଇଁ ପର୍ଯ୍ୟଟନ କେନ୍ଦ୍ର ଡଗରା ଚୌମୁଖ ବେଳାଭୂମି ଚଳ ଚଞ୍ଚଳ ହୋଇ ଥିବା ଦେଖିବାକୁ ମିଳିଛି। ପ୍ରାତଃରୁ ପିକନିକ ପାର୍ଟି ମାନେ ଛୋଟ ବଡ଼ ଚାରି ଚକିଆରେ ଆସି ଏହି ବେଳାଭୂମିରେ ଭିଡ଼ ଜମାଇ ଛନ୍ତି। ବେଳାଭୂମିକୁ ଯିବା ରାସ୍ତାରେ ବହୁ ସଂଖ୍ୟାରେ କୁକୁଡ଼ା ଛେଳି କଟା ଯାଉଥିବା ଦେଖିବାକୁ ମିଳିଛି। ରାସ୍ତା ଅଣ ଓସାରିଆ ହୋଇ ଥିବାରୁ କେତେକ ସ୍ଥାନରେ ରାସ୍ତା ଜାମ ହୋଇଥିବା ମଧ୍ୟ ଦେଖିବାକୁ ମିଳିଛି। ଗୁରୁବାରରେ ଅନେକେ ନିରାମିଷ ଖାଉଥିବାରୁ ଆଜି ଆଗୁଆ ଆମିଷ ଭୋଜି ହେଉଥିବା କୁହାଯାଇଛି।

## ମହିଳାଙ୍କ ମୃତ୍ୟୁ ନେଇ ଇଡ୍‌କୋ ଛକରେ ରାସ୍ତାରୋକ



କାଳିପଦା, ୨୪।୧୨ (ସମିସ): ସ୍ଥାନୀୟ ବିଷ୍ଣୁପୁର ପଞ୍ଚାୟତ ବିଷ୍ଣୁପୁର ଗ୍ରାମର ଜଣେ ବିବାହିତା ମହିଳାଙ୍କ ଅସ୍ୱାଭାବିକ ମୃତ୍ୟୁକୁ କେନ୍ଦ୍ର କରି ମହିଳାଙ୍କ ବାପ ଘର ଲୋକମାନେ ଇଡ଼କୋ ଛକ ଠାରେ ମୁଖ୍ୟ ରାସ୍ତାକୁ ଅବରୋଧ କରିଛନ୍ତି। ଫଳରେ ରାସ୍ତାର ଉଭୟେ ପଟରେ ଯାନ ବାହାନ ଯା' ଆସ କରି ନ ପାରି ଅଟକି ରହିଥିଲା। ଘଣ୍ଟିଆଡ଼ି ଗ୍ରାମର ପ୍ରଦୀପ କୁମାର ଦାସ ତାଙ୍କ ଝିଅ ଜ୍ୟୋତିଲତାକୁ ବିଷ୍ଣୁପୁର ଗ୍ରାମର ମନୋରଞ୍ଜନ ଦାସଙ୍କ ପୁଅ ମାନସ ସହ ବିବାହ ଦେଇଥିଲେ। ମାନସ ବାହାରେ ଚାକିରୀ କରନ୍ତି। ସ୍ତ୍ରୀ ଜ୍ୟୋତି ଲତା ଛୋଟ ଝିଅ ସହିତ ଗାଁରେ ରହୁଥିଲେ। ତେବେ ଜ୍ୟୋତିଲତାଙ୍କୁ ତାଙ୍କ ଶାଶୂ ଶ୍ୱଶୁର ଅଧିକ ଯୌତୁକ ପାଇଁ ମାନସିକ ନିର୍ଯାତନା ଦେଉଥିବା ଜ୍ୟୋତି ଲତାଙ୍କ ବାପା ପ୍ରଦୀପ କୁମାର ଅଭିଯୋଗ କରିଛନ୍ତି। ଆଜି ଆକସ୍ମିକ ଭାବେ ଜ୍ୟୋତିଲତାର ମୃତ୍ୟୁ ହେବାରୁ ଶ୍ୱଶୁର ଘର ଲୋକମାନେ ତାଙ୍କୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଆସିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଶବ ବ୍ୟବଚ୍ଛେଦ କରାଗଲା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଶବକୁ ଧରି ଜ୍ୟୋତିଲତାଙ୍କ ବାପ ଘର ଲୋକ ରାସ୍ତାରେ ବସି ନ୍ୟାୟ ଚାହିଁଛନ୍ତି। ବାଲିଆପାଳ ଆଇଆଇସି ସାଲଖନ ମୁର୍ମୁ ଓ ବସ୍ତା ଏସ ଡି ପି ଓ ମାନସ ଦେଓ ରାସ୍ତା ଅବରୋଧକାରୀଙ୍କୁ ବୁଝାସୁଝା କଲା ପରେ ରାସ୍ତା ରୋକ ହଟିଥିଲା।

## ନାବାଳିକା ଉଦ୍ଧାର, ଅପହରଣକାରୀ ଗିରଫ

ସୋର, ୨୪।୧୨(ସମିସ): ସୋର ବ୍ଲକ ପାଖର ପଞ୍ଚାୟତ ବିରିପଡା ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ କରି ନେଇଥିବା ଅଭିଯୋଗରେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କଲା ଅନନ୍ତପୁର ଫାଣ୍ଡି ପୁଲିସ। ବିରିପଡା ଅଞ୍ଚଳର ଜଣେ ନାବାଳିକାକୁ ବାସୁଦେବପୁର ଥାନା ସମିଆ ଗ୍ରାମର ଗୋପୀନାଥ ଘୋଷ (୩୨) ଗତ ଅଗଷ୍ଟ ମାସରେ ଅପହରଣ କରି ନେଇଥିଲେ। ଏ ବାବଦରେ ନାବାଳିକାଙ୍କ ମାଆ ଅନନ୍ତପୁର ଫାଣ୍ଡିରେ ଅଭିଯୋଗ କରିବା ପରେ ସୋର ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତର ମୋବାଇଲ ନମ୍ବରକୁ ଟ୍ରାକିଂ କରି ସେମାନେ ତାମିଲନାଡୁରେ ଥିବା ଜାଣି ପାରି ପୁଲିସ ସେଠାରେ ପହଞ୍ଚି ଉଭୟଙ୍କୁ ସୋର ଥାନାକୁ ଆଣିଥିଲା। ଆଜି ଅପରାହ୍ନରେ ସୋର ମେଡିକାଲରେ ଗୋପୀନାଥର ଡାକ୍ତରୀ ମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରିବା ସହିତ ନାବାଳିକାକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ପ୍ରଫୁଲ୍ଲ ପଙ୍କଜିନୀ ନୋଡାଲ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ଭୋଗରାଇ,୨୪।୧୨(ସମିସ) : ଭୋଗରାଇ ବ୍ଲକ ମନ୍ଦାରସାହି ପଞ୍ଚାୟତ ଅନ୍ତର୍ଗତ କାଳାହି ପ୍ରଫୁଲ୍ଲ ପଙ୍କଜିନୀ ନୋଡାଲ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୌରହରି ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ସରପଞ୍ଚ ମମତା ସାହୁ, ମୁଖ୍ୟବକ୍ତା ପୂର୍ବତନ ଓଷ୍ଟା ମହାସଚିବ ତଥା ଶିକ୍ଷାବିତ ନଟରଞ୍ଜନ ଘରାଇ, ସମ୍ମାନିତ ଅତିଥି ଦକ୍ଷିଣ ଭୋଗରାଇ ଓଷ୍ଟା ସମ୍ପାଦକ ଶାଶ୍ୱତ କୁମାର ଜେନା, ସିଆରସିସି ଗୌତମ ବେହେରା, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଶ୍ରୀହରି ଚରଣ ଦାସ, ସମିତି ସଦସ୍ୟ ଲକ୍ଷ୍ମୀନାରାୟଣ ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସରୋଜ ଗିରି ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଦଶମ ଶ୍ରେଣୀ ଛାତ୍ର ସତ୍ୟଜିତ ତୋଳା ଓ ଛାତ୍ରୀ ଅପର୍ଣ୍ଣା ଗିରି ମଞ୍ଚ ଆହ୍ୱାନ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଶିକ୍ଷକ କାହ୍ନୁଚରଣ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଛାତ୍ରୀ ନମିତା ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପୁଣି ଡିକି ଭାଙ୍ଗି ୨ଲକ୍ଷ ୬୩ ହଜାର ଲୁଟ୍

ଜଳେଶ୍ୱର,୨୪।୧୨(ସମିସ): ପଶ୍ଚିମବଂଗ ସୀମାନ୍ତ ଅପରାଧ ପ୍ରବଣ ଜଳେଶ୍ୱର ଅଞ୍ଚଳରେ ଲୁଟ୍,ଛିନତାଇ, ରାହାଜାନୀ, ବାଇକ୍ ଚୋରି ଭଳି ଘଟଣା ପ୍ରତିଦିନ ସଂଘଠିତ ଭାବେ ହେଉଛି। ସପ୍ତାହକ ଭିତରେ ପଶ୍ଚିମବଙ୍ଗ ଯୁବକର ବାଇକ୍ ଡିକି ଭାଙ୍ଗି ୯୯ ହଜାର ଲୁଟ୍ ଚିତ୍ର ସିସିଟିଭି କ୍ୟାମେରାରେ କଏଦ ହୋଇଥିଲା। ପୁଣି ମଙ୍ଗଳବାର ଦ୍ୱିପ୍ରହରରେ ୫୬ ନଂ ରାଜ୍ୟ ରାଜପଥ, ଆମ୍ବଲିଆଠା ଧାନ କଟା ମେସିନ୍ ଶୋରୁମ ସମ୍ମୁଖରୁ ଡିକି ଭାଙ୍ଗି ୨ ଲକ୍ଷ ୬୩ ହଜାର ଟଙ୍କା ନେଇ ଦୁର୍ବୃତ୍ତମାନେ ଚମ୍ପଟ ମାରିଛନ୍ତି। ନଛିମପୁର ପଞ୍ଚାୟତ ସାହାଡ଼ା ପଡ଼ା ଗାଁର ବିକାଶ ପ୍ରଧାନ ଷ୍ଟେଟ ବ୍ୟାଙ୍କରୁ ଟଙ୍କା ଉଠାଇ ଶୋରୁମ ସମ୍ମୁଖରେ ବାଇକ୍ ରଖି ପରିସ୍ରା କରିବା ବେଳେ ଦୁଇ ବାଇକ୍ ଆରୋହୀ ଲୁଟ୍ କରି ଚମ୍ପଟ ମାରିଥିଲେ। ଲୁଟ୍ ଚିତ୍ର ଗୁପ୍ତ କ୍ୟାମେରାରେ କଏଦ ହୋଇଥିବା ବେଳେ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ ପରେ ତଦନ୍ତ ହେଉଛି।

### ବାଗୁଡ଼ିରେ ୨୭ ତମ ସର୍ବଭାରତୀୟ ମହାବୀର କପ୍ କ୍ରିକେଟ

# ଫାଇନାଲରେ ଉତ୍କଳିକା ସ୍ପୋର୍ଟିଂ କ୍ଲବ ଭଦ୍ରକ

ସୋର,୨୪।୧୨(ସମିସ)



ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ପଡିଆରେ ମହାବୀର କ୍ଲବ ଆନୁକୂଲ୍ୟରେ ୨୭ତମ ସର୍ବଭାରତୀୟ ମହାବୀର କପ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ସ୍ପୋର୍ଟିଂ ୟୁନିୟନ ଝାଡ଼ଖଣ୍ଡକୁ ହରାଇ ଉତ୍କଳିକା ସ୍ପୋର୍ଟିଂ କ୍ଲବ ଭଦ୍ରକ ଫାଇନାଲରେ ପ୍ରବେଶ କରିଛି। ଆଜି ଅନୁଷ୍ଠିତ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚରେ ସ୍ପୋର୍ଟିଂ ୟୁନିୟନ ଝାଡ଼ଖଣ୍ଡ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୨.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୨୮ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ମୋହିତ କୁମାର ୨୯ ବଲରୁ ୨୮ ରନ ସଂଗ୍ରହ କରିଥିବା ବେଳେ ଉତ୍କଳିକା ସ୍ପୋର୍ଟିଂ କ୍ଲବ ଭଦ୍ରକ ବୋଲର ସୁମନ ଓଝା ୫ ଓଭର ବୋଲିଂ କରି ୨୩ ରନ ଦେଇ ୪ ଟି ଉଇକେଟ ଦଖଲ କରିଥିଲେ। ଜବାବରେ ଉତ୍କଳିକା ସ୍ପୋର୍ଟିଂ କ୍ଲବ ଭଦ୍ରକ ୨୦.୪ ଓଭରରେ ୮ ଉଇକେଟ ହରାଇ ୧୩୦ ରନ କରି ବିଜୟୀ ହୋଇଥିଲା। ଉତ୍କଳିକା ସ୍ପୋର୍ଟିଂ କ୍ଲବ ଭଦ୍ରକ ଦଳ ସୁମନ ଓଝା ୫ ଓଭର ବୋଲିଂ କରି ୨୩ ରନ ଦେଇ ୪ ଉଇକେଟ ଅକ୍ତିଆର କରିଥିବା ବେଳେ ୧୮ ବଲରୁ ୧୧ ରନ୍ ସଂଗ୍ରହ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ସନ୍ଧ୍ୟାରେ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅଖିଳରାମ ଜେନା ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଆଜିର ମ୍ୟାଚକୁ ଓସିଏ ଲେବୁଲ ଅମ୍ପାୟାର ଗଂଜନ ମହାନ୍ତି ଏବଂ ପ୍ରାଣନାଥ ଜେନା ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ଯଦୁନାଥ ଜେନା ଏବଂ ବାସୁଦେବ ଜେନା କାର୍ଯ୍ୟ ତୁଲାଇ ଥିବା ବେଳେ ସ୍କୋରର ଥିଲେ ଅନିରୁଦ୍ଧ ପଣ୍ଡା ଏବଂ ଅକ୍ଷୟ କୁମାର ଜେନା। ଅନଲାଇନ ସ୍କୋରର ଥିଲେ ବିଶ୍ୱନାଥ ଜେନା। ଏହି ମ୍ୟାଚକୁ ମାନସ କୁମାର ଜେନା, ଶ୍ରୀକାନ୍ତ ମଲ୍ଲିକ, ମାନସ କୁମାର ବେହେରା,ସତ୍ୟବ୍ରତ ଶଙ୍ଖୁଆ, ସନାତନ ବାରିକ, ଉତ୍ତମ କୁମାର ବେହେରା, ରବୀନ୍ଦ୍ର ଦାସ, ପ୍ରଶାନ୍ତ ଜେନା, ସୂର୍ଯ୍ୟକାନ୍ତ ଖଟୁଆ, ପୂର୍ଣ୍ଣଚନ୍ଦ୍ର ଜେନା, ମହେନ୍ଦ୍ର କୁମାର ଦେ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତାକାଲି ଗ୍ରାଣ୍ଡ ଫାଇନାଲ ମ୍ୟାଚ ୟୁନାଇଟେଡ଼ ୧୧ ଗଞ୍ଜାମ ଏବଂ ଉତ୍କଳିକା ସ୍ପୋର୍ଟିଂ କ୍ଲବ ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହେବ।

# ଲୋକଙ୍କ ଯାତାୟାତକୁ ସୁଗମ କରିବ 'ଆଇଏସ୍‌ବିଟି'

ବାରିପଦା,୨୪।୧୨(ସମିସ)

ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାସ୍ଥିତ ପାଲବଣୀଠାରେ ନିର୍ମାଣ ହେବ ଆନ୍ତଃରାଜ୍ୟ ବସ୍ ଟର୍ମିନାଲ୍ ବା ଆଇଏସ୍‌ବିଟି। ଲୋକମାନଙ୍କ ଦୀର୍ଘ ଦିନର ଆଶାକୁ ପୂରଣ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତତ୍ପର ହୋଇଛି। ଗମନାଗମନ ଦୃଷ୍ଟିରୁ ଏହି ସ୍ଥାନରେ ବସ୍ ଟର୍ମିନାଲ୍ ନିର୍ମାଣ ହେଲେ ଏହା ଜିଲ୍ଲାର ଜନସାଧାରଣଙ୍କ ବେଶ୍ ଉପଯୋଗୀ ହୋଇପାରିବ। ପ୍ରସ୍ତାବିତ କ୍ରୁଟ୍ ବସ୍‌ଷ୍ଟାଣ୍ଡ ସହ ମଧ୍ୟ ଏହା ଲାଗିକି ରହିଛି। ସେହିପରି ବାରିପଦା ରେଳ ଷ୍ଟେସନ ମଧ୍ୟ ଅଳ୍ପ ଦୂରତାରେ ରହିଛି। ଏହା ସହ ପ୍ରସ୍ତାବିତ ବୁଢ଼ାବଳଙ୍ଗ ତଟବର୍ତ୍ତୀ ରିଙ୍ଗ୍ ରୋଡ୍ ମଧ୍ୟ ସହଜରେ ସଂଯୋଗ ହୋଇପାରିବ। ଯାହାଫଳରେ ଭବିଷ୍ୟତ ପାଇଁ ଏହା ଏକ ଉତ୍ତମ ଅର୍ଥନୈତିକ ହବ୍‌ରେ ପରିଣତ ହୋଇପାରିବ।

ଏଠାରେ ଉଲ୍ଲେଖଥାଉ କି, ପୂର୍ବରୁ ବସ୍ ଟର୍ମିନାଲ୍ ନିର୍ମାଣ ପାଇଁ ଆବଶ୍ୟକ ଜମି ଚିହ୍ନଟ ପ୍ରକ୍ରିୟାରେ ୬ଟି ସ୍ଥାନକୁ ପ୍ରଶାସନ ତରଫରୁ ଅନୁଧ୍ୟାନ କରାଯାଇଥିଲା। ମାତ୍ର ବିଭିନ୍ନ ସମସ୍ୟା ଯେପରିକି ବୈଷୟିକ ସାମ୍ଭାବ୍ୟତା ସମସ୍ୟା, ଯାତାୟାତ ସଂକୀର୍ଣ୍ଣତା, ଜିଲ୍ଲା ସଦର ମହକୁମାରୁ ମାତ୍ରାଧିକ ଦୂରତା, ଜଙ୍ଗଲ ଜମି ସମସ୍ୟା, ନିମ୍ନ ରେଖା ଜମି ସମସ୍ୟା, ଆପ୍ରୋଚ୍ ରୋଡ୍ ସମସ୍ୟା ଇତ୍ୟାଦି ଯୋଗୁଁ ଉପଯୁକ୍ତ ସ୍ଥାନ ନ ମିଳିବାରୁ ଏହା ସାକାର ହୋଇପାରୁ ନ ଥିଲା। ସେହିପରି ପାଲବଣୀ ନିକଟସ୍ଥ ଅନ୍ୟ ଏକ ଜମିରେ ବହୁ ପୁରାତନ ଫଳ ଗଛମାନ ଥିବାରୁ ରାଜସ୍ୱ ହାନୀ ହେବା ଆଶଙ୍କାରେ ଉକ୍ତ ସ୍ଥାନକୁ ମଧ୍ୟ ବାଦ୍ ଦିଆଗଲା। ତେଣୁ ଜିଲ୍ଲା ପ୍ରଶାସନ, ରାଜସ୍ୱ ବିଭାଗ, ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଓ ବନ ବିଭାଗର ପଦାଧିକାରୀଙ୍କ ମିଳିତ ଟିମ୍ ସମସ୍ତ ବିଷୟକୁ ବ୍ୟାପକ ଭାବେ ଅନୁଧ୍ୟାନ କରି କୌଣସି ଉପାୟ ନ ପାଇ ଶେଷରେ ପାଲବଣୀଠାରେ ଏହି ସ୍ଥାନକୁ ଚୂଡ଼ାନ୍ତ କରିଛି। ଏଠାରେ ବସ୍ ଟର୍ମିନାଲ ନିର୍ମାଣ ହେଲେ ଏହା ସିଧାସଳଖ ଜାତୀୟ ରାଜପଥ ସହିତ ଯୋଡ଼ି ହେବ। ଯାହା ଫଳରେ କୌଣସି ଯାତ୍ରୀବାହୀ ବସ୍ ତଥା ଏହି ବର୍ଗର ଯାନବାହନ ପୂର୍ବଭଳି ସହର ମଧ୍ୟ ଦେଇ ପ୍ରବେଶ ନ କରି ସିଧାସଳଖ ବାଇପାସ୍ ରାସ୍ତାରେ ବସ୍‌ଷ୍ଟାଣ୍ଡକୁ ଯାଇପାରିବ। ସମସାମୟିକ ଭାବେ ବାରିପଦା ସହରର କଳେବର ମଧ୍ୟ ଲଗାତାର ବୃଦ୍ଧି ହୋଇ ଚାଲିଛି। ଏହା ଯୋଗୁଁ ସହରରେ ମାତ୍ରାଧିକ ଟ୍ରାଫିକ୍ ସମସ୍ୟା ଉପୁଜିବା ସହିତ ଦୁର୍ଘଟଣା ଘଟୁଛି। ଏଠାରେ ବସ୍ ଟର୍ମିନାଲ ନିର୍ମାଣ ହେଲେ ଉକ୍ତ ସମସ୍ୟାର ସ୍ଥାୟୀ ସମାଧାନ ହେବା ସହ ଭବିଷ୍ୟତରେ ଯେପରି ଟ୍ରାଫିକ୍ ସମସ୍ୟା ନ ଉପୁଜିବ, ତାହାକୁ ସୁନିଶ୍ଚିତ କରାଯାଇଛି। ଏହା ସହ ଉକ୍ତ ବସ୍ ଟର୍ମିନାଲ୍‌ଟି ସମ୍ପୂର୍ଣ୍ଣ ପରିବେଶ ଅନୁକୂଳ ହେବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହାର ଚାରିପାଖରେ ବ୍ୟାପକ ବୃକ୍ଷରୋପଣ ସହ ସୌରଶକ୍ତି ବ୍ୟବହାର କରି ନବୀକରଣ ଯୋଗ୍ୟ ଶକ୍ତି ଚାଳିତ ବସ୍ ଟର୍ମିନାଲରେ ପରିଣତ କରିବାକୁ ଧ୍ୟାନ ଦିଆଯାଉଛି। ଯାହା ଫଳରେ ବସ୍ ଟର୍ମିନାଲ ନିର୍ମାଣ ପାଇଁ ଅଳ୍ପ କିଛି ଗଛ କଟାଯାଇଥିବାର କ୍ଷତିକୁ ଅନେକାଂଶରେ ପୂରଣ କରାଯାଇପାରିବ। ଏଥିପାଇଁ କଟାଯାଇଥିବା ଗଛର ଦୁଇ ଗୁଣାରୁ ଊର୍ଦ୍ଧ୍ୱ ଗଛ ରୋପଣ କରିବାକୁ ବନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏତଦ୍‌ବ୍ୟତୀତ ପ୍ରଶାସନ ତରଫରୁ ଖାଲି ଜମି ଚିହ୍ନଟ କରାଯାଇ ପ୍ରତି ବର୍ଷ ଲକ୍ଷ ଲକ୍ଷ ବୃକ୍ଷରୋପଣ କରାଯାଉଛି।

- ଟ୍ରାଫିକ୍ ସମସ୍ୟା ହ୍ରାସ, ବିକାଶ ସହ ପରିବେଶ ସନ୍ତୁଳନକୁ ପ୍ରାଥମିକତା
- ଜାତୀୟ ରାଜପଥ ସହ ସିଧାସଳଖ ସଂଯୋଗ
- ପ୍ରସ୍ତାବିତ କ୍ରୁଟ୍ ବସ୍‌ଷ୍ଟାଣ୍ଡ ସହ ସମନ୍ୱୟ
- ସବୁଜ ମୟୂରଭଞ୍ଜ ସ୍ୱପ୍ନ ସାକାର କରିବାକୁ ଗୁରୁତ୍ୱ: ଜିଲ୍ଲା ପ୍ରଶାସନ

ପ୍ରକାଶ ଥାଉକି, ବିଭିନ୍ନ ପ୍ରକାର ସମସ୍ୟାର ସମାଧାନ ପାଇଁ ଲୋକମାନେ ପ୍ରଶାସନ ଉପରେ ଆଶା ଓ ଭରସା ରଖିଥାନ୍ତି। ମୟୂରଭଞ୍ଜ ଜିଲ୍ଲାର ପ୍ରାୟତଃ ଅଧିକାଂଶ ଜମି ଜଙ୍ଗଲ ଜମି ଅନ୍ତର୍ଭୁକ୍ତ ହୋଇଥିବାରୁ ଯେ କୌଣସି ଉନ୍ନତିମୂଳକ ପ୍ରକଳ୍ପ କାର୍ଯ୍ୟକାରିତା ପାଇଁ ଜମି ଗୋଟିଏ ମୁଖ୍ୟ ସମସ୍ୟା ଦେଖାଦେଇଥାଏ। ମାତ୍ର ଅତ୍ୟନ୍ତ ଆବଶ୍ୟକତା ନ ଥିଲେ ଜିଲ୍ଲା ପ୍ରଶାସନ ତରଫରୁ ବିନା କାରଣରେ କେବେ ବି ସିଧାସଳଖ ଗଛ କଟାଯାଉ ନାହିଁ କିମ୍ବା ଗଛ କଟାକୁ ପ୍ରୋତ୍ସାହିତ କରାଯାଉ ନାହିଁ। ବିକାଶ କାର୍ଯ୍ୟରେ ଯେତେବେଳେ ପ୍ରଶାସନ ଦ୍ୱିଧାର ସମ୍ମୁଖୀନ ହୁଏ ଏବଂ ଅନ୍ୟ ଉପାୟ ନ ମିଳେ, ସେତେବେଳେ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଜଙ୍ଗଲ ସଂରକ୍ଷଣ ସହ ସମନ୍ୱୟ ରକ୍ଷା କରିବା ସହିତ ସମସ୍ତ ନିୟମକୁ ଅନୁପାଳନ କରି କ୍ୱଚିତ୍ ସଂଖ୍ୟକ ଗଛ କଟାଯାଇ କାର୍ଯ୍ୟ କରିବାକୁ ପଡ଼ିଥାଏ। ତେବେ ଏହି ବସ୍ ଟର୍ମିନାଲ୍‌ଟି ସମ୍ପୂର୍ଣ୍ଣ ରୂପ ପାଇ ସାରିବା ପରେ ନିଶ୍ଚିତ ଭାବରେ ଏହା ସମଗ୍ର ଦେଶରେ ଏହାର ପରିବେଶ ଅନୁକୂଳତା ପାଇଁ ରୋଲ୍ ମଡେଲ ହୋଇପାରିବ ଏବଂ ବିକଶିତ ବାରିପଦାର ମୁଖଶାଳା ହେବ ବୋଲି ଆଶା କରାଯାଉଛି। ତେଣୁ ଏହି ଉନ୍ନତିମୂଳକ କାର୍ଯ୍ୟ ପାଇଁ ଜିଲ୍ଲା ପ୍ରଶାସନ ସମସ୍ତଙ୍କ ସହଯୋଗ କାମନା କରୁଛି।

## ଗୁହାଳରେ ନିଆଁ ଲାଗି ୧୨ ଜନ୍ତୁ ଜୀବନ୍ତ ଦଗ୍ଧ

ଶୁକ୍ଳି,୨୪।୧୨(ସମିସ): ରରୁଆଁ ଥାନା ଅନ୍ତର୍ଗତ ନୂଆବେଡ଼ା ଗ୍ରାମରେ ବିଳମ୍ବିତ ରାତିରେ ଗୁହାଳରେ ନିଆଁ ଲାଗି ୬ ଗାଈ ବାଛୁରୀ ଓ ଛେଳି ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଦୁଇ ବାଛୁରୀ ଅର୍ଦ୍ଧଦଗ୍ଧ ହୋଇଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ବିଳମ୍ବିତ ରାତିରେ କୌଣସି କାରଣ ବଶତଃ ଗୁହାଳ ଘରେ ନିଆଁ ଲାଗିଯାଇଥିଲା। ନିଆଁ କେମିତି ଲାଗିଲା ଜଣାପଡ଼ି ନ ଥିବାବେଳେ କେହି ଦୁର୍ବୃତ୍ତ ଗୁହାଳ ଘରେ ନିଆଁ ଲଗାଇ ଦେଇଥିବା ଅନୁମାନ କରାଯାଉଛି। ଗୁହାଳରୁ ମାତ୍ର ୧୦ ଫୁଟ୍ ଦୂରରେ ଘର ଏବଂ ପାଳଗଦା ଥିଲେ ହେଁ ଏହାର କୌଣସି କ୍ଷୟକ୍ଷତି ହୋଇନାହିଁ। ତେବେ କ୍ଷତି ଯୋଗୁଁ ମ୍ରିୟମାଣ ହୋଇ ପଡ଼ିଛନ୍ତି ମାଲିକ ଖଗେଶ୍ୱର ବାରିକ।

## ରାଇରଙ୍ଗପୁରରେ ନୂତନ ଏସ୍‌ଡିପିଓ ନିଯୁକ୍ତ



ରାଇରଙ୍ଗପୁର,୨୪।୧୨(ସମିସ): ରାଇରଙ୍ଗପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଭାବେ ବିରେନ୍ଦ୍ର କୁମାର ସେନାପତିଙ୍କୁ ନିଯୁକ୍ତ କରାଯାଇଛି। ଏନେଇ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେ ପୂର୍ବରୁ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇସାରିଥିବାବେଳେ ବାଙ୍ଗିରିପୋଷି ଥାନା ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ତେବେ ତାଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରିବା ସହ ରାଇରଙ୍ଗପୁର ଏସ୍‌ଡିପିଓ ଭାବେ ନିଯୁକ୍ତି ଦିଆଯାଇଛି। ସେ ପୂର୍ବରୁ ମୟୂରଭଞ୍ଜ ଜିଲ୍ଲାର ବାରିପଦା ଟାଉନ୍, ଭଞ୍ଜପୁର ସମେତ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଥାନାରେ ଅଧିକାରୀ ଭାବେ କାର୍ଯ୍ୟ କରିସାରିଛନ୍ତି। ଜଣେ ଦକ୍ଷ ପୁଲିସ ଅଧିକାରୀ ଭାବେ ତାଙ୍କର ପରିଚୟ ଥିବାବେଳେ ନୂତନ ଦାୟିତ୍ୱ ଦିଆଯାଇଛି। ରାଇରଙ୍ଗପୁର ଏସ୍‌ଡିପିଓ ଦାୟିତ୍ୱରେ ଥିବା ଗୋକୁଳାନନ୍ଦ ସାହୁଙ୍କୁ ଭୁବନେଶ୍ୱରସ୍ଥିତ ମହିଳା ଅପରାଧ ଏବଂ ଶିଶୁ ଶାଖାର ଡିଏସ୍‌ପି ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧିକାରିଣୀ ସରସ୍ୱତୀ ଟୁଡୁଙ୍କୁ ଯାଜପୁର ବରୀସ୍ଥିତ ପୁଲିସ ପ୍ରଶିକ୍ଷଣ ପ୍ରତିଷ୍ଠାନର ଡିଏସ୍‌ପି ଭାବେ ନିଯୁକ୍ତ କରାଯାଇଛି।

## ୨୬ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ୧ ଘଣ୍ଟା ବହିଃବିଭାଗ ବନ୍ଦ ଘୋଷଣା କଲା ଓମ୍‌ସା

କରଞ୍ଜିଆ,୨୪।୧୨(ସମିସ): ସାରା ରାଜ୍ୟରେ ମଞ୍ଜୁରୀପ୍ରାପ୍ତ ପଦ ଅପେକ୍ଷା ପାଖାପାଖି ଅଧାରରୁ ଅଧିକ ଡାକ୍ତର ପଦ ଖାଲି ରହିଛି। ଏହି ପଦ ସବୁ ପୂରଣ କରିବା ସହ ଅନ୍ୟ କିଛି ଦାବି ପାଇଁ ସରକାରଙ୍କୁ ଯେତେ ଅନୁରୋଧ କଲେ ମଧ୍ୟ ବାରମ୍ବାର ସରକାରଙ୍କ ଅଣଦେଖା ଓ ପ୍ରତାରଣା ଆଜି ବାଧ୍ୟ କରୁଛି ସେବା ବନ୍ଦ କରିବାକୁ। ଆଜକୁ ୧ ବର୍ଷ ମଧ୍ୟରେ ସ୍ୱାସ୍ଥ୍ୟ ସଚିବ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଦାବି ପୂରଣ ପାଇଁ ବାରମ୍ବାର ଆଲୋଚନା ହୋଇଥିଲେ ମଧ୍ୟ ଏଯାବତ୍ କୌଣସି ସୁଫଳ ମିଳିପାରିନାହିଁ। ଏଣୁ ଡାକ୍ତରମାନଙ୍କୁ ଆନ୍ଦୋଳନ କରିବା ପାଇଁ ବାଧ୍ୟ କରାଯାଉଛି। ତଥାପି ରୋଗୀ ସେବାକୁ ଗୁରୁତ୍ୱ ଦେଇ ଆସନ୍ତା ୨୬ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଓମ୍‌ସାର ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ୧୦ଟାରୁ ୧୧ଟା ବହିଃବିଭାଗ ବନ୍ଦ ରହିବ ବୋଲି ଓମ୍‌ସା କରଞ୍ଜିଆ ଶାଖା ସାଧାରଣ ସମ୍ପାଦକ ଡାକ୍ତର ଗୌରାଙ୍ଗ ନାଏକ ସୂଚନା ଦେଇଛନ୍ତି। ବୁଧବାର କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ସଭାଗୃହଠାରେ ଓମ୍‌ସା କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ, ଯଶିପୁର, ଠାକୁରମୁଣ୍ଡା, ଶୁକ୍ଳି, ରରୁଆଁ, ଠାକୁରମୁଣ୍ଡା ଅଞ୍ଚଳର ଡାକ୍ତରମାନଙ୍କ ଏକ ଜରୁରୀ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଯଦି ଆଗାମୀ ଦିନରେ ସରକାର ଏହାର କୌଣସି ସମାଧାନ ନ କରନ୍ତି ତେବେ ଆଗାମୀ ସମୟରେ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ନିଷ୍ପତ୍ତି ନିଆଗଲା। ଓମ୍‌ସା କରଞ୍ଜିଆ ଶାଖା ସାଧାରଣ ସମ୍ପାଦକ ଡାକ୍ତର ଗୌରାଙ୍ଗ ଚରଣ ନାୟକଙ୍କ ଆହ୍ୱାନରେ ଏହି ବୈଠକରେ ଉପ ସଭାପତି ଡା. ଚିତ୍ତ ରଞ୍ଜନ ନାୟକ, ଡା. ଶକ୍ତି ଶୋଭନ ପ୍ରଧାନ, କରଞ୍ଜିଆ ଶାଖା ଯୁଗ୍ମ ସମ୍ପାଦକ ଡା. ସତ୍ୟ ପ୍ରକାଶ ଧଳ, ଡା. ଖିରେନ୍ଦ୍ର ନାଥ ପତି, ଡା. ଦେବେନ୍ଦ୍ର ନାଥ ପରିଡ଼ା, ଡା. ସୁଲୋଚନା ନାୟକ, ଡା. ମୃତ୍ୟୁଞ୍ଜୟ ମହାନ୍ତ, ଡା. ସମୀର ରଞ୍ଜନ ବେହେରା, ଡା. ଧୁଣ୍ଡା ମୁଣ୍ଡା, ଡା. ପ୍ରବୀଣ କୁମାର ସେଠୀ ଓ ଉପଖଣ୍ଡର ସମସ୍ତ ସିଏଚ୍‌ସିର ଡାକ୍ତର ଉପସ୍ଥିତ ଥିଲେ।

● ବାଇକ୍ ଚୋରି ରାକେଟ୍‌ର ପର୍ଦ୍ଦାଫାସ୍

## କାର୍ ସହ ୩୯ ବାଇକ୍ ଜବତ, ୫ ଗିରଫ



ବାରିପଦା,୨୪।୧୨(ସମିସ): ବାରିପଦା ସଦର ଥାନା ପୁଲିସ ଏକ ବଡ଼ ବାଇକ୍ ଚୋରି ଗ୍ୟାଙ୍ଗ୍‌କୁ ଧରିବାରେ ସଫଳ ହେବା ସହିତ ତାଙ୍କର ଅପରାଧ କାରନାମାର ପର୍ଦ୍ଦାଫାଶ୍ କରିଛି। ଏହି ମାମଲାରେ ୫ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ପାଖରୁ ଗୋଟିଏ ଚୋରି ଯାଇଥିବା କାର୍ ସହ ୩୯ଟି ଚୋରା ବାଇକ୍ ଜବତ କରାଯାଇଛି। ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ୭ଟା ୪୫ରେ ସଦର ଥାନା ପୁଲିସ ସନ୍ଧ୍ୟା ପାଟ୍ରୋଲିଂ କରୁଥିବାବେଳେ ରଙ୍ଗାମାଟିଆ ଗାଁ ନିକଟ ପିଆର୍‌ଏମ୍ ମେଡିକାଲ କଲେଜ ଅଞ୍ଚଳରେ ଥିବା ଏକ ଭଡ଼ା ଘରୁ ଚୋରା ଯାନ ଓ ଯନ୍ତ୍ରାଂଶ ମିଳିଥିଲା। ଏହି ଘଟଣାରେ ଗୋବିନ୍ଦ ଚନ୍ଦ୍ର ସିଂହ ଓରଫ ବାପି ଓ ରୋହିଦାସ ସିଂହ ଓରଫ ହଲ୍ଲାଙ୍କୁ ପ୍ରଥମେ ଧରାଯାଇଥିଲା। ପଚରାଉଚରା ବେଳେ ସେମାନେ ବିଭିନ୍ନ ଅଞ୍ଚଳରୁ ଗାଡ଼ି ଚୋରି କରି ଅବାଧ ବିକ୍ରୟ ଉଦ୍ଦେଶ୍ୟରେ ସଂଗ୍ରହ କରୁଥିବା କଥା ସ୍ୱୀକାର କରିଥିଲେ। ଅଧିକ ତଦନ୍ତରେ ଚୋରା ଯାନ କିଣୁଥିବା ଅଭିଯୋଗରେ ଶିବାଜୀ ବଗାଲ, ବସୁଦେବ ହାତୀ ଓ ଭୀମେଶ୍ୱର ସିଂହଙ୍କୁ ମଧ୍ୟ ଗିରଫ କରାଯାଇଛି। ପୁଲିସ ସେମାନଙ୍କ ପାଖରୁ ଗୋଟିଏ କାର୍, ୩୯ଟି ବାଇକ୍, ବାଇକ୍‌ର ଭଙ୍ଗା ଅଂଶ, ଟାୟାର, ନମ୍ବର ପ୍ଲେଟ୍, ଚୋରିରେ ବ୍ୟବହୃତ କଟର, ସ୍କ୍ରୁ-ଡାଇଭର, ଏଲ୍‌ଏନ୍ କି ଓ ୬ଟି ମୋବାଇଲ୍ ଫୋନ୍ ଜବତ କରିଛି। ଏନେଇ ବାରିପଦା ସଦର ଥାନାରେ ଏକ ମାମଲା ରୁଜୁ ହୋଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି। ଏନେଇ ବୁଧବାର ଅପରାହ୍ଣରେ ସଦର ଥାନାରେ ଆହୁତ ସାମ୍ବାଦିକ ସମ୍ମିଳନୀରେ ପୂର୍ଣ୍ଣାଙ୍ଗ ତଥ୍ୟ ପ୍ରଦାନ କରାଯିବ ବୋଲି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୀପକ କୁମାର ଗୋଛାୟତ ସୂଚନା ଦେଇଛନ୍ତି।

**ଜିଲ୍ଲାସ୍ତରୀୟ ଜାତୀୟ ଖାଉଟି ଦିବସ**

## ବ୍ଲକ୍‌ସ୍ତରୀୟ କର୍ମଶାଳା ଆୟୋଜନକୁ ଗୁରୁତ୍ୱ




ବାରିପଦା,୨୪।୧୨(ସମିସ): ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଜିଲ୍ଲା ଉପନିୟନ୍ତ୍ରକ ବୈଧ ମାପ ବିଜ୍ଞାନ, ମୟୂରଭଞ୍ଜ ଓ ସଂକଳ୍ପ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆନୁକୂଲ୍ୟରେ ଦାରଗାବାହିସ୍ଥିତ ଦିଗନ୍ତ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଜାତୀୟ ଖାଉଟି ଦିବସ-୨୦୨୫ ପାଳିତ ହୋଇଯାଇଛି। ସଂକଳ୍ପର ସମ୍ପାଦକ ପ୍ରଦୀପ କୁମାର ଦାସମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମୁଖ୍ୟଅତିଥି ଭାବେ ଡିସିଡିଆର୍‌ସିର ସଦସ୍ୟ ଜୀବନକୃଷ୍ଣ ବେହେରା ଯୋଗଦେଇ ଦିବସକୁ ଶୁଭ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଉପ ନିୟନ୍ତ୍ରକ ବୈଧ ମାପ ବିଜ୍ଞାନ ଅଧିକାରୀ ସୁଷମା ପଣ୍ଡା ଜାତୀୟ ଖାଉଟି ଦିବସ ପାଳନ ସମ୍ପର୍କରେ ସୂଚନା ଦେଇଥିବାବେଳେ ଦିଗନ୍ତ ବିକାଶ କଲେଜର ଅଧ୍ୟକ୍ଷ ମହେନ୍ଦ୍ର ନାଥ ପାତ୍ର ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲାରେ ଖାଉଟି ସୁରକ୍ଷା ଓ ସଚେତନତାର ବାର୍ତ୍ତା ପାଇଁ ବ୍ଲକ୍‌ସ୍ତରୀୟ କର୍ମଶାଳା ଆୟୋଜନ ନିମନ୍ତେ ପ୍ରଚେଷ୍ଟା ଜାରି ରଖିବାକୁ ସଂକଳ୍ପର ସମ୍ପାଦକ ଶ୍ରୀ ଦାସମହାପାତ୍ର ସୂଚନା ଦେଇଥିଲେ। ଡିସିଡିଆର୍‌ସିର ସଦସ୍ୟ ଶ୍ରୀ ବେହେରା, ଅତିରିକ୍ତ ଖାଦ୍ୟ ଯୋଗାଣ ଅଧିକାରୀ ଆଶିଷ ରଞ୍ଜନ ରାଉତ, ବାରିପଦା ମ୍ୟୁନିସିପାଲିଟିର ଏସିଏସ୍‌ଓ ପାର୍ଥ ରଞ୍ଜନ ଶତପଥୀ, ଉଦଳା ବୈଧ ମାପ ବିଜ୍ଞାନ ନିରୀକ୍ଷକ ପ୍ରମୋଦ କୁମାର ନାୟକ, ଦିଗନ୍ତ ବିକାଶ କଲେଜ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ନାୟକ ପ୍ରମୁଖ ଉପସ୍ଥିତ ରହି ଖାଉଟି ସୁରକ୍ଷା ସଚେତନତା ବାର୍ତ୍ତା, ଖାଉଟିର କର୍ତ୍ତବ୍ୟ ଓ ଭୂମିକା, ଅପମିଶ୍ରଣ ରୋକିବା, ଦ୍ରବ୍ୟ କିଣା ତ୍ରୁଟିପୂର୍ଣ୍ଣ ସେବା, ଅନ୍‌ଲାଇନ୍ କ୍ରୟ, ଖାଉଟି ବିବାଦର ପ୍ରତିକାର ବ୍ୟବସ୍ଥା, ସିପି ଆକ୍ଟ-୨୦୧୯, ଉପଭୋକ୍ତାମାନଙ୍କୁ ସ୍ୱିଡ୍ ଡିସ୍‌ପୋଜାଲ ଜରିଆରେ ଡିଜିଟାଲ୍ ଜଷ୍ଟିସ ପ୍ରଦାନ ସମ୍ବନ୍ଧୀୟ ଉପାଦେୟ ସୂଚନା ପ୍ରଦାନ କରିଥିଲେ। କଲେଜର କର୍ମଚାରୀ, ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଫୋର୍ଡର ସମ୍ପାଦକ ସନ୍ତୋଷ ଖଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସଂକଳ୍ପର ପୁଷ୍ପଲତା ନାଏକ, ମଞ୍ଜରି ରାଣୀ ନାଏକ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ନିଆଁରେ ଚାଲିଲେ, କଣ୍ଟା ଦୋଳିରେ ଝୁଲିଲେ



ମହୁଲଡିହା,୨୪।୧୨(ସମିସ): ଠାକୁରମୁଣ୍ଡା ବ୍ଲକ୍ ତରାମରା ଗ୍ରାମରେ ମା' ଡାଳକୁଟି ଠାକୁରାଣୀ ପୀଠରେ ଖନ୍ଦାମଡ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋମବାର ଦିନଠାରୁ ମା' ଥାନପତି ଠାକୁରାଣୀ ଏବଂ ଡାଳକୁଟି ଠାକୁରାଣୀ ପୀଠରେ ପୂଜାର୍ଚ୍ଚନା ପରେ ଖନ୍ଦା ପାଇଁ କାଠ ବିଛାଯାଇଥିଲା। ଏଠାରେ ଖୋଳା ହୋଇଥିବା ଖନ୍ଦା ୧୫ ଫୁଟ୍ ଲମ୍ବ, ୫ ଫୁଟ୍ ଓସାର ଓ ୬ ଫୁଟ୍ ଗଭୀର ହୋଇଥିଲା। ମଙ୍ଗଳବାର ରାତିରେ ଅଗ୍ନି ସଂଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ବୁଧବାର ଖନ୍ଦାମଡ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପୂଜକ ପ୍ରତାପ ଦେହୁରୀ ପୂଜାର୍ଚ୍ଚନା ପରେ ପ୍ରଥମେ ନିଆଁରେ ଚାଲିବା ପରେ ଅନ୍ୟ ଦେହୁରୀ ଏବଂ ଭକ୍ତମାନେ ନିଆଁରେ ଚାଲିବା ସହିତ କଣ୍ଟା ଦୋଳିରେ ଝୁଲିଥିଲେ। ଏହି ଖନ୍ଦାମଡ଼ା କାର୍ଯ୍ୟକ୍ରମ ପ୍ରତି ୧୦ ବର୍ଷରେ ଥରେ ହୋଇଥାଏ। ଯେଉଁ ଲୋକଙ୍କର ମାନସିକ ପୂରଣ ହୋଇଥାଏ ସେ ଚାହିଁଲେ ଖନ୍ଦାମଡ଼ା କାର୍ଯ୍ୟକ୍ରମ କରିଥାଏ। ଏଥିରେ ପ୍ରାୟ ୫ ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିଲା। ବିରଞ୍ଚି ନାଏକ, ଦିବାକର ବନପଦିଆ, ରମେଶ ପଇଦା, ବେଣୁଧର ମହାନ୍ତ, ଯାଦବ ଦେହୁରୀ, କେଶବ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ।

**ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଶିବିର; ୩୬ ଅଭିଯୋଗ ପଞ୍ଜିକୃତ**

## ଆର୍‌ଆଇ ଅଫିସ୍ ଓ ପ୍ରାଣୀ ଚିକିତ୍ସାଳୟ ନିର୍ମାଣ ଦାବି

ବିଶୋଇ,୨୪।୧୨(ସମିସ): ସୁଶାସନ ସପ୍ତାହ ପାଳନ ଅବସରରେ ବ୍ଲକ୍ ପ୍ରଶାସନ ପକ୍ଷରୁ 'ଗ୍ରାମ ଅଭିମୁଖେ ପ୍ରଶାସନ' କାର୍ଯ୍ୟକ୍ରମରେ ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଏନ୍‌ବି ପୋଖରିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏବିଡିଓ ଆକାଶ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ସରପଞ୍ଚ ଡମାନ ମୁର୍ମୁ, ପଞ୍ଚାୟତ ସମିତି ସଦସ୍ୟ ଅମର ସିଂ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ। ସାମାଜିକ ସୁରକ୍ଷା ଅଧିକାରୀ କୁମାର ଦେବବ୍ରତ ପାତ୍ର, ଜିପିଡିଓ ହରେଶ ଚନ୍ଦ୍ର ନାଏକ, ପାନୀୟଜଳ ଯୋଗାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ପ୍ରଶାନ୍ତ ସାହୁ, ମିଶନଶକ୍ତି ବିପିଏମ୍ ଅଚିନ୍ତ ଦାସ ସମେତ ଶିକ୍ଷା, ସ୍ୱାସ୍ଥ୍ୟ, ସମନ୍ୱିତ ଶିଶୁ ବିକାଶ ଏବଂ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ରହି ପଞ୍ଚାୟତବାସୀଙ୍କଠାରୁ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ଶିବିରରେ ସମୁଦାୟ ୩୬ଟି ଅଭିଯୋଗପତ୍ର ଆସିଥିଲା। ଗ୍ରାମୀଣ ଗୃହ ବିଭାଗରେ ସର୍ବାଧିକ ୧୫ଟି, ସାମାଜିକ ସୁରକ୍ଷାରେ ୧୧ଟି, ରାଜସ୍ୱ ଓ ଉନ୍ନୟନ ବିଭାଗରେ ୩ଟି, ବିଦ୍ୟୁତ୍ ଯୋଗାଣ, ପ୍ରାଣୀ ଚିକିତ୍ସା ଓ ପାନୀୟଜଳ ବିଭାଗରେ ଗୋଟିଏ ଲେଖାଏଁ ଅଭିଯୋଗ ଆସିଥିଲା। ପଞ୍ଚାୟତରେ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ)ଙ୍କ କାର୍ଯ୍ୟାଳୟ ସହିତ ପ୍ରାଣୀ ଚିକିତ୍ସାଳୟ ନବନିର୍ମାଣ କରିବା ପାଇଁ ପଞ୍ଚାୟତବାସୀଙ୍କ ସାମୂହିକ ଅଭିଯୋଗ ହୋଇଥିଲା। ଏନ୍‌ବି ପୋଖରିଆ ପଞ୍ଚାୟତର ପିଇଓ ଅଞ୍ଜନ କୁମାର ମହାନ୍ତଙ୍କ ତତ୍ତ୍ୱାବଧାନରେ ଏଡିଇଓ ଦୁର୍ଗାଚରଣ ନାୟକ, ଯୋଗାଣ ସହାୟକ ସତ୍ୟମ୍ ସୁନ୍ଦର ଗଜେନ୍ଦ୍ର ମହାନ୍ତ ଓ ଅନ୍ୟ ସମସ୍ତ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ବିଆର୍‌ସି ସୁକାନ୍ତି ସୋରେନ, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ପଦ୍ମଲୋଚନ ପାଟବନ୍ଧା, ପେସା ସଂଯୋଜକ କ୍ରିଷ୍ଣା କଛପ, ଡିଇଓ ରଞ୍ଜନ ସେଠୀ, ଏସ୍‌ଆର୍‌ଏ ଗୋପୀନାଥ ନାଏକ ପ୍ରମୁଖ ଅଭିଯୋଗପତ୍ର ଗ୍ରହଣରେ ସହଯୋଗ କରିଥିଲେ।

## ଗିଦିଘାଟୀରେ ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି

ବହଳଦା,୨୪।୧୨(ସମିସ): ବହଳଦା ବ୍ଲକ୍ ଅନ୍ତର୍ଗତ ଗିଦିଘାଟୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଭବନ ପରିସରରେ ଗ୍ରାମ ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଗିଦିଘାଟୀ ସରପଞ୍ଚ ସାଲାଇ ବେଶ୍ରା ଓ ପିଇଓ ସାଲି ମୁର୍ମୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ବହଳଦା ବିଡିଓ ଶରତ କୁମାର ମଲ୍ଲିକ, ସହକାରୀ ଯନ୍ତ୍ରୀ ମଦନମୋହନ ନାୟକ, କନିଷ୍ଠ ଯନ୍ତ୍ରୀ ସାରଙ୍ଗଧର ଏବଂ ସିଡିପିଓ ସାକ୍ରମଣୀ ଟୁଡୁଙ୍କ ସହିତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଅଭିଯୋଗ ଗ୍ରହଣ କରିଥିଲେ। ତେବେ ଏହି ଜନ ଅଭିଯୋଗ ଶୁଣାଣି ଶିବିର ବିଷୟରେ ଲୋକେ ଜାଣିପାରି ନ ଥିବାରୁ ମାତ୍ର ୧୫ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଅଧିକାଂଶ ଅଭିଯୋଗ ସରକାରୀ ଆବାସ ଓ ଭତ୍ତା ସମ୍ବନ୍ଧରେ ଆସିଥିବାବେଳେ କେତେକ ଅଭିଯୋଗ ରାସ୍ତା ମରାମତି ଓ ନିର୍ମାଣ ସମ୍ବନ୍ଧୀୟ ଅଭିଯୋଗ ଆସିଥିଲା। ଗୟଳକଟା ଗ୍ରାମର ପଡ଼ାଗ୍ରାମ କାକଡ଼ାଘୁଟୁ ବସତିରେ ବିଦ୍ୟୁତ୍ ସଂଯୋଗ କରାଯିବା ଏବଂ ଖେଳ ପଡ଼ିଆର ଉନ୍ନତୀକରଣ କରାଯିବା ନେଇ ଦାବି ଜଣାଇଥିଲେ।

## ବାଗୁଲି ଆଶ୍ରମ ବିଦ୍ୟାଳୟ ଛାତ୍ରୀଙ୍କ ସଫଳତା



ବଡ଼ସାହି,୨୪।୧୨(ସମିସ): ଉକ୍ତ ବ୍ଲକ୍ ଅଧୀନ କୋଚିଲାଖୁଣ୍ଟା ପଞ୍ଚାୟତ ବାଗୁଲି ଆଶ୍ରମ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ରୀ ଇନ୍ଦୁ ନାଏକ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ୍ କାର୍ଯ୍ୟକ୍ରମରେ ତର୍କ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟ ଓ ଅଞ୍ଚଳର ମାନ ବଢ଼ାଇଛନ୍ତି। ପ୍ରଥମେ ଉପଖଣ୍ଡସ୍ତରୀୟ ସର୍ଗିଫୁଲ୍ ଓ ପରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲରେ ଇନ୍ଦୁ ନାଏକ ତର୍କ ଓ ସ୍ମୃତିରେଖା ନାଏକ ବକ୍ତୃତା ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ ପାଇଁ ଚୟନ ହୋଇଥିଲେ। ଆୟୋଜିତ ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାର ବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଇନ୍ଦୁ ନାଏକ ତାଙ୍କର ତର୍କଶକ୍ତି, ଆତ୍ମବିଶ୍ୱାସ ଓ ସ୍ପଷ୍ଟ ଉପସ୍ଥାପନା ଦ୍ୱାରା ବିଚାରକମଣ୍ଡଳୀଙ୍କ ଦୃଷ୍ଟି ଆକର୍ଷଣ କରି ତର୍କ ପ୍ରତିଯୋଗିତାରେ ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଅନୁସୂଚିତ ଜାତି ଓ ଜନଜାତି ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ବିଭାଗୀୟ ଶାସନ ସଚିବ ବି. ପରମେଶ୍ୱରନ୍‌ଙ୍କ ହାତରୁ ପୁରସ୍କାର ଗ୍ରହଣ କରି ବାଗୁଲି ଆଶ୍ରମ ବିଦ୍ୟାଳୟ, ବଡ଼ସାହି ବ୍ଲକ୍ ତଥା ମୟୂରଭଞ୍ଜ ଜିଲ୍ଲା ପାଇଁ ଗୌରବ ଆଣିପାରିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁ ତଥା ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଗାଇଡ୍ ଶିକ୍ଷକ ଜୟନ୍ତ କୁମାର ଜେନା, ମୟୂରଭଞ୍ଜ ଜିଲ୍ଲାର ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁ ଚରଣ ମଲ୍ଲିକ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ସେଠୀ, ଅଜୟ କୁମାର ଜେନା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁଶ୍ରୀ ବାସନ୍ତୀ ସିଂ, ବଡ଼ସାହି ବ୍ଲକ୍ ଉପାଧ୍ୟକ୍ଷ କାଞ୍ଚନ କୁମାର ପ୍ରଧାନ, କୋଚିଲାଖୁଣ୍ଟା ଗ୍ରାମ ପଞ୍ଚାୟତର ସରପଞ୍ଚ, ବିଦ୍ୟାଳୟ ଶିକ୍ଷା କମିଟିର ସମସ୍ତ ସଦସ୍ୟ ସଦସ୍ୟା ଓ ସହପାଠୀ ଇନ୍ଦୁଙ୍କୁ ଅଭିନନ୍ଦନ ଜଣାଇ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

**ପାନୀୟ ଜଳ ପାଇବାରୁ ବଞ୍ଚିତ ଦୁଇ ଗାଁ**

## ସରପଞ୍ଚ ଓ ପଞ୍ଚାୟତ କର୍ମଚାରୀଙ୍କୁ ତାଲା ପକାଇ ରଖିଲେ


ରାସଗୋବିନ୍ଦପୁର,୨୪।୧୨(ସମିସ):

**୩ ବର୍ଷ ଧରି ସମ୍ପୂର୍ଣ୍ଣ ହେଉନି ପାଣିଟାଙ୍କି ନିର୍ମାଣ**



ରାସଗୋବିନ୍ଦପୁର ବ୍ଲକ୍ ଅଧୀନ ଝାଟିଅଡ଼ା ପଞ୍ଚାୟତର ହରିପୁର ଏବଂ ତାରାପୁର ଗ୍ରାମବାସୀମାନେ ଦୀର୍ଘଦିନ ଧରି ଗାଁରେ ପାନୀୟଜଳ ସମସ୍ୟା ଥିବାରୁ ବୁଧବାର ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଓ ପଞ୍ଚାୟତ କର୍ମଚାରୀମାନଙ୍କୁ ଅଟକ ରଖି ତାଲା ପକାଇଥିବାର ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଯେ, 'ବସୁଧା' ଯୋଜନାରେ ୨୦୨୨ରେ ହରିପୁର ଗ୍ରାମରେ ଏକ ଓଭରହେଡ୍ ପାଣିଟାଙ୍କି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ତାହାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଯାହାଫଳରେ ଗ୍ରାମବାସୀ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ବାରମ୍ବାର ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ୍ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବାର ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଯାହାଫଳରେ ବୁଧବାର ଦୁଇଟି ଗ୍ରାମର ଲୋକେ ଉତ୍ୟକ୍ତ ହୋଇ ଦିନ ୧୧ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଦୀର୍ଘ ୬ଘଣ୍ଟା ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ସରପଞ୍ଚ ବୁଦ୍ଧିଆ ମୁର୍ମୁ ଏବଂ ଅନ୍ୟ ପଞ୍ଚାୟତ କାର୍ଯ୍ୟାଳୟ କର୍ମଚାରୀଙ୍କୁ ଅଟକ ରଖିଥିଲେ। ଘଟଣାସ୍ଥଳରେ ବିଡିଓ ଅନନ୍ତ କୁମାର ହାଁସଦା, ଗ୍ରାମ୍ୟ ପରିମଳ ଓ ପାନୀୟଜଳ ଯୋଗାଣ ବିଭାଗର ଏସ୍‌ଡିଓ, କନିଷ୍ଠ ଯନ୍ତ୍ରୀ ନବକିଶୋର ମଲ୍ଲିକ ଏବଂ ପ୍ରିୟବ୍ରତ ଗାରୁ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଆଗାମୀ ୭ ଦିନ ମଧ୍ୟରେ ପାନୀୟଜଳ ସମସ୍ୟାର ସମାଧାନ କରାଯିବାର ପ୍ରତିଶ୍ରୁତି ଦେବାପରେ ଉତ୍ୟକ୍ତ ଗ୍ରାମବାସୀ କାର୍ଯ୍ୟାଳୟରୁ ତାଲା ଖୋଲିଥିଲେ।

## ୧୫ ବର୍ଷରୁ କମ୍ ଓଡ଼ିଶା ମହିଳା କ୍ରିକେଟ୍ ଦଳରେ ଲକ୍ଷ୍ମୀ




ବାରିପଦା,୨୪।୧୨(ସମିସ): ମହାରାଷ୍ଟ୍ରର ନାଗପୁରଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତରୀୟ ୧୫ ବର୍ଷରୁ କମ୍ ବିସିସିଆଇ ଟ୍ରଫି ପାଇଁ ମୟୂରଭଞ୍ଜର ଲକ୍ଷ୍ମୀ ଭଗତ ଓଡ଼ିଶା ଦଳରେ ସ୍ଥାନ ପାଇଛନ୍ତି। ଆନ୍ତଃଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଉଚ୍ଚମାନର ଖେଳ ପ୍ରଦର୍ଶନ କରି ସେ ଓଡ଼ିଶା ଦଳରେ ସ୍ଥାନ ପାଇ ଜିଲ୍ଲା ତଥା ବାରିପଦା ପାଇଁ ସୁନାମ ଆଣିଛନ୍ତି। ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୨ନଂ ୱାର୍ଡସ୍ଥିତ ପ୍ରଫୁଲ୍ଲନଗର ନିବାସୀ ବିଷ୍ଣୁ ଭଗତ ଓ ସୁମନ ଭଗତଙ୍କ ଝିଅ ଲକ୍ଷ୍ମୀ ମହୁଲିଆସ୍ଥିତ ସେକ୍ରେଡ୍ ସନ୍‌ସାଇନ୍ ସ୍କୁଲର ୭ମ ଶ୍ରେଣୀର ଛାତ୍ରୀ। ଝିଅର କ୍ରିକେଟ ଖେଳିବାର ଇଚ୍ଛାଶକ୍ତି ଦେଖି ବାପା ତାଙ୍କର ପ୍ରଶିକ୍ଷଣ ପାଇଁ ଲେଟ୍‌କଟ୍ କ୍ଲବ୍ ଅଧୀନରେ ଥିବା କ୍ରିକେଟ କୋଚିଂ ଶିବିରରେ ଛାଡ଼ିଥିଲେ। ପୂର୍ବତନ ରଣଜୀ ଖେଳାଳି ଦେବୀଦତ୍ତ ମହାନ୍ତିଙ୍କଠାରୁ ପ୍ରଶିକ୍ଷଣ ପାଇ ସେ ଓଡ଼ିଶା ଦଳରେ ସ୍ଥାନ ପାଇବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ସହ କୋଚ୍ ଦିବ୍ୟଲୋଚନ ଦାଶ ମଧ୍ୟ ତାଙ୍କର ଖେଳ ପାଇଁ ବିଭିନ୍ନ ପ୍ରକାର ସାହାଯ୍ୟ ସହଯୋଗ କରିଛନ୍ତି। ପ୍ରଥମ ଥର ପାଇଁ ମୟୂରଭଞ୍ଜ ଜିଲ୍ଲାରୁ ଓଡ଼ିଶା ଦଳରେ ସ୍ଥାନ ପାଇ ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ବୋଲି କୋଚ୍ ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି। ଖବର ପାଇ ଲେଟ୍‌କଟ୍ କ୍ଲବ୍‌ର ସଭାପତି ଗିରିଶ ଚନ୍ଦ୍ର ଦାସ, ସମ୍ପାଦକ ଦୀପକ କୁମାର ଦାଶ ଓ ସମସ୍ତ ସଦସ୍ୟ, ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କ୍ରିକେଟ୍ ସମ୍ପାଦକ ହରପ୍ରସାଦ ପାତ୍ର ଓ ପ୍ରସନ୍ନଜିତ ମହାନ୍ତି, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ତଥା ସମସ୍ତ ସଦସ୍ୟ, ବିଦ୍ୟାଳୟର ଅଧ୍ୟକ୍ଷ, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଅଭିନନ୍ଦନ ଜଣାଇବା ସହ ଆଗାମୀ ଖେଳ ପାଇଁ ସଫଳତା କାମନା କରିଛନ୍ତି।

THE SAKALA

# ଗାଜାର ଗଜବ ସ୍ଥିତି

ଇସ୍ରାଏଲ ଓ ଗାଜା ମଧ୍ୟରେ ଗତ ଅକ୍ଟୋବର ୧୦ ରୁ ଯୁଦ୍ଧବିରତି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲେ ମଧ୍ୟ ତାହା କେତେଦୂର ଯଥାର୍ଥରେ କାର୍ଯ୍ୟକାରୀ ହେଉଛି ସେଥିପ୍ରତି ଦୃଷ୍ଟିଦେବାକୁ ମଧ୍ୟସ୍ଥଙ୍କ ଭୂମିକା ନଗଣ୍ୟ ହୋଇପଡ଼ିଛି। ଇତିମଧ୍ୟରେ ଇସ୍ରାଏଲ ୮୦୦ ଥର ଯୁଦ୍ଧବିରତି ଉଲ୍ଲଙ୍ଘନ କରି ୩୮୬ ଜଣଙ୍କୁ ହତ୍ୟା କରିଛି। ୫ ଦିନ ତଳେ ହମାସର ଜଣେ ସିନିୟର କମାଣ୍ଡର ଇସ୍ରାଏଲ୍ ଆକ୍ରମଣରେ ନିହତ ହୋଇଛନ୍ତି। ଏକଥା ସତ ଯେ ପୂର୍ବଭଳି ଯୁଦ୍ଧ ଘନଘଟାର ତୀବ୍ରତା ନାହିଁ। ପ୍ରବଳ ବର୍ଷାରେ ଗାଜାର ଅସ୍ଥାୟୀ ଶିବିର ଜଳମଗ୍ନ ହୋଇଛି। ସେମାନଙ୍କ ପୁନଃଥଇଥାନ ଓ ରିଲିଫ୍ ଯୋଗାଣ ପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ଏମିତିରେ ପୁନଃନିର୍ମାଣ ପ୍ରକଳ୍ପର କୌଣସି ଆଭାସ ଦେଖାଯାଉ ନାହିଁ। ନେତାନ୍ୟାହୁଙ୍କ ପରାମର୍ଶରେ ଡୋନାଲ୍ଡ ଟ୍ରମ୍ପ ହମାସଙ୍କୁ କିଭଳି ନିରସ୍ତ୍ର କରାଯିବ ସେ ନେଇ ବ୍ୟସ୍ତ ବିବ୍ରତ। ଏଥି ସକାଶେ ଆନ୍ତର୍ଜାତିକ ସ୍ଥିରତା ବାହିନୀ (ଆଇଏସଏଫ) ଗଠନରେ ସେ କିଛି ମୁସଲିମ ରାଷ୍ଟ୍ରଙ୍କ ସହଯୋଗ ଲୋଡ଼ିଛନ୍ତି। ଏହି ବାହିନୀରେ ପାକିସ୍ତାନର ୩୦୦ ସୈନ୍ୟ. ଯୋଗ ଦେଇଥିବାର ଜଣାପଡ଼ିଛି। ପାକ୍ ସେନାବାହିନୀ ମୁଖ୍ୟ ଅସିମ ମୁନୀରଙ୍କ ସହ ଟ୍ରମ୍ପଙ୍କ ପ୍ରତ୍ୟକ୍ଷ ଆଲୋଚନା ସଫଳ ହୋଇଛି। ଏହି ବାହିନୀରେ ସାଉଦୀ ଆରବ, ମିଶର ଓ ଜୋର୍ଡାନର ଯୋଗଦାନ ରହିବାର ସୂଚନା ମିଳିଛି।

ମୁନୀରଙ୍କ ନିଷ୍ପତ୍ତି ପରେ ପାକିସ୍ତାନରେ ପ୍ରବଳ ପ୍ରତିକ୍ରିୟା ମୁଣ୍ଡ ଟେକିଛି। ଇମରାନ ଖାଁ ଓ ତାଙ୍କ ଭଉଣୀଙ୍କ ନେତୃତ୍ୱରେ ପରିଚାଳିତ ଦଳୀୟ କର୍ମୀଙ୍କ ବିକ୍ଷୋଭ ଓ ସମାବେଶକୁ ଆତଙ୍କବାଦ ନିରୋଧ ଆଇନ ବଳରେ ଦମନ କରାଯାଉଥିବା ବେଳେ ଗାଜାରେ ସୈନ୍ୟ ମୁତୟନକୁ ନେଇ ନୂଆ ବିବାଦ ମୁଣ୍ଡ ଟେକିଛି। ଦେଶରେ ସକ୍ରିୟ ଥିବା ଇସ୍ରାଏଲ ବିରୋଧୀ ଗୋଷ୍ଠୀ ବଡ଼ ଧରଣର ମେଳି ଓ ବିଦ୍ରୋହ ପାଇଁ ପ୍ରସ୍ତୁତ ହେଉଥିବାର ଜଣାପଡ଼ିଛି। ଗାଜାରେ ଅସ୍ତ୍ରବିରତି ପରେ ଶାନ୍ତି ଫେରି ଆସି ନ ଥିବା ବେଳେ ଏହି ସ୍ଥିରତା ବାହିନୀ ଗଠନର ଆବଶ୍ୟକତା କ'ଣ? ସୂଚନାଯୋଗ୍ୟକି ଇସ୍ରାଏଲର ସ୍ଥଳବାହିନୀ ପରିସ୍ଥିତି ସମ୍ଭାଳିବାକୁ ଅସାମର୍ଥ୍ୟ ପ୍ରକାଶ କରିଛି। ସ୍ଥଳବାହିନୀ ମୁଖ୍ୟଙ୍କ ସୂଚନା ଅନୁଯାୟୀ ବିପୁଳ ସଂଖ୍ୟାରେ ଯବାନ୍ ଇସ୍ତଫା ଦେଇଛନ୍ତି। କେବଳ ବାୟୁସେନା ମାଧ୍ୟମରେ ଆକାଶ ମାର୍ଗରୁ ଯୁଦ୍ଧର ଚଳଚଞ୍ଚଳତା ଜାରି ରହିଛି। ହମାସଙ୍କୁ ନିରସ୍ତ୍ର କରିବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ। ତେଣୁ କିଛି ମୁସଲମାନ ରାଷ୍ଟ୍ରଙ୍କ ସେନା ମୁତାୟନ କରି ହମାସଙ୍କ ବିରୋଧରେ ସେମାନଙ୍କୁ ଲଢ଼ାଇଦେବାର ନୂଆ ଯୋଜନା ପ୍ରସ୍ତୁତ କରାଯାଇଛି। ନେତାନ୍ୟାହୁଙ୍କ ଏହି ପ୍ରସ୍ତାବକୁ ଗ୍ରହଣ କରି ଟ୍ରମ୍ପ ମଧ୍ୟପ୍ରାଚ୍ୟର ସହଯୋଗୀ ରାଷ୍ଟ୍ର ଓ ପାକିସ୍ତାନ ଉପରେ ଚାପ ପ୍ରୟୋଗ କରିଛନ୍ତି। ମୁନୀର ଏହାକୁ ମାନି ନେଇ ନିଜ ଦେଶରେ ପ୍ରବଳ ଚାପର ସମ୍ମୁଖୀନ ହୋଇଛନ୍ତି। ଅନ୍ୟପକ୍ଷରେ ଶାନ୍ତି ରାଜିନାମାର ଅନ୍ୟତମ ସହଯୋଗୀ କାତାର ପ୍ରଧାନମନ୍ତ୍ରୀ ଆମେରିକା ଗସ୍ତରେ ଯାଇ ବୈଦେଶିକ ମନ୍ତ୍ରୀ ରୁବେରିଓଙ୍କ ସହ ଆଲୋଚନା କରିଛନ୍ତି। ଇସ୍ରାଏଲର ଅସ୍ତ୍ରବିରତି ଉଲ୍ଲଙ୍ଘନ ଓ ସ୍ୱତନ୍ତ୍ର ପାଲେଷ୍ଟାଇନ ଗଠନ ଉଦ୍ୟମକୁ ପଣ୍ଡ କରିଦେବା ପାଇଁ ପ୍ରୟାସ ବିରୋଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ନେତାନ୍ୟାହୁଙ୍କ ଆଭିମୁଖ୍ୟ ଯାହା, ସେଥିରେ ଗାଜାରେ ଯେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ହେବ ସେ ଆଶା ଊଣା। ହସମାସଙ୍କୁ ନିରସ୍ତ୍ର କରିବା ନାମରେ ପରସ୍ପର ବିରୋଧରେ ଲଢ଼େଇ ସକାଶେ ଯେଉଁ ଯୋଜନା ହୋଇଛି ତାହାର ପରିଣାମ ଭୟଙ୍କର ହେବ।

# ଓମାନ ପରେ ନ୍ୟୁଜିଲାଣ୍ଡ

ନ୍ୟୁଜିଲାଣ୍ଡ ସହ ମୁକ୍ତ ବାଣିଜ୍ୟ ରାଜିନାମା ଚୂଡ଼ାନ୍ତ ହୋଇଛି। ୨୦୨୧ ପରେ ଭାରତର ଏହା ହେବ ସପ୍ତମ ବାଣିଜ୍ୟ ରାଜିନାମା। ଦୁଇଦେଶ ମଧ୍ୟରେ ୯ ମାସ ଧରି ଏହି ଚୁକ୍ତିନାମା ପାଇଁ ଚାଲିଥିବା ଦ୍ୱିପାକ୍ଷିକ ଆଲୋଚନାର ଅନ୍ତ ଘଟିଛି। କେବଳ ନ୍ୟୁଜିଲାଣ୍ଡ ସଂସଦର ଅନୁମୋଦନକୁ ଅପେକ୍ଷା। ଭାରତର ଶତପ୍ରତିଶତ ଓ ନ୍ୟୁଜିଲାଣ୍ଡ ୯୫ ପ୍ରତିଶତ ସାମଗ୍ରୀ ରପ୍ତାନି ଶୁଳ୍କ ମୁକ୍ତ ହୋଇଛି। ଦୁଇଦେଶର ପ୍ରଧାନମନ୍ତ୍ରୀ ଆନୁଷ୍ଠାନିକ ଭାବେ ଏହି ରାଜିନାମା ଘୋଷଣା କରିଛନ୍ତି। ସପ୍ତାହକ ପୂର୍ବରୁ ଗଲ୍ଫ ରାଷ୍ଟ୍ର ଓମାନ ସହ ମଧ୍ୟ ଭାରତ ଅନୁରୂପ ରାଜିନାମା ସ୍ୱାକ୍ଷର କରିଥିଲା।

ବିଶ୍ୱରେ ବିଭିନ୍ନ ରାଷ୍ଟ୍ର ବ୍ୟବସାୟ କ୍ଷେତ୍ରରେ ରକ୍ଷଣଶୀଳ ନୀତି ଅନୁସରଣ କରୁଥିବାରୁ ନିଜ ନିଜର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରାଜିନାମାରେ ଉପନୀତ ହେଉଛନ୍ତି। ଯେମିତି ନ୍ୟୁଜିଲାଣ୍ଡ ସହ ହୋଇଥିବା ରାଜିନାମାରୁ କୃଷିଜାତ ଓ ଦୁଗ୍ଧ ଜାତ ଦ୍ରବ୍ୟକୁ ବାଦ ଦିଆଯାଇଛି। ୟୁକେ ସହ ହୋଇଥିବା ମୁକ୍ତ ବାଣିଜ୍ୟ ରାଜିନାମାରେ ମଧ୍ୟ ଭାରତ ଅନୁରୂପ ଆଭିମୁଖ୍ୟ ଗ୍ରହଣ କରିଛି। ଅନ୍ୟ ପକ୍ଷରେ ଭାରତୀୟ ଚାଷୀ ନ୍ୟୁଜିଲାଣ୍ଡର ସଂପ୍ରାସାରିତ ବଜାରରେ ସୁଯୋଗ ପାଇବା ସହ ବୈଷୟିକ ସହାୟତା ମଧ୍ୟ ହାସଲ କରିବ। ମୁକ୍ତ ବାଣିଜ୍ୟ ରାଜିନାମାରେ ଦୁଗ୍ଧଜାତ ଦ୍ରବ୍ୟ ଓ କୃଷି ଉତ୍ପାଦକୁ ବାଦ ଦିଆଯାଉଥିବାରୁ ନ୍ୟୁଜିଲାଣ୍ଡ ବିରୋଧୀ ଦଳ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ତେବେ ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋଏଲଙ୍କ କହିବା କଥା ହେଲା, ଭରତ ତାହାର ଦୁଗ୍ଧ ବଜାରକୁ ଅନ୍ୟ ଦେଶ ପାଇଁ ମୁକ୍ତ କରିପାରିବ ନାହିଁ। ସେହିଭଳି ଚାଉଳ, ଗହମ, ସୋୟାବିନ ଓ ଅନ୍ୟାନ୍ୟ କୃଷି ଉତ୍ପାଦ କ୍ଷେତ୍ରରେ ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଭାରତ ପ୍ରତିଶ୍ରୁତିବଦ୍ଧ।

ଏହି ରାଜିନାମାର ବୃହତ୍ତର ଦିଗ ହେଲା, ନ୍ୟୁଜିଲାଣ୍ଡ ଏକାଥରକେ ଭାରତୀୟଙ୍କ ପାଇଁ ୫୦୦୦ ଭିସା ଦେବ। ତାହା ସହ ତିନିବର୍ଷ ରହଣି ପାଇଁ ମଧ୍ୟ ଅନୁମତି ପ୍ରଦାନ କରିବ। ଏହାଦ୍ୱାରା ଭାରତୀୟ ଛାତ୍ରଙ୍କ ପାଇଁ ଉଚ୍ଚତର ଶିକ୍ଷାଲାଭ ଓ ନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇଛି। ସେହିଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଉଚ୍ଚ ପେସାଦାରଙ୍କ ସହାୟତାର ଆବଶ୍ୟକତା ମଧ୍ୟ ଅଛି। ତେଣୁ ସାମୟିକ ଭିସା ମାଧ୍ୟମରେ ସେମାନେ ସେଠାରେ ଉପକୃତ ହୋଇପାରିବେ। ଆଗାମୀ ଦିନରେ ନ୍ୟୁଜିଲାଣ୍ଡରେ ବିପୁଳ ନିଯୁକ୍ତି ସୁଯୋଗ ଥିବାରୁ ଏହି ବୁଝାମଣା ଭାରତୀୟ ଶ୍ରମଭିତ୍ତିକ କର୍ମୀଙ୍କ ପାଇଁ ସମ୍ଭାବନାର ପଥ ଉନ୍ମୁକ୍ତ କରିଛି। ୨୦୨୪ ରେ ଦୁଇ ଦେଶ ମଧ୍ୟରେ ସାମଗ୍ରୀ ଓ ସେବା କାରବାର ୨୪୦ କୋଟି ଡଲାର ଥିଲା। ସେଥିମଧ୍ୟରୁ କେବଳ ସେବା ବାବଦ ଅଂଶ ୧୨୪ କୋଟି ଡଲାର। ଆଗାମୀ ଦିନରେ ଭାରତୀୟ କମ୍ପାନୀଗୁଡ଼ିକ ନ୍ୟୁଜିଲାଣ୍ଡରେ ନିଜର ସ୍ଥିତି ସୁଦୃଢ଼ କରିବେ ବୋଲି ଆଶା କରାଯାଉଛି। ସର୍ବୋପରି ଦେଶର ବୟନ, ପୋଷାକ, ଚମଡ଼ା ସାମଗ୍ରୀ ଓ ସାମୁଦ୍ରିକ ଉତ୍ପାଦ ରପ୍ତାନି ପାଇଁ ବିପୁଳ ସୁଯୋଗ ସୃଷ୍ଟି ହୋଇଛି।

ଭାରତ ଭଳି ଦ୍ରୁତ ଗତିଶୀଳ ଅର୍ଥନୀତି ପାଇଁ ବିଭିନ୍ନ ରାଷ୍ଟ୍ରସହ ବାଣିଜ୍ୟ କାରବାରର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। ବଜାର ଅର୍ଥନୀତିରେ ବାଣିଜ୍ୟିକ ସ୍ୱାର୍ଥରକ୍ଷା ସହ କୂଟନୈତିକ ସଂପର୍କ ସୁଦୃଢ଼ କରିବା ପ୍ରତି ରାଷ୍ଟ୍ରନାୟକମାନେ ପ୍ରାଧାନ୍ୟ ଦେଇଥିବାରୁ ଦିନକୁ ଦିନ ନୂଆ ବିକଳ୍ପ ମଞ୍ଚ ମୁଣ୍ଡ ଟେକୁଥିବାର ପରିଲକ୍ଷିତ ହେଉଛି।

## ସମ୍ପାଦକୀୟ



ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଓ ମହିଳା ସଶକ୍ତୀକରଣ ଦ୍ୱାରା ଜନସଂଖ୍ୟା ବିସ୍ଫୋରଣକୁ ରୋକାଯାଇପାରିବ।

-ବିଲ୍ ଗେଟ୍ସ

# ପରମାଣୁ ଶକ୍ତି ବିକାଶ ଓ 'ଶାନ୍ତି'

ଇଂ ମାୟାଧର ସ୍ୱାଇଁ

ନିକଟରେ ଶେଷ ହୋଇଥିବା ସଂସଦର ଶୀତ ଅଧିବେଶନରେ ଦେଶରେ ପରମାଣୁ ଶକ୍ତିର ବିକାଶ ପାଇଁ ଏକ ବିଧେୟକ ପାରିତ ହୋଇଛି। ଏହା ହେଉଛି 'ସଷ୍ଟେନେବଲ୍ ହାର୍ସେନିଂ ଆଣ୍ଡ ଆଡଭାନ୍ସମେଣ୍ଟ ଅଫ୍ ନ୍ୟୁକ୍ଲିୟର ଏନର୍ଜି ଫର ଟ୍ରାନ୍ସଫରମିଙ୍ଗ ଇଣ୍ଡିଆ' ବା ସଂକ୍ଷେପରେ 'ଶାନ୍ତି' ବିଲ୍। ଦେଶରେ ପରମାଣୁ ଶକ୍ତି ସମ୍ବନ୍ଧୀୟ ଦୁଇଟି ଆଇନ୍ ବର୍ତ୍ତମାନ କାର୍ଯ୍ୟକାରୀ ହେଉଛି। ସେଗୁଡ଼ିକ ହେଉଛି 'ପରମାଣୁ ଶକ୍ତି ଆଇନ-୧୯୬୨' ଏବଂ 'ପରମାଣିକ କ୍ଷତି ପାଇଁ ଦାୟିତ୍ୱ ଆଇନ-୨୦୧୦'। ନୂତନ ବିଲ୍ ଏହି ଦୁଇଟି ଆଇନ୍ ପ୍ରତିବଦଳରେ ପ୍ରଚଳିତ ହେବ। ଏହି ବିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପରମାଣୁ ଶକ୍ତି କ୍ଷେତ୍ରରେ ବେସରକାରୀ କମ୍ପାନୀଗୁଡ଼ିକୁ ଅନୁମତି ଦେବା।

ବର୍ତ୍ତମାନ ଦେଶରେ ପରମାଣୁ ଶକ୍ତି ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟକ୍ରମ ସରକାରୀ ସ୍ତରରେ କିମ୍ବା ସରକାରଙ୍କ ଅଧୀନସ୍ଥ ସଂସ୍ଥା 'ଭାରତୀୟ ଆଣବିକ ନିଗମ ଲିମିଟେଡ' ହାତରେ ଅଛି। ତା' ହେଲେ ଏହାକୁ ବେସରକାରୀ କମ୍ପାନୀକୁ ସମର୍ପଣ କରିବାର ଉଦ୍ଦେଶ୍ୟ କ'ଣ? ଭାରତର ମୋଟ ବିଦ୍ୟୁତ୍ ଉତ୍ପାଦନର ପ୍ରାୟ ୫୦ ପ୍ରତିଶତ ତାପଜ ବିଦ୍ୟୁତ୍‌ରୁ ଆସୁଛି। ତାହା ହିଁ ହେଉଛି ଜଳବାୟୁ ପରିବର୍ତ୍ତନର ପ୍ରମୁଖ କାରଣ। ତାପଜ ବିଦ୍ୟୁତ୍ ଉତ୍ପାଦନ ହ୍ରାସ କରିବା ପାଇଁ ଅନ୍ତର୍ଜାତୀୟ ସ୍ତରରେ ରାଜିନାମା ହୋଇଛି ଏବଂ ଭାରତ ସେଥିରେ ସ୍ୱାକ୍ଷର କରିଛି। ତାପଜ ବିଦ୍ୟୁତ୍‌ର ଏକ ବିକଳ୍ପ ଭାବରେ ପରମାଣୁ ଶକ୍ତିକୁ ବିଚାର କରାଯାଉଛି। ଏଣୁ ଭାରତ ସରକାର ୨୦୪୭ ମସିହା ସୁଦ୍ଧା ଦେଶରେ ପରମାଣୁ ବିଦ୍ୟୁତ୍ ଉତ୍ପାଦନ କ୍ଷମତାକୁ ୧୦୦ ଗିଗାୱାଟ୍‌କୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ସରକାରୀ ସ୍ତରରେ ଏହା ହାସଲ କରିବା ସମ୍ଭବ ନୁହେଁ ମନେ କରି ସରକାର ଏହି ପଦକ୍ଷେପ ନେଇଛନ୍ତି।

ସୂଚନାଯୋଗ୍ୟ ଯେ ଭାରତରେ ପ୍ରଥମ ପରମାଣୁ ବିଦ୍ୟୁତ୍ କେନ୍ଦ୍ର ମହାରାଷ୍ଟ୍ରର ତାରାପୁରଠାରେ ୧୯୬୯ ମସିହାରେ ସ୍ଥାପିତ ହୋଇଥିଲା ଏବଂ ୨୦୨୫ ମସିହା ଡିସେମ୍ବର ମାସ ସୁଦ୍ଧା ଦେଶରେ ପରମାଣୁ ବିଦ୍ୟୁତ୍ ପ୍ରତିଷ୍ଠିତ କ୍ଷମତା ହେଉଛି ୮୭୮୦ ମେଗାୱାଟ୍ (୮.୭୮ ଜିଗାୱାଟ୍)। ଏହା ହେଉଛି ଦେଶର ମୋଟ ବିଦ୍ୟୁତ୍ ଉତ୍ପାଦନର ମାତ୍ର ତିନି ପ୍ରତିଶତ। ପରମାଣୁ ଶକ୍ତି ପ୍ରତିଷ୍ଠାର ଏହି କଚ୍ଛପ ଗତିକୁ ଦେଖିଲେ ଆଉ ୨୨ ବର୍ଷ ମଧ୍ୟରେ ଏହା ଆଠଗୁଣ ବୃଦ୍ଧି ପାଇବା ଆଶା କରିବା ବୃଥା। ସରକାରୀ ସ୍ତରରେ ଅର୍ଥାଭାବ ସାଙ୍ଗକୁ ଶାସନଗତ ଓ ଅମଲାତାନ୍ତ୍ରିକ ଅସୁବିଧା ଅଛି, ଯାହା ବେସରକାରୀ କମ୍ପାନୀ ପାଖରେ ନାହିଁ।

ପନ୍ଦର ବର୍ଷ ପୂର୍ବେ କ୍ଷୁଦ୍ର ପରମାଣୁ ରିଆକଟର ଓ ଭାରତ କ୍ଷୁଦ୍ର ରିଆକ୍ଟର ବିଷୟରେ ଜଣା ନଥିଲା କିମ୍ବା କେହି ଏହାର କଳ୍ପନା ମଧ୍ୟ କରି ନ ଥିଲେ। ୫ ମେଗାୱାଟ୍, ୫୫ ମେଗାୱାଟ୍ ଓ ୨୦୦ ମେଗାୱାଟ କ୍ଷମତାର ପରମାଣୁ ରିଆକ୍ଟରଗୁଡ଼ିକ ହେଉଛି ଦକ୍ଷ ଓ ନିରାପଦ ଏବଂ ଏହାର ନିର୍ମାଣ ସମୟ ବହୁତ କମ୍। ଏଗୁଡ଼ିକୁ ବେସରକାରୀ କମ୍ପାନୀଗୁଡ଼ିକ ନିର୍ଦ୍ଧାରିତ ସମୟରେ ସମ୍ପାଦନ କରିପାରିବେ ବୋଲି ଆଶା କରାଯାଉଛି। ଅନେକଙ୍କର ଧାରଣା ଯେ ପରମାଣୁ ଶକ୍ତି କେବଳ ବିଦ୍ୟୁତ୍ ଉତ୍ପାଦନ ଓ ଅସ୍ତ୍ର (ବୋମା) ନିର୍ମାଣ ପାଇଁ ବ୍ୟବହୃତ ହେଉଛି। କିନ୍ତୁ ଶାନ୍ତି କ୍ଷେତ୍ରରେ ଏହାର ଅନେକ ଉପଯୋଗ ହେଉଛି। ଏଣୁ ବେସରକାରୀ ସ୍ତରରେ ପରମାଣୁ ଶକ୍ତି ଉତ୍ପାଦିତ ହେଲେ ଏହି ସବୁ କ୍ଷେତ୍ର ପାଇଁ ସହଜରେ ଉପଲବ୍ଧ ହୋଇପାରିବ।

ବିଲ୍ ଅନୁଯାୟୀ କେନ୍ଦ୍ର ସରକାରଙ୍କ କୌଣସି ବିଭାଗ, ସରକାରୀ କମ୍ପାନୀ, ବେସରକାରୀ କମ୍ପାନୀ କିମ୍ବା ଯୌଥ କମ୍ପାନୀ ପରମାଣୁ ଶକ୍ତି କାର୍ଯ୍ୟକ୍ରମ ପାଇଁ ସରକାରଙ୍କଠାରୁ ଲାଇସେନ୍ସ ନେବାକୁ ପଡ଼ିବ। ଏହାପରେ ସେମାନେ ପରମାଣୁ ବିଦ୍ୟୁତ୍ କେନ୍ଦ୍ର ନିର୍ମାଣ, ପ୍ରଚଳନ କିମ୍ବା ଭାଙ୍ଗି ପାରିବେ। ସେମାନଙ୍କ କାର୍ଯ୍ୟ ମଧ୍ୟରେ ପରମାଣୁ ଇନ୍ଧନ ନିର୍ମାଣ, ପରମାଣୁ ଇନ୍ଧନ କିମ୍ବା ବ୍ୟବହୃତ ଇନ୍ଧନର ପରିବହନ ଓ ସଞ୍ଚୟ ଏବଂ ପରମାଣୁ ପଦାର୍ଥ, ଉପକରଣ, ପ୍ରଯୁକ୍ତିବିଦ୍ୟା କିମ୍ବା ସଫ୍ଟଓ୍ୱାର ରପ୍ତାନି ଓ ଆମଦାନୀ ଅନ୍ତର୍ଭୁକ୍ତ।

ପରମାଣୁ ଶକ୍ତି କାର୍ଯ୍ୟକ୍ରମର ଦୁଇଟି ବଡ଼ ବିପତ୍ତି ଅଛି। ଗୋଟିଏ ହେଉଛି ପରମାଣୁ ବିକିରଣ ଜନିତ ନିରାପତ୍ତା ଏବଂ ଅନ୍ୟଟି ହେଉଛି ପରମାଣୁ ଅସ୍ତ୍ର ନିର୍ମାଣ ପାଇଁ ଏହାର ଦୁରୁପଯୋଗ। ପରମାଣୁ କେନ୍ଦ୍ରରେ ଦୁର୍ଘଟଣା ଘଟିଲେ ବିକିରଣ ଯୋଗୁଁ ଅନେକ କ୍ଷତି ହୋଇପାରେ ଏବଂ ପରମାଣୁ ବୋମାର ଭୟାବହତା ସମସ୍ତଙ୍କୁ ଜଣା। ଏଥିପାଇଁ ଭାରତ ସମେତ ଅନେକ ଦେଶରେ ପରମାଣୁ କାର୍ଯ୍ୟକ୍ରମ ସରକାରଙ୍କର ପୂର୍ଣ୍ଣ ନିୟନ୍ତ୍ରଣାଧୀନ ଅଛି। ନୂତନ ବିଲ୍‌ରେ ସରକାର ବେସରକାରୀ ସ୍ତରକୁ ଏହାକୁ ପ୍ରସାରଣ କରିଥିବାରୁ ଏହି ଉଭୟ ବିପତ୍ତିକୁ ଲକ୍ଷ୍ୟ କରି ଏଥିରେ ଯଥେଷ୍ଟ ସତର୍କତା ଅବଲମ୍ବନ କରାଯାଇଛି। ସରକାର ପରମାଣୁ ପଦାର୍ଥ ଓ କାର୍ଯ୍ୟକଳାପ ଉପରେ ନିୟନ୍ତ୍ରଣ ରଖିବେ। ପରମାଣୁ ଶକ୍ତିର ଇନ୍ଧନ ହେଉଛି ୟୁରାନିୟମ ଓ ଅନ୍ୟ କେତେକ ବିଖଣ୍ଡନୀୟ ପଦାର୍ଥ। ସରକାର ଏହାର ନିରୀକ୍ଷଣ କରିବେ। ବ୍ୟବହୃତ ପରମାଣୁ ଇନ୍ଧନକୁ ନିର୍ଦ୍ଦିଷ୍ଟ ଶୀତଳନ ଅବଧି ପର୍ଯ୍ୟନ୍ତ ନିରାପଦରେ ରଖିବାକୁ ହେବ ଏବଂ ଏହା ପରେ ଏହାକୁ ସରକାରଙ୍କୁ ହସ୍ତାନ୍ତର କରିବାକୁ ପଡ଼ିବ। ପରମାଣୁ କେନ୍ଦ୍ରରେ ମନ୍ଦକ ଭାବେ ଭାରୀଜଳ ବ୍ୟବହୃତ ହୁଏ ଏବଂ ବିଲ୍ ଅନୁଯାୟୀ ବ୍ୟବହାର ପରେ ଏହାକୁ ମଧ୍ୟ ସରକାରଙ୍କୁ ହସ୍ତାନ୍ତର କରାଯିବ।

ପରମାଣୁ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଅନ୍ୟାନ୍ୟ କ୍ରିୟାକଳାପଗୁଡ଼ିକ ସରକାରଙ୍କର ଅଧୀନରେ ଅଛି। ଏହିସବୁ ମଧ୍ୟରେ ୟୁରାନିୟମ୍ ସମୃଦ୍ଧିକରଣ, ବ୍ୟବହୃତ ପରମାଣୁ ଇନ୍ଧନର ପୁନଃପ୍ରକ୍ରିୟାକରଣ, ପରମାଣୁ ଅବଶେଷର ପରିଚାଳନା ଏବଂ ଭାରୀଜଳ ଉତ୍ପାଦନ ଅନ୍ତର୍ଭୁକ୍ତ। ପୁନଶ୍ଚ ଖଣିରୁ ୟୁରାନିୟମ୍ ଓ ଥୋରିୟମ୍ ନିଷ୍କାସନ ମଧ୍ୟ କେବଳ ହେଉଛି ସରକାରଙ୍କର ଅଧିକାର। ଏହାର ଉତ୍ତୋଳନ କେବଳ ସରକାରଙ୍କ ନିୟନ୍ତ୍ରିତ କମ୍ପାନୀ କରିପାରିବେ ଏବଂ ସରକାରଙ୍କର ବିନା ଅନୁମତିରେ ଏଗୁଡ଼ିକର ବିକ୍ରି କିମ୍ବା ପରିବହନ ହୋଇ ପାରିବ ନାହିଁ।

'ଶାନ୍ତି' ବିଲ୍‌ରେ ଏକ ଉଲ୍ଲେଖନୀୟ ଧାରା ହେଉଛି ପରମାଣୁ ଶକ୍ତିଜନିତ ଦୁର୍ଘଟଣାର କ୍ଷୟକ୍ଷତି ପୂରଣ। ଯଦି କୌଣସି ପରମାଣୁ ଦୁର୍ଘଟଣା ହୁଏ, ତା' ହେଲେ ଏହାକୁ ଚଳାଉଥିବା କମ୍ପାନୀ ଏଥିପାଇଁ ଦାୟୀ ହେବ ଏବଂ ପୀଡ଼ିତ ବ୍ୟକ୍ତିମାନଙ୍କୁ କ୍ଷତିପୂରଣ ଦେବ। ଏଥିମଧ୍ୟରେ ବିଦ୍ୟୁତ୍ କେନ୍ଦ୍ରରେ ଦୁର୍ଘଟଣା ଏବଂ ପରିବହନ ସମୟରେ ଦୁର୍ଘଟଣା ଅନ୍ତର୍ଭୁକ୍ତ। ଅବଶ୍ୟ ଯଦି ଜଣେ ବ୍ୟକ୍ତିର ନିଜର ଅବହେଳା ଯୋଗୁଁ ସେ କ୍ଷତିଗ୍ରସ୍ତ ହୋଇଥାଏ, ତା' ହେଲେ ସେ କ୍ଷତିପୂରଣ ପାଇବ ନାହିଁ। ପ୍ରତ୍ୟେକ ଦୁର୍ଘଟଣା ପାଇଁ କ୍ଷତିପୂରଣର ଏକ ସର୍ବୋଚ୍ଚ ସୀମା ବିଲ୍‌ରେ ନିର୍ଦ୍ଧାରଣ କରାଯାଇଛି। ଏହା ବିଦ୍ୟୁତ୍ କେନ୍ଦ୍ରର ଉତ୍ପାଦନ କ୍ଷମତା ଉପରେ ନିର୍ଭର କରେ। ୩୬୦୦ ମେଗାୱାଟ୍‌ରୁ ଅଧିକ ବିଦ୍ୟୁତ୍ କେନ୍ଦ୍ର ପାଇଁ ଏହା ୩୦୦୦ କୋଟି ଟଙ୍କା ଥିବା ବେଳେ ୧୫୦୦ରୁ ୩୬୦୦ ମେଗାୱାଟ ମଧ୍ୟରେ କ୍ଷମତା ପାଇଁ ୧୫୦୦ କୋଟି ଟଙ୍କା, ୭୫୦ ରୁ ୧୫୦୦ ମେଗାୱାଟର ରିଆକ୍ଟର ପାଇଁ ୭୫୦ କୋଟି ଟଙ୍କା, ୧୫୦ ରୁ ୭୫୦ ମେଗାୱାଟ କ୍ଷମତା ପାଇଁ ୩୦୦ କୋଟି ଟଙ୍କା ଏବଂ ଛୋଟ ରିଆକ୍ଟର, ଇନ୍ଧନ ଚକ୍ର ଉପକରଣ ଓ ପରମାଣୁ ପଦାର୍ଥର ପରିବହନ କ୍ଷେତ୍ରରେ ଏହା ୧୦୦ କୋଟି ଟଙ୍କା ରଖାଯାଇଛି। ସେହିପରି ପରମାଣୁ ନିୟମ ଉଲଘଂନକାରୀଙ୍କୁ ମଧ୍ୟ ବିଦ୍ୟୁତ୍ କେନ୍ଦ୍ରର କ୍ଷମତା ଅନୁଯାୟୀ ୫୦ ହଜାର ଟଙ୍କାରୁ ୧କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନାର ବ୍ୟବସ୍ଥା ଅଛି।

ଦେଶରେ ପରମାଣୁ ଶକ୍ତି କାର୍ଯ୍ୟକ୍ରମର ନିୟନ୍ତ୍ରଣ ପାଇଁ 'ପରମାଣୁ ଶକ୍ତି ନିୟାମକ ପରିଷଦ' ଅଛି। ନୂତନ ବିଲ୍‌ରେ ଏହାକୁ ଅଧିକ କ୍ଷମତା ଦିଆଯାଇଛି ଏବଂ ସରକାରଙ୍କ ନିୟନ୍ତ୍ରଣରୁ ମୁକ୍ତ କରାଯାଇଛି। ଏହି ବିଲ୍‌କୁ ଅନେକ ସ୍ୱାଗତ କରିଥିବା ବେଳେ କେତେକ ବିରୋଧ ମଧ୍ୟ କରୁଛନ୍ତି। ଏହାଦ୍ୱାରା ନିଶ୍ଚିତ ଭାବେ ଦେଶରେ ସ୍ୱଚ୍ଛ ଓ ପରିଷ୍କାର ବିଦ୍ୟୁତ୍‌ର ବିକାଶ ହେବ। କିନ୍ତୁ ସମ୍ବେଦନଶୀଳ ପରମାଣୁ ଶକ୍ତିକୁ ସରକାରୀ କଳ ବାହାରକୁ ଦେବାର ନିରାପତ୍ତାଜନିତ ଚିନ୍ତା ମଧ୍ୟ ରହିଛି। ଯୁକ୍ତରାଷ୍ଟ୍ର ଆମେରିକା, ଜାପାନ, ଇଂଲଣ୍ଡ, ଫିନଲାଣ୍ଡ ଓ କାନାଡ଼ାରେ ପରମାଣୁ ବିଦ୍ୟୁତ୍ ଉତ୍ପାଦନ ବେସରକାରୀ ଭାବେ ହେଉଛି ଏବଂ କୌଣସି ସମସ୍ୟା ସୃଷ୍ଟି ହୋଇନାହିଁ। ଏଣୁ ଆମ ଦେଶରେ ଏହା ମଧ୍ୟ ଠିକ୍ ଭାବରେ କାର୍ଯ୍ୟ କରିବ ବୋଲି ଆଶା କରିବା। କେବଳ ସରକାରଙ୍କ ଆୟୁକ୍ତ ନିରୀକ୍ଷଣ ଓ ସତର୍କତା ଆବଶ୍ୟକ।

(ସମ୍ପାଦକ, ସାଇନ୍ସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

# ସଂସଦରେ ଚା' ଭୋଜି: ଭାରତୀୟ ଗଣତନ୍ତ୍ରର ସଭ୍ୟ ପରମ୍ପରା

ରାଜେଶ କୁମାର ତ୍ରିପାଠୀ

ତୀବ୍ର ବାଦ-ବିବାଦ, ପ୍ରତିବାଦ, ବିରୋଧ, ଆରୋପ-ପ୍ରତ୍ୟାରୋପ ଓ ରାଜନୈତିକ ଉତ୍ତେଜନା ମଧ୍ୟରେ ସଂସଦର ଶୀତକାଳୀନ ଅଧିବେଶନ ସମାପ୍ତ ହୋଇଛି। ଅଧିବେଶନ ସମୟର ଏହିଭଳି ଦୃଶ୍ୟ ଆମ ସମସ୍ତଙ୍କ ପାଇଁ ସାଧାରଣ। ଭିନ୍ନ ମତ ଓ ତୀବ୍ର ତର୍କ ଛଡ଼ା ଗଣତନ୍ତ୍ର ଚାଲେ ନାହିଁ। କିନ୍ତୁ ଗଣତନ୍ତ୍ରର ଶକ୍ତି କେବଳ ତର୍କରେ ନୁହେଁ, ତର୍କରେ ସଂଯମ ଓ ସମ୍ମାନକୁ ଧରି ରଖିବାରେ ରହିଛି। ସେଇଠି ଆସେ ସଂସଦର 'ଚା' ଭୋଜି'ର ମହତ୍ତ୍ୱ।

ଲୋକସଭା ଅଧ୍ୟକ୍ଷଙ୍କ ଦ୍ୱାରା ପ୍ରତ୍ୟେକ ଅଧିବେଶନ ପରେ ଆୟୋଜିତ ଏହି ଚା' ଭୋଜି କେବଳ ଏକ ସାମାଜିକ ଔପଚାରିକତା ନୁହେଁ। ଏହା ଭାରତର ସଭ୍ୟତାମୟ ଗଣତାନ୍ତ୍ରିକ ପରମ୍ପରାର ନିଦର୍ଶନ, ଯେଉଁଠି ଚା' କପର ଉଷ୍ମତା ଭିତରେ ବାଦ-ବିବାଦ ଜନିତ ଉତ୍ତେଜନା ପ୍ରଶମିତ ହୁଏ। ବିରୋଧୀ ଦଳର ପ୍ରତିନିଧି ମଧ୍ୟ ସରକାରଙ୍କର 'ଶତ୍ରୁ' ନୁହନ୍ତି, ବରଂ 'ସହଯାତ୍ରୀ', ଏହାକୁ ଅନୁଭବ କରାଇବାର ସୌଜନ୍ୟଭରା ଅବକାଶ ତିଆରି କରନ୍ତି ଲୋକସଭା ଅଧ୍ୟକ୍ଷ। ଚଳିତ ଥର ଶାସକ ଓ ବିରୋଧୀ ଉଭୟ ପକ୍ଷର ସୁସ୍ଥ ଉପସ୍ଥିତି ଏହି ପରମ୍ପରାକୁ ଆଉ ଗୋଟିଏ ସକାରାତ୍ମକ ବାର୍ତ୍ତା ଦେଇଛି, ଯାହା କେବଳ ଶବ୍ଦରେ ନୁହେଁ, ମନୋଭାବରେ ମଧ୍ୟ ପ୍ରକାଶ ପାଇଥିଲା। ଅଧିବେଶନ ଶେଷରେ ଏହି ଆସରରେ ଗମ୍ଭୀର ଅଭିଯୋଗ-ପ୍ରତ୍ୟାଭିଯୋଗର ପରିବେଶକୁ ସାମାଜିକ ସୌଜନ୍ୟ, ଗଣତାନ୍ତ୍ରିକ ଆବଶ୍ୟକତା ଭିତରେ ସମସ୍ତେ ହସ-ମଜାର ହାଲୁକା ରଙ୍ଗରେ ଖୁବ ସୁଖଦ ଭାବରେ ନିଜକୁ ଯୋଡ଼ି ନେଇଥିଲେ।

ବିରୋଧୀ ପକ୍ଷର ପ୍ରତିନିଧି ବସିଥିବା ଆସନରେ ମଧ୍ୟ ଶାସକ ଶିବିରର କଠୋର ମୁଖମଣ୍ଡଳ ନୁହେଁ, ସହଜ ହସ, ଧୈର୍ଯ୍ୟ ଓ ଶୁଣିବାର ଶ୍ରଦ୍ଧାପୂର୍ଣ୍ଣ ମନୋଭାବ ଦେଖାଗଲା। ବିରୋଧୀ ପକ୍ଷର ପ୍ରତିନିଧି ଯେତେବେଳେ ନିଜ ନିର୍ବାଚନ ମଣ୍ଡଳୀର ଏକ ଔଷଧୀୟ ଉଦ୍ଭିଦ ବିଷୟରେ କଥା ଉଠାଇ 'ଆଲର୍ଜିରୁ ରକ୍ଷା ପାଇଁ ସେ ଏହା ସେବନ କରନ୍ତି' ବୋଲି କହିଥିଲେ, ପ୍ରଧାନମନ୍ତ୍ରୀ ଓ ପ୍ରମୁଖ ଶାସକ ନେତାଙ୍କ ମୁହଁରେ ହସ ଫୁଟି ଉଠିଥିଲା। ଏହା ଗଣତନ୍ତ୍ରର 'ଭିନ୍ନ ମତ, କିନ୍ତୁ ମାନବିକ ସମ୍ପର୍କ' ଧାରଣାକୁ ସ୍ପଷ୍ଟ କରିଦେଇଥିଲା। ଏହି ଆସରରେ ବିରୋଧୀ ପକ୍ଷ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ସମ୍ପ୍ରତିକ ବିଦେଶ ଯାତ୍ରା ପ୍ରସଙ୍ଗ ଉଠାଇ ସହଜ ପ୍ରଶ୍ନ କରିଥିଲେ ଏବଂ ପ୍ରଧାନମନ୍ତ୍ରୀ ମଧ୍ୟ ତାହାର ସହଜ ଭାବରେ ଉତ୍ତର ଦେଇଥିଲେ। ଏହି ଛୋଟ ଆଦାନ-ପ୍ରଦାନରେ ଗୋଟିଏ ଗଭୀର ସୂଚନା ଥିଲା- 'ଆମେ ତର୍କ କରିପାରୁ, କିନ୍ତୁ କଥା ହେବା ବନ୍ଦ କରିବା ଉଚିତ୍ ନୁହେଁ, ପରସ୍ପରକୁ ସୌଜନ୍ୟ ଦେଖାଇବାରେ କାର୍ପଣ୍ୟତା ଦେଖାଇବା ଉଚିତ ନୁହେଁ।'

ଅନ୍ୟପଟେ ଉଚ୍ଚସ୍ୱର ଯୁକ୍ତିତର୍କ ନେଇ ଗୃହରେ ଚର୍ଚ୍ଚିତ ଥିବା ଜଣେ ବିରୋଧୀ ସଦସ୍ୟଙ୍କୁ ନେଇ ପ୍ରଧାନମନ୍ତ୍ରୀ ହାଲୁକା ମଜା କରିଥିଲେ- 'ସେଇଥିପାଇଁ ସେସନ୍ ଛୋଟ ରଖାଗଲା, ନହେଲେ ମୋ ଗଳା ଅଧିକ କଷ୍ଟ ପାଇ ଥା'ନ୍ତା।' - ଏପରି ହାସ୍ୟରେ ମନ ହାଲୁକା ହୁଏ, ରାଗ-ରୁଷା କାମ ହୁଏ। ତା' ସହିତ, ପ୍ରଧାନମନ୍ତ୍ରୀ କିଛି ବିରୋଧୀ ସଦସ୍ୟଙ୍କୁ 'ଭଲ ପ୍ରସ୍ତୁତି' ସହ ଗୃହକୁ ଆସିଥିବାରୁ ପ୍ରଶଂସା କରିଥିଲେ। ଭଲ ତର୍କକୁ ସ୍ୱୀକାର କରିବା, ବିରୋଧାଭାଷ ଉପରୁ ଉଠି ଗୁଣକୁ ସମ୍ମାନ ଦେବା ମଧ୍ୟ ଗଣତନ୍ତ୍ରର ଏକ ଭଲ ପରମ୍ପରା।

ବିରୋଧୀ ସଦସ୍ୟମାନେ ନୂଆ ସଂସଦ ଭବନରେ ଏକ 'କେନ୍ଦ୍ରୀୟ ହଲ୍' ଭଳି 'ସାଧାରଣ ମିଳନ ଆଲୋଚନା ସ୍ଥାନ' ରଖିବା ପ୍ରସଙ୍ଗ ଉଠାଇଥିଲେ। ଏଥିରେ ପ୍ରଧାନମନ୍ତ୍ରୀଙ୍କ ସ୍ମିତହାସ୍ୟ ଭରା ଉତ୍ତର ଥିଲା - 'ସେଟା ତ ପୋଷ୍ଟ-ରିଟାୟରମେଣ୍ଟ ପାଇଁ; ସେ ସମୟ ପାଇଁ ଆପଣଙ୍କର ତ ଆଉ ଅନେକ ଦିନ ବାକି ଅଛି।' ଏହି ମୃଦୁ ଉତ୍ତର ପରିବେଶକୁ ଆହୁରି ମଜାଦାର କରିଥିଲା। ଏହିସବୁ ଆଚରଣମାନ କେଉଁଠି ନିୟମ ଭାବେ ଲିଖିତ ନାହିଁ। ଏହା ହେଉଛି ଗଣତନ୍ତ୍ର ପାଇଁ ଆବଶ୍ୟକ ଥିବା ସଭ୍ୟ ଆଚରଣର ଅଲିଖିତ ସଂବିଧାନ।

ଭାରତୀୟ ସଂସଦର ଇତିହାସରେ ଏପରି ଉଦାହରଣରେ ରହିଛି, ଯେଉଁଠି ତୀବ୍ର ବିରୋଧ ସତ୍ତ୍ୱେ ପରସ୍ପର ସମ୍ମାନ ଅତୁଟ ରହିଛି। ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଓ ଅଟଳ ବିହାରୀ ବାଜପେୟୀଙ୍କ ମଧ୍ୟରେ ଥିବା ବାଦବିବାଦ ଆଜି ମଧ୍ୟ ସଂସଦୀୟ ଆଦର୍ଶ ଭାବେ ଉଦ୍ଧୃତ ହୁଏ। ବାଜପେୟୀ ଯେତେବେଳେ ନେହେରୁଙ୍କୁ କଠୋର ଭାଷାରେ ସମାଲୋଚନା କରୁଥିଲେ ନେହେରୁ ତାଙ୍କୁ 'ଭବିଷ୍ୟତର ପ୍ରଧାନମନ୍ତ୍ରୀ' ବୋଲି କହି ସଂସଦରେ ସମ୍ମାନ ଦେଇଥିଲେ। ଏହା ହେଉଛି ଗଣତନ୍ତ୍ରର ଶ୍ରେଷ୍ଠ ଶିକ୍ଷା- ବିରୋଧ ମଧ୍ୟରେ ମଧ୍ୟ ସମ୍ମାନ। ସେହିପରି ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ବିରୋଧୀ ନେତା ମନମୋହନ ସିଂହଙ୍କୁ ସଂସଦରେ ସମ୍ମାନ ଦେଉଥିଲେ। ମନମୋହନ ସିଂହ ପ୍ରଧାନମନ୍ତ୍ରୀ ହେବା ପରେ ବାଜପେୟୀଙ୍କୁ 'ଭାରତୀୟ ରାଜନୀତିର ଶ୍ରେଷ୍ଠ ସଂସଦବିଦ୍' ବୋଲି ସ୍ମରଣ କରିଥିଲେ। ଏହି ପରମ୍ପରା ଦର୍ଶାଏ ଯେ ସତ୍ତା ବଦଳିଥାଏ, କିନ୍ତୁ ସଭ୍ୟତା ଅତୁଟ ରୁହେ।

ଭାରତୀୟ ସଂସଦର ଆଉ ଗୋଟିଏ ଶକ୍ତିଶାଳୀ ପରମ୍ପରା ହେଉଛି 'ପ୍ରଶ୍ନୋତ୍ତର କାଳ'। ଏଠି ବିରୋଧୀ ଦଳ ସରକାରକୁ କଠୋର ପ୍ରଶ୍ନ ପଚାରନ୍ତି ଏବଂ ସରକାର ଉତ୍ତର ଦେବାକୁ ବାଧ୍ୟ ହୁଅନ୍ତି। ଏହି ପ୍ରଣାଳୀ ଗଣତନ୍ତ୍ରକୁ ଜବାବଦେହୀ କରିଥାଏ। ଏହା ମଧ୍ୟ ଦର୍ଶାଏ ଯେ ବିରୋଧମାନେ ଅବରୋଧ ନୁହେଁ, ବରଂ ନିରୀକ୍ଷଣ। ଆଜି ଯେତେବେଳେ ଗାଁ ଓ ସହରରେ ରାଜନୀତି ଦ୍ୱେଷର ରୂପ ନେଉଛି ଏବଂ ଦ୍ୱେଷ ସଂଘର୍ଷ ତଥା ରକ୍ତପାତ ସ୍ତରକୁ ଯାଉଛି ସଂସଦର ଏହି ପରମ୍ପରାମାନ ଆମକୁ ଏକ ଆଇନା ଦେଖାଉଛି। ଗାଁ ହେଉକି ସହର; ଚା' ଦୋକାନରେ ମତଭେଦ ସହ ହସ-ଖୁସିର ଆସର ରହିବା ଦରକାର। ସଂସଦର ଚା' ପାର୍ଟି ଏହି ସତ୍ୟକୁ ସ୍ମରଣ କରାଏ। ଗଣଙ୍କ ସାମୂହିକ ଉନ୍ନତି ପାଇଁ ତର୍କ ହେଉ, ବିରୋଧ ରହୁ; ଶେଷରେ ସାଙ୍ଗ ହୋଇ ସେ ବିକାଶକୁ ଭୋଗ କରିବାକୁ, ସେ ପ୍ରଗତି ପାଇଁ ଖୁସି ହେବାକୁ ସମସ୍ତେ ସାଥିରେ ରହିବାର ଆବଶ୍ୟକତାକୁ ଆମକୁ ବୁଝିବାକୁ ହେବ। ଗୋଟେ କପ୍ ଚା' ଗଣତାନ୍ତ୍ରିକ ସୌନ୍ଦର୍ଯ୍ୟ ଉପରେ ଗୋଟେ ସହଜ କଥା କୁହେ- 'ରାଜନୈତିକ ବିରୋଧ ଭିତରେ ଯଦି ଆମେ ସାଙ୍ଗରେ ବସି କଥା ହେଇ ପାରିବା, ଏକାଠି ଚା' ଆସରରେ ଖୁବ ହସି ପାରିବା ଆଉ ପରସ୍ପରର ପରିପୂରକ ହେବାର ଇଚ୍ଛା ରଖିପାରିବା ତେବେ ଭାରତର ଗଣତନ୍ତ୍ର ସୁସ୍ଥ ରହିବ।'

ଶେଷରେ ଏହା ଅନୁଭବ ହୁଏ ଯେ ଯଦି ବିରୋଧ ପରେ ଏମିତି ସମ୍ବାଦ ରହିବ ଏବଂ ସଂସଦରୁ ଆରମ୍ଭ ହୋଇ ଏକାଠି ଆସର କରିବାର ଏହି ସଂସ୍କୃତି ଗାଁର ଚା' ଦୋକାନ ପର୍ଯ୍ୟନ୍ତ ଆଦୃତ ହେବ, ତେବେ ଆମେ ସମସ୍ତେ ନିଜକୁ ଗଣତାନ୍ତ୍ରିକ ବ୍ୟବସ୍ଥାର ପୂଜାରୀ ବୋଲି କହିପାରିବା ଏବଂ ଦେଶର ଗତି ଠିକଣା ଦିଗରେ ଆଗକୁ ବଢ଼ି ପାରିବ।

ଭୁବନେଶ୍ୱର, ମୋ: ୯୬୯୨୩୩୩୦୩୧

# ଶତାବ୍ଦୀ-ସାଧକ: ନିରାସକ୍ତ ନିତ୍ୟାନନ୍ଦ

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ରାଜନୀତି ଆଉ ସାହିତ୍ୟ ମଧ୍ୟରେ ଅବସ୍ଥାନ କରି ଉଭୟ ଭାବ-ପରିଧିର ଊର୍ଦ୍ଧ୍ୱ ସୋପାନକୁ ଯିଏ ସମୁତ୍ତୀର୍ଣ୍ଣ ହୋଇ ଯାଇପାରନ୍ତି ତାଙ୍କ ବ୍ୟକ୍ତିତ୍ୱକୁ ଆକଳନ କରିବା କ'ଣ ସହଜସାଧ୍ୟ! ସେ କ୍ଷମତା ବିସ୍ତାର ସକାଶେ ରାଜନୀତିକୁ ଆସି ନ ଥିଲେ କିମ୍ବା ଯଶସ୍ୱୀ ହେବା ପାଇଁ ସାହିତ୍ୟକୁ ଆୟୁଧ କରି ନଥିଲେ। ପ୍ରାଚୀନ ଯୁଗର ଅସାମାନ୍ୟ ଋଷି-ଚେତନା ଧାରଣ କରି କାନ୍ତକବିଙ୍କ ବୈକୁଣ୍ଠରେ ସେ ଭୂମ୍ରି ହେବାର ରହସ୍ୟ ଭେଦ କରିବାର ଶକ୍ତି ଆମର କାହିଁ? ଯେଉଁ ଅପଶକ୍ତି ଅଶିଷ୍ଟ ଆଚରଣରେ ଲକ୍ଷ୍ମୀକାନ୍ତଙ୍କ ତନୁଶ୍ରୀ କରିଦେଇଥିଲା ବିବର୍ଣ୍ଣ, ସେହି ଅଶାଳୀନତାକୁ ଚୂର୍ଣ୍ଣିଭୂତ କରିଦେବା ନିମିତ୍ତ ଦେବ-ପ୍ରେରିତ ପ୍ରତିଭା ଆଉ ସାଧୁତାର କାନ୍ତିମୟ ନମନୀୟତା ନେଇ ଆବିର୍ଭୂତ ହୋଇଥିଲେ ନିତ୍ୟାନନ୍ଦ ମହାପାତ୍ର। ଲକ୍ଷ୍ମୀକାନ୍ତଙ୍କ ସାରସ୍ୱତ ଉତ୍ତରାଧିକାରୀ ଭାବରେ ଲାଭ କରିଥିଲେ ସେ ଏପରି ଏକ ପରିଚ୍ଛନ୍ନ, ସମ୍ବେଦନଶୀଳ ସମ୍ପ୍ରସାରିତ ହୃଦୟ, ଯେଉଁଠୁ ନିରନ୍ତର ନିଃସୃତ ହେଉଥିଲା କେବଳ ସ୍ନେହ, ଶ୍ରଦ୍ଧା, ସଂପ୍ରୀତିର ଅମୃତ ନିର୍ଝର। ଏହି କାରଣରୁ ସେ ନିର୍ମାଣ କରି ପାରିଥିଲେ 'ହିଡ଼ମାଟି'। ଅର୍ଜନ କରିଥିଲେ 'ଘରଡିହ'। 'ହିଡ଼ମାଟି'ରେ ସେ ଲେଖିଛନ୍ତି ତାଙ୍କ ଭାଷାରେ- 'ଏଇ ଗାଁ -ଏଇ ଗାଁ -କେଡ଼େ ସୁନ୍ଦର, କେଡ଼େ ମିଠା। ସତେ ଏଇ ଗାଁର ଧୂଳି ବାଲିରେ କେତେ ପାଠ ଲେଖା ହୋଇଛି।' ନିତ୍ୟାନନ୍ଦଙ୍କ ପ୍ରତିଟି ବାକ୍ୟ ଏହିପରି ଆବେଗସିକ୍ତ। ସାଧାରଣ ମଣିଷ ପ୍ରତି କି ସୁଗଭୀର ମମତ୍ୱବୋଧ!

ସେ କବିତା, ଗଳ୍ପ, ଉପନ୍ୟାସ, ନାଟକ, ଏକାଙ୍କିକା, ରମ୍ୟରଚନା- ଯାହା ଲେଖନ୍ତୁ ନା କାହିଁକି ସବୁ ହେଉଛି ଏକ ଏକ ମହୁଫେଣା। କି ସୁଲଳିତ ଭାଷା! କି କୋମଳ ବର୍ଣ୍ଣନା! ଆଉ କି ଗଭୀର ସମ୍ବେଦନା! ତାଙ୍କ ଗଳ୍ପ 'ମାଉସୀ' ବ୍ରିଟିଶ ଶାସକ ଦ୍ୱାରା ବାଜ୍ୟାପ୍ତ ହୋଇଥିଲା। ସେଥିପାଇଁ ତାଙ୍କ କଲମ ଅଟକିଗଲା ନାହିଁ। 'କ୍ଷଣିକା', 'ରାଜକନ୍ୟା' ପରି ଗଳ୍ପ ପୁସ୍ତକ, 'ଜୀବନର ଲକ୍ଷ୍ୟ', 'ସୁଖର ସନ୍ଧାନେ', 'ଭଙ୍ଗାହାଡ଼' ପରି ଉପନ୍ୟାସ, 'ପତ୍ର ଓ ପ୍ରତିମା' ପରି ରମ୍ୟ ରଚନା କିମ୍ବା 'ଭାରତ ଭାଗ୍ୟ ବିଧାତା' ଭଳି ଜୀବନୀ ଗ୍ରନ୍ଥ- ସବୁ କିଛି ଆନ୍ତରିକ ଅନୁରାଗରେ ଭାବାପ୍ଲୁତ, ରସାପ୍ଲୁତ, ମର୍ମଭେଦୀ ହୋଇ ଉଠିଛି ସେଇଥିଲାଗି।

ଲେଖାରେ ତାଙ୍କର କେଉଁଠି ସାମାନ୍ୟ ଚାତୁର୍ଯ୍ୟ ନଥାଏ, ଥାଏ କେବଳ ମାଧୁର୍ଯ୍ୟ। ପାଣ୍ଡିତ୍ୟ ନଥାଏ, ରହିଥାଏ ସାରଲ୍ୟର ଦ୍ୟୁତି। କବିତ୍ୱ ପ୍ରଦର୍ଶନ ନୁହେଁ, ସବୁଠି ପ୍ରେମର ନିଦର୍ଶନ। ସେ ସାହିତ୍ୟ ଲେଖନ୍ତି ନାହିଁ। ରକ୍ତ ନିଗାଡ଼ି ଦିଅନ୍ତି। ଅଶ୍ରୁ ତର୍ପଣ କରନ୍ତି। ହୋମାଗ୍ନି ପ୍ରଜ୍ୱଳିତ କରି ରଖନ୍ତି ହୃଦୟବେଦୀରେ। ସେଇଥିପାଇଁ ସେ ଏତେ ଆପଣାର। 'ଅଶ୍ରୁ' ଶୀର୍ଷକ ପ୍ରବନ୍ଧରେ ଲେଖକ କହୁଛନ୍ତି- 'ତୀର୍ଥଜଳ କଳୁଷିତ ହୋଇପାରେ। ମାତ୍ର ଆଖିପାଣି କେବେ କଳୁଷିତ ହୋଇପାରେ ନାହିଁ।' ସେ ପୂଜା କରିବା ପାଇଁ ଠାକୁର ଘରକୁ ଯାଆନ୍ତି। ଫଳ, ଫୁଲ, ଧୂପକାଠି କିଛି ନଥାଏ ତାଙ୍କ ପାଖରେ। ଅଶ୍ରୁର ନୈବେଦ୍ୟ ନିବେଦନ କରନ୍ତି ଭଗବାନଙ୍କୁ।

ନିତ୍ୟାନନ୍ଦ ମହାପାତ୍ରଙ୍କ ହୃଦୟପାତ୍ରରେ କେଉଁ ଭାବର ସାଙ୍ଗୀତିକ ସ୍ରୋତ ପ୍ରବାହିତ ହେଉନଥିଲା! ଓଡ଼ିଆରୁ ହିନ୍ଦୀକୁ ସେ ଅନୁବାଦ କରିଛନ୍ତି କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ମାଟିର ମଣିଷ'। ରାଜଗୋପାଳଚାରୀଙ୍କ ଇଂରାଜୀରେ ଲିଖିତ 'କମ୍ବନ ରାମାୟଣ'କୁ ଓଡ଼ିଆରେ ଅନୁବାଦ କରି ପ୍ରଦାନ କଲେ ଅନନ୍ୟ ଉପହାର। 'ନ୍ୟାସନାଲ ବୁକ ଟ୍ରଷ୍ଟ' ଦ୍ୱାରା ପ୍ରକାଶିତ ରମଣ ମହର୍ଷିଙ୍କ ଜୀବନୀ ମଧ୍ୟ ଓଡ଼ିଆରେ ଅନୁବାଦ କରିଛନ୍ତି। ଆଉ ସାହିତ୍ୟ ପତ୍ରିକା 'ଡଗର'? ତାହାରି ମାଧ୍ୟମରେ ତ ସେ ଘରେ ଘରେ ହୋଇଯାଇଥିଲେ ପରିଚିତ। ସେ ସଂସ୍କୃତି ବିଭାଗର ମନ୍ତ୍ରୀ ଥିବା ବେଳେ ହିଁ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜନ୍ମଗୃହ ଓଡ଼ିଶା ସରକାରଙ୍କ ଦ୍ୱାରା ଜାତୀୟକରଣ ହୋଇଥିଲା। ସେଥିପାଇଁ ସେ ନିଜେ ଯାଇ ବୁଲି ଆସିଥଲେ କବିଗୃହ। ସାକ୍ଷାତ ଆଲୋଚନା କରିଥିଲେ କବିପୁତ୍ର ଭଗବାନ ମେହେରଙ୍କ ସହ।

ସେ ଶହେଟି ଶରତ ଅତିକ୍ରମ କରିଯାଇପାରିଲେ କେଡ଼େ ଧୀର ଗତିରେ ସତେ! ଶତବର୍ଷରେ ଉପନୀତ ହେବା ପରେ ତାଙ୍କ ଭିତରେ ବିଦ୍ୟମାନ ଥିଲା ବିରଳ ଓ ସଦା ଦେଦୀପ୍ୟମାନ ଚୈତ୍ୟସତ୍ତା, ଯାହା ଦେଖିପାରିବାର ଆଖି ଆମର ନାହିଁ। ସମଗ୍ର ଜୀବନବ୍ୟାପୀ ସେ ଏପରି ଏକ ଉଚ୍ଚତର ଚେତନା ଦ୍ୱାରା ପରିଚାଳିତ ହୋଇଛନ୍ତି, ଯେଉଁ କାରଣରୁ ସଂସାର ମଧ୍ୟରେ ରହି ମଧ୍ୟ ସେ ଥିଲେ ସନ୍ନ୍ୟାସୀ। ନିରାସକ୍ତ ମଣିଷ। ନିରାସକ୍ତ ସାଧକ। ତାଙ୍କ ରଚନାବଳୀ ଯେଉଁମାନେ ଧ୍ୟାନସ୍ଥ ଚିତ୍ତରେ ପାଠ କରିବେ ସେମାନଙ୍କ ଯେ ଅନ୍ତଃ ପରିବର୍ତ୍ତନ ସୁନିଶ୍ଚିତ, ଏଥିରେ ସନ୍ଦେହ ନାହିଁ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ କ୍ଷତିପୂରଣ ଟଙ୍କା ହଡ଼ପ ଘଟଣା

# ୫ ଅଭିଯୁକ୍ତଙ୍କୁ ୩ ବର୍ଷ ଲେଖାଏଁ ଜେଲ୍‌ଦଣ୍ଡ

**ବାରିପଦା,୨୪।୧୨(ସମିସ):** ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ କ୍ଷତିପୂରଣ ଅର୍ଥ ଅନିୟମିତତା ମାମଲାରେ ବାରିପଦା ଭିଜିଲାନ୍ସ କୋର୍ଟ ବୁଧବାର ରାୟ ଶୁଣାଇଛନ୍ତି। ବିଚାରପତି ଏହାର ବିଚାର କରି ମାମଲାରେ ଜଡ଼ିତ ଥିବା ଜଣେ ଜମି ଅଧିଗ୍ରହଣ ଅଧିକାରୀ ଓ ବ୍ୟାଙ୍କ ମ୍ୟାନେଜର, କ୍ୟାସିୟର ସମେତ ୪ଜଣ କର୍ମଚାରୀ ମିଶି ମୋଟ୍ ୫ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ପ୍ରତ୍ୟେକଙ୍କୁ ୩ ବର୍ଷ ଲେଖାଏଁ ଜେଲ୍ ଦଣ୍ଡାଦେଶ ଶୁଣାଣି କରିଛନ୍ତି। ଏହା ସହିତ ପ୍ରତ୍ୟେକ ୫୦ହଜାର ଟଙ୍କା ଜରିମାନା କରିବା ସହ ସମସ୍ତଙ୍କ ପେନ୍‌ସନ୍ ବନ୍ଦ ପାଇଁ ବିଭାଗ ପକ୍ଷରୁ ଆବେଦନ କରିବା ପାଇଁ ନିର୍ଦ୍ଦେଶ ରହିଛି। ଅଭିଯୁକ୍ତମାନେ ହେଲେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ପୂର୍ବତନ ସ୍ପେଶାଲ ଲ୍ୟାଣ୍ଡ ଏକ୍ୱାଇଜେସନ ଅଫିସର(ଏଲ୍‌ଏଓ) ଗୌରାଙ୍ଗ ଚରଣ ମହାନ୍ତି, ବ୍ୟାଙ୍କ ଅଫ୍ ଇଣ୍ଡିଆ ତକତପୁରସ୍ଥିତ ବିଶ୍ୱବିଦ୍ୟାଳୟ ଶାଖାର ପୂର୍ବତନ ମ୍ୟାନେଜର ଅଖଣ୍ଡଳ ପ୍ରସାଦ ମହାନ୍ତି, ପୂର୍ବତନ କର୍ମଚାରୀ ପୁରୁଷୋତ୍ତମ ମହାନ୍ତି, ସୁଦାମ ଚନ୍ଦ୍ର ସାହୁ ଓ ମୁଖ୍ୟ କ୍ୟାସିୟର ଶାନ୍ତନୁ କୁମାର କର। ସୂଚନାଯୋଗ୍ୟ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପରେ ଲୋକଙ୍କ ଜମି ଅଧିଗ୍ରହଣ ବାବଦକୁ ସହାୟତା ଟଙ୍କା ଅନିୟମିତତା ନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ ପରେ ଏକ ମାମଲା ରୁଜୁ ହୋଇଥିଲା। ତଦନ୍ତପୂର୍ବକ ରିପୋର୍ଟ ପ୍ରଦାନ ପରେ ସମସ୍ତଙ୍କ ସମ୍ପୃକ୍ତି ଥିବାର ସ୍ପଷ୍ଟ ପ୍ରମାଣ ମିଳିଥିଲା। ସମସ୍ତ ରିପୋର୍ଟ ଓ ସାକ୍ଷୀଙ୍କ ବୟାନ ଆଧାରରେ ବିଚାରପତି ଉକ୍ତ ମାମଲାର ଶୁଣାଣି କରିଛନ୍ତି।

# ୩୦ ଫୁଟ୍ ପୋଲ ତଳକୁ ଖସିପଡ଼ିଲେ ନାବାଳିକା

**ବେତନଟୀ,୨୪।୧୨(ସମିସ):** ବେତନଟୀ ଥାନା ଅଧୀନ ମନ୍ତାପାଳ ପୋଲରୁ ତଳକୁ ଜଣେ ନାବାଳିକା ଖସି ପଡ଼ିବା ଫଳରେ ଗୁରୁତର ହୋଇପଡ଼ିଛନ୍ତି। ତାଙ୍କୁ କିଛି ସ୍ୱେଚ୍ଛାସେବୀ ଆଣି ବେତନଟୀ ମେଡିକାଲରେ ଭର୍ତ୍ତି କରିଥିଲେ। ଘଟଣା ଅନୁସାରେ, ମଙ୍ଗଳବାର ଅପରାହ୍ଣରେ ବେଣାପୁରା ଗ୍ରାମରଙ୍କ ପ୍ରଧାନ ସିଂଙ୍କ ଝିଅ ଅଞ୍ଜଳି ସିଂ (୧୫) ମନ୍ତାପାଳ ପୋଲ ନିକଟରେ ବୁଲାବୁଲି କରୁଥିବା ସମୟରେ ତଳକୁ ହଠାତ୍ ଖସି ପଡ଼ିଥିଲେ। ସେ ପୋଲ ଉପରେ ଠିଆ ହୋଇ ତଳକୁ ଚାହୁଁଥିବାବେଳେ ହଠାତ୍ ମୁଣ୍ଡ ବୁଲେଇ ଦେବାରୁ ତଳକୁ ଖସିପଡ଼ିଥିଲେ। ଏହି ପୋଲ ଉପରୁ ତଳ ପର୍ଯ୍ୟନ୍ତ ଗଭୀରତା ପ୍ରାୟ ୩୦ ଫୁଟ୍ ରହିଥିଲା। ଝିଅଟି ପଡ଼ିଯିବା ପରେ ଦୁର୍ଘଟଣା ସ୍ଥାନରୁ ଅଳ୍ପ ଦୂରରେ ଉପସ୍ଥିତ କିଛି ସ୍ଥାନୀୟ ଗ୍ରାମବାସୀ ସେହି ଝିଅଟିକୁ ଉଦ୍ଧାରକରି ଅଟୋରେ ବେତନଟୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ମୁକ୍ତାପୁର ଗ୍ରାମର ରବୀନ୍ଦ୍ର ବେହେରା, ମାନସ ଲେଙ୍କା, ସେବାନନ୍ଦ ବେହେରା, ଦିଲ୍ଲୀପ ବେହେରା ପ୍ରମୁଖ ଝିଅଟିକୁ ଲୁଗାପଟା, ଶୁଖିଲା ଖାଦ୍ୟ ଦେଇ ସାହାଯ୍ୟ କରିଥିଲେ। ଡାକ୍ତରଖାନାରେ ଝିଅଟିର ବାପା-ମାଆ ଉପସ୍ଥିତ ଥିବାବେଳେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲକୁ ପଠାଇ ଦିଆଯାଇଥିଲା।

# ବେଙ୍ଗାଲୁରୁରେ ଓଡ଼ିଆ କର୍ମଚାରୀଙ୍କ ମୃତ୍ୟୁ



**କୁଆମରା,୨୪।୧୨(ସମିସ):** ବେଙ୍ଗାଲୁରୁରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ଜଣେ ଓଡ଼ିଆ କର୍ମଚାରୀଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ଗୋପବନ୍ଧୁ ନଗର ବ୍ଲକ୍ ଖୁଣ୍ଟା ଥାନା ଅନ୍ତର୍ଗତ ଗୋହିରାଡିହା ଗ୍ରାମର ରମେଶ ଚନ୍ଦ୍ର ସାହୁ (୬୦)। ସପ୍ତାହେ ତଳେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ନ ଘଟିବାରୁ ତାଙ୍କୁ ସେଠାରୁ ଘରକୁ ଫେରାଇ ଆଣୁଥିବାବେଳେ ମଙ୍ଗଳବାର ଅପରାହ୍ଣରେ ବାଟରେ ମୃତ୍ୟୁ ଘଟିଛି। ବୁଧବାର ତାଙ୍କ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ତେବେ ୨୦ ବର୍ଷ ତଳେ ରମେଶ ସେଠାରେ ଏକ କମ୍ପାନୀରେ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ସ୍ତ୍ରୀ, ଦୁଇ ପୁଅ ଓ ଗୋଟିଏ ଝିଅ ଅଛନ୍ତି।

■ ହାଟରୁ ଫେରୁଥିବା ସମୟରେ ଡକାୟତି

# ଭୁଜାଲି ଦେଖାଇ ୨ ଲକ୍ଷ ଟଙ୍କାର ଗହଣା ଲୁଟ୍

**ମୋରଡ଼ା,୨୪।୧୨(ସମିସ):** ମୋରଡ଼ା ଥାନା ଅନ୍ତର୍ଗତ ଟୁକପଳାସିଆ ଗ୍ରାମର ଗହଣା ବ୍ୟବସାୟୀ ମନୋରଞ୍ଜନ କାମିଲା ବୁଧବାର ମୋରଡ଼ା ନିକଟରେ ଥିବା ଧାନଶୋଳ ସାପ୍ତାହିକ ହାଟରୁ ଫେରୁଥିବା ସମୟରେ ଡକାୟତିର ଶିକାର ହୋଇଛନ୍ତି। ଶ୍ରୀ କାମିଲା ହାଟ ସରିବା ପରେ ଦିନ ୧ଟା ସମୟରେ ଜଣେ ଗ୍ରାହକଙ୍କ ନିକଟରୁ ବକେୟା ଟଙ୍କା ନେଇ ଘରକୁ ଫେରୁଥିବା ସମୟରେ ଖୁଣ୍ଟାପାଳ କେନାଲ ନିକଟରେ ପାଞ୍ଚ ଜଣ ଯୁବକ ତାଙ୍କୁ ଅଟକାଇଥିଲେ। ତପ୍ରେ ତାଙ୍କୁ ମାର୍‌ପିଟ୍ କରିବା ସହିତ ଭୁଜାଲି ଦେଖାଇ ଜୀବନରୁ ମାରି ଦେବାର ଧମକ ଦେଇଥିଲେ ଏବଂ ତାଙ୍କ ନିକଟରୁ ପାଖାପାଖି ୨ ଲକ୍ଷ ଟଙ୍କାର ଗହଣା ନେଇ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ମନୋରଞ୍ଜନ ଅଚେତ ଅବସ୍ଥାରେ ପଡ଼ିଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିବା ଜଣାପଡ଼ିଛି।

# ମୋହରୀରଙ୍କ ବିୟୋଗରେ ଶୋକ

**ଆନନ୍ଦପୁର, ୨୪।୧୨ (ସମିସ):** ଆନନ୍ଦପୁର ଦେୱାନୀ ଅଦାଲତରେ ମୋହରୀର ଥିବା କୁଳମଣି ବାରିକଙ୍କ ସୋମବାର ଆନନ୍ଦପୁରସ୍ଥିତ ବାସଭବନରେ ବିୟୋଗ ଘଟିଛି। ସେ ଜଣେ ନିରାମୟ ଓ ପରୋପକାରୀ ବ୍ୟକ୍ତି ଥିଲେ। ୧୯୬୫ରୁ ୨୦୦୫ ପର୍ଯ୍ୟନ୍ତ ସେ ଅଦାଲତ କାର୍ଯ୍ୟରେ ଲୋକଙ୍କ କାର୍ଯ୍ୟ କରିଆସୁଥିଲେ। ବାର୍ଦ୍ଧକ୍ୟଜନିତ କାରଣରୁ ତାଙ୍କ ମୃତ୍ୟୁ ଘଟିଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ହୋଇଥିଲା। ତାଙ୍କର ବିୟୋଗରେ ଦେୱାନୀ ଅଦାଲତର ମୋହରୀ ସଂଘର କର୍ମକର୍ତ୍ତା ଓ ସଦସ୍ୟ ଯଥା ସଭାପତି ସନାତନ ଯେନା, ସମ୍ପାଦକ ଶଙ୍କର୍ଷଣ ପତି, ଉପସଭାପତି ମଦନମୋହନ ମିଶ୍ର, ସଦସ୍ୟ ବ୍ରଜକିଶୋର ପଣ୍ଡା, ଶେଷ ନାଥ, ଶାନ୍ତନୁ ଯେନା, ସୁଦର୍ଶନ ସାହୁ, ଅଞ୍ଜନା ଜେନା ଓ ଅନ୍ୟ ସଦସ୍ୟ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା ଓ ଶାନ୍ତିପାଠ କରିଥିଲେ।

# କୁସୁମବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

**ବାରିପଦା,୨୪।୧୨(ସମିସ):**



ବାଙ୍ଗିରିପୋଷି ବ୍ଲକ୍‌ର ସର୍ବପୁରାତନ କୁସୁମବନ୍ଧ (ବସନ୍ତପୁର)ଠାରେ ଥିବା କୁସୁମବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ପୁଷିତା ରାଣୀ ସୁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟର ସହକର୍ମୀ ତଥା ସମସ୍ତ ଆଲୁମ୍‌ନି ସଦସ୍ୟ ସଦସ୍ୟାଙ୍କର ମିଳିତ ଉଦ୍ୟମରେ ତିନି ଦିନ ଧରି ଏହି ଜୟନ୍ତୀ ପାଳିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ବୁଢ଼ାବଳଙ୍ଗ ନଦୀରୁ ଘଟ ଉତ୍ତୋଳନ କରି ସ୍ଥାନୀୟ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ହରିନାମ ସଂକୀର୍ତ୍ତନ ପୂର୍ବକ ଜୟନ୍ତୀ ଉତ୍ସବ ସ୍ଥଳରେ ସ୍ଥାପନ କରାଯାଇଥିଲା। ତତ୍‌ପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସ୍ୱର୍ଗତ ଯୋଗେଶ୍ୱର ବେହେରା, ସହକର୍ମୀ ଖୁଦିରାମ ମାଝୀ, ଚିତ୍ତରଞ୍ଜନ ପଣ୍ଡା, ଦିବାକର ମହାନ୍ତ, ରାମେଶ୍ୱର ବେହେରା, ଆଲୋକ ଦାସ ଓ ଦିବଂଗତ ଛାତ୍ରଛାତ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ସଦର ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା ଛାତ୍ରଛାତ୍ରୀ, ଆଲୁମ୍‌ନି ସଦସ୍ୟ ତଥା ଗ୍ରାମବାସୀଙ୍କୁ ପ୍ରଶଂସା କରିଥିଲେ। ଅପରାହ୍ଣରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠୀ ଯୋଗଦେଇଥିଲେ। ପିରାମଲ୍ ହେଲ୍‌ଥ ସହଯୋଗରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଦ୍ୱାରା ୧୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସୁବର୍ଣ୍ଣ ଜୟନ୍ତୀର କୁମୁସ ବାଟିକାକୁ ଉପଜିଲ୍ଲାପାଳ ଡ. ପରିଡ଼ା ଉନ୍ମୋଚନ କରିଥିଲେ। ଦ୍ୱିତୀୟ ଦିନ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ, ସ୍ଥାନୀୟ ବିଧାୟିକା ସୁଶ୍ରୀ ସଞ୍ଜଲି ମୁର୍ମୁ ଯୋଗଦେଇଥିଲେ। ପୂର୍ବତନ ପ୍ରଧାନଶିକ୍ଷକ ଯୋଗେଶ୍ୱର ବେହେରାଙ୍କ ସ୍ମୃତିରେ ତାଙ୍କ ପୁତ୍ର ଭେଙ୍କଟେଶ୍ୱର ବେହେରା ପ୍ରଦାନ କରୁଥିବା ଯୋଗେଶ୍ୱର ମେମୋରିଆଲ ଛାତ୍ରବୃତ୍ତି ଚଳିତ ବର୍ଷ ପାଇଁ କାପୁରା ସରେନଙ୍କୁ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଦିବସରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପରମାନନ୍ଦ ଖଣ୍ଡେଇ ଓ ତହସିଲ୍‌ଦାର ସୁଶ୍ରୀ ଶୁଭଙ୍କର ସୁଦେଷ୍ଣା ଦାଶ ଓ ପୂର୍ବତନ ମୁଖ୍ୟ ବନ ସଂରକ୍ଷକ ଓ ପୂର୍ବତନ ଲୋକାୟୁକ୍ତ ଡ. ଦେବବ୍ରତ ସ୍ୱାଇଁ ଯୋଗଦେଇଥିଲେ।

# ଆଗର୍ଦ୍ଦାରୁ ରାତିଅଧିଆ ମୋରମ୍ ଚାଲାଣ

**ଆନନ୍ଦପୁର,୨୪।୧୨(ସମିସ):** ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ତହସିଲରୁ ମାତ୍ରାଧିକ ଲଘୁଖଣିଜ ଚୋରି ଚିନ୍ତାର କାରଣ ହେଲାଣି। ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ସାଇଁକୂଳ ଫାଣ୍ଡି ନିକଟ ଆଗରଦା ଗ୍ରାମରେ ରାତିଅଧିଆ ମୋରମ ଚୋରା ଚାଲାଣ ହେଉଥିଲା। ରେଙ୍ଗାଳି କେନାଲ କାର୍ଯ୍ୟ ଚାଲୁଥିବା ସ୍ଥାନରୁ ଗୋଟିଏ ଜେସିବି ଓ ୧୦ଟି ହାଇୱାରେ ମୋରମ ବୁହା ହୋଇ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ଏହାର ଫଟୋ ଓ ଭିଡିଓ ଉତ୍ତୋଳନ କରି ସାମାଜିକ ଗଣମାଧ୍ୟମରେ ପ୍ରସାରଣ କରିବା ସହ ଖଣି ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ଜାଣିପାରି ଦୁର୍ବୃତ୍ତମାନେ ସମସ୍ତ ଗାଡ଼ି ଓ ମେସିନକୁ ନେଇ ପଳାଇ ଯାଇଥିଲେ। ଏ ସଂକ୍ରାନ୍ତରେ ଖଣି ଅଧିକାରୀ ତାରିଣୀ ସିଂ କହିଛନ୍ତି ଯେ ଆଗରଦାରେ ଚାଲୁଥିବା ରେଙ୍ଗାଳି କେନାଲ କାର୍ଯ୍ୟରୁ ମୋରମ ନେବା ନିୟମ ନାହିଁ ଏବଂ ତାଙ୍କ ଟିମ୍ ପହଞ୍ଚିବା ବେଳକୁ ସେଠାରୁ ସମସ୍ତ ଗାଡ଼ି ପଳାଇ ଯାଇଥିଲେ।

# ସାନଘାଗରାରେ ପରିବେଶ ସୁରକ୍ଷା ବାର୍ତ୍ତା

**କେନ୍ଦୁଝର, ୨୪।୧୨(ସମିସ):** ଟାଟା ଷ୍ଟିଲ ଓ ପରିବେଶପ୍ରେମୀଙ୍କ ଉଦ୍ୟମରେ କେନ୍ଦୁଝର ଜିଲ୍ଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ସାନଘାଗରାଠାରେ ପ୍ଲାଷ୍ଟିକମୁକ୍ତ ପରିବେଶ ସଚେତନତା କାର୍ଯ୍ୟକ୍ରମ ସହ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କେନ୍ଦୁଝରର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସହଯୋଗିତାରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପରିବେଶ ଓ ଟାଟା ଷ୍ଟିଲ ଫାଉଣ୍ଡେସନର ୨୫ ଜଣ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ। ସ୍ଥାନୀୟ ଲୋକ, ପର୍ଯ୍ୟଟକ, ସ୍କୁଲଛାତ୍ରଛାତ୍ରୀମାନଙ୍କୁ ପରିବେଶସଚେତନତା ସମ୍ପର୍କିତ ପାମ୍ପଲେଟ ବଣ୍ଟନ କରାଯିବା ସହ ପ୍ଲାଷ୍ଟିକ ବ୍ୟବହାର ନକରିବା ସମ୍ପର୍କରେ ଏକ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା। ଏଥିସହ ଗୋଟିଏ ଥର ବ୍ୟବହାର ହେଉଥିବା ପ୍ଲାଷ୍ଟିକ ବ୍ୟବହାର ନକରିବା ପାଇଁ ଏକ ବ୍ୟାନର ଲଗାଯାଇଥିଲା। ସ୍କୁଲ ଛାତ୍ରଛାତ୍ରୀମାନେ ସଫେଇ କାର୍ଯ୍ୟକ୍ରମ ଓ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଟାଟା ଷ୍ଟିଲ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଲୋକ ଓ ପର୍ଯ୍ୟଟକମାନଙ୍କ ସହଯୋଗରେ ସଫଳତାର ସହ ସମାପନ ହୋଇଛି।

# ଆଜିଠୁ ଗୋନାସିକା-କେନ୍ଦୁଝର ମହୋତ୍ସବ

**କେନ୍ଦୁଝର,୨୪।୧୨(ସମିସ):** ଗୁରୁବାରଠାରୁ କେନ୍ଦୁଝର ଷ୍ଟାଡିୟମରେ ୩୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଗୋନାସିକା-କେନ୍ଦୁଝର ମହୋତ୍ସବ ୨୦୨୫ ଏବଂ ଜାତୀୟପଲ୍ଲିଶ୍ରୀ ମେଳ ପାଇଁ ଦରବାର ହଲ୍‌ରେ ଜିଲ୍ଲାପାଳ ବିଶାଳ ସିଂହଙ୍କ ପକ୍ଷରୁ ବିସ୍ତୃତ ସୂଚନା ଦିଆଯାଇଛି। ଖେଳ ସହ ସାଂସ୍କୃତିକ କାର୍ଯ୍ୟକ୍ରମ, ସାହିତ୍ୟ, ପୁସ୍ତକ ମେଳା, ବୌଦ୍ଧିକ ଆଲୋଚନା ପାରମ୍ପରିକ ଖାଦ୍ୟ-ସାମଗ୍ରୀ ଷ୍ଟଲ୍ ଆଦି ଏହି ୬ ଦିନିଆ ମହୋତ୍ସବର ମୁଖ୍ୟ ଆକର୍ଷଣ ରହିବ ବୋଲି ଜଣାପଡ଼ିଛି। ଏହି ମହୋତ୍ସବରେ ବହୁ ସଂଖ୍ୟାରେ ଯୋଗଦେଇ ଶାନ୍ତିଶୃଙ୍ଖଳାର ସହ କାର୍ଯ୍ୟକ୍ରମ ଉପଭୋଗ କରିବାକୁ ଜିଲ୍ଲାପାଳ ଶ୍ରୀ ସିଂହ ଜିଲ୍ଲାବାସୀଙ୍କୁ ଅନୁରୋଧ କରିଛନ୍ତି।

# ରାଜ୍ୟସ୍ତରୀୟ ଯୁବ ସଂସଦ ପ୍ରତିଯୋଗିତାରେ ଆର୍ଯ୍ୟାନ ପ୍ରଥମ

**ବାରିପଦା,୨୪।୧୨(ସମିସ):** ରାଜ୍ୟ ସରକାରଙ୍କ ଶିକ୍ଷକ ଓ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଭୁବନେଶ୍ୱର ଆନୁକୂଲ୍ୟରେ କୃଷି ଭବନ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ଯୁବ ସଂସଦ ପ୍ରତିଯୋଗିତାରେ ବାରିପଦାର ଆର୍ଯ୍ୟାନ ଦାସ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୯ନଂ ୱାର୍ଡ ସ୍ଥିତ ବଳରାମପୁର ନିବାସୀ ରାଜୀବ କୁମାର ଦାସ



ଓ ମୂର୍ଚ୍ଛନା ଦାସ ପଟ୍ଟନାୟକଙ୍କ ଏକମାତ୍ର ପୁତ୍ର ସେଣ୍ଟ ମେରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏକାଦଶ ଶ୍ରେଣୀର ଛାତ୍ର ଆର୍ଯ୍ୟାନ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଏହି ପ୍ରତିଯୋଗିତାରେ ଭାଗ ନେବାର ସୌଭାଗ୍ୟ ଅର୍ଜନ କରିଥିଲେ। ଖବର ପାଇ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ବିଦ୍ୟାଳୟର ଅଧ୍ୟକ୍ଷ ରାଜେଶ ଡୁଙ୍ଗଡୁଙ୍ଗ, ଗାଇଡ୍ ଶିକ୍ଷକ ସ୍ନେହାଶିଷ ମିଶ୍ର, ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

**AFFIDAVIT**

By virtue of an affidavit sworn before The Notary Public, Bhubaneswar, dated: 23/12/2025, I, SAUBHAGYA RANJAN ROUT, resident of At: Sanabarchikayan, Ramachandrapur, Bonth, Bhadrak-756114, Odisha declare that I have changed the name of my daughter from SANGYA SIYALAXMI ROUT to **KHARADHIKA ROUT.** Henceforth, she shall be known as **KHARADHIKA ROUT** for all purposes.

**SAUBHAGYA RANJAN ROUT**

**AFFIDAVIT**

I, Rajendra Kumar Agrawalla, aged about 47 years, S/o- Gopiram Agrawal, resident of Mahalaxmi Nagar, Station Road, Po- Balangir, Ps-Town Bolangir, Dist- Balangir, Odisha, Pin- 767001 declare by this affidavit No. 2585, dtd- 24/12/2025, that now onwards I shall be known as **RAJENDRA KUMAR AGRAWAL** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Bargarh dtd. 23/12/2025, I Jayanti Sahu, W/o- Jagamohan Sahu, R/o- Patharla, Po.- Govindpur, Ps.- Bargarh, Dist.- Bargarh state that, I have changed my name from **Damayanti Sahu** to **Jayanti Sahu**. Henceforth I shall be known as **Jayanti Sahu** for all future purposes.

**OFFICE OF THE MEDICAL OFFICER IN-CHARGE,CHC, DAVA**
BLOCK PROGRAMME MANAGEMENT UNIT (NHM)
*At- CHC, Dava, Po-Dava, Block- Jharbandh Dist-Bargarh(Odisha)*
*Email : bpmudava3@gmail.com*

Notice No.374 / Date 24.12.2025

**SHORT TENDER CALL NOTICE FOR HIRING OF VEHICLE**

Sealed proposals as per the prescribed RFP document are invited from interested eligible bidders (Private individuals/Tour operators / Travel Agency / Society / Firm) for hiring & empanelment of vehicle for BPMU Office at CHC DAVA on a monthly basis for BPMU Office . The eligibility criteria, the terms of reference and the formats for submission of bid are set forth in the RFP document, which can be received from the BPMU office Jharbandh . Interested bidders fulfilling the eligibility criteria may submit their proposals with EMD & documents as per RFP. The details of the Vehicle are mentioned in the RFP document. The bidders have to submit their proposals with all required documents and should reach to the office of the undersigned on or before Dt. 10/01/2026 up to 4.00 P.M. Technical & financial bid shall be opened in presence of the bidders on dt. 15/01/2026 at 3 PM . at the Meeting Hall PHC Jharbandha , Bargarh. The undersigned reserves the right to reject any or all the proposal without assigning any reason thereof.

Sd/-
Medical Officer I/c CHC Dava , Bargarh

**OFFICE OF THE NOTIFIED AREA COUNCIL, KAMAKHYANAGAR.** C-1874
At/Po-Kamakhyanagar, Ward No-06, District-Dhenkanal, pin-759018
kamakhyanagarnac@gmail.com, kamakhyanagarn.hud@nic.in

**"e" Procurement Notice**

Notice No. 2906/N.A.C. (K) Dt. 22.12.2025

**Tender Reference No.KNR-NAC-04/2025-26**

The Notified Area Council, Kamakhyanagar invites online Bid in single cover system through "e" Procurement.

Total Nos. of works;- 23(Twenty three)
Value of works;- 2.11 Lakh to 4.23 lakh
Date of availability of tender for online Bidding;- From dt.24.12.2025 at 11.00 A.M. up to dt.03.01.2026 at 5.00 P.M.
Date of opening of Bid:- dt.05.01.2026 at 11.00 A.M.
Further details can be seen from the website;- www. tendersodisha.gov.in

Executive Officer
N.A.C. Kamakhyanagar

OIPR-13128/11/0016/2526

A-1177 E-mail :- eemidivision_deogarh@yahoo.in

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, MINOR IRRIGATION DIVISION, DEOGARH.**
**No. 1588, Date. 20.12.2025**
**e-PROCUREMENT NOTICE**
**BID REF No: SE,MID,DGR /05/ 2025-26**

Bid documents consisting names of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1 | Name of the works :- | Civil Construction works. |
| 2 | No of Works :- | 03(Three) No. |
| 3 | Estimated Cost :- | Approximately From **10.20 lakh and Rs. 22.33 lakh.** |
| 4 | Period of completion :- | 4 (Four) Calendar months & 2 (Two) Calendar months |
| 5 | Date and Time of availability of bid documents in the portal:- | From **Dt.26.12.2025** at 10.00 AM to **Dt. 05.01.2026** up to 5.00 PM. |
| 6 | Last Date / Time of receipt of bids in the portal :- | **Dt.05.01.2026** up to 5.00 PM |
| 7 | Date of opening of Bid :- | **Dt.06.01.2026** at 11.00 AM onwards |
| 8 | Name and address of the OIT :- | Superintending Engineer, Minor Irrigation Division, Deogarh. |
| 9 | Mode of Payment of Bid Cost & Bid Security :- | Online |

** Further details can be seen from the e-Procurement market place http://tendersodisha.gov.in

Superintending Engineer
M.I. Division, Deogarh

OIPR-32289/11/0017/2526

**AFFIDAVIT**

I, Kadam Shaik, resident of Maltira, Po- Padhanpara, Ps-Bonth, Dist-Bhadrak, Odisha-756114, declare by this affidavit No.2893, dated: 23/12/2025, that now onwards I shall be known as **Sk Kadam** for all future purposes.

**Affidavit (For Minor)**

By virtue of an affidavit sworn before Executive Magistrate, Banpur, vide No- 4574, dated-20/12/2025, I, **Manas Bariki,** aged about 44 years, Address: S/o- Golakh Bariki, At- Bhimpur Nua Patana Sahi, Po- Bhimpur, Ps- Banpur, Dist-Khordha, Odisha, Pin-752031, declare that I have changed the name of my minor son's name from **Rajesh Kumar Barik** to **Rakesh Kumar Bariki.** Henceforth, he shall be known as **Rakesh Kumar Bariki** for all purposes.

**Rakesh Kumar Bariki**

**AFFIDAVIT**

I, Namita Kumari Mahapatra, aged about 56 years, W/o- Rabindra Kumar Das, resident of At-Flat No. 405, Rosan Elegant, Haridaspur, Naharakanta, PS- Pahal, Bhubaneswar, Dist-Khordha, PIN- 752101, Odisha declared by this affidavit No. 2582, dtd-23/12/2025 that now onwards I shall be known as **NAMITA DASH** for all future purposes.

**AFFIDAVIT**

By virtue of an affidavit sworn before Notary Public, Bhubaneswar, on dated 17.12.2025, I Bulu Nahak S/o-Kasinath Nahak, resident At-Kaudia,Po-Lenkakhali, Ganjam, Dist- Ganjam, Odisha, PIN-761144, declare that I have changed my Daughter name from Ankita Nahak to Sriya Nahak. Henceforth, She shall be known as **SRIYA NAHAK** for all future purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated- 30/11/2025. I, **Susila Putel** (new name), formerly called as **Jemamani Putel** (old name), W/o- Sadhuram Putel, permanent & current resident of AT- Sirol, PO- Sirol, PS- Titilagarh, Dist- Balangir, (Odisha), PIN- 767033 declare that I have changed my name from **Jemamani Putel to Susila Putel.** Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Susila Putel** (new name) for all future purposes.

**Susila Putel**

**AFFIDAVIT**

By virtue of an affidavit before the Notary Public, Titilagarh, on dated- 23/12/2025. I, **Trushnarani Dandsena** (new name), formerly called as **Trusnarani Mohapatra** (old name), aged about 35 years, W/o-Girish Chandra Mohapatra, permanent & current resident of AT- Badapari, PO/PS-Tangi, Dist- Khordha, (Odisha), PIN-752023 declare that I have changed my name from **Trusnarani Mohapatra to Trushnarani Dandsena.** Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Trushnarani Dandsena** (new name) for all future purposes.

**Trushnarani Dandsena**

**NAME CHANGE**

By virtue of an affidavit sworn before Notary Public, Bhubaneswar on 22/09/2025, it is declared and informed that my name has been changed from **'SANJAY KUMAR MOHAPATRA'**, Son of Late Nabaghana Mohapatra to **'SWAMI DEVETANANDA'** as I voluntarily renounced to the mundane world to join Ramakrishna Mission Sevashrama as a brahmachari. After rigorous test and training ordained as sanyasi (monk) I have been christened as 'Swami Devetananda' , son of Swami Gahanananda and henceforth known as **"SWAMI DEVETANANDA"** Furthermore, it declared that Sri Sanajy Kumar Mohapatra and Swami Devetananda is one and same person.

**LOST**

I, **Kuni Behera,** W/o-Trilochan Behera, resident of At: Pandara, Po: GGP Colony, Ps: Mancheswar, Bhubaneswar-25, Dist-Khordha, Odisha declare that I have lost my Original Sale Deed bearing No-11831700062 at Mancheswar Market area at 11 am on dated-22/12/2025. If anybody found it please contact: Debabrata Padhy (Advocate): 9861454766.

**AFFIDAVIT**

By virtue of an affidavit sworn before Executive Magistrate, Sambalpur, CF No- 3712 dated 18/12/2025, I Satyanarayana sahoo, S/o- Abaduta sahoo, resident of Ganesh Nagar Rairakhol, Po- Rairakhol, Ps.- Rairakhol, Dist.- Sambalpur, Odisha, Pin- 768106 declare that, I have changed the name of my minor daughter from Jagasmita sahoo to Yogasmita sahoo. Henceforth, she shall be known as **Yogasmita Sahoo** for all purposes.

**Sd/- Satyanarayana sahoo**

**AFFIDAVIT**

By virtue of an affidavit sworn before the Executive Magistrate, Rairakhol ,vide CF No.973 dtd. 20.12.2025 , I Priyabrata Bhurubhuri, S/o-Prasanta Bhurubhuri, resident of village- Kuteswar, Po.- Nagaon, Ps.- Athamallik ,Dist.-Angul ,Odisha, Pin- 759125 state that, I have changed the my name from Priyabrat Bhurubhuri (old name) and have assumed the name Priyabrata Bhurubhuri (new name) from the date hereof. Henceforth, I shall be known, called and identified by the name Priyabrata Bhurubhuri for all purposes. This change is made for Gazette Notification & Aadhaar Card correction only.

**Sd/- Priyabrata Bhurubhuri**

**AFFIDAVIT**

By virtue of an affidavit before the Notary Public, Titilagarh, on dated: 23/12/2025. I, **Jagannath Bhue,** aged about 65 years, S/o- Buda Bhue, permanent & current resident of AT- Piprut, P.O- Belgaon, PS-Saintala, Dist- Bolangir, (Odisha), PIN- 767032 declare that I have changed my minor daughter's name from **Rajyabanti Bhue** (old name) to **Rajbanti Bhoi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Rajbanti Bhoi** (new name) for all future purposes.

**Jagannath Bhue**

**AFFIDAVIT**

By virtue of an affidavit (CF No. 01, dtd- 24/12/2025) sworn before the Executive Magistrate, Padampur. I, **Nisha Bhoi,** D/o- Prashanna Bhoi, permanent & current resident of AT- Palsada, PO-Palsada, PS- Paikmal, Dist-Bargarh, PIN- 768039, Odisha declare that I have changed my name from **Lisa Bhoi to Nisha Bhoi.** Henceforth, I shall be known as **Nisha Bhoi** (new name) for all purposes.

**Nisha Bhoi**

**AFFIDAVIT**

I, Domti Abinash Dora, S/o - Alekh Chandra Dora, Resident of Police Camp, Sunabeda, Ps-Sunabeda, Dist-Koraput, Pin-763003, Odisha declare by this affidavit No.2275, dated-27/11/2025 that now onwards I shall be known as **D ABINASH DORA** for all future purposes.

**AFFIDAVIT**

By virtue of an affidavit (CF No. 447) sworn before The Executive Magistrate, Begunia dated- 03/04/2025. I, **Alok Kumar Sahoo,** S/o- Raja Kishore Sahoo, Address: Village- Balarampur, PO/PS-Begunia, Dist- Khordha, PIN-752062, Odisha declare that I have changed my minor son's name from **Ayush Kumar Sahoo to Aditya Sahoo.** Henceforth, he shall be known as **Aditya Sahoo** (new name) for all purposes.

**Alok Kumar Sahoo**

**AFFIDAVIT**

By virtue of an affidavit sworn before EXECUTIVE MAGISTRATE, BHUBANESWAR, Dated 23.12.2025, I, NRUSINGHA PRASAD DASH, At–Lingipur, P.O. Sisupalgarh, P.S. Dhauli, Bhubaneswar–751002, Dist. Khordha, State – Odisha declare that I have changed my name fromNRUSINGHA PRASAD NAYAK to NRUSINGHA PRASAD DASH. Henceforth, I shall be known as **NRUSINGHA PRASAD DASH.**

## ପର୍ଯ୍ୟଟନ ବିଭାଗର ପଡୁନି ଦୃଷ୍ଟି

# ଅବହେଳିତ ବାଙ୍କବଲ ଜଳଭଣ୍ଡାର



ବିଜାତଳା, ୨୪।୧୨(ସମିସ): ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟରେ ଚିତ୍ତ ବିନୋଦନ କରିବା ପାଇଁ ଲୋକେ ବେଶ ଆକର୍ଷିତ ହୁଅନ୍ତି। ନବବର୍ଷକୁ ସ୍ୱାଗତ ଜଣାଇ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ପରିଦର୍ଶନ କରିବା ସହ ସେଠାରେ ବଣଭୋଜି କରୁଛନ୍ତି। ଚଳିତ ପିକନିକ ଋତୁରେ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବା ପିକନିକ ସ୍ପଟ୍‌ରେ ଭିଡ଼ ଜମୁଛି। ପରିତାପର ବିଷୟ ମୟୂରଭଞ୍ଜ ଜିଲ୍ଲାର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ବାଙ୍କବଲ ଜଳଭଣ୍ଡାର ଏବେ ଖାଁ ଖାଁ ହୋଇରହିଛି। ପର୍ଯ୍ୟଟନ ବିଭାଗର ଅହେତୁକ ଅବହେଳା ଯୋଗୁଁ ଅନନ୍ୟ ସୌନ୍ଦର୍ଯ୍ୟରେ ଭରା ବାଙ୍କବଲ ଜଳଭଣ୍ଡାର ତା'ର ଅସ୍ତିତ୍ୱ ହରାଇ ବସିଛି।

କୃଷି କ୍ଷେତକୁ ଜଳ ଯୋଗାଣ ନିମନ୍ତେ ୮୦ ଦଶକରେ ବିଜାତଳା ଓ ବିଶୋଇ ବ୍ଲକର ମିଳନ ସ୍ଥଳରେ ବାଙ୍କବଲ ଜଳଭଣ୍ଡାର ନିର୍ମିତ ହୋଇଥିଲା। ଏହି ଜଳଭଣ୍ଡାରର ଦୈର୍ଘ୍ୟ ପ୍ରାୟ ୨ କିଲୋମିଟର। ଏହାର ବିସ୍ତୀର୍ଣ୍ଣ ଜଳରାଶି ଶିମିଳିପାଳ ପାଦଦେଶ ପର୍ଯ୍ୟନ୍ତ ବିସ୍ତୃତ ରହିଛି। ବନ୍ୟାଜଳ ନିଷ୍କାସନ ପାଇଁ ଜଳଭଣ୍ଡାରରେ ୬ଟି ଗେଟ ରହିଛି। କୃଷିକ୍ଷେତ୍ରକୁ ଜଳ ଯୋଗାଣ ନିମନ୍ତେ ୨ଟି କେନାଲ ରହିଛି। ଲଭଣ୍ଡାରର ପାରିପାର୍ଶ୍ୱିକ ପରିବେଶ ବେଶ ମନଛୁଆଁ ହୋଇଥିବାବେଳେ ଏହାର ସୁନୀଳ ଜଳରାଶିରେ ଶୀତଦିନେ ଶହ ଶହ ବିଦେଶଗତ ପକ୍ଷୀଙ୍କ ସମାଗମ ଜଳଭଣ୍ଡାରକୁ ଚିଲିକା ଜଳରାଶିର ଭ୍ରମ ସୃଷ୍ଟି କରେ। ତେବେ ଏହି ବିସ୍ତୀର୍ଣ୍ଣ ଜଳରାଶିରେ ବୋଟିଂର କୌଣସି ବ୍ୟବସ୍ଥା ନ ଥିବାରୁ ପର୍ଯ୍ୟଟନ ବୋଟିଂର ମଜା ନେବାରୁ ବଞ୍ଚିତ ହେଉଛନ୍ତି। ଜଳଭଣ୍ଡାର ତଳ ପାର୍ଶ୍ୱରେ ପିକ୍‌ନିକ୍ ପାଇଁ କେତୋଟି ପିଣ୍ଡି ବ୍ୟତୀତ ଅନ୍ୟକୌଣସି ଆଖିଦୃଶିଆ ଉନ୍ନତି ହୋଇପାରିନାହିଁ। ତେଣୁ ଆହୁରି ପିକ୍‌ନିକ୍ ପାଇଁ ପିଣ୍ଡି ତିଆରି କରିବା ସହିତ ପାନୀୟ ଜଳ, ଶୌଚାଳୟ, ଆମୋଦ ପ୍ରମୋଦ ପାଇଁ ଉଦ୍ୟାନ, ଆଲୋକୀକରଣ ଏକାନ୍ତ ଆବଶ୍ୟକ ଅଟେ। ପର୍ଯ୍ୟଟକଙ୍କ ରାତ୍ର ରହଣି ପାଇଁ ଏକ ଭଲ ଡାକବଙ୍ଗଳାର ମଧ୍ୟ ଆବଶ୍ୟକତା ରହିଛି। ତେଣୁ ପର୍ଯ୍ୟଟନ ବିଭାଗ ଏହି ବାଙ୍କବଲ ଜଳଭଣ୍ଡାରକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦେବା ସହିତ ଏହାର ସର୍ବାଙ୍ଗିଣ ବିକାଶ କଲେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ନ୍ତା ଓ ସ୍ଥାନୀୟ ଲୋକେ ରୋଜଗାରକ୍ଷମ ହୋଇପାରନ୍ତେ।

## ପୂର୍ତ୍ତ ବିଭାଗ ରାସ୍ତା କାମ ନିମ୍ନମାନର

# କାମ ସରୁ ସରୁ ଉଠିଯାଉଛି ପିଚୁ



ମହୁଲଡିହା, ୨୪।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୂର୍ତ୍ତ ବିଭାଗ ଅଧୀନରେ ହେଉଥିବା ରାସ୍ତା କାମ ଅତ୍ୟନ୍ତ ନିମ୍ନମାନର ବୋଲି ଅଭିଯୋଗ ହେଉଛି। ଠାକୁରମୁଣ୍ଡା ବ୍ଲକରେ କାମକୁ ଦେଖିଲେ ବିଭାଗ ତା'ର ଗୁଣବତ୍ତା ହରାଇଥିବା ଜଣାପଡୁଛି। ଦୀର୍ଘ ବର୍ଷ ହେବ ଚାଲିଥିବା ଠାକୁରମୁଣ୍ଡା-ଡଙ୍ଗାଡିହା-ପୋଡ଼ାଡିହା ରାସ୍ତା ଅତ୍ୟନ୍ତ ନିମ୍ନମାନର ହେବା ସହ ରାସ୍ତାକାମକୁ ନେଇ ବହୁ ଅଭିଯୋଗ ମିଳିଛି। ରାସ୍ତା କାମ ଲମ୍ବା ସମୟ ଧରି ଚାଲିବା ଓ ଧୂଳିରେ ରାସ୍ତା ପାଶ୍ୱବର୍ତ୍ତୀ ଘର ଲୋକେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ରାସ୍ତା ଅଧପନ୍ତରିଆ ହୋଇ ପିଚୁ ନ ହେବା କାରଣରୁ ଧୂଳି ଉଡୁଥିବାରୁ ରାସ୍ତା କାମ ଶେଷ କରିବାକୁ ପତ୍ରପଡ଼ା, ଡଙ୍ଗାଡିହା ଆଦି ଗ୍ରାମବାସୀ ଦୁଇଥର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଭେଟି ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ରାସ୍ତାର ଗୋବରଯୋଡ଼ା ନଦୀ ଉପରେ ହୋଇଥିବା ପୋଲ ଉପର ଓ ସଂଯୁକ୍ତ ରାସ୍ତା ଉଭୟ ପାର୍ଶ୍ୱରେ ହୋଇଥିବା ପିଚୁ ଏକ ମାସ ପୂରିବା ପୂର୍ବରୁ ଉଠିଯିବା ସମସ୍ତଙ୍କୁ ଚକିତ କରିଛି। ଉପରିସ୍ଥ ଅଧିକାରୀଙ୍କ ବିନା ସମ୍ପୃକ୍ତିରେ ଏଭଳି ନିମ୍ନମାନର କାମ ସମ୍ଭବ ନୁହେଁ ବୋଲି ଚର୍ଚ୍ଚା ହେଉଛି। ବିଭାଗୀୟ ଯନ୍ତ୍ରୀ, ଏସ୍‌ଇଙ୍କ ବରଦାନ ବ୍ୟତୀତ କଣ୍ଟ୍ରାକ୍ଟରଙ୍କ ଏଭଳି ସାହସ ହେବ କି ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରୁଛନ୍ତି। ଉଚ୍ଚପଦସ୍ଥ ଅଧିକାରୀ, ମନ୍ତ୍ରୀ, ନେତା ସବୁଜାଣି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି। ସେହିପରି ଚମକପୁର-ଖଣ୍ଡବନ୍ଧ ରାସ୍ତା ବର୍ଷ ବର୍ଷ ଧରି ଶୋଚନୀୟ ହୋଇପଡ଼ିଛି। କୁଆଁଳିକଟା ଛକରୁ ତାଳପଦା ରାସ୍ତାରେ ୭ଟି ସ୍ଥାନରେ ପୋଲ ହେବାକୁ ଯୋଜନା ଥିବାରୁ ରାସ୍ତା ପିଚୁ ନ ହୋଇ ପଡ଼ିରହିଛି। ସେହି ରାସ୍ତାରେ ଲୋକେ ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡ ଯାଉଥିବାରୁ ଅସୁବିଧାରେ ପଡୁଛନ୍ତି। ଏହି ରାସ୍ତାରେ ଯାଉଥିବା ଗ୍ରାମବାସୀ ପୂର୍ତ୍ତ ବିଭାଗକୁ ଅପାରଗ ବିଭାଗ ବୋଲି କହୁଛନ୍ତି। ଏଭଳି ଅବ୍ୟବସ୍ଥା କେବେ ସୁଧୁରିବ ବୋଲି ସର୍ବସାଧାରଣରେ ଚର୍ଚ୍ଚା ହେଉଛି।

## ଅନାସ୍ଥାରେ ସାନଭୁଣ୍ଡୁ ସରପଞ୍ଚ ପରାସ୍ତ

ବହଳଦା, ୨୪।୧୨ (ସମିସ): ମୟୂରଭଞ୍ଜ ଜିଲ୍ଲା ତିରିଂ ବ୍ଲକ ଅନ୍ତର୍ଗତ ସାନଭୁଣ୍ଡୁ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିବା ଅନାସ୍ଥା ଭୋଟରେ ସାନଭୁଣ୍ଡୁ ସରପଞ୍ଚ ପରାସ୍ତ ହୋଇ ପଦ ହରାଇଛନ୍ତି। ସାନଭୁଣ୍ଡୁ ପଞ୍ଚାୟତରେ ୧୪ଟି ୱାର୍ଡ ରହିଛି। ସେଥିରୁ ଜଣେ ୱାର୍ଡ ମେମ୍ବର ଇସ୍ତଫା ଦେଇଥିବାରୁ ବର୍ତ୍ତମାନ ୧୩ ଜଣ ୱାର୍ଡ ସଭ୍ୟସଭ୍ୟା ରହିଛନ୍ତି। ତେବେ ପୂର୍ବ ନିର୍ଦ୍ଧାରିତ ତାରିଖ ଅନୁସାରେ ଆଜି ଅନୁଷ୍ଠିତ ହୋଇଥିବା ଅନାସ୍ଥା ଭୋଟରେ ନିଜେ ସରପଞ୍ଚ ଅନୁପସ୍ଥିତ ରହିଥିବାବେଳେ ୧୦ ଜଣ ୱାର୍ଡ ମେମ୍ବର ଉପସ୍ଥିତ ରହି ମତଦାନ କରିଥିଲେ। ସମସ୍ତ ୱାର୍ଡ ମେମ୍ବର ସରପଞ୍ଚଙ୍କ ବିରୁଦ୍ଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ସପକ୍ଷରେ ମତଦାନ କରିଥିଲେ। ଫଳରେ ସରପଞ୍ଚ ହୀରାମଣି ମୁର୍ମୁ ପରାସ୍ତ ହୋଇ ପଦ ହରାଇଛନ୍ତି। ଏହି ଅନାସ୍ଥା ଭୋଟ ପ୍ରକ୍ରିୟାରେ ବହଳଦା ତହସିଲଦାର ଶିବପ୍ରସାଦ ମୁର୍ମୁ ପ୍ରିଜାଇଡିଂ ଅଫିସର ଭାବେ ଦାୟିତ୍ୱ ନିର୍ବାହ କରିଥିବାବେଳେ ତିରିଂ ତହସିଲଦାର ସୁଶାନ୍ତ ବେହେରା ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିଲେ। ତିରିଂ ଥାନା ଆଇଆଇସି ପ୍ରଶାନ୍ତ ଜେନା ଶାନ୍ତିଶୃଙ୍ଖଳା ରକ୍ଷା ଦାୟିତ୍ୱରେ ରହିଥିଲେ।

## ରାଷ୍ଟ୍ରୀୟ କୃଷକ ଦିବସ ପାଳିତ

ବେତନଟୀ, ୨୪।୧୨(ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରାଷ୍ଟ୍ରୀୟ କୃଷକ ଦିବସ ଅବସରରେ ବେତନଟୀ ନିକଟସ୍ଥ ମହୁଲିଆଠାରେ ବିଶାଳ କୃଷକ ସମାବେଶର ଆୟୋଜନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ବରିଷ୍ଠ ରାଜଯୋଗିନୀ ବିକେ ସାବିତ୍ରୀଙ୍କ ଅଧ୍ୟକ୍ଷତା ଓ ବ୍ରହ୍ମକୁମାରୀ ବନୀତାଙ୍କ ମଞ୍ଚ ପରିଚାଳନାରେ ମୁଖ୍ୟଅତିଥି ଭାବେ ବେତନଟୀ ସରପଞ୍ଚ ପାନମଣି ମୁର୍ମୁ, ବିଶିଷ୍ଟ ଅତିଥି ଭାବେ ବେତନଟୀ କୃଷି ସହକାରୀ ଅଧିକାରୀ ବିଜୟ ନାୟକ, ସୁମିତ୍ରା ହାଁସଦା ଯୋଗଦାନ କରି ଜୈବିକ ପଦ୍ଧତିରେ ଚାଷ ଦ୍ୱାରା କିଭଳି ଅଧିକ ଉତ୍ପାଦନ ସହିତ ଶାରୀରିକ ସୁସ୍ଥତାପ୍ରାପ୍ତ କରିହେବ, ସେ ବିଷୟରେ ମତ ପ୍ରକାଶ କରିଥିଲେ। ବରିଷ୍ଠ ରାଜଯୋଗୀ ବ୍ରହ୍ମାକୁମାର ଚନ୍ଦ୍ରମୋହନ ଭାଇ ଜୈବିକ କୃଷି ସହିତ ଯୌଗିକ ପଦ୍ଧତିରେ ଚାଷ କରିବା ପାଇଁ ଦିଗଦର୍ଶନ ଦେଇଥିଲେ। ଜୈବିକ ଓ ଯୌଗିକ ପଦ୍ଧତିରେ ଚାଷ କରିଥିବା ବିକେ ଗୋପାଳ, ବିକେ ଭାସ୍କର, ବିକେ ଭରତ ଓ ବିକେ ଲମ୍ବୋଦର ଭାଇ ନିଜ ନିଜର ଅନୁଭବ ଶୁଣାଇଥିଲେ। ବିକେ ସୁବାସ ଭାଇ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଭାତୀ ମହାନ୍ତି, ଅନୁ ଭଉଣୀ, ଲିପି ଭଉଣୀ, ମମତା ଭଉଣୀ, ମଞ୍ଜୁ ଭଉଣୀ, ନିତ୍ୟାନନ୍ଦ ଭାଇ, ପ୍ରଶାନ୍ତ ଭାଇ, ଶରତ ଭାଇ ଓ ରଥି ଭାଇ ପ୍ରମୁଖ ସହଯୋଗ କରିଥିଲେ।

## ବାଉତିବେଡ଼ା ପଞ୍ଚାୟତରେ ଜନଶୁଣାଣି ଶିବିର

ବିଶୋଇ, ୨୪।୧୨(ସମିସ): ସୁଶାସନ ସପ୍ତାହ ପାଳନ ଅବସରରେ ବ୍ଲକ ପ୍ରଶାସନ ପକ୍ଷରୁ 'ଗ୍ରାମ ଅଭିମୁଖେ ପ୍ରଶାସନ' କାର୍ଯ୍ୟକ୍ରମର ପଞ୍ଚାୟତସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର ବାଉତିବେଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବାଉତିବେଡ଼ା ସରପଞ୍ଚ କାଳିଚରଣ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ପଞ୍ଚାୟତ ସମିତି ସଦସ୍ୟ କୁନିରାଣୀ ବେହେରା, ଏବିଡିଓ ଆକାଶ ପଣ୍ଡା, ୱାର୍ଡସଭ୍ୟ ସେଙ୍ଗେଲ ସିଂ ଟୁଡୁ, ୱାର୍ଡସଭ୍ୟ ସାଲଖୁ ରାମ ହାଁସଦା, ନାଏବ ସରପଞ୍ଚ ପ୍ରତିନିଧି ଶଙ୍କର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷା, ପଞ୍ଚାୟତ ଅଧିବାସୀ ନିଜସ୍ୱ ଓ ଗୋଷ୍ଠୀଗତ ମୌଳିକ ସମସ୍ୟା ନେଇ ଶିବିରର ଦ୍ୱାରସ୍ଥ ହୋଇ ଅଭିଯୋଗପତ୍ର ଦେଇଥିଲେ। ସାମାଜିକ ସୁରକ୍ଷା ଅଧିକାରୀ କୁମାର ଦେବବ୍ରତ ପାତ୍ର, ଜିପିଡିଓ ହରେଶ ଚନ୍ଦ୍ର ନାଏକ, ଏବିଇଓ ହରିଶ୍ଚନ୍ଦ୍ର ହୋତା, ପାନୀୟଜଳ ଯୋଗାଣ ବିଭାଗ ଅଧିକାରୀ ଇଂ ପ୍ରଶାନ୍ତ ସାହୁ, ମିଶନଶକ୍ତି ବିପିଏମ୍ ଅଚିନ୍ତ ଦାସ, ମଣଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଦେବବ୍ରତ ଟୁଡୁ, ସିଡିପିଓ ବିଟୁ ଟୁଡୁଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ପଞ୍ଚାୟତବାସୀଙ୍କଠାରୁ ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ଶିବିରରେ ୨୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ବିଆରସି ସୁକାନ୍ତୀ ସୋରେନ, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ପଦ୍ମଲୋଚନ ପାଟବନ୍ଧା, ପେସା ସଂଯୋଜକ କ୍ରିଷ୍ଣା କଛପ, ଡିଇଓ ରଞ୍ଜନ ସେଠୀ, ଏସ୍‌ଆର୍‌ଏ ଗୋପୀନାଥ ନାଏକ ପ୍ରମୁଖ ସହଯୋଗ କରିଥିଲେ।

## ହିନ୍ଦୁ ଜାଗରଣ ମଞ୍ଚର କାର୍ଯ୍ୟକାରିଣୀ ବୈଠକ

ରାଇରଙ୍ଗପୁର, ୨୪।୧୨(ସମିସ): ରାଇରଙ୍ଗପୁରଗଡ଼ସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ହିନ୍ଦୁ ଜାଗରଣ ମଞ୍ଚ ରାଇରଙ୍ଗପୁର ଶାଖା ପକ୍ଷରୁ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହିନ୍ଦୁ ଜାଗରଣ ମଞ୍ଚ ଓଡ଼ିଶା ପୂର୍ବ ପ୍ରାନ୍ତର ସହସଂଯୋଜକ ସଞ୍ଜୟ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ହିନ୍ଦୁ ଜାଗରଣ ମଞ୍ଚ ପ୍ରାନ୍ତ ସହସଂଯୋଜକ ପ୍ରଦ୍ୟୁମ୍ନ ଦିଗାର ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଜିଲ୍ଲା ସହକାର୍ଯ୍ୟବାହୀ ବଳରାମ ବାରିକ ଉପସ୍ଥିତ ଥିଲେ। ଜିଲ୍ଲା ପୂର୍ଣ୍ଣକାଳୀନ ଚିନ୍ମୟ ବାରିକ ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲା ସମିତିରେ ୧୩ ଜଣଙ୍କୁ, ପ୍ରତ୍ୟେକ ଖଣ୍ଡରେ ୨ ଜଣଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଜିଲ୍ଲା ସଂଯୋଜକ ଭାବେ ଲିଙ୍ଗରାଜ ସେଠୀ, ଜିଲ୍ଲା ସହସଂଯୋଜକ ଭାବେ ଦୀପକ ମହାନ୍ତ, ଧିରଜ ରାମ, ଚିତ୍ରସେନ ମହାନ୍ତ ଓ ମାନସ ଧିରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

## ସାଇ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା 'ସମ୍ଭବ' ଉଦ୍‌ଯାପିତ



ବାରିପଦା, ୨୪।୧୨(ସମିସ): ଶିକ୍ଷାକ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଥିବା ମୟୂରଭଞ୍ଜର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସାଇ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା-୨୦୨୫ 'ସମ୍ଭବ' କୈଳାସଚନ୍ଦ୍ରପୁର କାଠପାଳଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ ରବୀନ୍ଦ୍ରନାଥ ଦେହୁରୀ ପତାକା ଦେଖାଇ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସମାଜସେବୀ ରତିକାନ୍ତ ମହାନ୍ତ କ୍ରୀଡ଼ା ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ମହାପ୍ରବନ୍ଧକ ଦେବାଶିଷ ମୁଦୁଲି କ୍ରୀଡ଼ାର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ ଅକ୍ଷୟ ଖିଲାର, ବିଦ୍ୟାଳୟର ଶୈକ୍ଷିକ ସଂଯୋଜକ ଚିତ୍ତରଞ୍ଜନ ରାଉତ ଓ ମହାବିଦ୍ୟାଳୟର ଶୈକ୍ଷିକ ସଂଯୋଜକ ପ୍ରତିଟୀ ରଞ୍ଜନ ରାଉତ ଯୋଗଦେଇଥିଲେ। କ୍ରୀଡ଼ା ଶିକ୍ଷକ ଶିବାନନ୍ଦ ଦାସଙ୍କ ତତ୍ତ୍ୱାବଧାନରେ ସମସ୍ତ କ୍ରୀଡ଼ା ପରିଚାଳିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ମୁଖ୍ୟବକ୍ତା ଭାବେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭଗୀରଥି ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଡିଭାଇନ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ ନିର୍ଦ୍ଦେଶକ ବିପ୍ଳବ ଭଞ୍ଜନ ବୁଗୁଡାଇ ଯୋଗଦେଇଥିଲେ। ସାଇ ବିଦ୍ୟାମନ୍ଦିରର ନିର୍ଦ୍ଦେଶକ ଡ. ପ୍ରଭଞ୍ଜନ ରାଉତ କ୍ରୀଡ଼ା ଓ ଶିକ୍ଷା ଜୀବନର ଏକ ଅପରିହାର୍ଯ୍ୟ ଅଙ୍ଗ ବୋଲି କହିଥିଲେ। ବିଦ୍ୟାଳୟର ମହାପ୍ରବନ୍ଧକ ଦେବାଶିଷ ମୁଦୁଲି କ୍ରୀଡ଼ାର ଭୂମିକା ସମ୍ବନ୍ଧରେ ଆଲୋକପାତ କରି ପିଲାଙ୍କୁ ମାର୍ଗଦର୍ଶନ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଉଦଳା କଲେଜ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

କପ୍ତିପଦା, ୨୪।୧୨(ସମିସ): ଉଦଳା କଲେଜରେ ୧୯୮୬ରୁ ୧୯୯୧ ମଧ୍ୟରେ ପଢୁଥିବା ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ବନ୍ଧୁମିଳନ ଉତ୍ସବ ଆୟୋଜିତ ହୋଇଯାଇଛି। ସ୍ଥାନୀୟ ହୋଟେଲ ସିପ୍ରନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୫୬ ଜଣ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ସକାଳୁ ସଞ୍ଜ ଯାଏ ମନୋରଞ୍ଜନ କାର୍ଯ୍ୟକ୍ରମ



ସାଙ୍ଗକୁ ଏହା ଦୀର୍ଘସ୍ଥାୟୀ କରିବାକୁ ଯୋଜନା ପ୍ରସ୍ତୁତ କରିଥିଲେ। ଆଗାମୀ ଦିନରେ ସାମାଜିକ ସେବା କାର୍ଯ୍ୟକ୍ରମ ହାତକୁ ନେବାକୁ ପ୍ରସ୍ତାବ ରଖିଥିଲେ। ପ୍ରାଧ୍ୟାପକ ବସନ୍ତ ପାତ୍ର ଧନ୍ୟବାଦ ଦେଇଥିବାବେଳେ ବରିଷ୍ଠ ଅଧିକାରୀ ଲକ୍ଷ୍ମୀକାନ୍ତ ସେଠୀ, ମମତା ପରିଡ଼ା, ପରମାନନ୍ଦ ଖଣ୍ଡେଇ, ଅଧ୍ୟାପକ ସଞ୍ଜୟ ସ, ବସନ୍ତ ପାତ୍ର, ହିରଣ୍ମୟୀ ଶତପଥୀ, ସାଗରିକା ସିଂ, ଶୁଭଦର୍ଶିନୀ ମହାନ୍ତି, ସନ୍ଦୀପ ମଡୁଆଲ, ଶ୍ରୀକୃଷ୍ଣ ବେହେରା, ଅଞ୍ଜନ ଜେନା, ଶଶୀଧର ଜେନା, ଶରତ ତ୍ରିପାଠୀ, ରଞ୍ଜନ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ଏମ୍‌ପିସି ୧୯୯୨ ବାଣିଜ୍ୟ ବିଭାଗ ନୂତନ କମିଟି ଗଠିତ

ବାରିପଦା, ୨୪।୧୨(ସମିସ): ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ୧୯୯୨ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଦିବଂଗତ ବନ୍ଧୁ ରାଜକିଶୋର ବାରିକଙ୍କ ଅକାଳ ବିୟୋଗରେ ଶୋକସଭା ଆୟୋଜିତ ହୋଇଥିଲା। ୱେଲଫେୟାର ସୋସାଇଟିର ସଭାପତି ଅମୀୟ ଦଳେଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଅମ୍ବିକା ପ୍ରସାଦ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ନୂତନ ସଦସ୍ୟ ଗ୍ରହଣ କରାଯିବା ପାଇଁ ପଞ୍ଜୀକରଣ ସହିତ ଦେୟ ଆଦାୟ ପାଇଁ କୋଷାଧ୍ୟକ୍ଷ ସୁଦୀପ ଦାସଙ୍କ ପ୍ରସ୍ତାବକୁ ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇଥିଲା। ଶେଷରେ ନୂତନ କାର୍ଯ୍ୟନିର୍ବାହୀ କମିଟି ଗଠନ କରାଯାଇଥିବାବେଳେ ସଭାପତି ଭାବେ ସୁଜିତ ଭଞ୍ଜ, ଉପସଭାପତି ଗିରିଜା ମହାନ୍ତି, ସମ୍ପାଦକ ଅମୀୟ ଦଳେଇ, ସହସମ୍ପାଦକ ଭାବେ ଜ୍ଞାନରଞ୍ଜନ ପଣ୍ଡା, କୋଷାଧ୍ୟକ୍ଷ ଭାବେ ସୁଜିତ ପାଣିଙ୍କୁ ଚୟନ କରାଯାଇଥିଲା। ସଦସ୍ୟ ଭାବେ ଅମ୍ବିକା ମହାନ୍ତି, ଗୌତମ ରାୟ, ଅଶୋକ ଦାସ, ସୁଦୀପ ଦାସ, ସଞ୍ଜୀବ ଆଚାର୍ଯ୍ୟ, ପ୍ରଭାତ ପାତ୍ର, ଦୀପକ ମିଶ୍ର, ସ୍ୱର୍ଣ୍ଣପ୍ରଭା ମହାନ୍ତି, ବିଷ୍ଣୁପ୍ରସାଦ ସାହୁ ନିର୍ବାଚିତ ହୋଇଛନ୍ତି। ସୋସାଇଟିର ବିଭିନ୍ନ ଅନୁଷ୍ଠାନିକ କାର୍ଯ୍ୟକ୍ରମ ଓ ଗଣମାଧ୍ୟମ ପାଇଁ ଗୌତମ ରାୟଙ୍କୁ ମୁଖ୍ୟ ସଂଯୋଜକ ଚୟନ କରାଯାଇଥିବା ସ୍ଥଳେ ସଞ୍ଜୀବ ଆଚାର୍ଯ୍ୟଙ୍କୁ ସମାଜ ମଙ୍ଗଳ ଅଧିକାରୀ ଭାବେ ଚୟନ କରାଗଲା। ସହସମ୍ପାଦକ ଜ୍ଞାନରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଅସହାୟଙ୍କୁ କମ୍ବଳ ବଣ୍ଟନ

ବିଶୋଇ, ୨୪।୧୨(ସମିସ): ମଣଦାସ୍ଥ ସହିଦ ଭଗତ ସିଂ ୟୁଥ କ୍ଲବ ପକ୍ଷରୁ ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯାଇଛି। କ୍ଲବ୍ ସମ୍ପାଦକ ଓମ ପ୍ରସାଦ ମହାକୁଡ଼, ଅମନ ମହାକୁଡ଼, ଚନ୍ଦନ ଘୋଷ, ସୁଶୀଲ ବେହେରା, ଜୟନ୍ତ ବେହେରା, ଆଶିଷ ସେଠୀ, ଶତ୍ରୁଘ୍ନ ବେହେରା, ଦିଲ୍ଲୀପ ମହାକୁଡ଼ ପ୍ରମୁଖଙ୍କ ଉଦ୍ୟମକ୍ରମେ ମଣଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ରୋଗୀ ଓ ମଣଦା ଗ୍ରାମର ଅସହାୟ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ପ୍ରବଳ ଶୀତରେ ଥରହର ହେଉଥିବା ଗରିବ ଅସହାୟଙ୍କୁ କମ୍ବଳ ପ୍ରଦାନ କରାଯାଇଥିବାରୁ କ୍ଲବର ଏଭଳି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି।

# ବିଭିନ୍ନ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ

ମହୁଲଡିହା, ୨୪।୧୨ (ସମିସ): ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ଆଦର୍ଶ ପଞ୍ଚାୟତ ଉଚ୍ଚବିଦ୍ୟାଳୟରେ ଗଣିତ ଦିବସ ଅବସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରବୀନ୍ଦ୍ର ରଣାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କରଞ୍ଜିଆ ବିଧାୟକ ତଥା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପଦ୍ମଚରଣ ହାଇବ୍ରୁ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ପୂର୍ବତନ ସମିତି ସଭ୍ୟ ତଥା ପରିଚାଳନା



କମିଟି ସଦସ୍ୟ ରଞ୍ଜନ ମହାନ୍ତ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଚାନ୍ଦମଣି ଜାରିକା, ପୂର୍ବତନ ସରପଞ୍ଚ ଗଣେଶ୍ୱର ଦାସ, ବିଦ୍ୟାଳୟର ପ୍ରତିଷ୍ଠାତା ଦିଲ୍ଲୀପ ନାୟକ, ପୂର୍ବତନ ପରିଚାଳନା କମିଟି ସଭାପତି ବାବୁଲି ହାଇବ୍ରୁ, ଆଶ୍ରମ ସ୍କୁଲର ପ୍ରଧାନଶିକ୍ଷକ ଭୁବନ ପାତ୍ର, ସମାଜସେବୀ ହରିଶ ହାଇବ୍ରୁ, ପରିଚାଳନା କମିଟି ସଦସ୍ୟ ଦାମୋଦର ହାଇବ୍ରୁ, ଅର୍ଜୁନ ଖୁଣ୍ଟିଆ, ମହେନ୍ଦ୍ର ଇଚାଗୁଟୁ, ମଧୁସୂଦନ ହାଇବ୍ରୁ ପ୍ରମୁଖ ଯୋଗ ଦେଇଥିଲେ। ସଫଳ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଶ୍ରୀକାନ୍ତ ରଣା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂସ୍କୃତ ଶିକ୍ଷକ ସୁବ୍ରତ ଦାଶ ବିବରଣୀ ପାଠ ଓ ହିନ୍ଦୀ ଶିକ୍ଷକ ମହେଶ୍ୱର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

**କରଞ୍ଜିଆ:** ସ୍ଥାନୀୟ ସରସ୍ୱତୀ ଶିଶୁମନ୍ଦିର ବାଣୀତୀର୍ଥର ୩୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟବକ୍ତା ଭାବେ କୁନି ପ୍ରବଚକ କେଶବ ଦ୍ୱିତୀକୃଷ୍ଣ ଦାସ, ସମ୍ମାନିତ ଅତିଥି ରୂପେ ବିଦ୍ୟାଳୟର ପୂର୍ବତନ ଛାତ୍ର ତନ୍ମୟ ବସା ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଦିଲ୍ଲୀପ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଆୟୋଜିତ




ସଭାରେ ସମ୍ପାଦକ ଈଶ୍ୱର ମହାନ୍ତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଆଚାର୍ଯ୍ୟ ମହେନ୍ଦ୍ର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏ ଅବସରରେ ବିଭିନ୍ନ ପରୀକ୍ଷାରେ ସଫଳ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଉପସଭାପତି ଇଂ. ତ୍ରିଲୋଚନ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ବହଳଦା:** ସ୍ଥାନୀୟ କିଡ୍‌ସ ପ୍ୟାଲେସ ପ୍ଲେ ସ୍କୁଲର ନବମ ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷ ବୀରେନ୍ଦ୍ର ନାଥ ପାଲଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୋରୁମାହିଷାଣି ଇସ୍ପାତ କଲେଜ ଅଧ୍ୟାପକ ଡ. ଦିଗାମ୍ବର ଗିରି, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତିମିର ପଣ୍ଡା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଜକିଶୋର ମହାନ୍ତ ଓ ବରିଷ୍ଠ ସାମ୍ବାଦିକ ମଧୁସୂଦନ ଦାସ, ଜୀବ ବିଜ୍ଞାନ ପ୍ରଦର୍ଶକ ଗଣେଶ୍ୱର ସାମଲ ଓ ଗଣେଶ ବାରିକ ଯୋଗ ଦେଇଥିଲେ। ନିର୍ଦ୍ଦେଶକ ଶାଶ୍ୱତ ପୁଲକ ପାଲ ଓ ଉପାଧ୍ୟକ୍ଷା ହରପ୍ରିୟା



ବେହେରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବାବେଳେ ତନଭୀ ତନ୍ୟା ପାଲ ମଞ୍ଚ ପରିଚାଳନା କରିଥିଲେ। ଏ ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ଅଞ୍ଜନା ମହାନ୍ତ, ଫୁଲମନୀ ଟୁଡୁ, ରାନୀ ମୁର୍ମୁ, ସୁଚିତ୍ରା ମହାନ୍ତ, ନିକିତା ଦାଣ୍ଡିଆ, ଚିତ୍ରରେଖା ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

**ବେତନଟୀ:** ଆଗ୍ରିଆର ସର୍ବଣାସ୍ଥ ଦିବ୍ୟଜ୍ୟୋତି କନଭେଣ୍ଟ ହାୟର ସେକେଣ୍ଡରୀ ସ୍କୁଲର ବାର୍ଷିକ ଉତ୍ସବ ଅଧ୍ୟକ୍ଷା ସିଷ୍ଟର ଶ୍ୟାନି. ଭି. ଯୋସେଫଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଶପ ବାଲେଶ୍ୱର ଡାୟୋଶିଶ ଭାର୍ଘସ



ଥୋଉମକାରା, ସମ୍ମାନିତ ଅତିଥି ଭାବେ ଦିବ୍ୟଜ୍ୟୋତି ପ୍ରଭିନ୍ସ ବାଲେଶ୍ୱରର ମୁଖ୍ୟ ମଦର ଟେସିନା, ସ୍ୱତନ୍ତ୍ର ଅତିଥି ଭାବେ ବଡ଼ସାହି ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଯୋଗଦେଇଥିଲେ। ସୋମଦେବ ପାଲ ଓ ପୂର୍ଣ୍ଣିମା ମିଶ୍ର, ଆଶୁତୋଷ ଦାଶ, ସ୍ତୁତିରାଣୀ ପୃଷ୍ଟି ଉପସ୍ଥିତ ଥିଲେ। ଗତବର୍ଷ ସିବିଏସଇ ଦଶମ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀ ଓ ସମସ୍ତ କୋକାରିକୁଲାର ଆକ୍ଟିଭିଟି ଓ କ୍ରୀଡ଼ା କ୍ଷେତ୍ରରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟକ୍ଷା ସିଷ୍ଟର ଶ୍ୟାନି. ଭି. ଯୋସେଫ ଧନ୍ୟବାଦ ଅର୍ପଣ କରିଥିଲେ।

**ରାଇରଙ୍ଗପୁର:** ସ୍ଥାନୀୟ ଅଁଳାଡୁବାସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ସଭାପତି କୁବେର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି।



ମୁଖ୍ୟଅତିଥି ଭାବେ ରାଇରଙ୍ଗପୁର ବିଧାୟକ ଜଲେନ୍ ନାଏକ, ମୁଖ୍ୟବକ୍ତା ଭାବେ ଉତ୍ତର ସମ୍ଭାଗ ସମ୍ପାଦକ ଗଙ୍ଗାଧର କର, ସମ୍ମାନିତ ଅତିଥି ଭାବେ ସୋର ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ଅଧ୍ୟାପିକା ସୁଷମା ମହାନ୍ତ, ସମ୍ପାଦକ କମଳାକାନ୍ତ ମହାନ୍ତ, ପ୍ରଧାନ ଆଚାର୍ଯ୍ୟ କେଦାର ନାଥ ବାରିକ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ କମଳାକାନ୍ତ ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଆଚାର୍ଯ୍ୟ କେଦାର ନାଥ ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏ ଅବସରରେ ବିଜେପି ରାଜ୍ୟ ସମ୍ପାଦକ ନବୀନ ରାମ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରଥ ପଟ୍ଟନାୟକ ଓ ଡ ବିନୋଦ ପରିଡ଼ାଙ୍କୁ ସମ୍ମାନିତ କରାଯାଇଥିଲା। ପରେ ବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସଭାକୁ ଆଚାର୍ଯ୍ୟ ମହାନ୍ତ ବବିତା କୈଳିୟାର ପରିଚାଳନା କରିଥିବାବେଳେ ସମ୍ପାଦକ କମଳାକାନ୍ତ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

**ବାରିପଦା:** ବିଦ୍ୟାଭରତୀ ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ମାର୍ଗଦର୍ଶନରେ ପରିଚାଳିତ ବାରିପଦା ନିକଟ କରଞ୍ଜିଆ ସରସ୍ୱତୀ ଶିଶୁମନ୍ଦିରର



୧୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଙ୍ଗିରୀପୋଷି ବିଧାୟିକାଙ୍କ ପ୍ରତିନିଧି ସୁଗଦା ମୁର୍ମୁ, ମୁଖ୍ୟବକ୍ତା ଭାବେ ତୁଳସୀଚଉରାର ପୂର୍ବତନ ପ୍ରଧାନଆଚାର୍ଯ୍ୟ ବିଷ୍ଣୁଚରଣ ମହାନ୍ତ ଯୋଗ ଦେଇଥିଲେ। ଉକ୍ତ ବିଦ୍ୟାଳୟର ସଭାପତି ସୀତାନାଥ ମହାନ୍ତ, ସମ୍ପାଦକ ପ୍ରଦୀପ ମହାନ୍ତ ଓ ପ୍ରଧାନଆଚାର୍ଯ୍ୟା ସନତା ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଗୁରୁଜୀ ଗୁରୁମା ଓ ସେବିକା ସହଯୋଗ କରିଥିଲେ।

**ପିଙ୍ଗୁ:** କପ୍ତିପଦା ବ୍ଲକ ନୁଦଡିହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶାସ୍ତ୍ରୀନଗର, ନୁଦଡିହାରେ ବୁଧବାର ବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।



ପରିଚାଳନା କମିଟିର ସମ୍ପାଦକ ନିରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ପ୍ରଫୁଲ୍ଲଚନ୍ଦ୍ର ମହାଳିକ, ମୁଖ୍ୟବକ୍ତା ବିରଞ୍ଚି ନାରାୟଣ ସେନାପତି, ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରାଧ୍ୟାପକ ଭୋଳାନାଥ ସାହୁ (ଉଦଳା ମହାବିଦ୍ୟାଳୟ), ପ୍ରଧାନଶିକ୍ଷକ ରକ୍ତ ରଞ୍ଜନ ରାଉତ ପ୍ରମୁଖ ଯୋଗଦେଇ ଭଲ ମଣିଷ ହେବାକୁ ମାର୍ଗଦର୍ଶନ ଦେଇଥିଲେ। ପ୍ରଧାନ ଗୁରୁଜୀ ବାର୍ଷିକ ବିବରଣୀ ପାଠ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଗୁମୁରାରେ ପଞ୍ଚାୟତସ୍ତରୀୟ ଜନଶୁଣାଣି



ବାଲିବନ୍ଧ, ୨୪।୧୨(ସମିସ): ସୁଶାସନ ସପ୍ତାହ ପାଳନ ଅବସରରେ ରାଜ୍ୟ ସରକାର ଏବଂ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କ୍ଷେତ୍ର ଅଧିକାରୀ ବିଭିନ୍ନ ଗ୍ରାମକୁ ଯାଇ ଲୋକଙ୍କ ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ରହିଛି। ଏହିକ୍ରମରେ ଝୁମ୍ପୁରା ବ୍ଲକ ଗୁମୁରା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅଜିତଲାଲ ନାୟକ, ଜିପିଡିଓ ମାନସ ରଞ୍ଜନ, ବ୍ଲକ ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ବନ୍ଦନା ଗିରି, ବିପିସି ପଦ୍ମଲୋଚନ ଜେନା, କନିଷ୍ଠ ଯନ୍ତ୍ରୀ ଅଜୟ କୁମାର ବେହେରା, ବବୁଲ ବେହେରା, ବିଆରସି ସୁନ୍ଦରମୋହନ ମହାନ୍ତ ପ୍ରମୁଖ ୨୫ଟି ଅଭିଯୋଗର ଶୁଣାଣି କରିଥିଲେ। ସେଗୁଡିକ ମଧ୍ୟରେ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ, ରାସନ କାର୍ଡ, ଜବକାର୍ଡ ଆଦି ରହିଥିଲା। ୬ଟି ଅଭିଯୋଗର ତ୍ୱରିତ ସମାଧାନ ହୋଇଥଲା। ଅନ୍ୟ ଅଭିଯୋଗଗୁଡ଼ିକ ତୁରନ୍ତ ସମାଧାନ କରାଯିବ ବୋଲି ଉପସ୍ଥିତ ଅଧିକାରୀ ସୂଚନା ଦେଇଛନ୍ତି।

## ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

ଚମ୍ପୁଆ,୨୪।୧୨(ସମିସ): ଚମ୍ପୁଆ ଉପଜିଲ୍ଲାପଳ ସଭାଗୃହରେ ଆସନ୍ତା ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସହକାରୀ ଜିଲ୍ଲାପାଳ ଫୁଲଲାଇ ବେସ୍ରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ତହସିଲଦାର ପ୍ରତିକ୍ଷା ପ୍ରିୟଦର୍ଶିନୀ, ଅତିରିକ୍ତ ବିଡିଓ ଚୁନୁ ହାଁସଦା, ସହକାରୀ ଜିଲାପାଳ ସମରେନ୍ଦ୍ର ଦାସ ପ୍ରମୁଖ ଏଥିରେ ଯୋଗ ଦେଇଥିବା ବେଳେ ବିଭିନ୍ନ ସଂଗଠନ, ଲାଇନ ବିଭାଗ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। ସୂଚନା ଲୋକସଂପର୍କ ଭାରପ୍ରାପ୍ତ ଅଧିକାରୀ ବିଜୟ କୁମାର ନାଏକ ପୂର୍ବ ବର୍ଷର ଉତ୍ସବ ପାଳନ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହି ଦିବସ ପାଳନ ନିମନ୍ତେ ବିଭିନ୍ନ ପ୍ରସ୍ତାବ ଗୃହିତ ହେବା ସହ ବିଭିନ୍ନ ପ୍ରତିଯୋଗିତା ନିମନ୍ତେ ଶିକ୍ଷା ବିଭାଗକୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି।

### କେନ୍ଦୁଝର ଜିଲ୍ଲା ପରିଷଦର ନବମ ଅଧିବେଶନ

# ବାଲି ଚୋରି, ଓଭର୍‌ଲୋଡିଂରେ ଲଗାମ ଲଗାଇବାକୁ ନିର୍ଦ୍ଦେଶ



କେନ୍ଦୁଝର,୨୪।୧୨(ସମିସ): କେନ୍ଦୁଝର ଜିଲ୍ଲା ଷଷ୍ଠ ଜିଲ୍ଲା ପରିଷଦର ନବମ ଅଧିବେଶନ ବୁଧବାର ଜିଲ୍ଲା ପରିଷଦ ଅଧକ୍ଷା ସାଗରିକା ସାହୁଙ୍କ ଅଧକ୍ଷତାରେ ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଚମ୍ପୁଆ ବିଧାୟକ ସନାତନ ମହାକୁଡ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ଜିଲ୍ଲାପାଳ ବିଶାଲ ସିଂହ, କେନ୍ଦୁଝର ସଦର ବିଧାୟକ ତଥା ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଅନୁବ୍ରତ ବେହେରା, ଜିଲ୍ଲା ପରିଷଦ ଉପାଧକ୍ଷ ସୋମନାଥ ଦାସ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଜିଲ୍ଲା ପରିଷଦର ସଦସ୍ୟସଦସ୍ୟା, ପଞ୍ଚାୟତସମିତି ଅଧ୍ୟକ୍ଷଅଧକ୍ଷା, ବିଭିନ୍ନ ବିଭାଗୀୟ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଜିଲ୍ଲାପାଳ ବିଶାଲ ସିଂହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବ୍ଲକ ଅଧକ୍ଷ/ଅଧକ୍ଷାମାନଙ୍କୁ ଏହି ବୈଠକକୁ ନିମନ୍ତ୍ରଣ କରାଯାଇ ନଥିବା ବେଳେ ଆଗାମୀ ବୈଠକରେ ଏହାର ପୁନରାବୃତ୍ତି ହେବନାହିଁ ବୋଲି ନିର୍ବାହୀ ଅଧିକାରୀ କହିଥିଲେ। ଆଜି ଖଣି ବିଭାଗ,ଜଙ୍ଗଲ ଓ ପରିବେଶ,ପୂର୍ତ୍ତ ବିଭାଗ,ସାଧାରଣ ବିଦ୍ୟୁତ୍ ବିଭାଜନ,ଗ୍ରାମ୍ୟ ନିର୍ମାଣ ବିଭାଗ,ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା,ସ୍ୱାସ୍ଥ୍ୟ ବିଭାଗ,ଶିକ୍ଷା ବିଭାଗ ଉପରେ ଆଲୋଚନା ହୋଇଥିଲା।

ଆନନ୍ଦପୁର ଉପଖଣ୍ଡରେ ବାଲି ଚୋରି ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଜିଲ୍ଲା ପରିଷଦ ସଭ୍ୟ ଆଶିଷ ଚକ୍ରବର୍ତ୍ତୀ, ବିମ୍ବାଧର ବିଶ୍ୱାଳ ରାଜସ୍ୱହାନି ସମ୍ପର୍କରେ କହିଥିଲେ। ଗୋଟିଏ ଟିପିରେ ଏକାଧିକ ଥର ପରିବହନ ହେଉଥିବାରୁ ଚୋରି ରୋକିବାକୁ ରାସ୍ତାରେ ନିୟମିତ ଚେକିଂ ଏବଂ ଟୋଲଗେଟରେ ଯାଞ୍ଚ କରିବାକୁ କହିଥିଲେ। ପରେ ଜିଲ୍ଲାପାଳ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଖଣି ଉପନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାସ୍ତାରେ କଡାକଡି ଯାଞ୍ଚ ସହ ଓଭରଲୋଡ ଗାଡ଼ିକୁ ଫାଇନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରିଟର୍ଣ୍ଣ ପାଇପ ଲାଇନ ନଥିବାରୁ ସ୍ଲରି ପାଇପ ଲାଇନରେ ପାଣି ଲୁହାପଥର ଗୁଣ୍ଡରେ ମିଶ୍ରଣ ପରେ ପାରାଦୀପ ଏବଂ ଅନ୍ୟ ସ୍ଥାନକୁ ଯାଉଛି। ଗୋଟିଏ ପଟେ ପିଇବା ଏବଂ ଚାଷ ପାଇଁ ପାଣି ଖରାଦିନରେ ଘୋର ଅଭାବ ପରିଲକ୍ଷିତ ହେଉଥିବାବେଳେ ସ୍ଲରି ପାଇପ ଲାଇନରେ ବୈତରଣୀ ନଦୀ ଗର୍ଭରେ ଇନ୍‌ଟେକ ୱେଲ କରି କମ୍ପାନୀମାନେ ପାଣି ଶୋଷଣ କରୁଛନ୍ତି। ଚୁକ୍ତି ଉଲ୍ଲଙ୍ଘନ କରି ବୈତରଣୀ ନଦୀ ଜଳ ବ୍ୟବହାର କରାଯାଉଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା।

ଏପରିକି ବର୍ଷତମାମ ଜଳ ବ୍ୟବହାର କରୁଥିବା ସଂସ୍ଥାଗୁଡିକ ଜଳକର ଫାଙ୍କି ଚାଲିଛନ୍ତି। ପଳାଶପଙ୍ଗାସ୍ଥିତ ଓଡିଶା ସ୍ୱଞ୍ଜି ଆଇରନ କାରଖାନ, ଏମ୍ଏସପି, କେଜେଏସ୍ ଆଲୁୱାଲିଆ କାରଖାନା ଏବଂ ଅନ୍ୟ ଶିଳ୍ପ ଓ ଖଣି ସଂସ୍ଥା ବାହାର ରାଜ୍ୟରୁ ଲୋକ ଆଣି କାମ କରାଉଥିବାରୁ ଗୃହରେ

### ଜଳ କର ଫାଙ୍କି ଉପରେ ଉଦ୍‌ବେଗ

ଉଦ୍‌ବେଗ ପ୍ରକାଶ ପାଇଥିଲା। ସ୍ଥାନୀୟ ଶ୍ରମିକ କାମ ନ ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଜିଲ୍ଲା ଶ୍ରମ ଅଧିକାରୀ ଆକାଶ ବିଷୋୟୀ ଉପସ୍ଥିତ ନଥିବାବେଳେ ଘଟଗାଁ ସହକାରୀ ଶ୍ରମ ଅଧିକାରୀ ଉପସ୍ଥିତ ଥିଲେ; ଯାହାକୁ ନେଇ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଜିଲ୍ଲା ପରିଷଦ ବୈଠକରେ ଅଧିକାରୀମାନେ ଉପସ୍ଥତ ନ ରହି ଅଧସ୍ତନ ଅଧିକାରୀଙ୍କୁ ପଠାଉଥିବାରୁ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ସଭ୍ୟମାନେ ଦାବି ରଖିଥିଲେ। ଜିଲ୍ଲା ପରିଷଦ ସଭ୍ୟ ଅରୁଣ ବାରିକ ଓଏମସି ଗନ୍ଧମାର୍ଦ୍ଦନ ଲୌହ ଖଣି ଦ୍ୱାରା ପ୍ରଭାବିତ ବହୁ ଗ୍ରାମ ବଫର ଏବଂ କୋର ଜୋନରେ ସାମିଲ ନଥିବାରୁ ସିଏସ୍‌ଆର୍ କାର୍ଯ୍ୟକ୍ରମ ହୋଇପାରୁ ନଥିବା କହିଥିଲେ। ଖଣି ବିଭାଗ ଏବଂ ପ୍ରଶାସନ ତୁରନ୍ତ ସମସ୍ତ ଖଣି ପ୍ରଭାବିତ ୩ଟି ପଞ୍ଚାୟତର ସମସ୍ତ ପ୍ରଭାବିତ ଗ୍ରାମଗୁଡିକୁ ଚିହ୍ନଟ କରି ଲୋକଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ କେନ୍ଦୁଝର ସାଂସଦ ଅନନ୍ତ ନାୟକ କହିଥିଲେ। ୨୦୧୨ରେ ଯୋଡା ଖଣି ମଣ୍ଡଳ କାର୍ଯ୍ୟାଳୟରେ ଜିଲ୍ଲା ପ୍ରଶାସନ, ବିଭିନ୍ନ ଟ୍ରକ ମାଲିକ ସଂଘ ଏବଂ ଖଣି ମାଲିକମାନଙ୍କ ମଧ୍ୟରେ ଏକ ମିଳିତ ଚୁକ୍ତିନାମା ବର୍ତ୍ତମାନ କାର୍ଯ୍ୟକାରୀ ହେଉ ନଥିବାରୁ ସଭ୍ୟ ଆଶିଷ ଚକ୍ରବର୍ତ୍ତୀ କ୍ଷୋଭ ପ୍ରକାଶ କରିଥିଲେ। କେନ୍ଦୁଝରରେ ଟ୍ରକ ଏକ ରୋଜଗାରର ପନ୍ଥା ହୋଇଥିବାରୁ ଟ୍ରକ ମାଲିକମାନଙ୍କ ୬୦:୪୦ ଅନୁପାତରେ ଲୋଡିଂ ଦେବାକୁ ସେ ଗୃହରେ ଦାବି କରିଥିଲେ। ଯାହାକୁ ସାଂସଦ,ସମସ୍ତ ବିଧାୟକ ଏବଂ ସମସ୍ତ ସଦସ୍ୟ/ସଦସ୍ୟା ସମର୍ଥନ ଜଣାଇଥିଲେ। ଜାନୁୟାରୀ ମଧ୍ୟରେ ଏକ ବୈଠକ କରି ଏହାର ସମାଧାନ କରିବାକୁ ଜିଲ୍ଲାପାଳ ଯୋଡା ଖଣି ଉପନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଆନ୍ତରାଜ୍ୟ ଫୁଟ୍‌ବଲ: ଢେଙ୍କାନାଳ ଓ ଜଟଣୀ ସେମିରେ



ଆନନ୍ଦପୁର, ୨୪।୧୨ (ସମିସ): ଆନନ୍ଦପୁର ବ୍ଲକ ତରତରାଠାରେ ୨୬ତମ ମା' ତାରିଣୀ ଆନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଲିଗ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଏହି ମ୍ୟାଚ୍‌ରେ ସିଦୁଲି ଏଫସି ଆସାନସୋଲକୁ ପେନାଲ୍‌ଟି କିକ୍ ମାଧ୍ୟମରେ ଜଟଣୀର ଫ୍ରେଣ୍ଡ୍ସ ପାରାଡ଼ାଇଜ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି। ଜଟଣୀ ଦଳ ୭-୬ ଗୋଲ ବ୍ୟବଧାନରେ ଆସାନସୋଲଠାରୁ ବିଜୟହାସଲ କରିଥିଲା। ଉଦଘାଟନୀ ଉତ୍ସବରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ମୁଖ୍ୟଅତିଥି, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚ ପପୁଲାର କ୍ଲବ୍, ଢେଙ୍କାନାଳ ଓ ମା' କାମାକ୍ଷା ସ୍ପୋର୍ଟସ୍ କ୍ଲବ୍ ବକ୍ସାର ମଧ୍ୟରେ ଖେଳା ଯାଇଥିଲା। ଢେଙ୍କାନାଳ ଦଳ ୨-୦ ଗୋଲ୍‌ରେ ବକ୍ସାରକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ରେଫରି ପ୍ରସନ୍ନ ନାୟକ, ରାମଚନ୍ଦ୍ର ବେଶ୍ରା, ଲକ୍ଷ୍ମଣ ସୋରେନ, ମାନସ ବିଶ୍ୱାଳ ଖେଳ ପରିଚାଳନା କରିଥିଲେ। ସୁବ୍ରତ ସାମଲ, ବସନ୍ତ ଜେନା, ସୁଶାନ୍ତ ସାମଲ, ଜିତେନ୍ଦ୍ର ସାମଲ, ପ୍ରିୟବ୍ରତ ନାଇକ, ସତ୍ୟବ୍ରତ ନାଇକ, ସୁଶୀଲ ସାମଲ, ଜଗନ୍ନାଥ ସାମଲ, ରାକେଶ ସାମଲ, ସୁରେନ୍ଦ୍ର ନାଇକ, ସୁବ୍ରତ ନାଇକ, ଦୀପ୍ତିରଞ୍ଜନ ବାରିକ, ରବୀନ୍ଦ୍ର ଧଳ ରଞ୍ଜିତ ପାତ୍ର, ସୁଶାନ୍ତ ନାଇକ, ଆକାଶ ନାଇକ, ସୁଶାନ୍ତ ଜେନା, ସତ୍ୟସ୍ୱରୂପ ସାମଲ, ସନ୍ତୋଷ ଧଳ, ଜଗନ୍ନାଥ ବେହେରା, ମଦରଧର ଜେନା, ଅଜିତ ଜେନା ସହଯୋଗ କରିଥିଲେ।

## ଚମ୍ପୁଆ ଥାନାରେ ନୂଆ ଆଇଆଇସି ସ୍ୱରୁପ ରଂଜନ



ଚମ୍ପୁଆ,୨୪।୧୨(ସମିସ): ଉପାନ୍ତ ଚମ୍ପୁଆ ଥାନାର ଆଇଆଇସି ଭାବେ ଯୋଗ ଦେଇଛନ୍ତି ସ୍ୱରୁପ ରଂଜନ ନାୟକ। ପୂର୍ବରୁ ଥାନାଧିକାରୀ ରମାକାନ୍ତ ମୁଦୁଲିଙ୍କୁ ଯାଜପୁର ଜିଲ୍ଲାକୁ ବଦଳି ପରେ ଖାଲି ପଡିଥିବା ଏହି ସ୍ଥାନରେ ବାରିଆ ଥାନାଧିକାରୀଙ୍କୁ ଭାରପ୍ରାପ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଆଜି ଆନୁଷ୍ଠାନିକ ଭାବେ ଶ୍ରୀ ନାୟକ କାର୍ଯ୍ୟଭାର ଗ୍ରହଣ କରିବା ସହିତ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ସୌଜନ୍ୟ ମୂଳକ ଆଲୋଚନା କରିଛନ୍ତି। ଚମ୍ପୁଆ ପଡ଼ୋଶୀ ଝାଡଖଣ୍ଡ ରାଜ୍ୟ ଓ ମୟୂରଭଂଜ ଜିଲ୍ଲାର ବିଭିନ୍ନ ପ୍ରବେଶ ପଥ ରହିଛି। ଆଇନଶୃଙ୍ଖଳା ଦୃଷ୍ଟିରୁ ଚମ୍ପୁଆ ଏକ ପ୍ରମୁଖ ଥାନା। ଦୈନନ୍ଦିନ ସଡ଼କ ଦୁର୍ଘଟଣା ଏ ଅଞ୍ଚଳ ପାଇଁ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ପୁଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବା, ଅସାମାଜିକ କାର୍ଯ୍ୟକଳାପକୁ ରୋକ ଲଗାଇବା ଏବଂ ବୃଦ୍ଧି ପାଉଥିବା ସଡକ ଦୁର୍ଘଟଣାକୁ ପ୍ରସମିତ କରିବା ପାଇଁ ସ୍ଥାନୀୟ ଲୋକଙ୍କ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ଶ୍ରୀ ନାୟକ ସୂଚନା ଦେବା ସହିତ ପୋଲିସ ଲୋକଙ୍କ ବନ୍ଧୁ ଭାବେ ରହି କାର୍ଯ୍ୟ କରିବ ବୋଲି କହିଛନ୍ତି। ଶ୍ରୀ ନାୟକ ପୂର୍ବରୁ ଚମ୍ପୁଆ ସବଇନସପେକ୍ଟର, କେନ୍ଦୁଝର ସଦର, ବିଲେଇପଦା, ବାମେବାରୀ, ସ୍ପେସାଲ ସ୍କ୍ୱାଡ କାଞ୍ଜିପାଣି ଥାନାରେ କାର୍ଯ୍ୟ କରି ଆସିଛନ୍ତି।




ଯୋଡ଼ା: ବାଂଲାଦେଶରେ ହିନ୍ଦୁମାନଙ୍କ ପ୍ରତି ହତ୍ୟା ଓ ନିର୍ଯାତନା ପ୍ରତିବାଦରେ ବିଶ୍ୱ ହିନ୍ଦୁ ପରିଷଦ ଓ ଆରଏସ୍‌ଏସ, ଯୋଡ଼ା ନଗର ବଜରଙ୍ଗ ଦଳ ପକ୍ଷରୁ ପଥପ୍ରାନ୍ତ ବିକ୍ଷୋଭ ପ୍ରଦର୍ଶନ

## ଡିଏମ୍‌ଏଫ୍‌ରେ ଚପଲ ଓ ମୁଢ଼ି ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟିତ



କେନ୍ଦୁଝର, ୨୪।୧୨(ସମିସ): ଡିଏମଏଫ୍ ଅର୍ଥ ସହାୟତାରେ ଚାଲିଥିବା ଡିଏମଏଫ୍-ଉଦ୍ୟମୀ ପ୍ରକଳ୍ପ କାର୍ଯ୍ୟକ୍ରମ ଅନ୍ତର୍ଗତ ହରିଚନ୍ଦନପୁର ବ୍ଲକର ଜାଂଘିରା ଗ୍ରାମରେ ଲକ୍ଷ୍ମଣ ବେହେରାଙ୍କ ଏକ ଚପଲ ଉତ୍ପାଦନ କେନ୍ଦ୍ର ଓ ଅନିତା ଦାସଙ୍କ ଏକ ମୁଢ଼ି ଉତ୍ପାଦନ କେନ୍ଦ୍ରକୁ ବୁଧବାର ଉଦ୍‌ଘାଟନ କରାଯାଇଛି। ସାଂସଦ ପ୍ରତିନିଧି ଅଶୋକ ବେହେରା, ସହକାରୀ ଉପ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ସୁଧା ଓରାମ, ଡିଏମଏଫ୍‌ର ସିନିୟର ପ୍ରୋଜେକ୍ଟ ଅଫିସର ପ୍ରଦୀପ କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ ବ୍ୟାଙ୍କ ଅଧିକାରୀ ହୀରାଲାଲ ମହାମଲିକ, ଜିଲ୍ଲା ଶିଳ୍ପ କେନ୍ଦ୍ରର ଆଇପିଓ ସରୋଜ ସନ୍ଧିବିଗ୍ରହ, ଭାରତୀୟ ଉଦ୍ୟମତା ବିକାଶ ସଂସ୍ଥା (ଇଡିଆଇଆଇ) ପରାମର୍ଶଦାତା ଓ ପୂର୍ବାଞ୍ଚଳ ମୁଖ୍ୟ ଚିତ୍ତରଞ୍ଜନ ପଟ୍ଟନାୟକ ଏବଂ ସିନିୟର ପ୍ରୋଗ୍ରାମ ଅଧିକାରୀ ସଚିକାନ୍ତ ମଲିକ ଯୋଗ ଦେଇଥିଲେ। ଡିଏମଏଫ୍ ଉଦ୍ୟମୀ କାର୍ଯ୍ୟକ୍ରମ ମାଧ୍ୟମରେ ଆଗାମୀ ୫ ବର୍ଷ ମଧ୍ୟରେ ୩୫୦୦ଟି ନୂତନ ବ୍ୟବସାୟ/ଉଦ୍ୟମ ସୃଷ୍ଟି କରିବାକୁ ଲକ୍ଷ୍ୟ ଧରାଯାଇଛି। ଗ୍ରାମୀଣ ଓ ଖଣି ପ୍ରଭାବିତ ଅଞ୍ଚଳରେ ସ୍ୱୟଂରୋଜଗାର ସୁଯୋଗ ବଢ଼ିବା ସହ ସ୍ଥାନୀୟ ଅର୍ଥନୀତିକୁ ଦୃଢ଼ କରିବା ଉଦ୍ଦେଶ୍ୟ ରହିଛି। ଏହି କାର୍ଯ୍ୟକ୍ରମକୁ ଇଡିଆଇଆଇ ଜିଲ୍ଲା କାର୍ଯ୍ୟକ୍ରମ ମ୍ୟାନେଜର ସଞ୍ଜୟ ସାହୁ ପରିଚାଳନା କରିଥିଲା ବେଳେ ପ୍ରୋଗ୍ରାମ ଅଫିସର ଆଦିତ୍ୟ ମହାନ୍ତି ଏବଂ ଅରବିନ୍ଦ ବେହେରା ସହଯୋଗ କରିଥିଲେ।

## ଜିଲ୍ଲାରେ ପାଞ୍ଚ ନୂଆ ଅଙ୍ଗନବାଡ଼ି କେନ୍ଦ୍ର ଉଦ୍‌ଘାଟିତ

କେନ୍ଦୁଝର, ୨୪।୧୨(ସମିସ): କେନ୍ଦୁଝର ଜିଲ୍ଲାରେ ପାଞ୍ଚଟି ନବନିର୍ମିତ ଅଙ୍ଗନବାଡ଼ି କେନ୍ଦ୍ର ଉଦଘାଟିତ ହୋଇଯାଇଛି। ମହିଳା ଏବଂ ଶିଶୁ ବିକାଶ ବିଭାଗର ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଭାସି ମାଧ୍ୟମରେ ଏହି ପାଞ୍ଚଟି କେନ୍ଦ୍ରର ଉଦଘାଟନ କରିଛନ୍ତି। ଏହାଦ୍ୱାରା ପ୍ରାରମ୍ଭିକ ଶୈଶବ ଯତ୍ନ ଏବଂ ପୁଷ୍ଟି ସେବା ସୁଦୃଢ଼ ହେବ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମିତା ନାୟକ, ସୁଧା ଗୋସ୍ୱାମୀ, ସିଡିପିଓ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଘସିପୁରା ବ୍ଲକ ଅନ୍ତର୍ଗତ ଗୁହାଳଡିହି ଏବଂ ହାତୀସିଲା, ଚମ୍ପୁଆ ବ୍ଲକର ଜୟମଙ୍ଗଳପୁର ଏବଂ ବରପଦା ଏବଂ ବାଂଶପାଳ ବ୍ଲକର ମାମଲାପୋଷି-ଏ କେନ୍ଦ୍ରଗୁଡ଼ିକ ମା'ମାନଙ୍କ ପାଇଁ ପରିପୂରକ ପୁଷ୍ଟିସାର, ସ୍ୱାସ୍ଥ୍ୟ ତଦାରଖ ଏବଂ ପରାମର୍ଶ ସେବା ସହ ଶିଶୁଙ୍କ ପ୍ରାରମ୍ଭିକ ଶିକ୍ଷା ଓ ପୁଷ୍ଟିସାରଯୁକ୍ତ ଖାଦ୍ୟ ସୁବିଧା ପ୍ରଦାନ କରିବ। ଏହି ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ଦ୍ୱାରା ସମ୍ପୃକ୍ତ ଗ୍ରାମର ୨୨୧ ଜଣ ହିତାଧିକାରୀ ଶିଶୁ ଏବଂ ଗର୍ଭବତୀ ଏବଂ ସ୍ତନ୍ୟପାନକାରୀ ମହିଳା ଅତ୍ୟାବଶ୍ୟକ କଲ୍ୟାଣ ସେବାର ସୁବିଧା ପାଇପାରିବେ। ଜିଲ୍ଲାରେ ମୋଟ ଅଙ୍ଗନବାଡ଼ି କେନ୍ଦ୍ର (ନିଜସ୍ୱ ଗୃହ) ସଂଖ୍ୟା ୨୨୫୦ରେ ପହଞ୍ଚିଛି। ସୂଚନାଯୋଗ୍ୟ, ଜିଲ୍ଲାରେ ଏବେ ମୋଟ ୩୩୬୧ଟି ଅଙ୍ଗନବାଡ଼ି କେନ୍ଦ୍ର କାର୍ଯ୍ୟକ୍ଷମ ଅଛି।

## ସର୍ବଭାରତୀୟ ପ୍ରତିଯୋଗିତାରେ ଅଭିଲିପ୍ସାଙ୍କ କୃତିତ୍ୱ




ଆନନ୍ଦପୁର,୨୪।୧୨ (ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ କଳାଉତ୍ସବରେ ଶାସ୍ତ୍ରୀୟ ସଂଗୀତ ପରିବେଷଣ କରି ରାଜ୍ୟରେ ପ୍ରଥମସ୍ଥାନ ଅଧିକାର କରିଥିବା ସୁଶ୍ରୀ ଅଭିଲିପ୍ସା ତ୍ରିପାଠୀ ସର୍ବଭାରତୀୟ ସ୍ତରରେ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଘସିପୁରା ବ୍ଲକ ମଚ୍ଛାଲୋ ପଞ୍ଚାୟତ ଅନ୍ତର୍ଗତ ରୁଦ୍ରନାରାୟଣପୁର ଶାସନ ନିବାସୀ ବିଜୟ ତ୍ରିପାଠୀ, ସୁଭଦ୍ରା ତ୍ରିପାଠୀଙ୍କ ଝିଅ ତଥା ସାଇଁକୁଳ ପତିତପାବନ ମହାବିଦ୍ୟାଳୟର ଛାତ୍ରୀ ଅଭିଲିପ୍ସା ନୂଆଦିଲ୍ଲୀଠାରେ ଆୟୋଜିତ ସର୍ବଭାରତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ସହଯୋଗରେ ସେ ଉକ୍ତ ପ୍ରତିଯୋଗିତାରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିଥିଲେ। ସମଗ୍ର ଭାରତବର୍ଷର ବିଭିନ୍ନ ରାଜ୍ୟରୁ ପ୍ରାୟ ୨ ଶ ପ୍ରତିଯୋଗୀଙ୍କ ମଧ୍ୟରେ ତୃତୀୟ ସ୍ଥାନ ଅଧିକାର କରି ଓଡ଼ିଶାର ସୁନାମ ରଖିଥିବାରୁ ବିଭିନ୍ନ ମହଲରେ ପ୍ରଶଂସିତ ହୋଇପାରିଛନ୍ତି। ତାଙ୍କର ଏହି ହିନ୍ଦୁସ୍ତାନ ସଂଗୀତ ଶିକ୍ଷାରେ ଗୁରୁ ହରିହର ଜେନା ଓ ତବଲା ଗୁରୁ ଶୁଭାଶିଷ ଶତପଥୀ ସହଯୋଗ କରିଥିଲେ।

## ଚାରିଦିନିଆ ସାମଗ୍ରିକ ଶିକ୍ଷା କର୍ମଶାଳା ସମ୍ପନ୍ନ


କେନ୍ଦୁଝର, ୨୪।୧୨(ସମିସ): ବିଦ୍ୟାଳୟ ଶିକ୍ଷାକ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ କେନ୍ଦୁଝର, ଡିଆଇଇଟି କେନ୍ଦୁଝର ଏବଂ ପିରାମଲ୍ ଫାଉଣ୍ଡେସନ୍‌ର ସହଯୋଗରେ ଚାରିଦିନିଆ ଦକ୍ଷତା ବିକାଶ କର୍ମଶାଳା ଡିଆଇଇଟି କନଫରେନ୍ସ ହଲ୍‌ରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୧୯ଟି ପିଏମ୍‌ଶ୍ରୀ (ପ୍ରଥମ ପର୍ଯ୍ୟାୟ) ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଆଧୁନିକ ପାଠ୍ୟକ୍ରମର ସାମାଜିକ, ଆବେଗିକ, ନୈତିକ ଶିକ୍ଷା ଏବଂ ଶାରୀରିକ ସାକ୍ଷରତା ଉପରେ ଧ୍ୟାନ ଦିଆଯାଇଥିଲା। ଏହି କର୍ମଶାଳାକୁ ଏଡିଇଓ ଏକାଡେମିକ ଶ୍ରୀକାନ୍ତ ବେହେରା, ଏଡିଇଓ ସ୍କିମ୍ ରୁଦ୍ରନାରାୟଣ ସାମଲ ଏବଂ ଡିଆଇଇଟି ଅଧକ୍ଷା କଲ୍ୟାଣୀ ମାଝୀ ଉଦ୍‌ଘାଟନ କରିଥିଲେ। ସେମାନେ ଜିଲ୍ଲାରେ "ସକ୍ରିୟ ଏବଂ ସମ୍ବେଦନଶୀଳ ବିଦ୍ୟାଳୟ' ଗଠନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଜାତୀୟ ଶିକ୍ଷାନୀତି ଏବଂ ରାଜ୍ୟ ପାଠ୍ୟକ୍ରମ ଆଧାର ୨୦୨୫ ଅନୁଯାୟୀ ଶାରୀରିକ ସାକ୍ଷରତା ଉପରେ ଗୁରୁତ୍ୱ ଦିଆଯାଇଥିଲା। କେବଳ ପ୍ରତିଯୋଗିତାରେ ଜିତିବା ନୁହେଁ ବରଂ ଶାରୀରିକ ଗତିବିଧି ମାଧ୍ୟମରେ ଜୀବନ କୌଶଳ, ଦଳଗତ କାର୍ଯ୍ୟ ଏବଂ ଲିଙ୍ଗଗତ ସମ୍ବେଦନଶୀଳତା ବିକାଶ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମର ଏକ ପ୍ରମୁଖ ଆକର୍ଷଣ ଥିଲା ପିରାମଲ୍ ଫାଉଣ୍ଡେସନ୍ ପ୍ରସ୍ତୁତ ଶାରୀରିକ ସାକ୍ଷରତା କାର୍ଯ୍ୟପୁସ୍ତକର ଉନ୍ମୋଚନ। ଫାଉଣ୍ଡେସନ୍‌ର ଟିମ୍ ପ୍ରୋଗ୍ରାମ୍ ମ୍ୟାନେଜର କବିତା ମିଶ୍ର, ସିନିୟର୍ ପ୍ରୋଗ୍ରାମ୍ ଲିଡର ସସ୍ମିତା ରଥ, ପ୍ରୋଗ୍ରାମ୍ ଲିଡର ଅନନ୍ୟା ପଣ୍ଡା, ଗାନ୍ଧୀବାଦୀ ସୁମିତ୍ କୁମାର ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ସମସ୍ତ ଶିକ୍ଷକ ଆଗାମୀ ୩ ମାସ ପାଇଁ ନିଜ ନିଜର କାର୍ଯ୍ୟଖସଡ଼ା ଉପସ୍ଥାପନ କରିଥିଲେ। ଜିଲ୍ଲା ପ୍ରଶାସନ ଏବଂ ପିରାମଲ୍ ଫାଉଣ୍ଡେସନ୍‌ର ଏହି ମିଳିତ ପ୍ରୟାସ ଜୀବନ ଉଲ୍ଲାସ-ଜୀବନର ଆନନ୍ଦକୁ ପାଳନ କରିବା ଅଭିଯାନରେ ଏକ ନୂତନ ଅଧ୍ୟାୟ ଯୋଡ଼ିଛି।


## ଜିଙ୍ଗଲ୍‌ବେଲ୍ ପକ୍ଷରୁ ଶୀତବସ୍ତ୍ର ଦାନ



କେନ୍ଦୁଝର,୨୪।୧୨(ସମିସ): କେନ୍ଦୁଝର ପୁରୁଣା ସହରର ପ୍ରତିଷ୍ଠିତ ଜିଙ୍ଗଲବେଲ ପ୍ଲେ ସ୍କୁଲରେ କୁନି କୁନି ଶିଶୁଙ୍କୁ ନିରବିଚ୍ଛିନ୍ନ ଭାବେ ଶିକ୍ଷାଦାନ ଦିଆଯିବା ସହ ସେମାନଙ୍କ ମାନସିକ ଓ ବୌଦ୍ଧିକ ବିକାଶ ପାଇଁ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ମଧ୍ୟ ଗ୍ରହଣ କରାଯାଉଛି। ସବୁ ବର୍ଷପରି ଚଳିତ ବର୍ଷ ମଧ୍ୟ ପ୍ରିନସିପାଲ ସର୍ବାଣୀ ମହାପାତ୍ରଙ୍କ ନେତୃତ୍ୱରେ କୁନି କୁନି ପିଲା ନିକଟସ୍ଥ ଆଦିବାସୀ ବସ୍ତି ପୋଡାଉଆସ, ସୁଲେଇଖମାରରେ ପିଲାଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇ ସେମାନଙ୍କ ମୁହଁରେ ହସ ଫୁଟାଇବାର ଶତପ୍ରତିଶତ ଚେଷ୍ଟା କରାଯାଇ ସଫଳତା ହାସଲ କରିଛନ୍ତି। ଜିଙ୍ଗଲବେଲର କୁନି ଛାତ୍ରଛାତ୍ରୀଙ୍କୁ ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଜୁଲି ପ୍ରଧାନ, ନିବେଦିତା ପଟ୍ଟନାୟକ ସହଯୋଗ କରିଥିଲେ।

# ଆକୃଷ୍ଟ କରୁଛି ସୁନାଘାଇ ଜଳଭଣ୍ଡାରର ପ୍ରାକୃତିକ ସୌନ୍ଦର୍ଯ୍ୟ





ହାଟଡ଼ିହୀ,୨୪।୧୨(ସମିସ): ହାଟଡ଼ିହୀ ବ୍ଲକର ପର୍ଯ୍ୟଟନସ୍ଥଳୀ ମଧ୍ୟରେ ସୁନାଘାଇ ଜଳଭଣ୍ଡାର ଅନ୍ୟତମ। ପର୍ଯ୍ୟଟନ ଋତୁ ଆସିଲେ ସମଗ୍ର ହାଟଡ଼ିହୀ ଅଞ୍ଚଳରେ ଥିବା ହଦଗଡ଼, ଗଡ଼ଚଣ୍ଡୀ, ସୁନାଘାଇ, ରାମଚଣ୍ଡୀ, ସିଦ୍ଧଗୁମ୍ଫା, ବାହିଆ ଡ୍ୟାମ୍ ପ୍ରଭୃତି ସ୍ଥାନଗୁଡ଼ିକ ଚଳଚଞ୍ଚଳ ହୋଇଉଠେ। ଏଥିପାଇଁ ବଣଭୋଜିର ଆସର ଜମିଥାଏ। ବିଶେଷ କରି, ବଉଳା ପାହାଡ଼ ପାଦଦେଶରେ ରହିଥିବା ସବୁଜ ଅରୁଣିମା ମଧ୍ୟରେ ପ୍ରାକୃତିକ ଶୋଭାରାଶିରେ ପରିପୂର୍ଣ୍ଣ ସ୍ଥାନଗୁଡ଼ିକ ପର୍ଯ୍ୟଟକଙ୍କୁ ଖୁବ୍ ପ୍ରଭାବିତ କରିଥାଏ। ସେଥିମଧ୍ୟରୁ ସୁନାଘାଇ ଜଳଭଣ୍ଡାରର ଅପରୂପ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ବଉଳା ପାହାଡ଼ର ଗୋଟିଏ ପଟେ ପ୍ରସିଦ୍ଧ ମା' ଗଡ଼ଚଣ୍ଡୀଙ୍କ ପୀଠ ଥିବାବେଳେ ଅନ୍ୟପଟେ ମା' ରାମଚଣ୍ଡୀଙ୍କ ପୀଠ ଅବସ୍ଥିତ। ସୁନାଘାଇ ଡ୍ୟାମର ବିସ୍ତୀର୍ଣ୍ଣ ନୀଳ ଜଳରାଶି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ଏଠାରେ ପୁରୁଣା କୀର୍ତ୍ତିରାଜି ତତ୍କାଳୀନ ସିଙ୍ଗିଡ଼ି ରାଜାଙ୍କ ମୁଖଶାଳା ସ୍ୱରୂପ ଦୁଇ ପାହାଡ଼ର ଦ୍ୱାରଦେଶ ପ୍ରତୀୟମାନ ହୋଇରହିଛି। ଆନନ୍ଦପୁର ଭଦ୍ରକ ରାସ୍ତାର ଛେନାପଦି ଛକରୁ ୪କି.ମି ଦୂର ପୋଡ଼ାସିଙ୍ଗିଡିରୁ ୨କି.ମି ଭିତରକୁ ଗଲେ ପଡ଼ିବ ଏହି ସୁନାଘାଇ ଡ୍ୟାମ୍। ଡ୍ୟାମ୍ ପର୍ଯ୍ୟନ୍ତ ପିଚୁ ରାସ୍ତା ଲମ୍ବି ଯାଇଥିବା ବେଳେ ଏହା ବଣଭୋଜି ପାଇଁ ପ୍ରକୃଷ୍ଟ ସ୍ଥାନ ଅଟେ। ଏଠାରେ ପାନୀୟଜଳର ସୁବିଧା ନଥିବାରୁ ବଣଭୋଜି ପାଇଁ ଆସୁଥିବା ପର୍ଯ୍ୟଟକ ଅସୁବିଧା ଭୋଗୁଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ପର୍ଯ୍ୟଟକଙ୍କ ପାଇଁ ଏଠାରେ ବିଭିନ୍ନ ସୁବିଧା କରାଗଲେ ଏହା ଅନ୍ୟ ପର୍ଯ୍ୟଟନସ୍ଥଳୀ ଭଳି ପ୍ରସିଦ୍ଧ ହୋଇପାରନ୍ତା ବୋଲି ପର୍ଯ୍ୟଟକମାନେ ମତ ବ୍ୟକ୍ତ କରିଛନ୍ତି।

■ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ଉଦ୍ୟମ

# ମାନସ ପାତ୍ର ପାଇଲେ ମାନସିକ ବୌଦ୍ଧିକ ଅସମର୍ଥ ଭତ୍ତା



କେନ୍ଦୁଝର, ୨୪।୧୨(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣର ସଫଳ ଉଦ୍ୟମ ଫଳରେ ଜଣେ ମାନସିକ ବୌଦ୍ଧିକ ଅସମର୍ଥତା ଭତ୍ତା ପାଇବା ପାଇଁ ସମର୍ଥ ହୋଇ ପାରିଛନ୍ତି। ସଦର ବ୍ଲକ ବାଉରୀପଦା ପଞ୍ଚାୟତର ମୁକୁନା ଗ୍ରାମର ଗୀତାଞ୍ଜଳି ସାହୁ ଓ ଗୌରାଙ୍ଗ ସାହୁଙ୍କ ପୁତ୍ର ମାନସ ଜଣେ ମାନସିକ ଅନଗ୍ରସର ବୌଦ୍ଧିକ ପିଲା ଘରେ ନରହି ଏହି ୧୬ ବର୍ଷର ପିଲା ଏଣେତେଣେ ବୁଲୁଥିଲେ। କେନ୍ଦୁଝର ଲାବଣ୍ୟ ଛକରେ ଏକୁଟିଆ ବସିଥିବାବେଳେ ଆଇନସେବା ପ୍ରାଧିକରଣର ସଚିବ ଖବର ପାଇ ପାରା ଆଇନ ସ୍ୱେଚ୍ଛାସେବୀ ବନଲତା ଜେନାଙ୍କ ପାଖକୁ ପଠାଇଥିଲେ। ପିଏଲ୍ଭି ତୁରନ୍ତ ତାଙ୍କୁ ମୁଖ୍ୟ ଚିକିତ୍ସାଳୟରେ ମାନସିକ ୱାର୍ଡରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସୁଶାନ୍ତ କୁମାର ମାଝୀ ତୁରନ୍ତ ତାର ଚିକିତ୍ସା ଜାରି ରଖିଥିଲେ। ତାଙ୍କୁ ଡିଏମ୍‌ଏଫ୍ ଆଶ୍ରୟରେ ୬ ମାସ ରହି ଚିକିତ୍ସା କଲା ପରେ ତାର ମାନସିକ ବୌଦ୍ଧିକତାରେ ସାମାନ୍ୟ ଉନ୍ନତି ଆସିଲା ଏବଂ ପରେ ପରେ ଆଇନ ସେବା ପ୍ରାଧିକରଣର ହସ୍ତକ୍ଷେପ ପରେ ମାନସିକ ବିକଳାଙ୍ଗ ସାର୍ଟିଫିକେଟ ପାଇଁ ପିଏଲ୍ଭି ବନଲତା ପାତ୍ର ତା'ର ବିଭିନ୍ନ କାଗଜପତ୍ର ଆଣି ଆବେଦନ କରି ୫୦% ର ଭିନ୍ନକ୍ଷମ ମାନସିକ ବିକଳାଙ୍ଗ ସାର୍ଟିଫିକେଟ କରାଇ ଭତ୍ତା ପାଇଁ ଆବେଦନ କରିଥିଲେ। ଜିଲ୍ଲା ପ୍ରଶାସନ ତା'ର ଆବେଦନ ମଞ୍ଜୁର କରି ୨ ମାସ ହେବ ଭତ୍ତା କରାଇଛନ୍ତି। ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀଙ୍କୁ ଏ ବିଷୟରେ ଅବଗତ କରାଇଛନ୍ତି। ପ୍ରାଧିକରଣ ର ସଫଳ ହସ୍ତକ୍ଷେପ ଫଳରେ ଜଣେ ଭିନ୍ନକ୍ଷମ ଉପକୃତ ହୋଇ ପାରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଚଳନ୍ତା କାର୍‌ରେ...

ହୋଇଯାଇଥିଲେ । ଏହାର ସୁଯୋଗ ନେଇ ଦୁହେଁ ତାଙ୍କୁ ଦୁଷ୍କର୍ମ କରିଥିଲେ । ହୋସ ଆସିବା ପରେ ଯୁବତୀ ଜଣକ ଏହା ଜାଣି ପାରିଥିଲେ । ଡିସେମ୍ବର ୨୩ରେ ଯୁବତୀ ଏ ନେଇ ଅଭିଯୋଗ କରିଥିଲେ । ପୀଡିତା ଉଦୟପୁରରେ ରୁହନ୍ତି । ଏହି ମାମଲାର ଯାଞ୍ଚ୍ ପାଇଁ ମହିଳା ଅପରାଧ ଶାଖାର ଏସ୍‌ପି ମାଧୁରୀ ବର୍ମାଙ୍କୁ ଦାୟିତ୍ୱ ଦିଆଯାଇଛି । ୩ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି । ପୀଡିତାଙ୍କ ମେଡିକାଲ ଟେଷ୍ଟ କରାଯାଇଛି ବୋଲି ଉଦୟପୁର ଏସ୍‌ପି ଯୋଗେଶ ଗୋଏଲ କହିଛନ୍ତି ।

### 'ପୁଣି ଦମ୍ ଦେଖାଇଲା...

ଓଜନ ୬୪୦ ଟନ ୬ଲକ୍ଷ ୪୦ ହଜାର କେଜି ଓଜନ ବିଶିଷ୍ଟ ଥିଲା । ଏହାକୁ ମଧ୍ୟ ଜିଓସିଙ୍କ୍ରୋନସ ଟ୍ରାନ୍ସଫର ଅର୍ବିଟ (ଜିଟିଓ)ରେ ସ୍ଥାପିତ କରିଥିଲା ।

ବ୍ଲୁବାର୍ଡ ବ୍ଲକ-୨ ପରବର୍ତ୍ତୀ ପିଢ଼ିର ଯୋଗାଯୋଗ ଉପଗ୍ରହ ବିବେଚିତ ହେଉଛି । ଏହି ଉପଗ୍ରହ ଦ୍ୱାରା ସାଧାରଣ ସ୍ମାର୍ଟଫୋନ୍‌ରେ ସିଧାସଳଖ ହାଇ-ସ୍ପିଡ୍ ସେଲ୍ୟୁଲାର ବ୍ରଡବ୍ୟାଣ୍ଡ ସଂଯୋଗ ଆଣିହେବ ଓ ଏଥିପାଇଁ ସ୍ୱତନ୍ତ୍ର ଡିଜାଇନ୍ ମଧ୍ୟ କରାଯାଇଛି । ସବୁଠାରୁ ବଡ଼ କଥା ହେଉଛି ପୃଥିବୀର ଯେକୌଣସି ସ୍ଥାନରୁ ଟାୱାର ମୁକ୍ତ ୪ଜି ଏବଂ ୫ଜି ଭଏସ୍ କଲ, ଭିଡିଓ କଲ୍, ମେସେଜିଂ, ଷ୍ଟ୍ରିମିଂ ଓ ଡାଟା ସେବା ପ୍ରଦାନ କରିହେବ । ଏହି ମିସନ ନ୍ୟୁସ୍ପେସ୍ ଇଣ୍ଡିଆ ଲିମିଟେଡ (ଏନ୍‌ଏସ୍‌ଆଇଏଲ୍) ଓ ଆମେରିକା ଭିତ୍ତିକ ଏଏସ୍‌ଟି ସ୍ପେସ୍ ମୋବାଇଲ ଟେକ୍ନୋଲୋଜ (ଏଏସ୍‌ଟି ଆଣ୍ଡ ସାଇନ୍ସ, ଏଲ୍‌ଏଲ୍‌ସି) ମଧ୍ୟରେ ଏକ ବାଣିଜ୍ୟିକ ଚୁକ୍ତିର ଅଂଶ ବଶେଷ । ନ୍ୟୁସ୍ପେସ ହେଉଛି ଇସ୍ରୋର ବାଣିଜ୍ୟିକ ଶାଖା । ଏଲ୍‌ଭିଏମ୍‌୩ର ଏହା ୯ମ ଉଡାଣ ବ୍ଲୁବାର୍ଡ ବ୍ଲକ-୨ ଉପଗ୍ରହ ପାଇଁ ଏହା ତୃତୀୟ ବାଣିଜ୍ୟିକ ମିସନ ।

ଇସ୍ରୋ ଅନୁଯାୟୀ ଏଲ୍‌ଭିଏମ୍‌୩ ୮ଟି ସଫଳ ପ୍ରକ୍ଷେପଣ ସମାପ୍ତ କରିଛି । ଏଥିରେ ଚନ୍ଦ୍ରଯାନ-୨ ଓ ଚନ୍ଦ୍ରଯାନ-୩ ଭଳି ପ୍ରମୁଖ ମିସନ ଅନ୍ତର୍ଭୁକ୍ତ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏହି ମିସନ ପାଇଁ ଇସ୍ରୋକୁ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ସେ ଲେଖିଛନ୍ତି ଯେ, ଏହା ଭାରତର ଅନ୍ତରିକ୍ଷ କ୍ଷେତ୍ରରେ ସବୁଠାରୁ ବଡ଼ ଉପଲବ୍ଧି ।। ଭାରତର ମହାକାଶ ଯାତ୍ରାରେ ଏହା ଏକ ଗୌରବମୟ ଅଧ୍ୟାୟ ସୃଷ୍ଟି କରିଛି ବୋଲି ସେ ଉଲ୍ଲେଖ କରିଛନ୍ତି ।

### ଚାନ୍ଦବାଲି ଅଶାନ୍ତ...

ଅଭିଯୋଗ କରିଥିଲେ ସ୍ଥାନୀୟ ଲୋକେ । ଏସ୍‌ପିଙ୍କ ପ୍ରତିଶ୍ରୁତି ପରେ ବୁଧବାର ସକାଳେ ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯାଇଛି । ୧୦ବର୍ଷୀୟା ଏହି ଛାତ୍ରୀଙ୍କ ବାପା ପ୍ରଶାନ୍ତ ମିଶ୍ରଙ୍କ ଅଭିଯୋଗ ପରେ ଏକ ମାମଲା ରୁଜୁ କରାଯାଇଛି । ତଦନ୍ତ ପରେ ମୁଖ୍ୟ ଅଭିଯୁକ୍ତ ବବୁଲ ଦାସ (୨୪)କୁ ପୁଲିସ ଜଗତସିଂହପୁରରୁ ଗିରଫ କରିଛି ।

ଏହି ଘଟଣାକୁ ନେଇ ଚାନ୍ଦବାଲିରେ ଆଜି ଗାଡ଼ି ଚଳାଚଳ ବନ୍ଦ ରହିଥିଲା । ଅନ୍ୟପକ୍ଷରେ ମୃତକଙ୍କୁ ନ୍ୟାୟ ଦାବିରେ ହାଟପଟି, ମଧୁବାବୁ ଛକ ଓ ବସ୍‌ଷ୍ଟାଣ୍ଡରେ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ସେହିଭଳି ଅଭିଯୁକ୍ତଙ୍କ ଘରେ ପଶି ଲୋକେ ବହୁ ସାମଗ୍ରୀ ଭାଙ୍ଗି ଦେଇଥିଲେ । ସମସ୍ତ ବ୍ୟାଙ୍କ୍ ଓ ସରକାରୀ ଅଫିସ ବନ୍ଦ ରହିଥିଲା । ଖବର ପାଇ ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ, ଅତିରିକ୍ତ ଏସ୍‌ପି ଅରୂପ ବେହେରା, ଏସ୍‌ଡିପିଓ ତ୍ରିଲୋଚନ ସେଠୀଙ୍କ ସମେତ ୧୦ରୁ ଅଧିକ ଇନ୍ସପେକ୍ଟର ୪ ପ୍ଲାଟୁନ ଫୋର୍ସ ସହ ପହଞ୍ଚି ଘଟଣା ଉପରେ ନଜର ରଖିଥିଲେ । ଅଭିଯୁକ୍ତକୁ ଧରିବାକୁ ପୁଲିସ ପକ୍ଷରୁ ୪ଟି ଟିମ୍ ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା । ଯାହାର ନେତୃତ୍ୱ ନିଜେ ଏସ୍‌ପି ନେଇଥିଲେ । ଘଟଣା ଘଟିଥିବା ଛକରେ ସରକାରୀ ଜମି ଜବରଦଖଲ କରି ଅଭିଯୁକ୍ତ ଦୋକାନ କରିଥିବାବେଳେ ସେଗୁଡ଼ିକୁ ପ୍ରଶାସନ ଜେସିବି ଲଗାଇ ଆଜି ଉଚ୍ଛେଦ କରିଛି । ବାଲେଶ୍ୱର ଡିଆଇଜି ପିନାକ ମିଶ୍ର ଓ ଏସ୍‌ପି ଘଟଣାସ୍ଥଳରେ ରହି ସ୍ଥିତି ଉପରେ ନଜର ରଖିଛନ୍ତି । ଅନ୍ୟପକ୍ଷରେ ଘଟଣାକୁ ବିଜେଡି ଓ କଂଗ୍ରେସ ତୀବ୍ର ନିନ୍ଦା କରିଥିବାବେଳେ କଂଗ୍ରେସ ପକ୍ଷରୁ ଆସନ୍ତାକାଲି ଚାନ୍ଦବାଲି ବନ୍ଦ ଡକରା ଦିଆଯାଇଛି ।

ଅନ୍ୟପକ୍ଷରେ ଗଣଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ମାନବାଧିକାର କର୍ମୀ ଜୟନ୍ତ କୁମାର ଦାସ ଜାତୀୟ ମାନବାଧିକାର ଆୟୋଗ(ଏନଏଚ୍‌ଆରସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି । କମିଶନ ଏହି ଅଭିଯୋଗକୁ ଗ୍ରହଣ କରି ଏହାର ଡାଏରୀ ନମ୍ବର ୨୯୩୨୪/ ଆଇଏନ୍/୨୦୨୫ ପ୍ରଦାନ କରିଛନ୍ତି । ନିର୍ଦ୍ଧାରିତ ସମୟ ମଧ୍ୟରେ ଚାର୍ଜସିଟ୍ ଦାଖଲ କରି ଦ୍ରୁତ ଶୁଣାଣି ବ୍ୟବସ୍ଥା କରିବା ଓ ପୀଡ଼ିତାଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ସେ ନିବେଦନ କରିଛନ୍ତି ।

### ମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ...

ସହାୟତା ଘୋଷଣା କରିଛନ୍ତି । ସମ୍ପୃକ୍ତ ଘଟଣାର ଉପଯୁକ୍ତ ତଦନ୍ତ କରି ଦୋଷୀଙ୍କୁ ଆଇନ ଅନୁଯାୟୀ କଠୋରରୁ ଅତି କଠୋର ଦଣ୍ଡ ବିଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଅପରପକ୍ଷେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ସେ କହିଛନ୍ତି ଯେ ଏହା କେବଳ ସରକାରର ନୁହେଁ, ଏଥିରେ ସମାଜର ବି ଦାୟିତ୍ୱ ଅଛି । ସରକାର-ସମାଜ ଭାଗିଦାରୀ କରି ଝିଅମାନଙ୍କ ଉପରେ ଆସୁଥିବା ଅକଥନୀୟ ଅତ୍ୟାଚାରକୁ ରୋକିବାକୁ ପଡିବ । ପୁଲିସ ଓ ଆଇନ ତା ବାଟରେ ଯିବ, ଯାହା ଆବଶ୍ୟକତା ତାହା କରାଯିବ । ଘଟଣାରେ ମହିଳା କମିଶନର ସଦସ୍ୟା ନ୍ୟାୟିକ ତଦନ୍ତ କରିବେ ବୋଲି ସେ କହିଛନ୍ତି ।

### ରାଜ୍ୟବାସୀ ବିଚଳିତ...

ସାମାଜିକ ଗଣଣାଧମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ମହିଳାଙ୍କ ସୁରକ୍ଷା ଓ ଦୃଢ଼ ଆଇନଶୃଙ୍ଖଳା ପାଇଁ ଦିନେ ସୁନାମ ସାଉଁଟୁଥିବା ଓଡ଼ିଶାର ଛବି ଆଜି ସାରା ଦୁନିଆ ଆଗରେ କଳଙ୍କିତ । ରାଜ୍ୟରେ ମହିଳାଙ୍କ ସୁରକ୍ଷା ବିପର୍ଯ୍ୟସ୍ତ ହୋଇଥିବା ବେଳେ ବିଜେପି ସରକାରର ସ୍ଥାଣୁତା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି । ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇ ସମସ୍ତଙ୍କ ପାଇଁ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରିବାରେ ସରକାର କାହିଁକି ପଛଘୁଞ୍ଚା ଦେଉଛନ୍ତି? କେତେ ଆଉ ନିରୀହ ଜୀବନ ଗଲେ ସରକାରଙ୍କ ନିଦ ଭାଙ୍ଗିବ ବୋଲି ନବୀନ ପ୍ରଶ୍ନ କରିଛନ୍ତି । ଓଡ଼ିଶାର ମା'ଭଉଣୀମାନେ ସୁରକ୍ଷା ଚାହୁଁଛନ୍ତି, ଡବଲ୍ ଇଞ୍ଜିନ୍ ସରକାରର ମିଛ ବାହାସ୍ଫୋଟ ନୁହେଁ । ସ୍ଥିତି ଆହୁରି ବିଗିଡ଼ିବା ଆଗରୁ ସରକାର ଆଗୁଆ ତତ୍ପର ହୋଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରନ୍ତୁ ବୋଲି ନବୀନ ଦାବି କରିଛନ୍ତି ।

### ଭାରତକୁ ମାଗିଲା...

ପ୍ରତିଶତ ରହିଛି । ଏବେ ମହମ୍ମଦ ୟୁନୁସ ତାହା ବୁଝି ପାରିଛନ୍ତି । ସ୍ଥିତି ଅଧିକ ବିଗିଡ଼ି ଗଲେ ଦେଶରେ ଗମ୍ଭୀର ଖାଦ୍ୟ ସଙ୍କଟ ସୃଷ୍ଟି ହେବ ବୋଲି ସେ ଜାଣି ସାରିଛନ୍ତି । ଭାରତ ଶସ୍ତାରେ ଯୋଗାଉଥିବା ସାମଗ୍ରୀକୁ ଅଣଦେଖା କଲେ ଭୁଶୁଡ଼ି ଯାଇଥିବା ଦେଶର ଅର୍ଥ ବ୍ୟବସ୍ଥା ସମ୍ପୂର୍ଣ୍ଣ ରସାତଳଗାମୀ ହେବ ବୋଲି ସେ ହୃଦୟଙ୍ଗମ କରିଛନ୍ତି । ଭାରତ ବ୍ୟତୀତ ଆଉ କେଉଁ ଦେଶରୁ ସାମଗ୍ରୀ ମଗାଇଲେ ବାଂଲାଦେଶର ବିପୁଳ କ୍ଷତି ହେବ । ରାଜକୋଷ ଖାଲି ହୋଇଯିବ । ଏଥିପାଇଁ ପାଣ୍ଠି ମଧ୍ୟ ଦେଶ ପାଖରେ ନାହିଁ । ତେଣୁ ଅଧିକ ଅର୍ଥ ଦେଇ ପାକିସ୍ତାନ, ଚୀନ୍ କିମ୍ବା ଆଉ କୌଣସି ଦେଶରୁ ଚାଉଳ ଆଣିବାକୁ ବାଂଲାଦେଶ ପଛଘୁଞ୍ଚା ଦେଉଛି । କେବଳ ଚାଉଳ ନୁହେଁ, ପ୍ରମୁଖ ୫ଟି ଜରୁରୀ ସାମଗ୍ରୀ ପାଇଁ ଭାରତ ଉପରେ ନିର୍ଭରଶୀଳ । ସଙ୍କଟ ସମୟରେ ଅନେକ ଥର ବାଂଲାଦେଶ ଭାରତ ସୀମାରୁ ଚାଉଳ ମଗାଇଛି ।

ବାଂଲାଦେଶ ଖବରକାଗଜ 'ଡେଲି ଷ୍ଟାର' ଅନୁଯାୟୀ, ଟନ୍ ପିଛା ୩୫୫ ଡଲାର (ପ୍ରାୟ ୩୨ ହଜାର ଟଙ୍କା) ମୂଲ୍ୟରେ ଭାରତରୁ ୫୦ ହଜାର ଟନ୍ ଚାଉଳ ମଗା ଯାଇଛି । ପାକିସ୍ତାନ ଏଥିପାଇଁ ୩୯୫ ଡଲାର ମାଗୁଥିଲା । ଭାରତ ବ୍ୟତୀତ ଆଉ କୌଣସି ରାଷ୍ଟ୍ରରୁ ଏତେ କମ୍ ମୂଲ୍ୟରେ ଚାଉଳ ମିଳିବନି ବୋଲି ବାଂଲାଦେଶ ଅଧିକାରୀ କହିଛନ୍ତି । ୨୦୨୫-୨୬ରେ ବାଂଲାଦେଶ ୯ ଲକ୍ଷ ଟନ୍ ଚାଉଳ ଆମଦାନୀ କରିବାକୁ ଚାହୁଁଛି । ପ୍ରତି ପର୍ଯ୍ୟାୟରେ ୫୦ ହଜାର ଟନ୍ ଲେଖାଏଁ ପଠାଇବାକୁ କୁହାଯାଇଛି । ମହଜୁଦ କ୍ଷମତା ବଢ଼ାଇବାକୁ ଏବଂ ଘରୋଇ ବଜାରରେ ମୂଲ୍ୟ ନିୟନ୍ତ୍ରଣ ପାଇଁ ଏହି ପଦକ୍ଷେପ ନିଆଯାଇଛି । ମାତ୍ର ଦେଶରେ ଭାରତ ବିରୋଧୀ ଅଭିଯାନ ଚାଲିଥିବାବେଳେ ଏହି ଚାଉଳ ଯୋଗାଣ ସମ୍ଭବ ମନେ ହେଉନାହିଁ । କାରଣ ବାଂଲାଦେଶ ନେତାମାନେ ଖୋଲାଖୋଲି ଭାବେ ଭାରତକୁ ଧମକ ଦେଉଛନ୍ତି । ଭାରତ ବିରୋଧୀଙ୍କୁ ଦେଶରେ ଶରଣ ଦେବେ ବୋଲି କହିଛନ୍ତି । ଚଟୋଗ୍ରାମ ସ୍ଥିତ ଭାରତୀୟ ଦୂତାବାସ ଉପରେ ମଧ୍ୟ ଆକ୍ରମଣ କରାଯାଇଛି । ଏପରି ସ୍ଥଳରେ ଭାରତର ଖାଇ ଭାରତ ପାଇଁ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି । ସେହିପରି ପୂର୍ବରୁ ଭାରତରୁ ଝୋଟ ରପ୍ତାନୀ ଉପରେ ବାଂଲାଦେଶ କଟକଣା ଲଗାଇ ଦେଇଥିଲା । ତେଣୁ ଚାଉଳ ରପ୍ତାନୀ କରିବାକୁ ଭାରତର ରପ୍ତାନୀକାରୀ ରାଜି ହେଉନାହାନ୍ତି । ସାର୍ବଭୌମତ୍ୱକୁ ବାଜିରେ ଲଗାଇ ବନ୍ଧୁତା କରାଯାଇପାରିବ ନାହିଁ ବୋଲି ସେମାନେ ସ୍ପଷ୍ଟ କରିଦେଇଛନ୍ତି । ଭାରତ ପାଇଁ ସମସ୍ୟା ସୃଷ୍ଟି କରୁଥିବା ଲୋକଙ୍କ ଉପରେ ୟୁନୁସ ସରକାର କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ସେମାନେ ଚାହୁଁଛନ୍ତି । ଅନ୍ୟପଟେ ବାଂଲାଦେଶ ରପ୍ତାନୀ ଅଧିକାରୀମାନେ କହିଛନ୍ତି ଯେ ରାଜନୈତିକ ସ୍ତରରେ ତିକ୍ତତା ବଢ଼ିଥିଲେ ବି ବାଣିଜ୍ୟିକ ଦୃଷ୍ଟିରୁ ଭାରତ ସହ ଭଲ ସମ୍ପର୍କ ରହିଛି । ଏହି ସମ୍ପର୍କ ଆଗକୁ ବଢ଼ିବ । ଏହା ଉପରେ ରାଜନୀତିର କୌଣସି ପ୍ରଭାବ ପଡ଼ିବାକୁ ଦିଆଯିବନି । ତେଣୁ ସେମାନେ ଭାରତକୁ ଚାଉଳ ଦେବାକୁ ଅନୁରୋଧ କରିଛନ୍ତି ।

### ତାଳଚେରରେ ଡବଲ...

କହି ଘରୁ ଆସିଥିଲେ । ବୁଧବାର ରାସ୍ତା ପାର୍ଶ୍ୱରୁ ଉଭୟଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଅନ୍ୟପଟେ ଘଟଣା ସ୍ଥଳରେ ଅନୁଗୋଳ ଏସ୍‌ପି ପହଞ୍ଚି ତଦନ୍ତ କରିଛନ୍ତି । ଗାଁ ନିକଟରେ ଥିବା ଟାୱାର ନିର୍ମାଣକାରୀ ସଂସ୍ଥାର କର୍ମଚାରୀମାନେ ହତ୍ୟା କାଣ୍ଡରେ ସମ୍ପୃକ୍ତ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଅନ୍ୟପଟେ ଏହି ଘଟଣା ପରେ ଉକ୍ତ ସଂସ୍ଥାର ସମସ୍ତ କର୍ମଚାରୀ ନିଜ ମୋବାଇଲ ଫୋନ୍ ଓଏ ଆସବାବପତ୍ର ଛାଡ଼ି ଫେରାର ହୋଇଯାଇଛନ୍ତି । ଯାହାକୁ ନେଇ ହତ୍ୟାକାଣ୍ଡରେ ସେମାନଙ୍କ ସମ୍ପୃକ୍ତି ନେଇ ସନ୍ଦେହ ଅଧିକ ଘନୀଭୂତ ହେବାରେ ଲାଗିଛି । କମ୍ପାନୀ ପରିସରରେ ପୁଲିସ ପହଞ୍ଚି ତଦନ୍ତ କରିବା ସମୟରେ ସେଠାରେ ଥିବା ଗୋଟିଏ ଘରୁ ଜଣେ ଯୁବକଙ୍କୁ ଉଠାଇ ନେଇ ପଚରାଉଚରା କରୁଛି ।

### ଆଜିଠୁ ବଢ଼ିବ...

ଉଦୟଗିରି ୮.୭, ଫୁଲବାଣୀ ୯, ବୌଦ୍ଧ ୯.୭ ଡିଗ୍ରୀ ରେକର୍ଡ କରାଯାଇଛି ।

ଅନ୍ୟପଟେ ରାଜ୍ୟର ଶୀତ ସହ କୁହୁଡ଼ିର ମଧ୍ୟ ପ୍ରଭାବ ନେଇ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି । ଗୁରୁବାର ରାତିରୁ ଶୁକ୍ରବାର ସକାଳ ମଧ୍ୟରେ ସମ୍ବଲପୁର, ଢେଙ୍କାନାଳ, ସୁନ୍ଦରଗଡ଼, ସୋନପୁର, କନ୍ଧମାଳ ଜିଲ୍ଲାରେ ଘନ କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ସୂଚନା ଦେଇଛି । ଏହି ସହିତ ଜଗତସିଂହପୁର, ଅନୁଗୁଳ, କୋରାପୁଟ, କଳାହାଣ୍ଡି, ଭଦ୍ରକ, ବୌଦ୍ଧ, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ କେନ୍ଦ୍ରାପଡ଼ାରେ ମଧ୍ୟମ ଧରଣର କୁହୁଡ଼ି ହୋଇପାରେ ବୋଲି ପୂର୍ବାନୁମାନ କରାଯାଇଛି । କୁହୁଡ଼ି ସ୍ଥିତି ପ୍ରାୟ ୨୮ ତାରିଖ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଥିବାରୁ ଏହି ସମୟରେ ଯାନ ବାହନ ଚଳାଚଳରେ ବିଶେଷ ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଛି ।

### ଅନୁ ଗର୍ଗ...

ଝାରସୁଗୁଡ଼ାର ଉପଜିଲ୍ଲାପାଳ ଭାବେ ୧୯୯୩ ଅଗଷ୍ଟ ୩୦ରୁ ୧୯୯୪ ସେପ୍ଟେମ୍ବର ୨ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିଲେ । ପରବର୍ତ୍ତୀ ସମୟରେ ସେ କଳାହାଣ୍ଡି ଉପଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳ, ବରଗଡ଼ ଓ ସମ୍ବଲପୁର ଜିଲ୍ଲାପାଳ ଭାବେ କାର୍ଯ୍ୟ କରିବା ପରେ ତାଙ୍କୁ ୧୯୯୮ ମସିହା ମେ ମାସରେ ସ୍ୱାସ୍ଥ୍ୟ ବିଭାଗର ଡେପୁଟି ସେକ୍ରେଟେରୀ ଭାବେ ନିଯୁକ୍ତି ମିଳିଥିଲା । ୨୦୧୨ ଅକ୍ଟୋବରରୁ ୨୦୧୫ ଏପ୍ରିଲ ପର୍ଯ୍ୟନ୍ତ ସେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରିଥିଲେ । ଓଡ଼ିଶା ଫେରିବା ପରେ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟ କରିଥିଲେ ଓ ୨୦୨୩ ମସିହାରେ ରାଜ୍ୟ ଉନ୍ନୟନ କମିଶନର ଭାବେ ତାଙ୍କୁ ନିଯୁକ୍ତି ମିଳିଥିଲା । ଶ୍ରୀମତୀ ଗର୍ଗ ବର୍ତ୍ତମାନ ଜଳସମ୍ପଦ ଏବଂ ଯୋଜନା ଏବଂ ସଂଯୋଜନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ଭାବରେ ଦାୟିତ୍ୱ ତୁଲାଉଛନ୍ତି ।

## ଜୟନାରାୟଣଙ୍କ ନାଲି ଆଖି
# ଅବହେଳା କଲେ ତଲୱାର ଉଠିବ

ସମ୍ବଲପୁର,୨୪।୧୨ (ସମିସ): ବେଲଗାମ୍ ମନ୍ତବ୍ୟ ପାଇଁ ସର୍ବଦା ବିବାଦରେ ରହୁଥିବା ବିଜେପିର ବରିଷ୍ଠ ନେତା ତଥା ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ପୁଣି ଥରେ ନିଜ ମନ୍ତବ୍ୟ ପାଇଁ ବିବାଦୀୟ ହୋଇଛନ୍ତି । ୫ମ ଜାତୀୟ ସମ୍ବଲପୁରୀ ସମ୍ମେଳନର ଉଦ୍‌ଯାପନୀ ଉତ୍ସବରେ ଅତିଥି ରୂପେ ଯୋଗ ଦେଇ ପୁଣି ଥରେ ଖଣ୍ଡା ଉଠାଇବାକୁ ଧମକ ଦେଇ ସମ୍ବଲପୁରରେ ଆଲୋଡ଼ନ ସୃଷ୍ଟି କରିଛନ୍ତି ।

ପୂର୍ବରୁ ହନୁମାନ ଜୟନ୍ତୀ ସମୟରେ ଖଣ୍ଡା ବୁଲାଇବା ନେଇ ଜୟନାରାୟଣ ବିବାଦୀୟ ହୋଇଥିଲେ । ଜଣେ ଡ଼ିଏସ୍‌ପିଙ୍କ କଲର ଧରିବା ଓ ମହିଳା ଥାନା ଅଧିକାରୀଙ୍କୁ ମାଡ଼ ମାରିବା ଘଟଣାରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା । ବିଭିନ୍ନ ସମୟରେ ନିଜ ଦଳର ନେତାମାନଙ୍କୁ କଟାକ୍ଷ କରି ସେ ସବୁବେଳେ ଚର୍ଚ୍ଚାରେ ରହି ଆସୁଥିବା ବେଳେ ଆଜି ପୁଣି ସେ ତଲୱାର ଉଠାଇବା ଧମକ ଦେଇଛନ୍ତି । ନିଜ ଭାଷଣ ପ୍ରସଙ୍ଗରେ ଜୟନାରାୟଣ ପଶ୍ଚିମ ଓଡ଼ିଶାକୁ ପ୍ରସଙ୍ଗ କରିଥିଲେ । ସେ କହିଥିଲେ ଯେ ପଶ୍ଚିମ ଓଡ଼ିଶା ନାଁରେ ଆମକୁ ଅତ୍ୟାଚାର କରାଗଲେ ବା ବେଖାତିର କରାଗଲେ ନିଶ୍ଚୟ ତଲୱାର ଉଠିବ । ଏଥିପାଇଁ ଆମେ ପଛକୁ ଘୁଞ୍ଚିବୁ ନାହିଁ । ମାତ୍ର ତାଙ୍କର ଏହି ସଂକ୍ଷିପ୍ତ ମନ୍ତବ୍ୟ ପରେ ପଶ୍ଚିମ ଓଡ଼ିଶାକୁ କିଏ ଅବହେଳା କରୁଛି ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି । ସମ୍ପ୍ରତି ରାଜ୍ୟରେ ଜୟନାରାୟଣଙ୍କ ଦଳ ବିଜେପି କ୍ଷମତାସୀନ । ରାଜ୍ୟ କ୍ୟାବିନେଟ୍‌ରେ ପଶ୍ଚିମ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା କନକବର୍ଦ୍ଧନ ସିଂହଦେଓ ଉପମୁଖ୍ୟମନ୍ତ୍ରୀ ପଦ ସହ ଶକ୍ତି ଓ କୃଷି ପରି ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ନିର୍ବାହ କରୁଛନ୍ତି । ତାଙ୍କ ବ୍ୟତୀତ ସୁରେଶ ପୂଜାରୀ, ମୁକେଶ ମହାଲିଙ୍ଗ, ରବି ନାୟକ ପ୍ରମୁଖ ରାଜସ୍ୱ, ସ୍ୱାସ୍ଥ୍ୟ ଓ ସଂସଦୀୟ ବ୍ୟାପାର, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ଆଦି ବିଭାଗ ଦାୟିତ୍ୱରେ ଅଛନ୍ତି । ଯଦିଓ ବିଭିନ୍ନ ସମୟରେ ମନ୍ତ୍ରୀ ପଦ ପାଇ ନ ଥିବାରୁ ଜୟନାରାୟଣ ଅସୁଖୀ ଥିବା କୁହାଯାଉଛି, ତଥାପି ସେ ଏପରି କାହିଁକି କହିଲେ ତାହା ବିଭିନ୍ନ ମହଲରେ ଗୁଞ୍ଜରଣ ସୃଷ୍ଟି କରିଛି ।

ରାଜ୍ୟରେ ବିଜେପି ସରକାର ଆସିବା ପରେ ଗତ ୧୮ ମାସ ମଧ୍ୟରେ ଅନେକବାର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କଥା ଉଠିଛି । ସେହିପରି ବିଭିନ୍ନ ନିଗମ ନିଯୁକ୍ତି ଝୁଲି ରହିଛି । ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ପଦ ପୂରଣ ହୋଇନାହିଁ । ଯାହାକୁ ନେଇ ଦଳରେ ଅସନ୍ତୋଷ ବଢ଼ୁଛି । ଏହି ସମୟରେ ବିଭିନ୍ନ ସମୟରେ ପଶ୍ଚିମ ଓଡ଼ିଶାରୁ ଇରାଶିଷ ଆଚାର୍ଯ୍ୟ, ଅଶ୍ୱିନୀ ଷଡ଼ଙ୍ଗୀ, ଟଙ୍କଧର ତ୍ରିପାଠୀଙ୍କୁ ମନ୍ତ୍ରୀ କରାଯାଇପାରେ ବୋଲି ଆଲୋଚନା ହେଉଥିବାବେଳେ ଜୟନାରାୟଣଙ୍କ ନାମ ଚର୍ଚ୍ଚା ପରିଧିକୁ ଆସୁନାହିଁ । ଯାହାକୁ ନେଇ ସେ ଅସନ୍ତୁଷ୍ଟ ଥିବା କୁହାଯାଉଛି । ଯେଉଁଥିପାଇଁ ସେ ଅତୀତରେ ନିଜକୁ ତଡ଼ାଖିଆ ନେତା, ଛୋଟ ନେତା ଆଦି ଅଭିହିତ କରିଥିବା ମଧ୍ୟ ଦେଖାଯାଇଛି । ମାତ୍ର ଏବେ ସମ୍ବଲପୁରୀ ସମ୍ମେଳନ ପରି ଏକ ମଞ୍ଚରେ ତାଙ୍କର ତଲୱାର ଧମକ ଦଳ ପାଇଁ ଅଶ୍ୱସ୍ତିକର ହୋଇଥିବା କୁହାଯାଉଛି ।

## ୪୯୧ ଅଙ୍ଗନବାଡ଼ି କେନ୍ଦ୍ର ଉଦ୍‌ଘାଟନ କଲେ ଉପମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୨୪।୧୨(ସମିସ): ତୃଣମୂଳସ୍ତରର ବିକାଶର କେନ୍ଦ୍ରବିନ୍ଦୁ ହେଉଛି ଅଙ୍ଗନବାଡ଼ି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମତବ୍ୟକ୍ତ କରିଛନ୍ତି । ବୁଧବାର ମହିଳା ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଭାସୀ ମାଧ୍ୟମରେ ରାଜ୍ୟର ୪୯୧ଟି ନବନିର୍ମିତ ଅଙ୍ଗନବାଡି କେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି । ଅଙ୍ଗନବାଡିକୁ ସଶକ୍ତ କରିବା ସହ ସ୍ୱଚ୍ଛତା, ଶୌଚାଳୟ, ପାନୀୟ ଜଳ ସୁବିଧା, ବିଦ୍ୟୁତ ସେବା, ପୁଷ୍ଟି ବଗିଚା ଆଦିକୁ ବିଶେଷ ଗୁରୁତ୍ୱ ଦିଆଯାଇଥିବା ଶ୍ରୀମତୀ ପରିଡ଼ା କହିଛନ୍ତି ।

କାର୍ଯ୍ୟକ୍ରମରେ ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗଦେଇ ଅଙ୍ଗନବାଡି କେନ୍ଦ୍ରକୁ ବିକଶିତ ଗାଁ ବିକଶିତ ଓଡିଶାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି କହିବା ସହମହିଳାମାନଙ୍କ ସ୍ୱାସ୍ଥ୍ୟ ଓ ଶିଶୁମାନଙ୍କ ପ୍ରାକ୍ ପ୍ରାଥମିକ ଶିକ୍ଷା ଓ ସ୍ୱାସ୍ଥ୍ୟ ବିକାଶ ଅଙ୍ଗନବାଡିର ଭିତ୍ତିଭୂମି ଉପରେ ନିର୍ଭର କରୁଛି ବୋଲି ପ୍ରକାଶ କରିଛନ୍ତି । ଗତ ସେପ୍ଟେମ୍ବର ମାସରେ ପ୍ରଥମ ପର୍ଯ୍ୟାୟରେ ୯୧୩ଟି ଓ ଆଜି ଦ୍ୱିତୀୟ ପର୍ଯ୍ୟାୟରେ ୪୯୧ ଅଙ୍ଗନବାଡି କେନ୍ଦ୍ରକୁ ମିଶାଇ ଦୁଇଟି ପର୍ଯ୍ୟାୟରେ ୧୪୦୪ ଅଙ୍ଗନବାଡିକୁ ସଶକ୍ତ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।


XXVII-23

**ଓଡ଼ିଶା ସରକାର**
**ମାଲକାନଗିରି ଜିଲ୍ଲାପାଳ କାର୍ଯ୍ୟାଳୟ, ମାଲକାନଗିରି**
**ଘୋଷଣା**

File No.: 2388/2025

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ -ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 ) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ବାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା : ମୁଣ୍ଡାଗୁଡ଼ା ଥାନା : ମାଥିଲି ତହସିଲ :ମାଥିଲି ଜିଲା : ମାଲକାନଗିରି ରେ ନିମ୍ନ ସୂଚିତ ' କ ' ତହସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା : ଜୟପୁର – ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ - ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 ) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୯୭ /୨୦୨୩ ତା :୧୬.୦୬.୨୦୨୩ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା : ମୁଣ୍ଡାଗୁଡ଼ା ଥାନା : ମାଥିଲି ତହସିଲ :ମାଥିଲି ଜିଲା : ମାଲକାନଗିରି ର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।ଏହା ମଧ୍ୟ ଜିଲ୍ଲା ୱେବସାଇଟ www.malkangiri.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୁ -ଅର୍ଜନ ଅଧିକାରୀ, ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗି କରଣ ପ୍ରକଳ୍ପ -ତଥା -ତହସିଲଦାର, ମାଥିଲି ଙ୍କ ତହସିଲ କାର୍ଯ୍ୟାଳୟ ,ମାଥିଲି ଠାରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ତପସିଲ – କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚି)

ଜିଲ୍ଲା : ମାଲକାନଗିରି | ତହସିଲ :ମାଥିଲି

| ଗ୍ରାମ ର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମୁଣ୍ଡାଗୁଡ଼ା | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁ ଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା। | | | | | |

ଭୂମି ଅନୁସୂଚୀ
ମୌଜା: ମୁଣ୍ଡାଗୁଡା, ଥାନା- ମାଥିଲି ନଂ.-୧୦୮, ତହସିଲ- ମାଥିଲି, ଜିଲ୍ଲା- ମାଲକାନଗିରି
ଜୟପୁର - ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ | ପ୍ଲଟ ନଂ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|
| ୯ | ୨୯୨ | ୧.୦୦୧ | ୧.୦୦୦୭ | ଧାନ ଏକ | ଗୋପିନାଥ ଧୋବା -ପି ରାମଚନ୍ଦ୍ର ଧୋବା ଜା-: ଧୋବା ବା-ମାଥିଲି |
| ୧୭ | ୩୦୨ | ୦.୭୬୧ | ୦.୨୩୮୧ | ଧାନ ଦୁଇ | ଡମ୍ବୁ ପରମା ପି-ମାଧବ ପରମା ଜା-: ଭୂମିଆ ବା-ମାଥିଲି |
| | ୩୧୩ | ୦.୬୭୦ | ୦.୫୦୦୮ | ଧାନ ଏକ | ଡମ୍ବୁ ପରମା ପି-ମାଧବ ପରମା ବଳରାମ ପରମା, ଗୋପି ପରମା ଭଗତ ପରମା ପି-ମଙ୍ଗରାଜ ପରମା ଜା-: ଭୂମିଆ ବା-ମାଥିଲି |
| | ୩୧୦ | ୦.୪୪୫ | ୦.୪୪୪୭ | ଧାନ ଏକ | ଡମ୍ବୁ ପରମା ପି-ମାଧବ ପରମା ବଳରାମ ପରମା, ଗୋପି ପରମା ଭଗତ ପରମା ପି-ମଙ୍ଗରାଜ ପରମା ଜା-: ଭୂମିଆ ବା-ମାଥିଲି |
| | ୨୯୩ | ୦.୯୫୪ | ୦.୯୫୩୮ | ଧାନ ଏକ | ଡମ୍ବୁ ପରମା ପି-ମାଧବ ପରମା ବଳରାମ ପରମା, ଗୋପି ପରମା ଭଗତ ପରମା ପି-ମଙ୍ଗରାଜ ପରମା ଜା-: ଭୂମିଆ ବା-ମାଥିଲି |
| | ୩୦୮ | ୦.୩୭୧ | ୦.୩୫୨୬ | ଧାନ ଦୋଫସଲି ଦୁଇ | ଡମ୍ବୁ ପରମା ପି-ମାଧବ ପରମା ବଳରାମ ପରମା, ଗୋପି ପରମା ଭଗତ ପରମା ପି-ମଙ୍ଗରାଜ ପରମା ଜା-: ଭୂମିଆ ବା-ମାଥିଲି |
| | ୩୦୩ | ୦.୩୭୧ | ୦.୦୨୨୮ | ଧାନ ଦୋଫସଲି ଦୁଇ | ଡମ୍ବୁ ପରମା ପି-ମାଧବ ପରମା ବଳରାମ ପରମା, ଗୋପି ପରମା ଭଗତ ପରମା ପି-ମଙ୍ଗରାଜ ପରମା ଜା-: ଭୂମିଆ ବା-ମାଥିଲି |
| ୧୭ | ୨୯୬ | ୧.୩୫୪ | ୧.୩୫୪୧ | ଧାନ ଦୋଫସଲି ଦୁଇ | ଡମ୍ବୁ ପରମା ପି-ମାଧବ ପରମା ବଳରାମ ପରମା, ଗୋପି ପରମା ଭଗତ ପରମା ପି-ମଙ୍ଗରାଜ ପରମା ଜା- ଭୂମିଆ ବା-ମାଥିଲି |
| | ୩୦୯ | ୦.୮୬୫ | ୦.୮୬୪୮ | ଧାନ ଦୋଫସଲି ଦୁଇ | |
| | ୨୯୫ | ୦.୬୧୮ | ୦.୬୧୭୭ | ଡଙ୍ଗର ଦୁଇ | |
| ୬୨/୫୬ | ୩୧୯ | ୦.୬୨୩ | ୦.୬୨୨୭ | ଧାନ ଏକ | ବିଜୟ କୁମାର ମଲିକ ପି-ପୂର୍ଣ୍ଣନନ୍ଦ ମଲିକ ଜା-: କଣ୍ଡରା ବା-ମାଥିଲି |
| ୬୨/୬୭ | ୩୨୪ | ୦.୦୯୬ | ୦.୦୯୬୩ | ଧାନ ଦୁଇ | ବିଜୟ କୁମାର ମଲିକ ପି-ପୂର୍ଣ୍ଣନନ୍ଦ ମଲିକ ଜା-: କଣ୍ଡରା ବା-ମାଥିଲି |
| ୬୨/୬୭ | ୩୨୬ | ୦.୧୫୬ | ୦.୧୨୧୧ | ଧାନ ଦୁଇ | ବିଜୟ କୁମାର ମଲିକ ପି-ପୂର୍ଣ୍ଣନନ୍ଦ ମଲିକ ଜା-: କଣ୍ଡରା ବା-ମାଥିଲି |
| ୬୨/୬୭ | ୩୨୫ | ୩.୨୪୨ | ୩.୨୪୨୦ | ଧାନ ଦୁଇ | ବିଜୟ କୁମାର ମଲିକ ପି-ପୂର୍ଣ୍ଣନନ୍ଦ ମଲିକ ଜା-: କଣ୍ଡରା ବା-ମାଥିଲି |
| ୬୨/୯୪ | ୨୭୨ | ୨.୨୨୧ | ୧.୭୧୫୩ | ଧାନ ଏକ | ମୁକୁନ୍ଦନାୟକ ପି-ଭଗବାନ ନାୟକ , ସୀତା ନାୟକ ସ୍ୱା-ମୁକୁନ୍ଦ ନାୟକ ଜା-: ଭୂମିଆ ବା-ମାଥିଲି |
| | ୨୭୫ | ୨.୮୮୨ | ୦.୨୭୨୬ | ଧାନ ଏକ | |
| ୨୩ | ୯୫ /୫୦୫ | ୨.୦୦୨ | ୦.୦୦୪୪ | ଡଙ୍ଗର ଏକ | ପଦ୍ମଚରଣ ହୋତା ପି-ହାଡୁ ବନ୍ଧୁ ହୋତା ଜା-: ବ୍ରାହ୍ମଣ ବା-ମାଥିଲି |
| ୬୨/୨୮ | ୨୯୩/୫୩ ୫ | ୧.୦୦୧ | ୦.୪୪୪୭ | ଧାନ ଏକ | ମୁଟୁଲୁ ମାଢି ପି-ପାଣ୍ଡୁ ମାଢି ଜା-କୋୟା, ବା-ନିଜଗାଁ |
| ୬୨/୯୩ | ୩୧୯/୫୯ ୪ | ୦.୨୧୦ | ୦.୨୧୦୦ | ଘରବାରୀ | ବିଜୟ କୁମାର ମଲିକ ପି-ପୂର୍ଣ୍ଣନନ୍ଦ ମଲିକ ଜା-: କଣ୍ଡରା ବା-ମାଥିଲି |
| ୬୨/୨୩୮ | ୩୧୯/୭୦ ୭/୭୩୨ | ୦.୧୧୯ | ୦.୦୦୯୮ | ଧାନ ଏକ | କଲ୍ୟାଣୀ ରଥ ସ୍ୱା-ଦିଲ୍ଲିପ କୁମାର କର ଜା-ବ୍ରାହ୍ମଣ ବା-ନିଜଗାଁ |
| ୬୨/୨୩୯ | ୩୧୯/୭୦ ୭/୭୩୩ | ୦.୦୪୪ | ୦.୦୪୪୪ | ଧାନ ଏକ | ସନ୍ଧ୍ୟାରାଣି ପାତ୍ର ସ୍ୱା-:ଇ. ରାଜ କୁମାର ପାତ୍ର ଜା-:ପାଟ ସାଲିଆ ବା-ଡଙ୍ଗର ଖଲି |
| ୬୨/୨୪୦ | ୩୧୯/୭୦ ୭/୭୩୪ | ୦.୦୪୯ | ୦.୦୪୯୪ | ଧାନ ଏକ | ପ୍ରଦୀପ କୁମାର ପାତ୍ର ପି-ଦିଲ୍ଲିପ କୁମାର ପାତ୍ର ଜା-:ପାଟ ସାଲିଆ ବା-ଡଙ୍ଗର ଖଲି |
| ୬୨/୨୪୧ | ୩୧୯/୭୦ ୭/୭୩୫ | ୦.୦୪୦ | ୦.୦୩୯୫ | ଧାନ ଏକ | ସନ୍ତୋଷ କୁମାର ପାତ୍ର ପି-ଦିଲ୍ଲିପ କୁମାର ପାତ୍ରଜା- :ପାଟ ସାଲିଆ ବା-ଡଙ୍ଗର ଖଲି |
| ୬୨/୨୪୨ | ୩୧୯/୭୦ ୭/୭୩୬ | ୦.୦୩୫ | ୦.୦୩୪୫ | ଧାନ ଏକ | ବନିତା ବେହେରା ସ୍ୱା-ଶୁଶାନ୍ତ କୁମାର ମଲ୍ଲିକ ଜା- :ଭଣ୍ଡାରୀ ବା-ମାଥିଲି |
| ୬୨/୨୪୩ | ୩୧୯/୭୦ ୭/୭୩୮ | ୦.୦୪୯ | ୦.୦୪୯୪ | ଧାନ ଏକ | କମଳ ଲୋଚନ ସାମଲ ପି- ବିଶ୍ୱ ନାଥ ସାମଲ ଜା- :ଖଣ୍ଡାୟତ ବା-ମାଥିଲି |
| ୬୨/୨୪୯ | ୩୧୯/୭୦ ୭/୭୪୪ | ୦.୦୪୯ | ୦.୦୪୯୪ | ଧାନ ଏକ | ମହେଶ ପଟ୍ଟନାୟକ ପି-ଈଶ୍ୱର ଚନ୍ଦ୍ର ପଟ୍ଟନାୟକ ଜା-କରଣ ବା-ମାଥିଲି |
| ୬୨/୨୫୦ | ୩୧୯/୭୦ ୭/୭୪୫ | ୦.୦୪୯ | ୦.୦୪୯୪ | ଧାନ ଏକ | କାଳୁ ବିଶୋଇ ପି-କରପା ବିଶୋଇ ଜା-କାଳଞ୍ଜି ବା-ଧବଳପୁର ଗଞ୍ଜାମ |
| ୬୨/୨୫୧ | ୩୧୯/୭୦ ୭/୭୪୬ | ୦.୦୪୦ | ୦.୦୩୯୫ | ଧାନ ଏକ | ମନୋଜ କୁମାର ମହାନ୍ତି ପି-ପୂର୍ଣ୍ଣ ଚନ୍ଦ୍ର ମହାନ୍ତି ଜା-:କରଣ ବା-ବଳଦିଆଗୁଡା |
| ୬୨/୨୫୨ | ୩୧୯/୭୦ ୭/୭୪୭ | ୦.୦୪୦ | ୦.୦୩୯୫ | ଧାନ ଏକ | ସ୍ନେହଲତା ସାମଲ ସ୍ୱା-ସୁଧାକର ସେଠି ଜା-ଧୋବା ବା-ମାଥିଲି |
| ୬୨/୨୫୩ | ୩୧୯/୭୦ ୭/୭୪୮ | ୦.୦୪୯ | ୦.୦୪୯୪ | ଧାନ ଏକ | ମନୋଜ କୁମାର ସାମଲ ପ-ସନାତନ ସାମର୍ଲ ଜା-ଖଣ୍ଡାୟତ ବା-ବୋଡାଗୁଡା |
| ୬୨/୨୫୭ | ୩୧୯/୭୦ ୭/୭୫୨ | ୦.୧୧୯ | ୦.୦୧୪୮ | ଧାନ ଏକ | ତପସ୍ୱିନୀ ବରାଳ ସ୍ୱା-କୁମାର ପୂର୍ଣ୍ଣଚନ୍ଦ୍ର ବରାଳ ଜା-ଖଣ୍ଡାୟତ ବା-ଏଡୁକେସନ କଲୋନି ମାଲକାନଗିରି |
| ୬୨/୨୧୭ | ୩୧୯/୭୦ ୭ | ୦.୮୦୧ | ୦.୪୨୫୨ | ଧାନ ଏକ | .ଅଶୋକ କୁମାର ପଟ୍ଟନାୟକ ପି-ସତ୍ୟ ନାରାୟଣ ପଟ୍ଟନାୟକ ଜା-କରଣ ବା-ଅମ୍ବା ଗୁଡା ଜୟପୁର ,ଧୋବା ରଣା ପି-ଭରତ ରଣା ଜା-ରଣା ବା-ପାଣ୍ଡିପାଣୀ |
| ୬୨/୨୪୨ | ୩୨୪/୭୦ ୮/୭୩୭ | ୦.୦୦୫ | ୦.୦୦୪୯ | ଧାନ ଦୁଇ | ବନିତା ବେହେରା ସ୍ୱା-ଶୁଶାନ୍ତ କୁମାର ବାରିକ ଜା-ଭଣ୍ଡାରି ବା-ମାଥିଲି |
| ୬୨/୨୪୭ | ୩୨୫/୭୦ ୯/୭୪୧ | ୦.୦୪୦ | ୦.୦୩୯୫ | ଧାନ ଦୁଇ | ମନୋରଞ୍ଜନ ପାଣିଗ୍ରାହି ପି-ମୁକ୍ତିକାନ୍ତ ପାଣିଗ୍ରାହି ଜା- :ବ୍ରାହ୍ମଣ ବା-୧୧୯ କଲୋନି ମାଲକାନଗିରି |
| ୬୨/୨୧୬ | ୩୧୧/୫୬ ୧ | ୨.୩୩୩ | ୧.୫୦୩୦ | ଧାନ ଦୋଫସଲି ଦୁଇ | ସୌଭାଗ୍ୟ କୁମାର ନାୟକ ପି-ଗଙ୍ଗାଧର ନାୟକ ଜା- :ଖଣ୍ଡାୟତ ବା-ବଳଦିଆଗୁଡା |
| ୬୨/୨୧୭ | ୩୨୪/୭୦ ୮ | ୦.୧୦୯ | ୦.୦୮୨୧ | ଧାନ ଦୁଇ | .ଅଶୋକ କୁମାର ପଟ୍ଟନାୟକ ପି-ସତ୍ୟ ନାରାୟଣ ପଟ୍ଟନାୟକ ଜା-କରଣ ବା-ଅମ୍ବା ଗୁଡା ଜୟପୁର ,ଧୋବା ରଣା ପି-ଭରତ ରଣା ଜା-ରଣା ବା-ପାଣ୍ଡିପାଣୀ |
| ୬୨/୨୧୭ | ୩୨୫/୭୦୯ | ୦.୫୭୩ | ୦.୨୩୭୧ | ଧାନ ଦୁଇ | ଅଶୋକ କୁମାର ପଟ୍ଟନାୟକ, ପିତା- ସତ୍ୟ ନାରାୟଣ ପଟ୍ଟନାୟକ, ଜା- କରଣ ବା - ଅମ୍ବା ଗୁଡା ଜୟପୁର, ଧୋବା ରଣା, ପି- ଭରତ ରଣା, ଜା- ରଣା, ବା- ପାଣ୍ଡିପାଣୀ |
| ୬୨/୨୬୯ | ୩୧୧/୫୬ ୧/୭୬୦ | ୦.୧୯୮ | ୦.୧୯୭୬ | ଧାନ ଦୋଫସଲି ଦୁଇ | କାଶିନାଥ ମିଶ୍ର, ପି- ପଂଚାନନ ମିଶ୍ର, ଜା- ବ୍ରାହ୍ମଣ, ବା- ନିଜଗାଁ |
| ୬୨/୨୭୦ | ୩୧୧/୫୬ ୧/୭୬୧ | ୦.୧୯୮ | ୦.୧୯୭୬ | ଧାନ ଦୋଫସଲି ଦୁଇ | ରାଜିବ ନାୟକ, ପି- ଲକ୍ଷ୍ମଣ ନାୟକ, ଜା- ଗୌଡ,ବା-ନିଜଗାଁ |
| | ମୋଟ | ୫୩.୪୧୬ | ୩୧.୩୧୭ | | |

ତପସିଲ –ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚି)

ଜିଲ୍ଲା : ମାଲକାନଗିରି | ତହସିଲ :ମାଥିଲି

| ଗ୍ରାମ ର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ : ଅଧିସୂଚନା ପ୍ରକାଶିତ ହେବାର ୩୦ ଦିନ ଠାରୁ ଛଅ ମାସ ମଧ୍ୟରେ।

ରାଜ୍ୟପାଳଙ୍କ ଆଦେଶ କ୍ରମେ
ଜିଲ୍ଲାପାଳ ,ମାଲକାନଗିରି

OIPR-24074/14/0019/2526




## ଆଜିର ଇତିହାସ

- ୧୭୭୧- ଶାହା ଆଲମ୍ ଦ୍ୱିତୀୟ ଦିଲ୍ଲୀ ସିଂହାସନରେ ବସିଲେ।
- ୧୮୯୨- ସ୍ୱାମୀ ବିବେକାନନ୍ଦ କନ୍ୟାକୁମାରୀରେ ତିନିଦିନ ପର୍ଯ୍ୟନ୍ତ ସାଧନା କଲେ।
- ୧୯୭୭- ଜଣାଶୁଣା ହାସ୍ୟ ଅଭିନେତା ଚାର୍ଲି ଚାପଲିନ୍‌ଙ୍କ ଦେହାନ୍ତ।
- ୧୯୯୧- ମିଖାଇଲ୍ ଗୋର୍ବାଚୋଭ୍ ସୋଭିଏତ୍ ସଂଘର ରାଷ୍ଟ୍ରପତି ପଦରୁ ଇସ୍ତଫା ଦେଲେ।
- ୨୦୧୫- ବଲିଉଡ୍ ଅଭିନେତ୍ରୀ ସାଧନାଙ୍କ ପରଲୋକ।

## ଆଜି ଆସିଥିଲେ

# ମହାନ୍ ଜନନାୟକ ଅଟଳ ବିହାରୀ ବାଜପେୟୀ



ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କର ଆଜି ଜନ୍ମ ଜୟନ୍ତୀ। ଜଣେ ଉଦାରବାଦୀ ନେତା ଭାବେ ବାଜପେୟୀ ଥିଲେ ବେଶ୍ ଲୋକପ୍ରିୟ। ନିଜର ଭାଷଣର ଦକ୍ଷତା, ହସ ହସ ମୁହଁ ଓ ବିଚାରଧାରା ପାଇଁ ବାଜପେୟୀ ଲୋକଙ୍କର ବେଶ୍ ପ୍ରିୟ ଥିଲେ। ଜଣେ ରାଜନେତା ଭାବେ ସେ ଯେତିକି ପରିଚିତ ହୋଇଥିଲେ ତାଙ୍କର କାଳଜୟୀ କବିତା ପାଇଁ ସେତିକି ଲୋକପ୍ରିୟ ହୋଇଥିଲେ। ସେ ଏମିତି ଜଣେ ପ୍ରଧାନମନ୍ତ୍ରୀ ଥିଲେ ଯାହାଙ୍କ କଥା ଓ କବିତାରେ ବିରୋଧୀ ବି ତାଳି ମାରିବାକୁ ପଛାଉ ନ ଥିଲେ। ତିନି ତିନି ଥର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ ବାଜପେୟୀ। ସେ ୧୯୨୪ ମସିହା ଆଜିର ଦିନରେ ଗ୍ୱାଲିୟରର ଏକ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ବାପାଙ୍କ ନାଁ କୃଷ୍ଣ ବିହାରୀ ବାଜପେୟୀ ଓ ମା'ଙ୍କ ନାଁ ହେଉଛି କୃଷ୍ଣା ଦେବୀ। ଗ୍ୱାଲିୟରର ଭିକ୍ଟୋରିଆ କଲେଜରୁ ସେ ସ୍ନାତକ ଡିଗ୍ରୀ ପ୍ରାପ୍ତ କରିଥିଲେ। ଛାତ୍ର ଜୀବନରୁ ହିଁ ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ୍)ରେ ସ୍ୱୟଂସେବକ ହୋଇଥିଲେ। ଏପରିକି ସେ ଅଧାରୁ ପାଠପଢ଼ା ଛାଡ଼ି ପୂର୍ଣ୍ଣକାଳୀନ ପ୍ରଚାରକ ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ। ସେ କାନପୁରର ଡିଏଭି କଲେଜରୁ ରାଜନୀତି ବିଜ୍ଞାନରେ ଏମ୍ଏ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏହାପରେ ସେ କାନପୁରରେ ଏଲ୍ଏଲ୍‌ବି ପଢ଼ା ଆରମ୍ଭ କରିଥିଲେ। ପିଲାଟି ବେଳୁ ତାଙ୍କର ସାହିତ୍ୟ ପ୍ରତି ରୁଚି ଥିଲା। ବିଭିନ୍ନ କବି ସମ୍ମିଳନୀରେ ଯୋଗ ଦେବାରୁ ତାଙ୍କର ଲେଖାଲେଖି ପ୍ରତି ଆଗ୍ରହ ବଢ଼ିଲା ଓ ଧୀରେ ଧୀରେ ସେ କବିତା ଲେଖା ଆରମ୍ଭ କଲେ। ତାଙ୍କର ସଂଘର୍ଷମୟ ଜୀବନ, ପରିବର୍ତ୍ତନଶୀଳ ପରିସ୍ଥିତି, ରାଷ୍ଟ୍ରବ୍ୟାପୀ ଆନ୍ଦୋଳନ, ଜେଲ ଜୀବନ ଆଦି ତାଙ୍କ କାବ୍ୟ କବିତାରେ ଦେଖିବାକୁ ମିଳିଥାଏ। ତାଙ୍କ କବିତା ସଂକଳନ ମଧ୍ୟରୁ 'ମେରି ଇକ୍ୟାବନ କବିତାଏଁ' ଖୁବ୍ ଲୋକପ୍ରିୟ। ଅନ୍ୟପଟେ ସଂସଦରେ ସେ ଏକାଧିକବାର କବିତା ମାଧ୍ୟମରେ ନିଜ ମତ ମଧ୍ୟ ରଖିଛନ୍ତି। ୧୯୪୨ରେ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ଜେଲ ଯାଇଥିଲେ। ବାଜପେୟୀ ୧୯୫୧ରେ ରାଜନୀତିରେ ପାଦ ଥାପିଲେ। ୧୯୫୭ରେ ସେ ଲୋକସଭା ନିର୍ବାଚନରେ ପରାଜିତ ହୋଇଥିଲେ। ଏହାପରେ ସେ ୧୯୫୭ରେ ସଂସଦ ହୋଇଥିଲେ। ସେହିପରି ସେ ଲୋକସଭାକୁ ନଅ ଥର ଓ ରାଜ୍ୟସଭାକୁ ଦୁଇ ଥର ନିର୍ବାଚିତ ହୋଇଥିଲେ। ସାରା ଦେଶରେ ସେ ହିନ୍ଦୀ ଭାଷାର ପ୍ରଚାର କରିଥିଲେ। ୧୯୭୭ ମସିହାରେ ମୋରାରଜୀ ଦେଶାଇ ସରକାର ସମୟରେ ସେ ବିଦେଶ ମନ୍ତ୍ରୀ ଥିଲେ। ଏହି ସମୟରେ ଜାତିସଂଘ ସାଧାରଣ ପରିଷଦ ବୈଠକରେ ସେ ହିନ୍ଦୀରେ ଭାଷଣ ଦେଇ ବେଶ୍ ଚର୍ଚ୍ଚିତ ହୋଇଥିଲେ। ବାଜପେୟୀ ୩ଥର ଦେଶର ପ୍ରଧାନମନ୍ତ୍ରୀ ହୋଇଥିଲେ। ୧୯୯୬ ମସିହାରେ ୧୩ ଦିନ ପାଇଁ, ୧୯୯୮ ମସିହାରେ ୧୩ ମାସ ପାଇଁ ଏବଂ ୧୯୯୯ ମସିହାରେ ସଂପୂର୍ଣ୍ଣ ୫ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ହୋଇଥିଲେ। କେବଳ ଉଦାରବାଦୀ ହିଁ ନୁହେଁ ପରାକ୍ରମରେ ମଧ୍ୟ ବାଜପେୟୀଙ୍କ ଜବାବ ନ ଥିଲା। ସେ ପ୍ରଧାନମନ୍ତ୍ରୀ ହେବା ପରେ ପାକିସ୍ତାନ ସହ ସମ୍ପର୍କ ସୁଦୃଢ଼ କରିବା ଲାଗି ଅନେକ ପ୍ରୟାସ କରିଥିଲେ। ନିଜ ଦଳର ଅନେକ ନେତାଙ୍କ ଦ୍ୱାରା ବିରୋଧର ଶିକାର ହେବା ସତ୍ତ୍ୱେ ସେ ପାକିସ୍ତାନ ଯାତ୍ରା କରିଥିଲେ। ହେଲେ ଏହାପରେ ୧୯୯୯ ମସିହାରେ ପାକିସ୍ତାନ କାରଗିଲ ଯୁଦ୍ଧ ଆରମ୍ଭ କରି ବିଶ୍ୱାସଘାତ କରିଥିଲା। ଏହି ଯୁଦ୍ଧରେ ଭାରତ ପାକିସ୍ତାନକୁ କଡ଼ା ଜବାବ ଦେଇଥିଲା। ଯୁଦ୍ଧରେ ଭାରତର ବିଜୟ ପାଇଁ ଭାରତୀୟ ସେନାର ପରାକ୍ରମ ସହ ବାଜପେୟୀଙ୍କ ନେତୃତ୍ୱକୁ ସାରା ବିଶ୍ୱ ପ୍ରଶଂସା କରିଥିଲା। ବାଜପେୟୀ ଲାଲବାହାଦୁର ଶାସ୍ତ୍ରୀଙ୍କ 'ଜୟଜବାନ, ଜୟ କିସାନ' ସ୍ଲୋଗାନରେ 'ଜୟ ବିଜ୍ଞାନ'କୁ ଯୋଡ଼ିଥିଲେ। ଦେଶ ପ୍ରତି ଥିବା ତାଙ୍କ ତ୍ୟାଗ ଓ ଅବଦାନ ଯୋଗୁଁ ଭାରତ ରତ୍ନ, ପଦ୍ମବିଭୂଷଣ ଆଦି ସମ୍ମାନରେ ସେ ସମ୍ମାନିତ ହୋଇଥିଲେ। ୨୦୧୮ ଅଗଷ୍ଟ ୧୬ରେ ଏହି ମହାନ ରାଜନେତାଙ୍କ ପରଲୋକ ଘଟିଥିଲା।

# ଅକ୍ଟୋବର ୨ରେ 'ଦୃଶ୍ୟମ୍ ୩'



ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅଜୟ ଦେବଗନ୍‌ଙ୍କ 'ଦୃଶ୍ୟମ୍' ଓ 'ଦୃଶ୍ୟମ୍ ୨'କୁ ଦର୍ଶକୀୟ ଆଦୃତି ମିଳିଥିଲା। କ୍ରାଇମ୍ ଥ୍ରିଲର୍ ଉପରେ ଆଧାରିତ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ବେଶ୍ ଭଲ ପ୍ରଦର୍ଶନ କରିଥିଲା। ଇତିମଧ୍ୟରେ ଏହି ସିରିଜ୍‌ର ତୃତୀୟ ଫିଲ୍ମ ବିଷୟରେ ଘୋଷଣା କରାଯାଇଛି। ଏହି ଫିଲ୍ମ ଅକ୍ଟୋବର ୨, ୨୦୨୬ରେ ପରଦାକୁ ଆସିବ। ତେବେ ଫିଲ୍ମ ନିର୍ମାତା ଏକ ଭିଡିଓ ମାଧ୍ୟମରେ 'ଦୃଶ୍ୟମ୍ ୩' ବିଷୟରେ ଘୋଷଣା କରିଛନ୍ତି। ୧ ମିନିଟ୍ ୩୩ ସେକେଣ୍ଡର ଏହି ଭିଡିଓରେ ଅଜୟଙ୍କ ଦମଦାର୍ ସ୍ୱର ଶୁଣାଯାଇଛି। ଭିଡିଓରେ ଅଜୟ ଲୋକଙ୍କୁ ତାଙ୍କ ପରିବାର ସମ୍ପର୍କରେ କହୁଥିବାର ଶୁଣାଯାଇଛି। ଭିଡିଓ ଶେଷରେ ବିଜୟ ସଲଗାଁଓକର(ଅଜୟ) କହୁଛନ୍ତି, 'କାହାଣୀ ଏବେ ସରି ନାହିଁ। ଶେଷ ଅଂଶ ବାକି ଅଛି।' ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଭୟ ପାଠକ ରହିଛନ୍ତି। 'ଦୃଶ୍ୟମ୍ ୨' ଯେଉଁଠାରେ ସରିଥିଲା, ସେହିଠାରୁ 'ଦୃଶ୍ୟମ୍ ୩'ର କାହାଣୀ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଫିଲ୍ମରେ ଅଜୟଙ୍କ ବ୍ୟତୀତ ଅନ୍ୟ କେଉଁ କଳାକାରମାନେ କାମ କରୁଛନ୍ତି ତାହା ସ୍ପଷ୍ଟ ହୋଇ ନାହିଁ। ଏଠାରେ ପ୍ରକାଶ ଥାଉ କି 'ଦୃଶ୍ୟମ୍' ମୋହନଲାଲଙ୍କ ମଲାୟାଲମ୍ ଫିଲ୍ମର ହିନ୍ଦୀ ରିମେକ୍। ଏହି ଫିଲ୍ମ ୨୦୧୫ରେ ଆସିଥିଲା। ଏହା ବକ୍ସଅଫିସ୍‌ରେ ହିଟ୍ ସାବ୍ୟସ୍ତ ହୋଇଥିଲା। ଏହାର ସାତ ବର୍ଷ ପରେ ୨୦୨୨ରେ 'ଦୃଶ୍ୟମ୍ ୨' ଆସିଥିଲା। ଏହା ମଧ୍ୟ ବକ୍ସ ଅଫିସ୍‌ରେ ଭଲ ବିଜିନେସ୍ କରିଥିଲା। ଏବେ ଏହାର ଚାରି ବର୍ଷ ପରେ 'ଦୃଶ୍ୟମ୍ ୩' ଆସିବ। କିଛି ଦିନ ପୂର୍ବରୁ ମୋହନଲାଲ 'ଦୃଶ୍ୟମ୍ ୩' (ମଲାୟାଲମ୍) ସୁଟିଂ ଆରମ୍ଭ କରିଥିବା ଘୋଷଣା କରିଥିଲେ। ତେବେ ଏହି ଫିଲ୍ମର ସଫଳତାକୁ ଦେଖି ମଲାୟାଲମ୍ ନିର୍ମାତା ଏହାକୁ ହିନ୍ଦୀରେ ରିଲିଜ୍ କରିବା ପାଇଁ ଯୋଜନା କରିଛନ୍ତି।




# ପବିତ୍ର ବଡ଼ଦିନ


ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଧରାବତରଣ ଖୁସିରେ ଖ୍ରୀଷ୍ଟମାସ ତଥା ପବିତ୍ର ବଡ଼ଦିନକୁ ଖ୍ରୀଷ୍ଟଧର୍ମାବଲମ୍ବୀମାନେ ବଡ଼ ଧୂମଧାମ୍‌ରେ ପାଳନ କରିଥାନ୍ତି। ପବିତ୍ର ଗ୍ରନ୍ଥ ବାଇବେଲ୍‌ରେ ଯୀଶୁଙ୍କ ଜନ୍ମଦିନକୁ ନେଇ ସଠିକ୍ ତାରିଖ ଉଲ୍ଲେଖ ନ ଥିଲେ ମଧ୍ୟ ଏହି ଦିନକୁ ସାରା ବିଶ୍ୱରେ କ୍ରିସ୍‌ମାସ୍ ଭାବେ ପାଳନ କରାଯାଇଥାଏ। ବାଇବେଲ ଅନୁସାରେ, ଭଗବାନ ଯୀଶୁ ହେଉଛନ୍ତି ଈଶ୍ୱରଙ୍କ ସନ୍ତାନ। ପୃଥିବୀରେ ପ୍ରେମ ଏବଂ ଶ୍ରଦ୍ଧାର ବାର୍ତ୍ତା ପ୍ରଚାର କରିବା ପାଇଁ ସେ ଧରାବତରଣ କରିଥିଲେ। ଖ୍ରୀଷ୍ଟ ଧର୍ମରେ ଏହି ଦିନକୁ ସବୁଠାରୁ ପବିତ୍ର ମନେ କରାଯାଇଥାଏ। ଦୟା, କ୍ଷମା, କରୁଣାର ଅବତାର ଥିଲେ ପ୍ରଭୁ ଯୀଶୁ। ମାନବ ସମାଜକୁ ଦିଗ୍‌ଦର୍ଶନ ଦେବା ଲାଗି ପରମେଶ୍ୱରଙ୍କ ନିର୍ଦ୍ଦେଶରେ ସେ ଧରାବତରଣ କରିଥିଲେ। ସମାଜର ମଙ୍ଗଳ ପାଇଁ ସେ ହସିହସି ପ୍ରାଣବଳି ଦେଇଥିଲେ। ପ୍ରଭୁ ଯୀଶୁ ମାନବ ସମାଜକୁ ପ୍ରେମ ଏବଂ ମାନବିକତା ଶିକ୍ଷା ଦେଇଥିଲେ। ସେ ଜଗତର ଲୋକଙ୍କୁ ପ୍ରେମ ଏବଂ ଭାଇଚାରା ସହିତ ବଞ୍ଚିବାକୁ ବାର୍ତ୍ତା ଦେଇଥିଲେ। ଏହି ଦିନଟିକୁ ଇଉରୋପୀୟ ରାଷ୍ଟ୍ରରେ ଖୁବ୍ ଜାକଜମକରେ ପାଳନ କରାଯାଉଥିଲାବେଳେ ଆଜିକାଲି ପ୍ରାୟତଃ ସବୁସ୍ଥାନରେ ଏହି ଦିବସ ପାଳନ କରାଯାଉଛି। ବଡ଼ଦିନ ପାଳନ ଅବସରରେ ଚର୍ଚ୍ଚଗୁଡ଼ିକୁ ବିଭିନ୍ନ ରଙ୍ଗବେରଙ୍ଗର ଆଲୋକମାଳା, ତାରକାରେ ସଜ୍ଜିତ କରାଯାଇ କ୍ୟାରୋଲ ସଙ୍ଗୀତ ଗାନ, ସମୂହ ପ୍ରାର୍ଥନା ସହ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଏ। ଖ୍ରୀଷ୍ଟ ଧର୍ମର ଲୋକେ ବଡ଼ଦିନ ଉପଲକ୍ଷେ ନିଜ ଘରକୁ ଆଲୋକମାଳା ଓ ଫୁଲରେ ସଜାଇବା ସହ ନୂତନ ପୋଷାକ ପରିଧାନ କରିଥାନ୍ତି। ଏହି ଅବସରରେ ବିଭିନ୍ନ ପ୍ରକାରର ସୁସ୍ୱାଦୁ ବ୍ୟଞ୍ଜନ ମଧ୍ୟ ପ୍ରସ୍ତୁତ କରାଯାଇଥାଏ। ବଡ଼ଦିନରେ କେକ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସମସ୍ତେ ମିଳିତ ହୋଇ କେକ୍ କାଟିବା ସହ ପରସ୍ପରକୁ କେକ୍ ଖୁଆଇ ଏହି ଦିନର ଶୁଭ କାମନା ଜଣାଇଥାନ୍ତି। ଛକ ଛକରେ ଲାଇଟ୍ ଲଗାଇ ଖ୍ରୀଷ୍ଟମାସ ଗଛ ସଜାଇ ଥା'ନ୍ତି ଖ୍ରୀଷ୍ଟଧର୍ମାବଲମ୍ବୀ ଲୋକେ। ଏହି ଅବସରରେ ଲୋକେ ପରସ୍ପରକୁ ଉପହାର ଦେଇ ଶୁଭକାମନା ଜଣାଇଥାନ୍ତି। ଏହି ଦିନର ସବୁଠାରୁ ଆକର୍ଷଣୀୟ ବିଷୟ ହେଉଛି କ୍ରିସ୍‌ମାସ୍ ଟ୍ରି ଓ ସାନ୍ତାକ୍ଲଜ୍। ପ୍ରଥମେ ଲଣ୍ଡନରେ ଏହି କ୍ରିସ୍‌ମାସ୍ ଟ୍ରି ପରମ୍ପରା ଆରମ୍ଭ ହୋଇଥିଲା। ପିଲାଙ୍କ ଆୟୁଷ ବଢ଼ିବା ନିମନ୍ତେ ଏହି ଗଛ ସଜାଯାଉଥିବା କୁହାଯାଏ। ସାଧାରଣତଃ ପାଇନ୍ ବା ଫର୍ ଗଛ କିମ୍ବା ଚେରି ଗଛରେ କ୍ରିସ୍‌ମସ୍ ଟ୍ରି ପ୍ରସ୍ତୁତ ହୋଇଥାଏ। ତ୍ରିଭୁଜାକାର ଗଛ ଡାଳରେ ରଙ୍ଗିନ ବଲ୍, ଚକୋଲେଟ୍ ଓ ତାରା ଖଞ୍ଜାଯାଇ ଏହାକୁ ସଜାଯାଏ। ଖ୍ରୀଷ୍ଟମାସ ପର୍ବଟି ମୁଖ୍ୟତଃ ଛୋଟ ପିଲାମାନଙ୍କ ପାଇଁ ଅଧିକ ଆନନ୍ଦ ଓ ଉଲ୍ଲାସ ଆଣି ଦେଇଥାଏ। ଏହି ଦିନରେ ପିଲାମାନଙ୍କୁ ତାଙ୍କ ପସନ୍ଦର ଖାଦ୍ୟଦ୍ରବ୍ୟ ଖାଇବାକୁ ମିଳିବା ସହ ବହୁ ଉପହାର ମଧ୍ୟ ମିଳିଥାଏ। । ମାନ୍ୟତା ଅନୁଯାୟୀ, ସାନ୍ତାକ୍ଲଜ୍ ସ୍ୱର୍ଗରୁ ଆସି ସମସ୍ତଙ୍କ ପାଇଁ ଉପହାର ସହ ଖୁସି ଦେଇଯାଆନ୍ତି। ଏହା ଖ୍ରୀଷ୍ଟମାସ ସହିତ ଜଡିତ ଏକ ଲୋକପ୍ରିୟ କାଳ୍ପନିକ ଚରିତ୍ର। ଖ୍ରୀଷ୍ଟମାସ ରାତିରେ ବଡ଼ ଧଳା ଦାଢ଼ି ରଖିଥିବା ସାନ୍ତା କ୍ଲଜ୍ ସ୍ୱର୍ଗରୁ ପ୍ରତ୍ୟେକ ଘରକୁ ଓହ୍ଲାଇ ଆସି ଖ୍ରୀଷ୍ଟମାସ ଗଛ ପାଖରେ ପିଲାମାନଙ୍କ ପାଇଁ ଉପହାର ଛାଡ଼ି ଯାଆନ୍ତି ବୋଲି କୁହାଯାଏ। ତେଣୁ ଏହି ଦିନରେ କିଛି ବ୍ୟକ୍ତି ସାନ୍ତାକ୍ଲଜ୍ ବେଶରେ ସଜେଇ ହୋଇ ପିଲାମାନଙ୍କୁ ଉପହାର ପ୍ରଦାନ କରିଥାଆନ୍ତି। ସାନ୍ତାକ୍ଲଜ୍ ବିଷୟରେ ଅନେକ ଲୋକକଥା ରହିଛି। ଖ୍ରୀଷ୍ଟଧର୍ମାବଲମ୍ବୀମାନଙ୍କ ମତରେ, ସନ୍ଥ ନିକୋଲାସଙ୍କୁ ହିଁ ସାଣ୍ଟାକ୍ଲଜ୍ ଭାବେ ବର୍ଣ୍ଣିତ କରାଯାଇଛି। ସମଗ୍ର ବିଶ୍ୱର ଲୋକମାନେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମଦିନକୁ ନିଜ ନିଜ ପରମ୍ପରା ଏବଂ ରୀତିନୀତି ଅନୁଯାୟୀ ଭକ୍ତି ଓ ବିଶ୍ୱାସର ସହିତ ପାଳନ କରନ୍ତି।

# ଦୀର୍ଘାୟୁର ରହସ୍ୟ ଫାଇବର

ଫିଟ୍ ରହିବା ତଥା ଦୀର୍ଘାୟୁ ହେବା ଲାଗି ଆଜିକାଲି ଲୋକେ ବିଭିନ୍ନ ଉପାୟ ଆପଣାଉଛନ୍ତି। କିଏ ଜିମ୍ ଯାଉଛନ୍ତି ତ ଆଉ କିଏ ମହଙ୍ଗା ସପ୍ଲିମେଣ୍ଟ ନେଉଥିବା ବେଳେ ଅନେକ ଡାଏଟ୍ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହାରି ଭିତରେ ଲଣ୍ଡନର ପ୍ରତିଷ୍ଠିତ ହାର୍ଟ ସର୍ଜନ ଡାକ୍ତର ଜେରେମି ଲଣ୍ଡନ କହିଛନ୍ତି, ଦୀର୍ଘାୟୁ ହେବା ପାଇଁ ତଥା ଉତ୍ତମ ସ୍ୱାସ୍ଥ୍ୟ ଲାଗି ଏସବୁର କୌଣସି ଆବଶ୍ୟକତା ନାହିଁ। ତାଙ୍କ ମତରେ, ନିତିଦିନ ଖାଦ୍ୟରେ ହିଁ ଦୀର୍ଘାୟୁ ହେବାର ରହସ୍ୟ ଲୁଚି ରହିଛି। ଦୀର୍ଘାୟୁ ହେବା ଲାଗି ମୁଖ୍ୟ ଉପାଦାନ ହେଉଛି ଫାଇବର୍ ବା ତନ୍ତୁ। ଏହା କୌଣସି ଚମତ୍କାରୀ ଔଷଧ ନୁହେଁ କିମ୍ବା ଏହାର ପ୍ରଭାବ ତୁରନ୍ତ ଦେଖିବାକୁ ମିଳି ନ ଥାଏ। ଏହାର ପ୍ରଭାବ ଧୀରେ ଧୀରେ ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ। ଡାକ୍ତର ଜେରେମି ଏହାକୁ ନେଇ ଏକ ଭିଡିଓ ଇନଷ୍ଟାଗ୍ରାମ୍‌ରେ ସେୟାର୍ କରିଛନ୍ତି। ସେ କହିଛନ୍ତି, ବୟସାଧିକ ଲୋକଙ୍କୁ ଫାଇବରଯୁକ୍ତ ଖାଦ୍ୟ ଖାଇବାକୁ କୁହାଯାଏ। କାରଣ ବୟସ ବଢ଼ିଲେ ଫାଇବରଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ପେଟ ଭଲ ରହେ। ହେଲେ ବାସ୍ତବରେ ଫାଇବର ପ୍ରତ୍ୟେକ ବୟସବର୍ଗଙ୍କ ଲାଗି ଜରୁରି। ଫାଇବର ହୃଦୟ ଏବଂ ମେଟାବଲିଜିମ୍ ସ୍ୱାସ୍ଥ୍ୟକୁ ମଜଭୁତ ରଖେ। ଏହାଦ୍ୱାରା ମଧୁମେହ ଏବଂ ହୃଦ୍‌ରୋଗ ହେବା ଆଶଙ୍କା କମିଯାଏ। ଏପରିକି ପାଚନତନ୍ତ୍ର ଉପରେ ଫାଇବରର ସବୁଠୁ ଭଲ ପ୍ରଭାବ ପଡ଼ିଥାଏ। ଏହା କୋଷ୍ଠକାଠିନ୍ୟ ସମସ୍ୟା ଦୂର କରିବା ସହ ଏଥିଯୋଗୁ ଅନ୍ତନଳୀ ରୋଗ ହେବା ଆଶଙ୍କା କମ୍ ଥାଏ। ସେହିପରି ଆବଶ୍ୟକତା ଅନୁସାରେ, ଫାଇବର ଗ୍ରହଣ କଲେ ଏହା ଯୋଗୁଁ କୋଲନ୍ କ୍ୟାନସର ଆଶଙ୍କା ହ୍ରାସ ପାଏ। ତେଣୁ ଫାଇବରକୁ କେବଳ ଖାଦ୍ୟ ହଜମ ପାଇଁ ନୁହେଁ, ବରଂ ପୂରା ସ୍ୱାସ୍ଥ୍ୟ ସହିତ ଯୋଡ଼ି ଦେଖିବା ଉଚିତ। କିଛି ଫାଇବର ଅନ୍ତନଳୀରେ ଥିବା ଥିବା ଭଲ ଜୀବାଣୁକୁ ଖାଦ୍ୟ ପ୍ରଦାନ କରେ। ଏହି ଜୀବାଣୁ ଶରୀରରେ ମେଟାବୋଲିଜିମ୍‌ରେ ସୁଧାର ଆଣେ ଏବଂ ରୋଗପ୍ରତିରୋଧକ ଶକ୍ତିକୁ ମଜଭୁତ କରିଥାଏ। ଏହି ପ୍ରକ୍ରିୟା ବୟସ ବୃଦ୍ଧି ସହିତ ହେଉଥିବା ରୋଗରୁ ରକ୍ଷା କରିବାରେ ସାହାଯ୍ୟ କରେ। ଅଧିକାଂଶ ଲୋକ ନିତିଦିନ ପର୍ଯ୍ୟାପ୍ତ ପରିମାଣର ଫାଇବର ଗ୍ରହଣ କରି ନ ଥାନ୍ତି। ତେବେ ଗବେଷଣାନୁସାରେ, ଫାଇବର ସେବନ ଯେତେ ବଢ଼େ, ଏହାର ଫାଇଦା ବି ସେହି ଅନୁସାରେ ବୃଦ୍ଧି ପାଏ। ଅନ୍ୟପକ୍ଷରେ ଫାଇବର ପାଇଁ କିଛି ଅଲଗା ଖାଦ୍ୟ ଖାଇବାର ଆବଶ୍ୟକତା ନାହିଁ, ବରଂ ନିତିଦିନ ଖାଉଥିବା ଖାଦ୍ୟରେ ହିଁ ଏହା ରହିଛି। ତେଣୁ ଫାଇବର ଲାଗି ନାସପାତି, ସେଓ, ଷ୍ଟ୍ରବେରି, ରସବେରି, କଦଳୀ, ଗାଜର, ବିଟ୍, ବ୍ରୋକଲି କନ୍ଦମୂଳ ଆଦିକୁ ଖାଦ୍ୟରେ ସାମିଲ କରିବା ଭଲ।



# କାଫେକୁ ସମର୍ପିତ ଭବିଷ୍ୟତ ଚିଠି



ପ୍ୟାରିସ୍‌ରେ 'କାଫେ ପ୍ଲି' ନାମକ ଏକ ନିଆରା କାଫେ ଏବେ ଚର୍ଚ୍ଚା ସାଉଁଟୁଛି। ଏହି କାଫେ ଗ୍ରାହକଙ୍କୁ ନିଜ ଆଶା, ସ୍ୱପ୍ନ ତଥା ଗୁପ୍ତ କଥାକୁ କାଗଜରେ ଲେଖିବାର ଅନୁମତି ପ୍ରଦାନ କରିଥାଏ। ଅବଶ୍ୟ ଗ୍ରାହକ କାଗଜରେ ଲେଖୁଥିବା କଥା ସିଲ୍ ହୋଇଯିବା ପରେ କାଫେ ଏହାକୁ ସୁରକ୍ଷିତ ଭାବେ ସାଇତି ରଖେ। କେବଳ ସେତିକି ନୁହେଁ, ଉକ୍ତ କାଫେ ପାଞ୍ଚ ବର୍ଷ କି ୨୦ ବର୍ଷ ପରେ ଚିଠିଟିକୁ ସମାନ ତାରିଖରେ ଗ୍ରାହକଙ୍କ ପାଖରେ ପହଞ୍ଚାଇବା କାମ କରେ। ଏହି କାଫେଟିକୁ ୨୦୨୪ ମସିହା ଜୁଲାଇରେ ଜେନେଭିଭ ଲ୍ୟାଣ୍ଡସମ୍ୟାନ୍ ପ୍ରତିଷ୍ଠା କରିଥିଲେ। ୟୁରୋପର ଏହା ପ୍ରଥମ କାଫେ, ଯାହାକି ଭବିଷ୍ୟତ ଉଦ୍ଦେଶ୍ୟରେ ଲେଖାଯାଉଥିବା ଚିଠି ଲାଗି ସମର୍ପିତ। ଦକ୍ଷିଣ କୋରିଆର ସିଓଲରେ ଥିବା 'ନଲଡ୍ୟାମ୍ ସ୍ଲେଶ୍' ନାମକ କାଫେଦ୍ୱାରା ପ୍ରେରିତ ହୋଇ ଜେନେଭିଭ ଏଭଳି ଏକ କାଫେ ନିର୍ମାଣ ପାଇଁ ଚିନ୍ତା କରିଥିଲେ। ତେବେ ଗ୍ରାହକ ଲଫାପା, ପୋଷ୍ଟକାର୍ଡ, କଲମ, ପେନ୍‌ସିଲ, ସିଲିଂ ୱାକ୍ସ, ଷ୍ଟିକର ଆଦିରେ ନିଜ ମନକଥା ଲେଖିବାର ସୁଯୋଗ ପାଇଥାନ୍ତି। ନିଜ ପାଇଁ ହେଉ ଅବା ନିଜ ମନର ମଣିଷ ପାଇଁ ପ୍ରତ୍ୟେକ ଚିଠିକୁ ଜଣେ ନିଜ ପସନ୍ଦ ଅନୁସାରେ ଲେଖିପାରିବେ। ଏହି କାଫେକୁ ଗ୍ରାହକ ଆସିବା ପରେ କଫି କି ପେଷ୍ଟ୍ରି ଅର୍ଡର ଦେବାକୁ ହୁଏ। ଏହାପରେ ଗ୍ରାହକ ଜଣକ କେଉଁଥିରେ ନିଜର ମନକଥା ଲେଖିବେ ତାହା ବାଛିବାକୁ ହୋଇଥାଏ। ଜଣେ ଏଠାରେ ନିଜ ପାଇଁ କି ଅନ୍ୟ କାହା ପାଇଁ ଚିଠି ଲେଖିପାରିବେ। ଲେଖିବା ପରେ ଲଫାପାକୁ ସୁନ୍ଦର ଭାବେ ସଜାଇ ତାହାକୁ ସିଲ୍ କରାଯାଏ। ଅବଶ୍ୟ ଏହି ସିଲ୍ ମହମକୁ ତରଳାଇ କରିବାକୁ ହୋଇଥାଏ। ଏହାପରେ ଗ୍ରାହକ ଚିଠିକୁ କାଫେରେ ଥିବା ବାକ୍ସ ମଧ୍ୟରେ ରଖନ୍ତି। କାନ୍ଥରେ ଥିବା ପ୍ରତ୍ୟେକ ବାକ୍ସ ବିଭିନ୍ନ ଡେଲିଭରି ସମୟକୁ ନେଇ ରହିଛି। ଏଠାରେ ବର୍ଷେ, ପାଞ୍ଚବର୍ଷ କିମ୍ବା ୨୦ ବର୍ଷରେ ଚିଠି ପହଞ୍ଚାଇବାର ସୁବିଧା ଅଛି। ଅବଶ୍ୟ ଚିଠିଟିକୁ ଯେଉଁ ଦିନ ପହଞ୍ଚାଇବାର ଥାଏ, ସେହି ବାକ୍ସକୁ ଚୟନ କରିବାକୁ ହୋଇଥାଏ। ଏହାପରେ କାଫେ କର୍ମଚାରୀ ଏହାକୁ ସୁରକ୍ଷିତ ଭାବେ ସାଇତି ରଖନ୍ତି ଏବଂ ଯେଉଁ ତାରିଖରେ ପ୍ରାପ୍ତକର୍ତ୍ତାଙ୍କ ପାଖରେ ପହଞ୍ଚିବାର ଥାଏ, ସେଦିନ ଚିଠିକୁ ଡେଲିଭରି ଦିଆଯାଏ। ଅବଶ୍ୟ ଚିଠି ପହଞ୍ଚାଇବା ପାଇଁ ଲୋକଙ୍କୁ ଟଙ୍କା ଦେବାକୁ ପଡ଼ିଥାଏ। ବର୍ଷକ ପାଇଁ ୧୫୦୦, ପାଞ୍ଚ ବର୍ଷ ଲାଗି ୨୪୦୦, ୨୦ ବର୍ଷ ଏଲାଗି ୪,୩୦୦ ଟଙ୍କା ଦେବାକୁ ହୁଏ।

# କ୍ରିସ୍‌ମାସ୍ କେଶ ବିନ୍ୟାସ

**କ୍ରିସ୍‌ମାସ୍ ପାର୍ଟିକୁ ନେଇ ମହିଳାମାନେ ଅଧିକ ଉତ୍ସାହିତ ଥାଆନ୍ତି। ଏଥିପାଇଁ ସାଜସଜଠୁ ନେଇ ବେଶପୋଷାକ ପ୍ରତି ଧ୍ୟାନ ଦିଅନ୍ତି। ଏଥିପାଇଁ ମହିଳାମାନେ ମେକ୍‌ଅପ୍ ସହ କେଶ ବିନ୍ୟାସ ମଧ୍ୟ କରନ୍ତି। ସେହିପରି କ୍ରିସ୍‌ମାସ୍‌ରେ ଆକର୍ଷଣୀୟ କେଶ ବିନ୍ୟାସ ଚାହୁଁଥଲେ ମାଳି, ବୋ- କ୍ଲିପ୍ ଆଦି ଲଗାଇପାରିବେ। ଏହା କେଶକୁ ସୁନ୍ଦର କରିଥାଏ।**



- କ୍ରିସ୍‌ମାସ୍ ପାର୍ଟିରେ ରେଡ୍ ଆଉଟ୍‌ଫିଟ୍ ସହ ଏକ ସୁନ୍ଦର ଲୁକ୍ ଚାହୁଁଥିଲେ, ବୋ-ଡିଜାଇନ ନାଲିରଙ୍ଗ ହେୟାର ଆସେସରିଜ୍ ବ୍ୟବହାର କରିପାରିବେ।
- ସେହିପରି ମହିଳାମାନେ କେଶରେ କ୍ଲିପ୍ ବଦଳରେ ନାଲି , ସବୁଜ ରଙ୍ଗ କ୍ଲିପ୍ ଲଗାଇପାରିବେ।
- କ୍ରିସ୍‌ମାସ୍ ପାର୍ଟିରେ କେଶକୁ ଖୋଲା କରି ଏଥିରେ ନାଲି ବୋ କ୍ଲିପ୍ ଲଗାଇପାରିବେ। ଏହା କେଶକୁ ଖୁବ୍ ସୁନ୍ଦର ମାନିଥାଏ।
- ସେହିପରି କେଶକୁ ଅଧିକ ଆକର୍ଷଣୀୟ କରିବାକୁ ଚାହୁଁଥିଲେ, ଏଥିରେ ଛୋଟ ନାଲିମାଳି, ଛୋଟ ବଲ୍ ଲଗାଇ କେଶକୁ ସଜାଇପାରିବେ। ସେହିପରି ଚାହିଁଲେ ନାଲି ରିବନ ଫିତାବାନ୍ଧି କେଶକୁ ସୁନ୍ଦର କରିପାରିବେ। କେଶକୁ ବାନ୍ଧିବା ବଦଳରେ ଛାଡ଼ିଲେ, ଭଲ ମାନିଥାଏ।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ବିଜୟ ହଜାରେ ଟ୍ରଫିରେ ରେକର୍ଡ ବର୍ଷା

# ବିହାର ଓ ବୈଭବ ସୂର୍ଯ୍ୟବଂଶୀଙ୍କ ବିଶ୍ୱରେକର୍ଡ





ନୂଆଦିଲ୍ଲୀ/ଭୁବନେଶ୍ୱର,୨୪ା୧୨(ଏଜେନ୍ସି/ସମିସ): ଭାରତର ଲିଷ୍ଟ-ଏ (ଘରୋଇ ଦିନିକିଆ ଫର୍ମାଟ) କ୍ରିକେଟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ବିଜୟ ହଜାରେ ଟ୍ରଫି କ୍ରିକେଟ ପ୍ରତିଯୋଗିତା ଆଜି ଦେଶର ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିନରେ ଦୁଇଟି ବିଶ୍ୱରେକର୍ଡ ସହ ଅଧା ଡଜନରେ ଅଧିକ ରେକର୍ଡ ସୃଷ୍ଟି ହୋଇଛି। ଅରୁଣାଚଳ ପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ବିହାର ୬ ୱିକେଟରେ ୫୭୪ ରନ୍ କରି ବିଶ୍ୱର ସମସ୍ତ ଲିଷ୍ଟ-ଏ' (ଅନ୍ତର୍ଜାତୀୟ ମ୍ୟାଚ୍ ସମେତ) କ୍ରିକେଟରେ ସର୍ବୋଚ୍ଚ ଦଳଗତ ସ୍କୋର କରିଛି। ଏହି ମ୍ୟାଚ୍‌ରେ ଟିନ୍‌ଏଜ୍ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ ମାତ୍ର ୧୪ ବର୍ଷ ୨୭୨ ଦିନରେ ଶତକ ହାସଲ କରି ବିଶ୍ୱର ସର୍ବକନିଷ୍ଠ ସେଞ୍ଚୁରିଆନ୍ ଭାବେ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଏହି ମ୍ୟାଚ୍‌ରେ ବିହାର ଅଧିନାୟକ ୩୨ ବଲ୍‌ରେ ଶତକ ହାସଲ କରି ଭାରତରେ ଦ୍ରୁତତମ ଓ ବିଶ୍ୱରେ ତୃତୀୟ ଦ୍ରୁତତମ ଶତକ ହାସଲ କରିବାର ରେକର୍ଡ କରିଛନ୍ତି। ଏଠାରେ ମଧ୍ୟ ବୈଭବ ସୂର୍ଯ୍ୟବଂଶୀ ୩୬ ବଲ୍‌ରେ ଓ ଝାଡଖଣ୍ଡ ବିପକ୍ଷ ମ୍ୟାଚ୍‌ରେ ଇଶାନ କିସାନ ୩୩ ବଲ୍‌ରେ ଶତକ ହାସଲ କରି ଯଥାକ୍ରମେ ଭାରତର ଚତୁର୍ଥ ଓ ଦ୍ୱିତୀୟ ଦ୍ରୁତତମ ଶତକହାସଲ କରିବାରେ ରେକର୍ଡ କରିଛନ୍ତି।

ଓଡ଼ିଶା ମଧ୍ୟ ଆଜିର ରେକର୍ଡ ବହିରେ ସାମିଲ ହୋଇଛି। ସୌରାଷ୍ଟ୍ର ବିପକ୍ଷ ମ୍ୟାଚ୍‌ରେ ଦଳର ଓପନର ସ୍ୱସ୍ତିକ ସାମଲ ୨୧୨ ରନ୍ କରି ରାଜ୍ୟର ପ୍ରଥମ ଦ୍ୱିଶତକ ହାସଲ କରିବାର ରେକର୍ଡ କରିଛନ୍ତି। ଏହା ସତ୍ତ୍ୱେ ଦଳ ୫ ୱିକେଟରେ ପରାଜିତ ହୋଇଛି। ଜାତୀୟ ଓ ଅନ୍ତର୍ଜାତୀୟ କ୍ରିକେଟ ଖେଳୁଥିବା ଅନେକ ଖେଳାଳି ମଧ୍ୟ ବ୍ୟକ୍ତିଗତ ରେକର୍ଡ ବହିରେ ନିଜ ନାମ ଲିପିବଦ୍ଧ କରିଛନ୍ତି।

### ଲିଷ୍ଟ-ଏ'ରେ ବିଶ୍ୱ ରେକର୍ଡ ଦଳଗତ ସ୍କୋର

**ବିହାର-୫୭୬/୪ ବନାମ ଅରୁଣାଚଳ ପ୍ରଦେଶ**

ରାଞ୍ଚି: ଏଠାରେ ଅନୁଷ୍ଠିତ ଅରୁଣାଚଳ ପ୍ରଦେଶ ବିପକ୍ଷ ୨୦୨୫-୨୬ ସିଜନ ବିଜୟ ହଜାର ଟ୍ରଫି ପ୍ଲେଟ୍ ଲିଗ୍‌ର ଏକ ମ୍ୟାଚ୍‌ରେ ବିହାର ୫୦ ଓଭରରେ ୫୭୬ ରନ୍ ସଂଗ୍ରହ କରିଛି। ଦିନିକିଆ ବା ୫୦ ଓଭର ଫର୍ମାଟରେ ଏହି ବିଶ୍ୱରେ ସର୍ବାଧିକ ଦଳଗତ ସ୍କୋର। ପୂର୍ବରୁ ଏହି ରେକର୍ଡ ତାମିଲନାଡୁ ନାମରେ ଥିଲା। ୨୦୨୨ ନଭେମ୍ବର ୨୧ ତାରିଖ ବେଙ୍ଗାଲୁରୁରେ ଖେଳାଯାଇଥିବା ଅରୁଣାଚଳ ପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ତାମିଲନାଡୁ ୨ ୱିକେଟରେ ୫୦୬ ରନ୍ କରି ଏହି ବିଶ୍ୱରେକର୍ଡର ଅଧିକାରୀ ହୋଇଥିଲେ। ଏହି ଫର୍ମାଟରେ କେବଳ ଦୁଇଥର ଗୋଟିଏ ଦଳ ୫୦୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗ୍ରହ କରିଛି। ଏହି ତାଲିକାରେ ଇଂଲଣ୍ଡ ଦଳ ତୃତୀୟ ସ୍ଥାନରେ ରହିଛି। ନେଦରଲାଣ୍ଡ୍‌ସ ବିପକ୍ଷ ମ୍ୟାଚ୍‌ରେ ଦଳ ୪ ୱିକେଟରେ ୪୯୮ ରନ୍ କରି ଏହି ରେକର୍ଡର ଅଧିକାରୀ ହୋଇଛି। ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟରେ ଏହା ମଧ୍ୟ ସର୍ବୋଚ୍ଚ ଦଳଗତ ସ୍କୋର। ଅରୁଣାଚଳ ପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ବୈଭବ ସୂର୍ଯ୍ୟବଂଶୀ ୧୯୦, ଆୟୁଷ ଲୋହାରୁକା ୧୧୬ ଓ ସାକିବୁଲ ଗନି ୪୦ ବଲ୍‌ରେ ଅପରାଜିତ ୧୨୮*ରନ କରିଥିଲେ। ବିହାର ଏହି ମ୍ୟାଚ୍‌କୁ ୩୯୭ ରନ୍‌ରେ ଜିତିଥିଲା।

### ବିଶ୍ୱ ଲିଷ୍ଟ-ଏ'ରେ ୫ଟି ସର୍ବୋଚ୍ଚ ଦଳଗତ ସ୍କୋର

| ସ୍କୋର | ଟିମ୍ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ତାରିଖ/ବର୍ଷ |
|---|---|---|---|---|
| ୫୭୪/୬ | ବିହାର | ଅରୁଣାଚଳ ପ୍ର. | ରାଞ୍ଚି | ୨୪-୧୨-୨୦୨୫ |
| ୫୦୬/୨ | ତାମିଲନାଡୁ | ଅରୁଣାଚଳ ପ୍ର. | ବେଙ୍ଗାଲୁରୁ | ୨୧-୧୧-୨୦୨୨ |
| ୪୯୮/୪ | ଇଂଲଣ୍ଡ | ନେଦରଲାଣ୍ଡ୍‌ସ | ଆମଷ୍ଟଲଭିନ୍ | ୧୭-୬-୨୦୨୨ |
| ୪୯୬/୪ | ସରେ | ଗ୍ଲୁସେଷ୍ଟରସାୟର | ଓଭାଲ | ୨୯-୪-୨୦୦୭ |
| ୪୮୧/୬ | ଇଂଲଣ୍ଡ | ଅଷ୍ଟ୍ରେଲିଆ | ନଟିଂହାମ | ୧୯-୬-୨୦୧୮ |

### ସର୍ବକନିଷ୍ଠ ସେଞ୍ଚୁରିଆନ୍: ବୈଭବ ସୂର୍ଯ୍ୟବଂଶୀ

**୧୪ ବର୍ଷ ୨୭୨ ଦିନ ବନାମ ଅରୁଣାଚଳ**

ରାଞ୍ଚି: ଅରୁଣାଚଳ ବିପକ୍ଷ ମ୍ୟାଚ୍‌ରେ ଟିନ୍ ଏଜ୍ ଓପନର ବୈଭବ ସୂର୍ଯ୍ୟବଂଶୀ ୮୪ବଲ୍‌ରେ ୧୯୦ ରନ୍ କରିଛନ୍ତି। ଏଥିରେ ୧୬ଟି ଚୌକା ଓ ୧୫ଟି ଛକା ରହିଛି। ଏହା ଫଳରେ ସେ ମାତ୍ର ୧୪ ବର୍ଷ ୨୭୨ ଦିନରେ ସମସ୍ତ ଲିଷ୍ଟ-ଏ' ମ୍ୟାଚ୍‌ରେ ସର୍ବକନିଷ୍ଠ ଶତକ ହାସଲ କରିବାର ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ଏହି ରେକର୍ଡ ପୂର୍ବରୁ ଜହୁର ଇଲାହୀଙ୍କ ନାମରେ ଥିଲା। ୧୯୮୬ ରେଲୱେ ବିପକ୍ଷ ମ୍ୟାଚ୍‌ରେ ଜହୁର ମାତ୍ର ୧୫ ବର୍ଷ ୨୦୯ ଦିନରେ ଶତକ ହାସଲ କରି ଏହି ରେକର୍ଡ କରିଥିଲେ। ନିକଟରେ ଶେଷ ହୋଇଥିବା ସୟଦ ମୁସ୍ତାକ ଅଲି ଟି-୨୦ ଟ୍ରଫିରେ ଓ ୧୩ ବର୍ଷରେ ଆଇପିଏଲ୍‌ରେ ଶତକ ହାସଲ କରି ସର୍ବକନିଷ୍ଠ ଖେଳାଳି ହେବାର ଯୋଗ୍ୟତା ଅର୍ଜନ କରିଥିଲେ।

### ଗନିଙ୍କ ୩୨ ବଲ୍‌ରେ ଶତକ

**ଲିଷ୍ଟ-ଏ'ରେ ଭାରତରେ ଦ୍ରୁତତମ**

ରାଞ୍ଚି: ଅରୁଣାଚଳ ପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ବିହାର ଅଧିନାୟକ ଅବଦୁଲ ଗନି ମାତ୍ର ୩୨ ବଲ୍‌ରେ ଶତକ ହାସଲ କରିଛନ୍ତି। ଏହା ଫଳରେ ଲିଷ୍ଟ-ଏ' କ୍ରିକେଟରେ ସେ ଭାରତର ଦ୍ରୁତତମ ଶତକ ହାସଲକାରୀ ଭାବେ ବିବେଚିତ ହୋଇଛନ୍ତି। ଏହି ରେକର୍ଡ ଗତବର୍ଷ ପଞ୍ଜାବର ଅନ୍‌ମୋଲପ୍ରୀତ୍ ସିଂହଙ୍କ ନାମରେ ଥିଲା। ୨୦୨୪ରେ ଅରୁଣାଚଳ ପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ଅନ୍‌ମୋଲପ୍ରୀତ୍ ୩୫ ବଲ୍‌ରେ ଶତକ ପୂରଣ କରିଥିଲେ। ଏହି ମ୍ୟାଚ୍‌ରେ ବିସ୍ଫୋରକ ବ୍ୟାଟର ବୈଭବ ମାତ୍ର ୩୬ ବଲ୍‌ରେ ଶତକ ପୂରଣ କରିଛନ୍ତି। ସେ ବିଶ୍ୱର ଚତୁର୍ଥ ଦ୍ରୁତତମ ଶତକ ହାସଲକାରୀ ଭାବେ ବିବେଚିତ ହୋଇଛନ୍ତି। ଗନି ରେକର୍ଡ କରିବାର ୧୦ ମିନିଟ୍ ପୂର୍ବରୁ ଆଜି ଅନୁଷ୍ଠିତ କର୍ଣ୍ଣାଟକ ବିପକ୍ଷ ମ୍ୟାଚ୍‌ରେ ଝାଡଖଣ୍ଡ ଅଧିନାୟକ ଇଶାନ କିସାନ ମାତ୍ର ୩୩ ବଲ୍‌ରେ ଶତକ ହାସଲ କରିଥିଲେ। ଗନି ତାଙ୍କ ରେକର୍ଡକୁ ଭାଙ୍ଗିଦେଇଥିଲେ। ଲିଷ୍ଟ-ଏ'ରେ ବିଶ୍ୱରେ ଦ୍ରୁତତମ ଶତକ ହାସଲକାରୀଭାବେ ଗନିଙ୍କଠାରୁ ଦୁଇଜଣ କମ୍ ବଲ୍‌ରେ ଶତକ ହାସଲ କରିଛନ୍ତି। ଅଷ୍ଟ୍ରେଲିଆ ଘରୋଇ କ୍ରିକେଟେ ଟାସ୍‌ମାନିଆ ବିପକ୍ଷ ମ୍ୟାଚ୍‌ରେ ସାଉଥ୍ ଅଷ୍ଟ୍ରେଲିଆର ଜେକ୍ ଫ୍ରେଜର-ମ୍ୟାକ୍‌ଗ୍ରୁକ୍ ୨୯ ବଲ୍‌ରେ ଓ ୨୦୧୪-୧୫ ସିଜନରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଦକ୍ଷିଣ ଆଫ୍ରିକାର ଏବି ଡିଭିଲିୟର୍ସ ୩୧ ବଲ୍‌ରେ ଶତକ ହାସଲ କରି ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି। ବିଶ୍ୱର ପ୍ରଥମ ୫ଜଣ ଦ୍ରୁତତମ ଶତକହାସଲକାରୀଙ୍କ ମଧ୍ୟରେ ଭାରତର ୩ ଜଣ ଖେଳାଳି ରହିଛନ୍ତି।

### ବିଶ୍ୱ ଲିଷ୍ଟ-ଏ'ରେ ୧୦ଟି ଦ୍ରୁତତମ ଶତକ

| ବଲ୍ | ଖେଳାଳି | ଟିମ୍ | ପ୍ରତିଦ୍ୱନ୍ଦ୍ୱୀ | ତାରିଖ/ବର୍ଷ |
|---|---|---|---|---|
| ୨୯ | ଜେକ୍ ଫ୍ରେଜର | ସାଉଥ୍ ଅଷ୍ଟ୍ରେଲିଆ | ଟାସ୍‌ମାନିଆ | ୨୦୨୩-୨୪ |
| ୩୧ | ଏବି ଡିଭିଲର୍ସ | ଦ.ଆଫ୍ରିକା | ୱେଷ୍ଟଇଣ୍ଡିଜ୍ | ୨୦୧୪-୧୫ |
| ୩୨ | ସାକିବୁଲ ଗନି | ବିହାର | ଅରୁଣାଚଳ | ୨୦୨୫-୨୬ |
| ୩୩ | ଇଶାନ କିସାନ | ଝାଡଖଣ୍ଡ | କର୍ଣ୍ଣାଟକ | ୨୦୨୫-୨୬ |
| ୩୫ | ଅନ୍‌ମୋଲପ୍ରୀତ୍ ସିଂହ | ପଞ୍ଜାବ | ଅରୁଣାଚଳ | ୨୦୨୪-୨୫ |
| ୩୬ | କୋରୀ ଆଣ୍ଡରସନ | ନ୍ୟୁଜିଲାଣ୍ଡ | ୱେଷ୍ଟଇଣ୍ଡିଜ୍ | ୨୦୧୪ |
| ୩୬ | ଜି ରୋଜ୍ | ସମରସେଟ୍ | ଡେଭନ | ୧୯୯୦ |
| ୩୬ | ବୈଭବ ସୂର୍ଯ୍ୟବଂଶୀ | ବିହାର | ଅରୁଣାଚଳ | ୨୦୨୫-୨୬ |
| ୩୭ | ସାହିଦ୍ ଆଫ୍ରିଦୀ | ପାକିସ୍ତାନ | ଶ୍ରୀଲଙ୍କା | ୧୯୯୬ |
| ୩୮ | ରୋଭମାନ ପାୱେଲ | ଜାମାଇକା | ଲିୱାର୍ଡ ଆଇଲାଣ୍ଡ | ୨୦୧୯-୨୦ |

## ସ୍ୱସ୍ତିକ-୨୧୨: ଓଡ଼ିଶାର ପ୍ରଥମ ଡବଲ ସେଞ୍ଚୁରିଆନ୍



ଅଲୁର: ବେଙ୍ଗାଲୁରୁର ଅଲୁରଠାରେ ବୁଧବାର ଅନୁଷ୍ଠିତ ସୌରାଷ୍ଟ୍ର ବିପକ୍ଷ ବିଜୟ ହଜାରେ ଟ୍ରଫିରେ ଓଡ଼ିଶାର ସ୍ୱସ୍ତିକ ସାମଲ ୨୧୨ ରନ୍ କରିଛନ୍ତି। ଏହି ମ୍ୟାଚ୍‌ରେ ଓପନର ସ୍ୱସ୍ତିକ ସାମଲ ୧୬୯ ବଲ୍‌ରୁ ୨୧୨ ରନ୍ କରିଥିଲେ। ଏହା ଫଳରେ ବିଜୟ ହଜାରେ ଟ୍ରଫିରେ ସେ ଓଡ଼ିଶାର ପ୍ରଥମ ଡବଲ ସେଞ୍ଚୁରିଆନ୍ ହୋଇଥିଲେ। ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟରେ ବିବିସିସି (ବିଶ୍ୱ ବିଜୟୀ ଚନ୍ଦ୍ରଚୂଡ) ମହାପାତ୍ର ୨୦୦୫ ଜାନୁଆରୀ ୧୫ରେ ଯାଦବପୁର ୟୁନିଭର୍ସିଟି ଗ୍ରାଉଣ୍ଡରେ ଅନୁଷ୍ଠିତ ତ୍ରିପୁରା ବିପକ୍ଷ ମ୍ୟାଚ୍‌ରେ କରିଥିବା ୧୪୫ ରନ୍ ଓଡ଼ିଶାର ଲିଷ୍ଟ-ଏ'ରେ ସର୍ବାଧିକ ସ୍କୋର ରହିଥିଲା।

**● ଜାନୁଆରୀ ୧୧ରୁ ୩୧ ସୀମିତ ଓଭର ସିରିଜ୍**

## ଭାରତ ଗସ୍ତ ଲାଗି ନ୍ୟୁଜିଲାଣ୍ଡ ଦଳ

ଅକ୍‌ଲାଣ୍ଡ,୨୪ା୧୨(ଏଜେନ୍ସି): ଆସନ୍ତାବର୍ଷ ଭାରତ ଗସ୍ତରେ ୮ ମ୍ୟାଚ୍ ବିଶିଷ୍ଟ ସୀମିତ ଓଭର କ୍ରିକେଟ ସିରିଜ୍ ଖେଳିବାକୁ ନ୍ୟୁଜିଲାଣ୍ଡ କ୍ରିକେଟ ଦଳ ଘୋଷଣା କରାଯାଇଛି। ଦଳର ପ୍ରମୁଖ ଖେଳାଳିଙ୍କୁ ବିଶ୍ରାମ ଦିଆଯାଇଥିବାରୁ ଜନ୍ ବ୍ରେସ୍‌ୱେଲଙ୍କୁ ଦିନିକିଆ ଓ ମିଚେଲ ସାଣ୍ଟନରଙ୍କୁ ଟି-୨୦ ଦଳର ନେତୃତ୍ୱ ଦିଆଯାଇଛି। ଏହି ସିରିଜ୍‌ରେ ୩ଟିଦିନିକିଆ ମ୍ୟାଚ୍ ଜାନୁଆରୀ ୧୧, ୧୪ ଓ ୧୮ ରେ ଖେଳାଯିବ। ଏହି ମ୍ୟାଚ୍ ଗୁଡିକ ଯଥାକ୍ରମେ ଭଦୋଦରା, ରାଜକୋଟ ଓ ଇନ୍ଦୋରରେ ଖେଳାଯିବ। ସେହିପରି ଟି-୨୦ ମ୍ୟାଚ୍ ଗୁଡିକ ନାଗପୁରରେ ଜାନୁଆରୀ ୨୧, ରାୟପୁରରେ ୨୩, ଗୁଆହାଟୀରେ ୨୫, ବିଶାଖାପାଟଣାରେ ୨୮ ଓ ତିରୁଅନନ୍ତପୁରମରେ ୩୧ରେ ଖେଳାଯିବ।

**ନ୍ୟୁଜିଲାଣ୍ଡ ଦିନିକିଆ ଦଳ:** ମାଇକେଲ ବ୍ରେସ୍‌ୱେଲ୍ (ଅଧିନାୟକ), ଜୋସ୍ କ୍ଲାର୍କସନ, ଡେଭନ କନୱେ, ମିଚେଲ ହେ', ହେନରୀ ନିକୋଲସ୍, ୱିଲ ୟଙ୍ଗ୍, ନିକ୍ କେଲୀ, ଡାରିଲ ମିଚେଲ, ଗ୍ଲେନ୍ ଫିଲିପ୍ସ, ଜାକାରୀ ଫୋକ୍ସ, ଜେଡେନ ଲେନକ୍ସ, ଆଦିତ୍ୟ ଅଶୋକ, କ୍ରିଷ୍ଟିଆନ୍ କ୍ଲାର୍କ, କାଏଲ ଜାମିସନ, ମାଇକେଲ ରାଏ।

**ନ୍ୟୁଜିଲାଣ୍ଡ ଟି-୨୦ ଦଳ:** ମାର୍କ ଚାପ୍‌ମ୍ୟାନ୍, ଟିମ୍ ସେଇଫର୍ଟ, ମାଇକେଲ ବ୍ରେସ୍‌ୱେଲ, ବେଭନ ଜ୍ୟାକବ୍ସ, ଡାରିଲ ମିଚେଲ, ଜେମ୍ସ ନୀଶାମ, ଗ୍ଲେନ୍ ଫିଲିପ୍ସ, ରାଚିନ ରବୀନ୍ଦ୍ର, ମିଚେଲ ସାଣ୍ଟନର (ଅଧିନାୟକ), ଜାକାରୀ ଫୋକ୍ସ, ଡେଭନ କନୱେ, ଜ୍ୟାକବ ଡଫି, ମ୍ୟାଟ ହେନରୀ, କାଏଲ ଜାମିସନ, ଇସ୍ ସୋଧି।

**କଳିଙ୍ଗ ଭଲିବଲ୍ - ୨୦୨୫**

## ଆଜିଠୁ ସୁପରଲିଗ୍

କଟକ,୨୪ା୧୨(ସମିସ): ଗ୍ରାମାଞ୍ଚଳରେ ଭଲିବଲ କ୍ରୀଡ଼ାର ପ୍ରଚାରପ୍ରସାରକୁ ଦୃଷ୍ଟି ରଖି ଆରମ୍ଭ ହୋଇଥିବା କଳିଙ୍ଗ ଭଲିବଲ୍ ଲିଗ୍(କେଭିଏଲ)ର ସୁପରଲିଗ୍ ଗୁରୁବାର ଠାରୁ ଆରମ୍ଭ ହେବ। ଲିଗ୍‌ର ଶେଷ ପର୍ଯ୍ୟାୟ ଅନୁଗୋଳ ଷ୍ଟାଡିୟମରେ ୩ଦିନ ଧରି ଜାରି ରହିବ। ବାଳକ ବର୍ଗରେ ଅନୁଗୋଳର ନୂଆହାଟ, ଢେଙ୍କାନାଳର ପାଇକ ପୁରୁଣାକୋଟ, କଟକର ନାରଙ୍ଗବସ୍ତ, ପୁରୀର ସୁବର୍ଣ୍ଣପୁର, ଖୋର୍ଦ୍ଧାର ରଜାସ୍, ନୟାଗଡର କଣକ, ଯାଜପୁରର ବୀରମଣିପୁର, ବରଗଡର ତଳପାଦଦର, ବାଳିକା ବର୍ଗରେ ଢେଙ୍କାନାଳର ପାଇକ ପୁରୁଣାକୋଟ, ଅନୁଗୋଳର ନୂଆହାଟ, ନୟାଗଡର ବାଇଗୁନିଆ, ଜଗତସିଂହପୁରର ଆଶ୍ରମପାଟଣା, ଯାଜପୁରର ପ୍ରୟାସ ସୁପରଲିଗ୍‌ରେ ପ୍ରବେଶ କରିଛନ୍ତି।

## କୋହଲିଙ୍କ ୧୬ ହଜାର ରନ, ରୋହିତ୍‌ଙ୍କ ୩୭ତମ ଶତକ

ଜୟପୁର, ୨୪ା୧୨ (ଏଜେନ୍ସି): ବିଜୟ ହଜାରେ ଟ୍ରଫିର ପ୍ରଥମ ଦିବସରେ ଭାରତୀୟ ଦଳର ଦୁଇ ତାରକା ଖେଳାଳି ବିରାଟ କୋହଲି ଓ ରୋହିତ୍ ଶର୍ମା ଦମ୍‌ଦାର ପ୍ରଦର୍ଶନ କରି ଛାପ ଛାଡ଼ିଛନ୍ତି। ୧୫ ବର୍ଷର ବ୍ୟବଧାନ ପରେ ଏହି ଟୁର୍ଣ୍ଣାମେଣ୍ଟ ଖେଳିଥିବା କୋହଲିଙ୍କ ଶତକ ବଳରେ ତାଙ୍କ ଦଳ ଦିଲ୍ଲୀ ୪ ୱିକେଟ୍‌ରେ ଆନ୍ଧ୍ର ପ୍ରଦେଶକୁ ପରାସ୍ତ କରିଛି। ବ୍ୟାଟିଂକ୍ରମର ୩ୟ ସ୍ଥାନରେ ଆସିଥିବା କୋହଲି ୩୯ ବଲରେ ଅର୍ଦ୍ଧଶତକ ଓ ୮୩ ବଲରେ ଶତକ ପୂରଣ କରିଥିଲେ। ୧୪ଟି ଚୌକା ଓ ୩ଟି ଛକା ବଳରେ ସେ ୧୦୧ ବଲରୁ ୧୩୧ ରନ କରିବା ଫଳରେ ଦିଲ୍ଲୀ ୨୯୯ ରନର ଲକ୍ଷ୍ୟକୁ ୩୭.୪ ଓଭରରେ ୬ ୱିକେଟ୍ ହରାଇ ହାସଲ କରିନେଇଥିଲା। ଏହି ଶତକୀୟ ପାଳି ଅବସରରେ କୋହଲି ଲିଷ୍ଟ-ଏ କ୍ରିକେଟ୍‌ରେ ୧୬ ହଜାର ରନ ପୂରଣ କରିଛନ୍ତି। ଏଥିସହ ଲିଷ୍ଟ-ଏ କ୍ରିକେଟ୍‌ରେ ୧୬ ହଜାର ରନ ପୂରଣ କରିବାରେ ସଚିନ ତେନ୍ଦୁଲକର (୩୯୧ ଇନିଂସ)ଙ୍କୁ ପଛରେ ପକାଇ ସେ ଦ୍ରୁତତମ ଭାରତୀୟ ବ୍ୟାଟର୍ ହୋଇଛନ୍ତି। କୋହଲି ୩୩୦ତମ ଇନିଂସରେ ଏହି ମାଇଲଖୁଣ୍ଟ ଛୁଇଁଥିଲେ।

ଅପରପକ୍ଷରେ ୭ ବର୍ଷ ପରେ ମୁମ୍ବଇ ପକ୍ଷରୁ ବିଜୟ ହଜାରେ ଟ୍ରଫି ଖେଳିଥିବା ରୋହିତ ୬୨ ବଲରେ ଶତକ ମାରିଛନ୍ତି। ଫଳରେ ମୁମ୍ବଇ ୮ ୱିକେଟରେ ସିକ୍କିମକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ସିକ୍କିମ ୭ ୱିକେଟରେ ୨୩୬ ରନ କରିଥିଲା। ଜବାବରେ ମୁମ୍ବଇ ୩୦.୩ ଓଭରରେ ମାତ୍ର ୨ଟି ୱିକେଟ୍‌ରେ ବିଜୟୀ ହୋଇଥିଲା। ଲିଷ୍ଟ-ଏ'ରେ ୩୭ତମ ଶତକ ହାସଲ କରିଥିବା ରୋହିତ ୯୪ ବଲରେ ୧୫୫ ରନ କରିଥିଲେ। ଯେଉଁଥିରେ ସେ ୧୮ଟି ଚୌକା ଓ ୯ଟି ଛକା ମାରିଥିଲେ। ଏହି ଫର୍ମାଟ୍‌ରେ ରୋହିତ୍‌ଙ୍କ ଏହା ଦ୍ରୁତତମ ଶତକ। ଏଥିପୂର୍ବରୁ ରୋହିତ ୨୦୨୩ରେ ଆଫଗାନିସ୍ତାନ ବିପକ୍ଷରେ ୬୩ ବଲରେ ଶତକ ପୂରଣ କରିଥିଲେ।

### କିଶାନଙ୍କ ଶତକ ବେକାର; ୪୧୩ ରନକୁ ପିଛା କଲା କର୍ଣ୍ଣାଟକ:

ଲିଷ୍ଟ-ଏ କ୍ରିକେଟ୍ ଇତିହାସରେ କର୍ଣ୍ଣାଟକ ଦ୍ୱିତୀୟ ବୃହତ୍ ରନ ଚେଜ୍ କରିଛି। ଅହମ୍ମଦାବାଦ୍‌ରେ ଅନୁଷ୍ଠିତ ଏଲିଟ୍ ଗ୍ରୁପ୍-ଏ'ର ଏକ ମ୍ୟାଚରେ ଝାଡ଼ଖଣ୍ଡ ପକ୍ଷରୁ ଧାର୍ଯ୍ୟ ୪୧୩ ରନର ଲକ୍ଷ୍ୟକୁ କର୍ଣ୍ଣାଟକ ୫ ୱିକେଟ୍ ହରାଇ ୪୭.୩ ଓଭରରେ ବିଜୟୀ ହୋଇଛି। ଓପନର୍ ଦେବଦତ୍ତ ପାଡିକଲ୍ ୧୧୮ ବଲରେ ୧୪୭ ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ଝାଡ଼ଖଣ୍ଡ ଅଧିନାୟକ ୩୩ ବଲରେ ଶତକ ହାସଲ କରିଥିଲେ ମଧ୍ୟ ଏହା ବୃଥା ଯାଇଥିଲା। ଲିଷ୍ଟ-ଏ କ୍ରିକେଟରେ ସର୍ବାଧିକ ରନ ଚେଜ୍ ଦକ୍ଷିଣ ଆଫ୍ରିକା ନାମରେ ରହିଛି। ୨୦୦୬ରେ ଜୋହାନ୍ସବର୍ଗରେ ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୪୩୫ ରନର ଲକ୍ଷ୍ୟକୁ ଦକ୍ଷିଣ ଆଫ୍ରିକା ଗୋଟିଏ ବଲ୍ ଓ ଗୋଟିଏ ୱିକେଟ୍ ବାକି ଥାଇ ବିଜୟୀ ହୋଇଥିଲା।

## ସନ୍ତୋଷ ଟ୍ରଫିରେ ଓଡ଼ିଶାର କ୍ରମାଗତ ବିଜୟ

କଟକ, ୨୪ା୧୨ (ସମିସ): ଛତିଶଗଡ଼ରେ ଚାଲିଥିବା ଜାତୀୟ ସିନିଅର ପୁରୁଷ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ସନ୍ତୋଷ ଟ୍ରଫିର ୭୯ତମ ସଂସ୍କରଣରେ ଓଡ଼ିଶା କ୍ରମାଗତ ୨ୟ ବିଜୟ ହାସଲ କରିଛି। ବୁଧବାର ଅନୁଷ୍ଠିତ ଗ୍ରୁପ୍-ଏଫ୍'ର ଏକ ମ୍ୟାଚରେ ଓଡ଼ିଶା ୧-୦ ଗୋଲରେ ତେଲଙ୍ଗାନାକୁ ପରାସ୍ତ କରିଥିଲା। ଓଡ଼ିଶା ପକ୍ଷରୁ ଅଧିନାୟକ କାର୍ତ୍ତିକ ହନ୍ତାଳ ମ୍ୟାଚର ୪୨ତମ ମିନିଟ୍‌ରେ ଏହି ବିଜୟସୂଚକ ଏକମାତ୍ର ଗୋଲଟି ଦେଇଥିଲେ। ପୂର୍ବରୁ ପ୍ରଥମ ମ୍ୟାଚରେ ଓଡ଼ିଶା ୪-୦ ଗୋଲରେ ମଧ୍ୟପ୍ରଦେଶକୁ ମାତ୍ ଦେଇଥିଲେ। ଫଳରେ ଏବେ ଦୁଇଟି ମ୍ୟାଚରୁ ୨ଟି ବିଜୟ ସହ ଓଡ଼ିଶା ୬ ପଏଣ୍ଟ ପାଇ ଗ୍ରୁପ୍‌ର ଶୀର୍ଷ ସ୍ଥାନରେ ରହିଛି। ଓଡ଼ିଶା ଏହାର ଶେଷ ଗ୍ରୁପ୍ ମ୍ୟାଚ ଶୁକ୍ରବାର ଆୟୋଜକ ଛତିଶଗଡ଼କୁ ଭେଟିବ।

**ଜାତୀୟ କ୍ରୀଡ଼ା ପୁରସ୍କାର**

## ହାର୍ଦ୍ଦିକ ପାଇବେ 'ଖେଳରତ୍ନ', ୨୪ଜଣଙ୍କୁ ଅର୍ଜୁନ



ନୂଆଦିଲ୍ଲୀ, ୨୪ା୧୨ (ଏଜେନ୍ସି): ଭାରତୀୟ ପୁରୁଷ ହକି ଦଳର ଉପ-ଅଧିନାୟକ ହାର୍ଦ୍ଦିକ ସିଂହଙ୍କ ନାମ ଚଳିତ ବର୍ଷ ଲାଗି ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ 'ଖେଳରତ୍ନ' ପୁରସ୍କାର ଲାଗି ସୁପାରିସ କରାଯାଇଛି। ଏକମାତ୍ର କ୍ରୀଡ଼ାବିତ୍ ଭାବେ ହାର୍ଦ୍ଦିକଙ୍କ ନାମକୁ ଚୟନ କମିଟି କ୍ରୀଡ଼ା ମନ୍ତ୍ରଣାଳୟକୁ ପଠାଇଛି। ସେହିଭଳି ଯୁବ ଚେସ୍ ତାରକା ଦିବ୍ୟା ଦେଶମୁଖ ଓ ଆଥ୍‌ଲେଟ୍ ତେଜସ୍ୱିନ ଶଙ୍କରଙ୍କ ସମେତ ୨୪ଜଣ କ୍ରୀଡ଼ାବିତଙ୍କ ନାମ 'ଅର୍ଜୁନ' ପୁରସ୍କାର ଲାଗି ସୁପାରିସ ହୋଇଛି। ୨୭ ବର୍ଷୀୟ ହାର୍ଦ୍ଦିକ ୨୦୨୧ ଟୋକିଓ ଓ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ କାଂସ୍ୟପଦକ ବିଜୟୀ ହୋଇଥିବା ଭାରତୀୟ ଦଳର ସଦସ୍ୟ ରହିଥିଲେ। ସେହିଭଳି ଚଳିତ ବର୍ଷ ଏସିଆ କପ୍‌ରେ ଚାମ୍ପିଅନ ହୋଇଥିବା ଭାରତୀୟ ଦଳର ସେ ପ୍ରମୁଖ ସଦସ୍ୟ ଥିଲେ। ୨୭ ବର୍ଷୀୟ ହାର୍ଦ୍ଦିକ ବର୍ତ୍ତମାନ ସୁଦ୍ଧା ଭାରତ ପାଇଁ ୧୬୬ଟି ମ୍ୟାଚ୍ ଖେଳିସାରିଛନ୍ତି।

**ସୁପାରିସ କ୍ରୀଡ଼ାବିତ୍‌ଙ୍କ ନାମ:**

**ଖେଳରତ୍ନ: ହାର୍ଦ୍ଦିକ ସିଂହ**

**ଅର୍ଜୁନ ପୁରସ୍କାର:** ତେଜସ୍ୱିନ ଶଙ୍କର, ପ୍ରିୟଙ୍କା, ନରେନ୍ଦ୍ର, ଭିଦିତ ଗୁଜରାଥି, ଦିବ୍ୟା ଦେଶମୁଖ, ଧନୁଶ ଶ୍ରୀକାନ୍ତ, ପ୍ରଣତି ନାୟକ, ରାଜକୁମାର ପାଲ୍, ସୁରଜିତ୍, ନିର୍ମଳା ଭାଟି, ରୁଦ୍ରାଂଶ ଖଣ୍ଡେୱାଲ, ଏକତା ଭ୍ୟାନ, ପଦ୍ମନାଭ ସିଂ, ଅରବିନ୍ଦ ସିଂ, ଅଖିଳ ଶୋଓରାନ, ମେହୁଲି ଘୋଷ, ସୁତୀର୍ଥ ମୁଖାର୍ଜୀ, ସୋନମ ମଲିକ, ଆରତି ପଲ୍, ତ୍ରିସା ଜୋଲି. ଗାୟତ୍ରୀ ଗୋପୀଚାନ୍ଦ, ଲାଲରେମସିଆମି, ମହମ୍ମଦ ଅଫଜାଲ ଓ ପୂଜା।

## ସ୍ୱସ୍ତିକଙ୍କ ଦ୍ୱିଶତକ, ବିପ୍ଳବଙ୍କ ଶତକ ବୃଥା; ଓଡ଼ିଶା ପରାସ୍ତ



ଭୁବନେଶ୍ୱର,୨୪ା୧୨(ସମିସ): ପ୍ରଥମ ଓଡ଼ିଆ ଖେଳାଳି ଭାବେ ସ୍ୱସ୍ତିକ ସାମଲଙ୍କ ଦ୍ୱିଶତକ ଓ ଅଧିନାୟକ ବିପ୍ଳବ ସାମନ୍ତରାୟଙ୍କ ଶତକ ବିଜୟ ହଜାରେ ଟ୍ରଫିର ପ୍ରଥମ ମ୍ୟାଚ୍‌ରେ ବୃଥା ଯାଇଛି। ବେଙ୍ଗାଲୁରୁର ଅଲୁରଠାରେ ବୁଧବାର ଖେଳାଯାଇଥିବା ଗ୍ରୁପ୍-ଏ'ର ପ୍ରଥମ ମୁକାବିଲାରେ ପ୍ରତିଦ୍ୱନ୍ଦ୍ୱୀ ସୌରାଷ୍ଟ୍ର ୫ ୱିକେଟରେ ଓଡ଼ିଶାକୁ ପରାସ୍ତ କରିବା ଫଳରେ ଦଳକୁ ନିରାଶ କରିଛି। ଏହି ମ୍ୟାଚ୍‌ରେ ସ୍ୱସ୍ତିକ ସାମଲ ୧୬୯ ବଲ୍‌ରୁ ୨୧୨ ଓ ବିପ୍ଳବ ୯୧ ବଲ୍‌ରୁ ୧୦୦ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ନିର୍ଦ୍ଧାରିତ ୫୦ ଓଭରରେ ୬ ୱିକେଟ ହରାଇ ୩୪୫ ରନ୍ କରିଥିଲା। ଲିଷ୍ଟ-ଏ'ରେ ଓଡ଼ିଶାର ଏହା ଚତୁର୍ଥ ସର୍ବାଧିକ ସ୍କୋର। ଜବାବରେ ୨୨ ବର୍ଷୀୟ ଡେବ୍ୟୁଟାଣ୍ଟ ଖେଳାଳି ସମର ଗଜ୍ଜରଙ୍କ ଅପରାଜିତ ୧୩୨ ଓ ଅଭିଜ୍ଞ ଚିରାଗ ଜାନିଙ୍କ ୮୬ ରନ୍ ସହାୟତାରେ ସୌରାଷ୍ଟ୍ର ୭ଟି ବଲ ଓ ୫ଟି ୱିକେଟ ବାକିଥାଇ ଏହି ମ୍ୟାଚ୍ ଜିତିନେଇଥିଲା। ଦଳକୁ ଫେରିଥିବା ଦେବବ୍ରତ ପ୍ରଧାନ ୩ଟି, ଗୋବିନ୍ଦ ପୋଦ୍ଦାର ଓ ବିପ୍ଳବ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ସ୍ୱସ୍ତିକଙ୍କୁ ମ୍ୟାଚ୍ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ମ୍ୟାଚ୍‌ରେ ସ୍ୱସ୍ତିକ ଓ ବିପ୍ଳବ ଚତୁର୍ଥ ୱିକେଟରୁ ୨୬୧ ରନ୍‌ର ପାର୍ଟନରସିପ୍ କରିଥିଲେ। ଲିଷ୍ଟ-ଏ'ରେ ଓଡ଼ିଶା ଖେଳିଥିବା ମ୍ୟାଚ୍‌ରେ ଏହା ରେକର୍ଡ ରନ୍। ପୂର୍ବରୁ ତ୍ରିପୁରା ବିପକ୍ଷରେ ବିବିସିସି ମହାପାତ୍ର ଓ ଶିବସୁନ୍ଦର ଦାସ ପ୍ରଥମ ୱିକେଟରୁ ସର୍ବାଧିକ ୨୩୯ ରନ୍ କରିଥିଲେ।

### ପରିଶ୍ରମ, ଆତ୍ମବିଶ୍ୱାସର ଫଳ ପାଇଛି: ସ୍ୱସ୍ତିକ

ବିଜୟ ହଜାରେ ଟ୍ରଫି ଆରମ୍ଭରୁ ଦ୍ୱିଶତକୀୟ ପାଳି ଖେଳି କ୍ରିକେଟ ଜଗତରେ ଚହଳ ସୃଷ୍ଟି କରିଛନ୍ତି ଓଡ଼ିଶା ଦଳର ଓପନର ସ୍ୱସ୍ତିକ ସାମଲ। ପ୍ରଥମ ଓଡ଼ିଆ ଭାବେ ସ୍ୱସ୍ତିକ ଏଭଳି ମାଇଲଷ୍ଟୋନ ଅତିକ୍ରମ କରିଛନ୍ତି। ନିକଟ ଅତୀତରେ ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ରେ କଟକ ପାନ୍ଥର୍ସକୁ ଚାମ୍ପିଅନ କରାଇଥିଲେ ଏହି ୨୫ବର୍ଷୀୟ ଡାହାଣହାତୀ ବ୍ୟାଟରଜଣକ। ଏବେ ତାଙ୍କର ବିସ୍ଫୋରକ ପାଳି ଜାତୀୟ ସ୍ତରରେ ଗୁଞ୍ଜରଣ ସୃଷ୍ଟି କରିଛି। ସøରାଷ୍ଟ୍ର ବିପକ୍ଷରେ ୧୬୯ ବଲରୁ ୨୧ଟି ଚୌକା ଏବଂ ୮ଟି ଛକା ବଳରେ ୨୧୨ରନର ପାଳି ଖେଳିଥିବା ସ୍ୱସ୍ତିକଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର...

**ପ୍ର: ପ୍ରାରମ୍ଭିକ ୱିକେଟ ପତନ ପରେ କ୍ରିଜରେ ତିଷ୍ଠି ରହି ଦ୍ୱିଶତକ ହାସଲ କରିବା ସହଜ ଥିଲା?**

ଉ: ତୃତୀୟ ୱିକେଟ ପତନ ସୁଦ୍ଧା ମୁଁ ୨୦/୨୫ ବଲ ଖେଳିଥିଲି। ଅଧିନାୟକ ବିପ୍ଳବ(ରାଜା) ଭାଇ କ୍ରିଜକୁ ଆସିବା ପରେ କଣ ରଣନୀତି ହେବା ଆବଶ୍ୟକ ବୋଲି ଆଲୋଚନା ହୋଇଥିଲା। ତେବେ ପ୍ରତିପକ୍ଷକୁ ଆଉ ୱିକେଟ ଭେଟି ନଦେଇ ଖେଳକୁ ୪୦ ଓଭର ପର୍ଯ୍ୟନ୍ତ ଟାଣି ନେବା ହିଁ ଲକ୍ଷ୍ୟ ରଖିଥିଲୁ। ତାହା ଭିତରେ ଉଭୟ ନିଜ ଉପରୁ ଚାପ ହଟାଇ ବଡ ସଟ୍ ମାରି ଦଳ ପାଇଁ ଉପଯୋଗୀ ପାଳି ଖେଳି ପାରିଥିଲୁ।

**ପ୍ର: ହାତଗଣତି ଭାରତୀୟ ଖେଳାଳି ବିଜୟ ହଜାରେ ଟ୍ରଫିରେ ଦ୍ୱିଶତକ ହାସଲ କରିଛନ୍ତି। ଆପଣ ହେଉଛନ୍ତି ପ୍ରଥମ ଓଡ଼ିଆ। ଏଭଳି ବିରଳ ସଫଳତା ପାଇଁ ପ୍ରସ୍ତୁତି କିପରି କରିଥିଲେ?**

ଉ: ଏବେ ନିଜ ଉପରେ ଅଧିକ ଧ୍ୟାନ ଦେଉଛି। ସମ୍ପୂର୍ଣ୍ଣ ଶୃଙ୍ଖଳିତ ଢ଼ଙ୍ଗରେ କ୍ୟାରିୟରକୁ ଆଗକୁ ବଢ଼ାଇ ନେବା ପାଇଁ ଉଦ୍ୟମ କରୁଛି। ଦ୍ୱିଶତକ ମାରି ପାରିବି ବୋଲି ଆତ୍ମବିଶ୍ୱାସ ଥିଲା। ଆଜି ସେହି ବିଶ୍ୱାସ କାର୍ଯ୍ୟରେ ପରିଣତ ହୋଇଛି।

'ନନ୍ଦିଘୋଷ ଟିଭି'
କେନ୍ଦୁଝର ଜିଲ୍ଲା ପାଇଁ ରିପୋର୍ଟର ଆବଶ୍ୟକ
କେନ୍ଦୁଝର ସଦର ମହକୁମା ପାଇଁ ରିପୋର୍ଟର ଆବଶ୍ୟକ କରୁଛନ୍ତି। ଟେଲିଭିଜନ ରିପୋର୍ଟିଂରେ ଅନ୍ୟୁନ ୨ ବର୍ଷର ଅଭିଜ୍ଞତା ଥିବା ପ୍ରାର୍ଥୀ ନିମ୍ନ ଠିକଣା କିମ୍ବା ଇମେଲରେ ଆବେଦନ କରିବାକୁ ଅନୁରୋଧ।
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇମେଲ୍ - hr@nandighoshatv.com
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS